# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୩୦/୨୦୧୯ (୧୬ ପୃଷ୍ଠା) Sambalpur, Friday, August 30 / 2019 ★★

୧୫ଶ ଭାଗ ୨୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଗୁଞ୍ଜନ ସକ୍ସେନା ଚରିତ୍ରରେ ଜାହ୍ନବୀ**

ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର 'ଗୁଞ୍ଜନ ସକ୍ସେନା-ଦି କାର୍‌ଗିଲ ଗର୍ଲ'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

୦୨ ୧୫

**ଇଲାଭେନିଲଙ୍କୁ ସ୍ୱର୍ଣ୍ଣ**

ଭାରତୀୟ ଶୁଟର ଇଲାଭେନିଲ ଭାଲାରିଭାନ୍ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ (ରାଇଫଲ୍/ପିସ୍ତଲ) ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



# ପକ୍କାଘର: ପୂରଣ ହୋଇପାରୁନି ଧାର୍ଯ୍ୟଲକ୍ଷ୍ୟ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

- ପିଏମ୍ଏୱାଇରେ ଫସିଯାଇଛନ୍ତି ଆଇଏୱାଇ ହିତାଧିକାରୀ
- ପକ୍କାଘର ପାଇବାରୁ ବାଦ୍ ପଡ଼ିବେ ୪୦ ହଜାର ହିତାଧିକାରୀ
- ଟଙ୍କା ନ ଫେରାଇଲେ ଘର ମନା
- ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍
- ଚଳିତ ବର୍ଷ ନିର୍ମାଣ ହେବ ୫ ଲକ୍ଷ ଘର



ରାଜ୍ୟରେ କଚ୍ଚାଘର ରହିବ ନାହିଁ। ସମସ୍ତଙ୍କୁ ଯୋଗାଇ ଦିଆଯିବ ପକ୍କାଘର। ୨୦୧୯ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାର ଏବଂ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଦେବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତିବର୍ଷ ୫ ଲକ୍ଷ ପକ୍କାଘର ନିର୍ମାଣ କରିବାକୁ ବିଜେଡି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ତେବେ ଏହି ଲକ୍ଷ୍ୟ ପୂରଣ କରିବା ନେଇ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଶେଷ ହେଉ ନ ଥିବା ବେଳେ ଠିକ୍ ସମୟରେ କେନ୍ଦ୍ରରୁ ଟଙ୍କା ମିଳୁନାହିଁ। ବିଜୁ ପକ୍କାଘର ଯୋଜନା, ଖଣି ଅଞ୍ଚଳ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ, ମତ୍ସ୍ୟଜୀବୀଙ୍କ ପାଇଁ ପକ୍କାଘର ଭଳି ଏମିତି କେତେ କ'ଣ ଯୋଜନା ରହିଛି। ତଥାପି ରାଜ୍ୟରେ ଆଉ କେତେ ହିତାଧିକାରୀ ଘର ପାଇବାକୁ ଯୋଗ୍ୟ ଅଛନ୍ତି ତାହାର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ। ଶୁକ୍ରବାର କେନ୍ଦ୍ର ସରକାରଙ୍କ ମାନବସମ୍ବଳ ମନ୍ତ୍ରଣାଳୟର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜ୍ୟ ସରକାର ଚୂଡ଼ାନ୍ତ ହିତାଧିକାରୀଙ୍କ ତାଲିକା ଏହି ଟିମ୍‌କୁ ପ୍ରଦାନ କରିବେ। ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୨୦ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)- ଗ୍ରାମୀଣରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଲିକା ସହ ହିତାଧିକାରୀଙ୍କ ଆଧାର ଲିଙ୍କ୍ କରାଯିବ। ହିତାଧିକାରୀଙ୍କ ତାଲିକା ଦିଆଯିବା ସହ ଫଟୋ ମଧ୍ୟ ମନ୍ତ୍ରଣାଳୟକୁ ପଠାଯିବ। ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ତାଲିକା ଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ତଥ୍ୟ ସଂଗ୍ରହ କରାଯାଉଛି। ଯେପରି ହିତାଧିକାରୀ ତାଲିକାରେ ଅନିୟମିତତା ନ ହେବ ସେଥିପାଇଁ ଆଧାର ଲିଙ୍କ୍‌କୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି।

ଗୋଟିଏ ପଟେ ରାଜ୍ୟ ସରକାର ନୂତନ ହିତାଧିକାରୀ ସାଉଁଟିବାରେ ବ୍ୟସ୍ତ ରହିଥିବା ବେଳେ ଅନ୍ୟପଟେ ୨୦୧୧ରୁ ୨୦୧୫ ମଧ୍ୟରେ ଇନ୍ଦିରା ଆବାସ ଯୋଜନା (ଆଇଏୱାଇ)ରେ ଘର ପାଇଥିବା ୪୮ ହଜାର ହିତାଧିକାରୀଙ୍କୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। ସେହି ହିତାଧିକାରୀ ୨/୩ଟି କିସ୍ତିରେ ଟଙ୍କା ନେଇ ଘର କରି ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ୪୦,୬୬୯ ହିତାଧିକାରୀ ଇନ୍ଦିରା ଆବାସ ଯୋଜନାରେ ପାଇଥିବା ଘର ନିର୍ମାଣ ଶେଷ କରି ନାହାନ୍ତି। ୨୦୧୩-୧୪ରେ ୮୩୨୨ ଜଣ ହିତାଧିକାରୀ ଦୁଇ ତିନୋଟି କିସ୍ତି ନେଇ ଘର ନିର୍ମାଣ କରି ନ ଥିବାବେଳେ ୨୦୧୪-୧୫ରେ ୧୫,୧୬୩ ଏବଂ ୨୦୧୫-୧୬ରେ ୧୭,୧୮୪ ହିତାଧିକାରୀ ଆଇଏୱାଇରେ ଟଙ୍କା ନେଇଥିଲେ ମଧ୍ୟ ଘର ନିର୍ମାଣ ସମ୍ପୂର୍ଣ୍ଣ କରି ନାହାନ୍ତି। ସେହି ହିତାଧିକାରୀଙ୍କ କଚ୍ଚାଘର ଥିଲେ ମଧ୍ୟ ସେମାନଙ୍କୁ ପିଏମ୍ଏୱାଇରେ ସାମିଲ୍ କରାଯାଇ ପାରୁନାହିଁ। ଆଇଏୱାଇ କିସ୍ତି ଟଙ୍କା ନ ଫେରାଇଲେ ପିଏମ୍ଏୱାଇରେ ସେମାନଙ୍କୁ ସାମିଲ କରାଯାଇ ପାରିବ ନାହିଁ। ଯେଉଁ ହିତାଧିକାରୀ କିସ୍ତି ଅର୍ଥ ଫେରାଉ ନାହାନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ଏହାସତ୍ତ୍ୱେ ସେମାନେ ନେଇଥିବା ଟଙ୍କା ଫେରସ୍ତ କରୁନାହାନ୍ତି। ଯେଉଁ କେତେଜଣ ହିତାଧିକାରୀ ଟଙ୍କା ଫେରାଇବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ନାମ ସାମିଲ କରିବା ସହ ମାସକ ମଧ୍ୟରେ ଘର ଯୋଗାଇ ଦେବାକୁ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନଙ୍କର କ୍ରମିକ ନମ୍ବର ଅନୁଯାୟୀ ଘର ପାଇବାକୁ ପାଳି ପଡୁଛି ସେମାନେ ଏହାର ବିରୋଧ କରୁଛନ୍ତି। କିନ୍ତୁ ଫେରାଇଲେ ମଧ୍ୟ ଆଇଏୱାଇ ହିତାଧିକାରୀଙ୍କୁ କ୍ରମିକ ନମ୍ବର ଆସିବା ଯାଏ ଅପେକ୍ଷା କରିବାକୁ ପଡ଼ିବ। ତେବେ ସେହି ହିତାଧିକାରୀମାନେ ସରକାରଙ୍କ ଏହି ପ୍ରସ୍ତାବରେ ରାଜି ହେଉ ନାହାନ୍ତି। ସୂଚନା ଅନୁଯାୟୀ, ରାଜ୍ୟରେ ୨୦୧୪ରୁ ଏପର୍ଯ୍ୟନ୍ତ ୨୨ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି। ଚଳିତ ବର୍ଷ ୮ ଲକ୍ଷ ୧୯ ହଜାର ପକ୍କାଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ☞ପୃଷ୍ଠା-୪



ନୂଆଦିଲ୍ଲୀରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରୁଛନ୍ତି। **(ରିପୋର୍ଟ ଖେଳ ପୃଷ୍ଠାରେ)**

## ବ୍ୟାଙ୍କ ଠକେଇ ୭୧,୫୪୩ କୋଟିରେ ପହଞ୍ଚିଲା

**ମୁମ୍ବାଇ,୨୯-୮:** ରିଜର୍ଭ ବ୍ୟାଙ୍କ ବାର୍ଷିକ ରିପୋର୍ଟରେ ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ବଢ଼ିଥିବା ସ୍ୱୀକାର କରାଯାଇଛି। ଆଲୋଚ୍ୟ ବର୍ଷରେ ଠକେଇ ଅର୍ଥ ପରିମାଣ ବର୍ଷକୁ ବର୍ଷ ହିସାବରେ ୭୩.୮ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମୟରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ୬୮୦୧ ଠକେଇ ମାମଲା ଧରାପଡିଛି। ଏଥିରେ ୭୧,୫୪୨.୯୩ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡିଛି। ୨୦୧୭-୧୮ରେ ଏହି ପରିମାଣ ୪୧,୧୬୭.୦୪ କୋଟି ଟଙ୍କା ଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସର୍ବାଧିକ ଋଣ ପ୍ରଦାନ କରୁଥିବା ବେଳେ ସେମାନେ ଅଧିକ ପରିମାଣରେ ଠକେଇର ସମ୍ମୁଖୀନ ହୋଇଛନ୍ତି ବୋଲି କେନ୍ଦ୍ରୀୟ ବ୍ୟାଙ୍କର ବାର୍ଷିକ ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୩୭୬୬ ମାମଲାରେ ୬୪,୫୦୯.୪୩ କୋଟି ଟଙ୍କାର ଠକେଇ ଧରାପଡିଛି, ଯାହା କି, ପୂର୍ବ ଆର୍ଥିକ ବର୍ଷରେ ୩୮,୨୬୦.୮୦ କୋଟି ଟଙ୍କା ଥିଲା। ଏହି ସମୟରେ ୨୮୮୫ ମାମଲା ଧରାପଡିଥିଲା।

## ଆଜି ମେଡ଼ିକାଲ କାଉନସେଲିଂ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜରେ ଖାଲିଥିବା ଏମ୍‌ବିବିଏସ୍ ସିଟ୍‌ଗୁଡ଼ିକ ଲାଗି ଶୁକ୍ରବାର ପୁଣି ଥରେ କାଉନସେଲିଂ ହେବ। ୧୦ଟି ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି କାଉନସେଲିଂରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ମେଡିକାଲ କଲେଜ ଭାଗ ନେବେ। ଏସ୍‌ସିବି ମେଡିକାଲରେ ୫ଟି ସିଟ୍‌ରେ ନାମଲେଖା ହେବାକୁ ଥିବାବେଳେ ବଲାଙ୍ଗୀର ମେଡିକାଲ କଲେଜର ୨ଟି ସିଟ୍‌ରେ ନାମଲେଖା ହେବ। ଏହାବ୍ୟତୀତ ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ କଲେଜ, ବାରିପଦା ମେଡିକାଲ କଲେଜ ଏବଂ ବାଲେଶ୍ୱର ମେଡିକାଲ କଲେଜରେ ଗୋଟିଏ ଲେଖାଏ ସିଟ୍‌ରେ ନାମଲେଖା ହେବ।

### ଆଜିର ସମ୍ପାଦକୀୟ

**ବୋଲକରା ଆର୍‌ବିଆଇ**

### ଆଜିର ମନ୍ତବ୍ୟ

"କଶ୍ମୀରରେ ହସ୍ତକ୍ଷେପ କରିବାର ଅଧିକାର ପାକିସ୍ତାନର ନାହିଁ।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

### କିଛି ତଥ୍ୟ

ଗତ ୨.୫ ବର୍ଷରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୧୪ ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଛି।

- ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ

### ■ସୁରଟ ହୀରା କାରବାରରେ ମାନ୍ଦାବସ୍ଥା ମାଡ଼

## ୬୦ ହଜାର କର୍ମଚାରୀ ବେକାର

ନୂଆଦିଲ୍ଲୀ,୨୯-୮



ଦେଶର ହୀରା କାରବାର ଗଡ଼ ଭାବେ ପରିଚିତ ଗୁଜରାଟର ସୁରଟରେ ଏବେ ମାନ୍ଦାବସ୍ଥା ଛାଇଗଲାଣି। ଗତ କିଛି ମାସ ମଧ୍ୟରେ ଏଠାରେ ୬୦ ହଜାର କର୍ମଚାରୀ ନିଯୁକ୍ତିହରାଇ ଏବେ ଦୁଃଖରେ କାଳାତିପାତ କରୁଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ୪୦ ପ୍ରତିଶତ କାରଖାନାକୁ ଅସମୟରେ ବନ୍ଦ କରିଦିଆଯାଇଛି। ଫଳରେ ଲୋକେ ରୋଜଗାର ହରାଇ ଚାଲିଛନ୍ତି।

ମିଡିଆ ରିପୋର୍ଟ ଅନୁଯାୟୀ, ସୁରଟରେ ହୀରା ବ୍ୟବସାୟ ୨୦୧୬ ନଭେମ୍ବରରୁ ସବୁଠୁ ଖରାପ ସମୟ ଦେଇ ଗତିକରୁଛି। ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରାଗଲା। ସରକାରଙ୍କ ଏହି ନିଷ୍ପତ୍ତି ସୁରଟର ହୀରା ବ୍ୟବସାୟକୁ ଯଥେଷ୍ଟ କ୍ଷତି ପହଞ୍ଚାଇଥିଲା। ଏଥିରୁ ବାହାରି ଆସିବା ଲାଗି ବ୍ୟବସାୟୀ ଉଦ୍ୟମ କରୁଥିବା ବେଳେ ୨୦୧୭ ଜୁଲାଇ ପହିଲାରୁ ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେଲା। ଏହାପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ପଦାକୁ ଆସିଲା। ଏଥିରେ ପ୍ରମୁଖ ହୀରା ବ୍ୟବସାୟୀ ନୀରବ ☞ପୃଷ୍ଠା-୪

### ■କଚ୍ଛ ଉପସାଗରରେ ପାକିସ୍ତାନୀ କମାଣ୍ଡୋ

## ଜୈଶ୍ ଚଳାଇଛି ଆକ୍ରମଣ ପ୍ରସ୍ତୁତି

ନୂଆଦିଲ୍ଲୀ/ଭୁଜ୍,୨୯।୮ (ପି.ଟି./ଆଇଏଏନ୍ଏସ୍)

**ଗୁଜରାଟ ବନ୍ଦରରେ ହାଇଆଲର୍ଟ**

ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ସ୍ଥଳପଥରେ ଅନୁପ୍ରବେଶ କରାଇ ନ ପାରି ଶେଷରେ ଜଳପଥକୁ ବାଛିଚି। ଏଥିଲାଗି ଗୁଜରାଟ ଉପକୂଳ ଦେଇ ଭାରତରେ ଆକ୍ରମଣ କରିବା ପାଇଁ ଯୋଜନା କରିଛି। କଚ୍ଛ ଉପସାଗରରେ ପାକିସ୍ତାନୀ କମାଣ୍ଡୋ ଓ ଜୈଶ୍ ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ଗୋଇନ୍ଦା ରିପୋର୍ଟ ମିଳିବା ପରେ ଗୁଜରାଟର ସମସ୍ତ ବନ୍ଦରରେ ହାଇଆଲର୍ଟ ଜାରି କରାଯାଇଛି।

ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜଳପଥରେ ଆକ୍ରମଣ କରିବା ପାଇଁ ହାରାମି ନାଳା ଦେଇ କଚ୍ଛ ଉପସାଗରକୁ ପାକିସ୍ତାନୀ କମାଣ୍ଡୋ ଓ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଅନୁପ୍ରବେଶ କରିସାରିଛନ୍ତି। ସେମାନେ ଗୁଜରାଟରେ ଆକ୍ରମଣ କରି ସମ୍ପ୍ରଦାୟିକ ଦଙ୍ଗା ଭିଆଇବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି।

କୌଣସି ପ୍ରକାର ସନ୍ଦିଗ୍ଧ ଗତିବିଧି ନଜରକୁ ଆସିଲେ ମାରାଇନ୍ କଣ୍ଟ୍ରୋଲ ଷ୍ଟେଶନକୁ ତୁରନ୍ତ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁଜରାଟର ମୁନ୍ଦ୍ରା ଓ କାଣ୍ଡଲା ବନ୍ଦରକୁ ସର୍ବାଧିକ ସତର୍କ ରହିବାକୁ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ବନ୍ଦର ଓ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ତିନିଦିନ ତଳେ ନୌସେନା ମୁଖ୍ୟ କରମ୍ବୀର ସିଂ କହିଥିଲେ, ପୁଲୱାମା ଆକ୍ରମଣକାରୀ ଜେଇଏମ୍ ସମୁଦ୍ର ଭିତରେ ଆକ୍ରମଣ ପାଇଁ ଆତଙ୍କବାଦୀଙ୍କୁ ତାଲିମ ଦେଉଥିବା ନେଇ ସୂଚନା ମିଳିଛି। ଏହା ଉପରେ ନୌସେନା କଡ଼ା ନଜର ରଖିଛି। କୌଣସି ପ୍ରକାର ଦୁଃସାହସ କଲେ କଡ଼ା ଜବାବ ଦିଆଯିବ ବୋଲି ପୁଣେରେ ସେ ସ୍ପଷ୍ଟ କରିଥିଲେ।

### ■ରାଜ୍ୟକୁ କେନ୍ଦ୍ରର ପରାମର୍ଶ

## ଦରମାରେ ଖର୍ଚ୍ଚ ନ କରି ଜଙ୍ଗଲ ସୃଷ୍ଟି କର

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

**କାମ୍ପା ପାଣ୍ଠିରେ ରାଜ୍ୟକୁ ମିଳିଲା ୫୯୩୪ କୋଟି**

କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା(କାମ୍ପା) ପାଇଁ ଜାତୀୟ କ୍ଷତିପୂରକ ବନୀକରଣ ଜମାରାଶିରୁ କେନ୍ଦ୍ର ସରକାର ଓଡ଼ିଶା ଅଂଶଧନ ୫୯୩୩.୯୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ପରିବେଶ ଭବନଠାରେ ଅନୁଷ୍ଠିତ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀମାନଙ୍କ ସମ୍ମିଳନୀରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭେଡକର ଏହି ଅର୍ଥରାଶି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ପ୍ରଦାନ କରିଛନ୍ତି। ଛତିଶଗଡ଼କୁ ଏ ବାବଦରେ ୫୭୯୧.୭୦ କୋଟି ଟଙ୍କା ମିଳିଥିବା ବେଳେ ମଧ୍ୟପ୍ରଦେଶ ୫୧୯୬.୬୯ କୋଟି, ଝାଡ଼ଖଣ୍ଡ ୪୧୫୮.୦୨ କୋଟି ଏବଂ ମହାରାଷ୍ଟ୍ରକୁ ୩୮୪୪.୨୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶାକୁ ଅନ୍ୟ ରାଜ୍ୟଗୁଡ଼ିକଠାରୁ ସର୍ବାଧିକ ଅର୍ଥ ମିଳିଛି। ତେବେ ଏହି ଅର୍ଥକୁ କର୍ମଚାରୀଙ୍କ ଦରମା, ଗସ୍ତ ଖର୍ଚ୍ଚ, ସ୍ୱାସ୍ଥ୍ୟ ଭତ୍ତାରେ ଖର୍ଚ୍ଚ ନ କରି ନୂତନ ଜଙ୍ଗଲ ସୃଷ୍ଟି କରିବା, ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ସୃଷ୍ଟି, ନଦୀକୂଳରେ ବନୀକରଣ, ଜଙ୍ଗଲ ନିଆଁ ଲିଭାଇବା, ମୃତ୍ତିକା ସଂରକ୍ଷଣ କରିବା ଆଦି କ୍ଷେତ୍ରରେ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ ସୀମା ଓ ଆୟତନ ଦୃଷ୍ଟିରୁ ଓଡ଼ିଶା ଦେଶର ଚତୁର୍ଥ ରାଜ୍ୟ। ବ୍ୟାପକ ଚାରାରୋପଣ ଏବଂ ଜଙ୍ଗଲ ସଂରକ୍ଷଣ ପରିଚାଳନା ଯୋଗୁ ରାଜ୍ୟରେ ଜଙ୍ଗଲ ଆୟତନ ବୃଦ୍ଧି ପାଇଛି। ଗତ ୨ ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲ ଅଞ୍ଚଳ ୮୮୫ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି। ଏହି ସମ୍ମିଳନୀରେ ଯୋଗଦେଇ ଆରୁଖ କହିଛନ୍ତି ଯେ କ୍ଷତିପୂରଣ ବନୀକରଣ ପାଣ୍ଠି ଉପଯୋଗ ☞ପୃଷ୍ଠା-୪

### ■ଏମାର ମଠ ଉଚ୍ଛେଦ ପ୍ରକ୍ରିୟା ଜାରି

## ଠାବହେଲା ୬ ଥାକିଆ ଭୂତଳ ଘର



ଖମାର ଘରର ଭୂତଳ କୋଠରୀ।



ଏମାର ମଠ ପରିସରରେ ଥିବା ସୁଡ଼ଙ୍ଗ।

- ସୁଡ଼ଙ୍ଗ, ଗୁପ୍ତ କୋଠରିକୁ ନେଇ ଚର୍ଚ୍ଚା
- ବାହାରିପାରେ ଗୁପ୍ତଧନ, ବଢ଼ିଲା ସୁରକ୍ଷା ବ୍ୟବସ୍ଥା
- ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି
- ସୁଡ଼ଙ୍ଗ ଖବରକୁ ପ୍ରଶାସନର ଅସ୍ୱୀକାର

ପୁରୀ ଅଫିସ, ୨୯।୮

ଭଙ୍ଗାଯାଇଛି ବହୁଚର୍ଚ୍ଚିତ ଏମାର ମଠ। ଚାଲିଛି ଉଚ୍ଛେଦ ପ୍ରକ୍ରିୟା। ଆଉ କିଛିଦିନ ପରେ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯିବ ଦ୍ୱାଦଶ ଶତାବ୍ଦୀର ଏହି ମଠ। ତେବେ ଏହି ପ୍ରାଚୀନ ମଠ ଭଙ୍ଗାଯିବା ପରେ ମିଳିଛି ଭୂତଳ ଘରର ସନ୍ଧାନ। ଭୂମିଠାରୁ ପ୍ରାୟ ୧୦ରୁ ୧୫ଫୁଟ ତଳକୁ ଉକ୍ତ ଘର ଥିବାବେଳେ ଉପରକୁ ପ୍ରାୟ ୪୦ଫୁଟ ରହିଥିଲା। ସମ୍ପୂର୍ଣ୍ଣ ପରିତ୍ୟକ୍ତ ଏବଂ ଅନ୍ଧକାରମୟ ଥିବା ଏହି ୬ଥାକିଆ ଘର ମଠର କୋଠି ଘର (ଧାନ, ଚାଉଳ ରହୁଥିଲା) ଭାବେ ବ୍ୟବହୃତ ହେଉଥିଲା। ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଏହା ମଧ୍ୟରେ ମାଙ୍କଡ଼, ଚେମେଣିଆ, ମୂଷା ଏବଂ ବିଭିନ୍ନ ପ୍ରକାର ପକ୍ଷୀ ବାସ କରୁଥିଲେ। ବିଷଧର ସାପ ଥିବା ଆଶଙ୍କାରେ ଏହି କୋଠି ଘର ଭଙ୍ଗାଯିବା ପୂର୍ବରୁ ସ୍ନେକ ହେଲ୍‌ପ ଲାଇନର ସହାୟତା ନିଆଯାଇଥିଲା। ସ୍ନେକ ହେଲ୍‌ପ ଲାଇନର ସଦସ୍ୟମାନେ ଏହି ଘର ଭିତରକୁ ପଶି ସାପ ଖୋଜିଥିଲେ। ତେବେ ଘରଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏହା ଭିତରେ ଅଧିକ ସମୟ ରହିବା ନିରାପଦ ନ ମଣି ସେମାନେ ଫେରି ଆସିଥିଲେ। କୋଠି ଘର ଭଙ୍ଗାଯିବା ପରେ ଏକ ସୁଡ଼ଙ୍ଗ ଥିବା ଜଣାପଡ଼ିଛି। ଉକ୍ତ ସୁଡ଼ଙ୍ଗରୁ ଗୁପ୍ତ କୋଠରୀକୁ ବାଟ ରହିଛି ଓ ଗୁପ୍ତ କୋଠରିରେ ସୁନା, ରୁପା ଥାଇପାରେ ବୋଲି ଆଲୋଚନା ହେଉଛି। ସୁଡ଼ଙ୍ଗ, ଗୁପ୍ତ କୋଠରି ଓ ସୁନାରୁପାକୁ ନେଇ ଚର୍ଚ୍ଚା ଜୋର ହେବାରୁ ଉଚ୍ଛେଦ ସ୍ଥଳରେ ☞ପୃଷ୍ଠା-୪


BACHPAN
www.bachpanglobal.com
ଆଜି ହିଁ ବଚପନ ପ୍ଲେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105

NECC NATIONAL EGG CO-ORDINATION COMMITTEE 29.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 57 | 102 | 112 |
| BHM | 57 | 102 | 112 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers



"କଂଗ୍ରେସ ବିରୋଧରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ।
-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

# 'ଗଜ୍‌ନବୀ' ପରୀକ୍ଷା କଲା ପାକିସ୍ତାନ

ଇସ୍‌ଲାମାବାଦ, ୨୯।୮ (ଆଇଏଏନ୍ଏସ୍)

ପାକିସ୍ତାନ ବୁଧବାର ରାତିରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଗଜ୍‌ନବୀ'ର ସଫଳ ପରୀକ୍ଷା କରିଛି। ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍)ର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ୍ ଗଫୁର ଏହି ସୂଚନା ଦେଇଛନ୍ତି। କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୯୦ କିଲୋମିଟର ରହିଥିବାବେଳେ ଏହା ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ର ବହନ କରିପାରିବ।

ଗତ ମେ ମାସରେ ପାକ୍ ସେନା ଶାହିନ୍-୨ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା, ଯାହାର ଲକ୍ଷ୍ୟଭେଦ କ୍ଷମତା ୧୫୦୦ କିଲୋମିଟର ରହିଛି। ଏହି କ୍ଷେପଣାସ୍ତ୍ର ଉଭୟ ପାରମ୍ପରିକ ଓ ଆଣବିକ ଅସ୍ତ୍ର ବହନ କରିପାରିବ। ଏହା ପୂର୍ବରୁ ମାର୍ଚ୍ଚରେ ପାକ୍ ବାୟୁସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ସ୍ମାର୍ଟ ୱେପନ୍'ଜେଏଫ୍-୧୭ ଯୁଦ୍ଧବିମାନରୁ ପରୀକ୍ଷା କରିଥିଲା। ଜାନୁୟାରୀରେ ମଧ୍ୟ ପାକିସ୍ତାନ ନୂତନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ନସ୍‌ର' ପରୀକ୍ଷା କରିଥିଲା।

ଜମ୍ମୁ-କଶ୍ମୀର ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଭାରତକୁ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇ ଯୁଦ୍ଧ ଭୟ ଦେଖାଉଥିବା ପାକିସ୍ତାନ ଶେଷରେ ଏକ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଗଜ୍‌ନବୀ ନାମକ ଏହି ସ୍ୱଳ୍ପ ଦୂରଗାମୀ ମିସାଇଲ୍‌ର ପରୀକ୍ଷଣକୁ ଭାରତ କିମ୍ବା ଅନ୍ତର୍ଜାତୀୟ ସମୁଦାୟ ଗୁରୁତ୍ୱ ଦେଇ ନ ଥିବାବେଳେ ପାକିସ୍ତାନୀ ସେନା ଓ ଶୀର୍ଷ ନେତୃବୃନ୍ଦ ଏହାକୁ ଏକ ବଡ଼ ସଫଳତା ବୋଲି ବିବେଚନା କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଭାରତ ବିରୋଧୀ ଅପପ୍ରଚାରରେ ସବୁ ମଞ୍ଚରେ ବିଫଳ ହୋଇଥିବା ଇସ୍‌ଲାମାବାଦର ଏହି ପଦକ୍ଷେପ ପାକିସ୍ତାନୀମାନଙ୍କୁ ଖୁସି କରିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି।



ବୁଧବାର ରାତିରେ ପରୀକ୍ଷା କରାଯାଇଥିବା ଗଜନବୀର ଏକ ଭିଡିଓ ଟୁଇଟରରେ ଶେୟାର କରିଛନ୍ତି ଗଫୁର। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଗଜନ୍‌ବୀ ହେଉଛି ସ୍କଡ୍ ପ୍ରଜାତି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ବିକଶିତ ରୂପ। ଏହା ପାରମ୍ପରିକ, ଅତ୍ୟଧିକ ବିସ୍ଫୋରକ (ଏଚ୍ଇ) ଏବଂ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ଗଜ୍‌ନବୀର ସଫଳ ପରୀକ୍ଷାକୁ ନେଇ ତିନିବାହିନୀର ମୁଖ୍ୟ ଏବଂ ଷ୍ଟାଫ୍ କମିଟି ଯୁଗ୍ମ ମୁଖ୍ୟମାନଙ୍କ ଅଧକ୍ଷ ବିଶେଷଜ୍ଞ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ଅରିଫ୍ ଅଲଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଉକ୍ତ ଟିମ୍‌କୁ ପ୍ରଶଂସା କରିଛନ୍ତି। ପାକିସ୍ତାନ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ଭାରତକୁ ଅବଗତ କରାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ୍ କୁମାର ସୂଚନା ଦେଇଛନ୍ତି।

## ■ ବ୍ରିଟିଶ ପାର୍ଲାମେଣ୍ଟ ସ୍ଥଗିତ
# ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ

ଲଣ୍ଡନ, ୨୯।୮

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନର ପ୍ରସ୍ଥାନ ଲାଗି ଆଉ ମାତ୍ର କେଇ ସପ୍ତାହ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ପାର୍ଲାମେଣ୍ଟ ଅଧିବେଶନକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ୟୁରୋପୀୟ ସମର୍ଥକ ତଥା ବିନା ଚୁକ୍ତିନାମା ବ୍ରେକ୍‌ଜିଟକୁ ବିରୋଧ କରୁଥିବା ଏମ୍‌ପିମାନେ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟକୁ ପାଖାପାଖି ୫ ସପ୍ତାହ ସ୍ଥଗିତ ରଖିବା ପାଇଁ ବୁଧବାର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏହାକୁ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାର୍ଲାମେଣ୍ଟ ସ୍ଥଗିତ ନିଷ୍ପତ୍ତିକୁ ବିରୋଧ କରି ସ୍କଟଲାଣ୍ଡ କଞ୍ଜରଭେଟିଭ ନେତା ରଥ୍ ଡେଭିଡ୍‌ସନ୍ ଇସ୍ତଫା ଦେବା ଫଳରେ ଜନସନଙ୍କୁ ଶକ୍ତ ଝଟ୍‌କା ଲାଗିଛି। ଜନସନଙ୍କ ବିରୋଧୀମାନେ ପାର୍ଲାମେଣ୍ଟ ସ୍ଥଗିତ ନିଷ୍ପତ୍ତିକୁ ବିଦ୍ରୋହ ଏବଂ ସମ୍ବିଧାନର ଉଲ୍ଲଂଘନ କହିଛନ୍ତି। ଏହା ଉପରେ ରହିତାଦେଶ ଜାରି ପାଇଁ ଲଣ୍ଡନ, ଏଡିନବରା ଓ ବେଲଫାଷ୍ଟ କୋର୍ଟରେ ଆବେଦନ କରିଛନ୍ତି।

## ■ ଆଇଏନ୍ଏକ୍ସ ମିଡିଆ ମାମଲାରେ ଚିଦାମ୍ବରମଙ୍କ ପିଟିଶନ୍
# ୫ରେ ସୁପ୍ରିମକୋର୍ଟ ରାୟ

ନୂଆଦିଲ୍ଲୀ, ୨୯।୮ (ପି.ଟି.)



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦାଏର ଆଇଏନ୍ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ପିଟିଶନ ଉପରେ ସୁପ୍ରିମକୋର୍ଟ ସେପ୍ଟେମ୍ବର ୫ରେ ରାୟ ଶୁଣାଇବେ ବୋଲି ଗୁରୁବାର କହିଛନ୍ତି। ତେଣୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଇଡି ଚିଦାମ୍ବରମ୍‌ଙ୍କୁ ଗିରଫ କରିପାରିବ ନାହିଁ। ଜଷ୍ଟିସ୍ ଆର୍.ବାନୁମଥୀ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ୪ ପର୍ଯ୍ୟନ୍ତ ତାଙ୍କୁ ଗିରଫରୁ ସୁରକ୍ଷା ଦେଇଛନ୍ତି। ସୂଚନାଯୋଗ୍ୟ, ମନି ଲଣ୍ଡରିଂ ମାମଲାରେ ଚିଦାମ୍ବରମ୍‌ଙ୍କ ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗତ ୨୦ ତାରିଖରେ ଖାରଜ କରିଦେବା ପରେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ସିବିଆଇ ଚିଦାମ୍ବରମ୍‌ଙ୍କୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ରିମାଣ୍ଡରେ ନେଇ ଜେରା କରୁଛି। ରିମାଣ୍ଡ ଅବଧି କେବଳ ସିବିଆଇ କୋର୍ଟରେ ବଢ଼ାଯାଇପାରିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ଅଦାଲତଙ୍କ ଅବଗତି ପାଇଁ ଇଡି ଉପସ୍ଥାପନ କରିବାକୁ ଚାହୁଁଥିବା ତଥ୍ୟ ଜଉମୁଦା ଲଫାପାରେ ଦାଖଲ କରିବା ନିମନ୍ତେ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

## ଭାଜପା ସଦସ୍ୟ ସଂଖ୍ୟା ୧୮ କୋଟି
# ଡିସେମ୍ବରରେ ହେବ ଅଧକ୍ଷ ନିର୍ବାଚନ

ନୂଆଦିଲ୍ଲୀ, ୨୯।୮: ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ଅବସରରେ ୭ କୋଟି ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ଫଳରେ ଦଳର ସଦସ୍ୟ ସଂଖ୍ୟା ୧୮ କୋଟିରେ ପହଞ୍ଚିଛି। ଡିସେମ୍ବର ମାସରେ ଦଳ ଅଧକ୍ଷ ଅମିତ୍ ଶାହଙ୍କ ଉତ୍ତରାଧିକାରୀ ନିର୍ବାଚିତ ହେବେ ବୋଲି ଶାସକ ଦଳର କାର୍ଯ୍ୟକାରୀ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ସୂଚନା ଦେଇଛନ୍ତି। ଭାଜପାର ସଦସ୍ୟ ସଂଖ୍ୟାଠାରୁ ମାତ୍ର ୮ଟି ଦେଶର ଲୋକସଂଖ୍ୟା ଅଧିକ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ନଡ୍ଡା ସୂଚନା ଦେଇଛନ୍ତି। ଭାଜପାର ସଭ୍ୟସଂଗ୍ରହ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରୁ ଜୁଲାଇ ୬ରେ ଆରମ୍ଭ ହୋଇ ଅଗଷ୍ଟ ୨୦ରେ ଶେଷ ହୋଇଥିଲା। ଏହି ଅବସରରେ ଭାଜପାର ସଭ୍ୟସଂଖ୍ୟା ୬୦ ପ୍ରତିଶତ ବୃଦ୍ଧି ପାଇଛି। ଅନ୍‌ଲାଇନରେ ୫୮ ନିୟୁତ ଓ ଅଫଲାଇନରେ ୬.୨ ନିୟୁତ ସଦସ୍ୟ ଦଳରେ ସାମିଲ ହୋଇଥିବା ନଡ୍ଡା ସୂଚନା ଦେଇଛନ୍ତି।

## ■ ପାକ୍‌କୁ ରାଜନାଥଙ୍କ ପ୍ରଶ୍ନ
# କଶ୍ମୀର କେବେ ତୁମର ଥିଲା

ଲେହ, ୨୯।୮ (ପି.ଟି.):



କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। କଶ୍ମୀର ପାକିସ୍ତାନର କେବେ ଥିଲା? ଏହାକୁ ନେଇ ପଡ଼ୋଶୀ ଦେଶ ଅନାବଶ୍ୟକ ଭାବେ କାହିଁକି କାନ୍ଦୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗୁରୁବାର ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ନିଷ୍ପତ୍ତି ନେବା ପରେ ପ୍ରତିରକ୍ଷାମନ୍ତ୍ରୀ ପ୍ରଥମଥର ପାଇଁ ଲଦାଖର ଲେହ ଗସ୍ତରେ ଯାଇ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଆୟୋଜିତ 'କିଷାନ-ଯବାନ ବିଜ୍ଞାନ ମେଳା' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଜନାଥ କହିଛନ୍ତି, କଶ୍ମୀର ପାକିସ୍ତାନର କେବେ ନ ଥିଲା। ସ୍ୱୟଂ ପାକିସ୍ତାନ ଭାରତରୁ ଖସିଯାଇ ସୃଷ୍ଟି ହୋଇଛି। ଏହାର ଅସ୍ତିତ୍ୱକୁ ଭାରତ ସମ୍ମାନ ଦିଏ। ଏହାର ମାନେ ନୁହେଁ ଯେ ପାକିସ୍ତାନ କଶ୍ମୀର ଉପରେ ମନ୍ତବ୍ୟ ଦେଉଥିବ। କଶ୍ମୀରରେ ହସ୍ତକ୍ଷେପ କରିବା ଅଧିକାର ପାକିସ୍ତାନର ନାହିଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦର ଅନ୍ତର୍ଜାତିକୀକରଣ ଉଦ୍ୟମ ଚଳାଇଥିବା ଇସ୍‌ଲାମାବାଦକୁ କଶ୍ମୀର ପ୍ରସଙ୍ଗରେ କୌଣସି ରାଷ୍ଟ୍ର ସମର୍ଥନ କରୁନାହାନ୍ତି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ପାକିସ୍ତାନ ସହିତ ଭାରତ କିପରି ଆଲୋଚନା କରିବ। ବାସ୍ତବ କଥା ହେଉଛି ପାକ୍-ଅଧିକୃତ କଶ୍ମୀର (ପିଓକେ) ଏବଂ ଗିଲ୍‌ଗିଟ୍ ବାଲ୍‌ଟିସ୍ତାନକୁ ପାକିସ୍ତାନ ବେଆଇନ ଭାବେ ଦଖଲରେ ରଖିଛି। ଇସ୍‌ଲାମାବାଦ ସେଠାରେ ମାନବାଧିକାର ଉଲ୍ଲଂଘନ ଓ ନିର୍ଯାତନା ବନ୍ଦ କରୁ ବୋଲି ରାଜନାଥ ପରାମର୍ଶ ଦେଇଛନ୍ତି। ସମଗ୍ର ପିଓକେ ଏବଂ ଗିଲ୍‌ଗିଟ୍ ବାଲ୍‌ଟିସ୍ତାନ ଭାରତର ଏକ ଅଂଶବିଶେଷ ବୋଲି ୧୯୯୪ରେ ପାର୍ଲାମେଣ୍ଟର ସଂକଳ୍ପନାମା ସମ୍ପର୍କରେ ମଧ୍ୟ ରାଜନାଥ ଅବତାରଣା କରିଛନ୍ତି।

# 'ଆତଙ୍କବାଦୀଙ୍କୁ ପଠାଅନି, ପଡ଼ୋଶୀ ଭଳି ରୁହ'

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ପାକିସ୍ତାନ ଭାରତକୁ ଆତଙ୍କବାଦୀଙ୍କୁ ପଠାଇବା ବନ୍ଦ କରି ସ୍ୱାଭାବିକ ପଡ଼ୋଶୀ ଭଳି ରହୁ ବୋଲି ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀରକୁ ନେଇ ପାକିସ୍ତାନ ଦେଉଥିବା ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟକୁ ନିନ୍ଦା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆତଙ୍କବାଦକୁ ପାକିସ୍ତାନ ଏହାର ରାଷ୍ଟ୍ରନୀତି ଭାବେ ବ୍ୟବହାର କରିବା ସହ ଆତଙ୍କବାଦୀଙ୍କୁ ରପ୍ତାନି କରୁଛି। ସେଠାକାର ନେତାମାନେ ଭାରତରେ ହିଂସା ଭିଆଇବା ଉଦ୍ଦେଶ୍ୟରେ ଜେହାଦର ଆହ୍ୱାନ ଦେଇ ଅତ୍ୟନ୍ତ ଦାୟିତ୍ୱହୀନ ଓ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି। ଏହା ଅତି ନିନ୍ଦନୀୟ। ପାକିସ୍ତାନ ଏକ ସ୍ୱାଭାବିକ ପଡ଼ୋଶୀ ଭଳି ବ୍ୟବହାର କରୁ ବୋଲି ରବୀଶ କୁମାର କହିଛନ୍ତି। ସେହିପରି ଜଳପଥରେ ଗୁଜରାଟକୁ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିବା ନେଇ ମଧ କେନ୍ଦ୍ର ସରକାର ସୂଚନା ପାଇଥିବା ସେ ସ୍ପଷ୍ଟ କରିଛନ୍ତି।



## ■ ଇମ୍ରାନ୍‌ଙ୍କ ଅଫିସ ଉପରେ ଆଇଇଏସ୍‌ସିଓର ୪୧ ଲକ୍ଷ ବାକି
# ବିଦ୍ୟୁତ୍ ସଂଯୋଗ କାଟିବାକୁ ଧମକ

**ଇସ୍‌ଲାମାବାଦ, ୨୯।୮ (ପି.ଟି.):** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ପାଇଁ ଏକ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉପରେ ଇସ୍‌ଲାମାବାଦ ଇଲେକ୍ଟ୍ରିକ୍ ସପ୍ଲାଇ କମ୍ପାନୀ (ଆଇଇଏସ୍‌ସିଓ)ର ୪୧ ଲକ୍ଷ ଟଙ୍କା ବାକି ରହିଛି। ଉକ୍ତ ଅର୍ଥ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ବିଦ୍ୟୁତ୍ ଯୋଗାଣକାରୀ ଘରୋଇ କମ୍ପାନୀ ନୋଟିସ ଦେଇଛି।

## ବିଦେଶୀ ଗଣମାଧ୍ୟମରେ 'କଶ୍ମୀର'
# ନିଜ ଗୋଡ଼କୁ ଗୁଳି କରୁଛି ଭାରତ



ସମୟ ଗଡ଼ିଚାଲିବା ସହ କଶ୍ମୀରରେ ଭାରତର କାର୍ଯ୍ୟାନୁଷ୍ଠାନ ବଢ଼ିବାରେ ଲାଗିଛି। ଫୋନ୍‌ଲାଇନ୍ ଓ ଇଣ୍ଟରନେଟ ସେବା ବନ୍ଦ, ବରିଷ୍ଠ ନେତାମାନଙ୍କୁ ଗୃହବନ୍ଦୀ ଓ କର୍ଫ୍ୟୁ ଜାରିକୁ ତିନିସପ୍ତାହ ବିତିସାରିଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଏତିକିରେ ସନ୍ତୁଷ୍ଟ ନ ହୋଇ ସୋମବାର ହଜାର ହଜାର ସଂଖ୍ୟକ କଶ୍ମୀରୀଙ୍କୁ ଜେଲ୍‌କୁ ପଠାଇ ଦେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଅନେକ ଛାତ୍ରୀଛାତ୍ର, ମାନବାଧିକାର କର୍ମୀ ଓ ବ୍ୟବସାୟୀ। ସଂଖ୍ୟାଲଘୁଙ୍କ ଉପରେ ଏହି ଦମନକୁ ସାରା ଭାରତରେ ପ୍ରଶଂସା କରାଯାଉଛି। ଏଭଳି ତାମସିକ ରାଷ୍ଟ୍ରବାଦର ପ୍ରବଳ ଆକସ୍ମିକ ଉତ୍‌ଥାନର ସ୍ମୃତିଚାରଣ କରିବାକୁ ହେଲେ ସର୍ବିଆର ପୂର୍ବତନ ରାଷ୍ଟ୍ରପତି ସ୍ଲୋବୋଡାନ୍ ମିଲୋସେଭିକ୍‌ଙ୍କ ଅଧୀନରେ ଚାଲିଥିବା ଶାସନକୁ ଫେରିଯିବାକୁ ପଡ଼ିବ। କଶ୍ମୀରୀଙ୍କ କ୍ରୋଧ ଓ ଅସନ୍ତୋଷକୁ ନେଇ ରିପୋର୍ଟ କରୁଥିବା ବିବିସି ଏବଂ ନ୍ୟୁୟର୍କ ଟାଇମ୍ସ ଭଳି ପାଶ୍ଚାତ୍ୟ ଗଣମାଧ୍ୟମକୁ ଆକ୍ରମଣ କରିବା ଲାଗି ସୋସିଆଲ ମିଡିଆ ଟ୍ରୋଲରେ ଅନେକ ଭାରତୀୟ ଖବରଦାତା ସାମିଲ ହୋଇଛନ୍ତି। ଅଧିକାଂଶ ବିଦେଶୀ ସରକାର ଭାରତର ଘରୋଇ ଚ୍ୟାଲେଞ୍ଜଗୁଡ଼ିକ ଉପରେ ଧ୍ୟାନ ଦେବାକୁ ଆଗ୍ରହ ପ୍ରକାଶ କରୁ ନ ଥିବାବେଳେ ଭରତକୁ କୂଟନୈତିକ ସ୍ତରରେ ଏକଘରିକିଆ କରିବା ପାଇଁ ପାକିସ୍ତାନର କଠୋର ପ୍ରଚାର ବିଫଳ ହୋଇଛି। ଏହାକୁ ନେଇ ମୋଦି ଓ ତାଙ୍କର ଅନୁଗାମୀମାନେ ଅତିରିକ୍ତ ଉତ୍ସାହ ପାଉଛନ୍ତି। କଶ୍ମୀରୀଙ୍କ ସ୍ଥିତି ବିଗିଡ଼ିବାରେ ଲାଗିଥିବାବେଳେ ଭାରତର ଶୁଭଚିନ୍ତକମାନେ ପ୍ରଶ୍ନ କରିବା ଉଚିତ ଯେ, ମୋଦି ନିଜ ତଥା ଅନୁଗାମୀ ହିନ୍ଦୁ ଜାତୀୟତାବାଦୀଙ୍କ ପାଇଁ ନିରଙ୍କୁଶ କ୍ଷମତା ଯୋଗାଡ଼ କରିବାବେଳେ ବିବେକଶୀଳ ଓ ସ୍ଥିର ଗଣତନ୍ତ୍ର ଭାବେ ଭାରତର ଦାବିକୁ ଅପୂରଣୀୟ ଢଙ୍ଗରେ ଧ୍ୱଂସ କରିଦେଇଛନ୍ତି କି? କଶ୍ମୀରରେ ସବୁକିଛି ସ୍ୱାଭାବିକ ଅଛି ବୋଲି ଭାରତୀୟ ଗଣମାଧ୍ୟମର ମିଥ୍ୟା ଦୃଢ଼ୋକ୍ତି ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟିଂରୁ ଧରାପଡ଼ିଯାଉଛି। ଉପତ୍ୟକା ସେନା ଦଖଲରେ ରହିଛି। ଜନଶୂନ୍ୟ କଶ୍ମୀରୀ ରାସ୍ତାଗୁଡ଼ିକରେ ବହୁସଂଖ୍ୟକ ସଶସ୍ତ୍ର ଯବାନଙ୍କ ଉପସ୍ଥିତିକୁ ନେଇ ଖବରକାଗଜଗୁଡ଼ିକର ପ୍ରଥମ ପୃଷ୍ଠାର ଚିତ୍ର ଏହାକୁ ସ୍ପଷ୍ଟ କରୁଛି ବୋଲି ବ୍ଲୁମ୍‌ବର୍ଗରେ ରିପୋର୍ଟ ପ୍ରକାଶ ପାଇଛି।

## ଇତିହାସର ଆଇନାରେ
### ଅଗଷ୍ଟ ୩୦ର ପ୍ରମୁଖ ଘଟଣା

୧୯୭୪ ଅଗଷ୍ଟ ୩୦ରେ ଟୋକିଓର ମାରୁନୋଚିସ୍ଥିତ ମିତ୍‌ସୁବିଶି ଶିଳ୍ପାଞ୍ଚଳରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁ ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୭୮ ଆହତ ହୋଇଥିଲେ। ମିତ୍‌ସୁବିଶି ହେଉଛି ଏକ ଜାପାନୀ ବହୁରାଷ୍ଟ୍ରୀୟ ଇଞ୍ଜିନିୟରିଂ, ବୈଦ୍ୟୁତିକ ଉପକରଣ ଓ ଇଲେକ୍ଟ୍ରୋନିକ୍ସ କମ୍ପାନୀ। ଏହାର ମୁଖ୍ୟ କାର୍ଯ୍ୟାଳୟ ଟୋକିଓରେ ରହିଛି।

୧୯୯୧ ଅଗଷ୍ଟ ୩୦ରେ ସୋଭିଏଟ୍ ସଂଘ ଭଙ୍ଗ ହେବା ପରେ ଆଜରବୈଜାନ୍ ନିଜକୁ ସ୍ୱାଧୀନ ଘୋଷଣା କଲା। ଆଜରବୈଜାନ୍ ହେଉଛି ୟୁରେସିଆର ଦକ୍ଷିଣ କାକେସସ୍ ଅଞ୍ଚଳର ଏକ ଦେଶ। ଏହାର ପୂର୍ବରେ କାସ୍ପିଆନ୍ ସାଗର, ଉତ୍ତରରେ ରୁଷିଆ, ଉତ୍ତର-ପଶ୍ଚିମରେ ଜର୍ଜିଆ, ପଶ୍ଚିମରେ ଆର୍ମେନିଆ ଏବଂ ଦକ୍ଷିଣରେ ଇରାନ ରହିଛି।

# ୪ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପଦୋନ୍ନତି

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ବିଭିନ୍ନ ହାଇକୋର୍ଟର ୪ ମୁଖ୍ୟ ବିଚାରପତିଙ୍କ ସୁପ୍ରିମକୋର୍ଟକୁ ପଦୋନ୍ନତି ନେଇ କେନ୍ଦ୍ର ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ସୁପ୍ରିମକୋର୍ଟର କଲେଜିୟମ ଏହାକୁ ଗୁରୁବାର ସ୍ୱୀକୃତିପ୍ରଦାନ କରିଛନ୍ତି। ହିମାଚଳ ପ୍ରଦେଶର ମୁଖ୍ୟ ବିଚାରପତି ଜଷ୍ଟିସ ଭି. ରାମସୁବ୍ରମଣ୍ୟନ୍, ପଞ୍ଜାବ ଓ ହରିୟାଣାର ମୁଖ୍ୟ ବିଚାରପତି ଜଷ୍ଟିସ କ୍ରିଷ୍ଣ ମୁରାରି, ରାଜସ୍ଥାନର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ଏ. ରବୀନ୍ଦ୍ର ଭଟ୍ଟ ଓ କେରଳର ମୁଖ୍ୟ ବିଚାରପତି ଜଷ୍ଟିସ ହୃଷୀକେଶ ରାୟଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ମିଳିବ।

ଜଷ୍ଟିସ ରାମସୁବ୍ରମଣ୍ୟନ୍ ଗତ ଜୁନ୍ ୨୨ରୁ ହିମାଚଳ ପ୍ରଦେଶର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟାରମ୍ଭ କରିଥିଲେ। ତା'ପୂର୍ବରୁ ସେ ମାଡ୍ରାସ ହାଇକୋର୍ଟର ଅତିରିକ୍ତ ବିଚାରପତି ଓ ତେଲେଙ୍ଗାନା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସେହିଭଳି ଜଷ୍ଟିସ ମୁରାରି ୨୦୧୮ ଜୁନ୍ ୨ରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଆଲ୍ଲାହାବାଦ ହାଇକୋର୍ଟର ଅତିରିକ୍ତ ବିଚାରପତି ଓ ପରେ ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଅନୁରୂପ ଭାବେ ଜଷ୍ଟିସ ଭଟ୍ଟ ୨୦୧୯ ମେ ୫ରୁ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦଭାର ସମ୍ଭାଳିଥିଲେ। ଏହା ପୂର୍ବରୁ ସେ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଓ ପରେ ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟ କରିଥିଲେ।



ଜଷ୍ଟିସ ହୃଷୀକେଶ ରାୟ



ଜଷ୍ଟିସ କ୍ରିଷ୍ଣ ମୁରାରି



ଜଷ୍ଟିସ ଏସ୍.ଏ. ରବୀନ୍ଦ୍ର ଭଟ୍ଟ



ଜଷ୍ଟିସ ଭି. ରାମସୁବ୍ରମଣ୍ୟନ

ଅପରପକ୍ଷରେ ଜଷ୍ଟିସ ରାୟ ୨୦୧୮ ଅଗଷ୍ଟ ୮ରେ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱଗ୍ରହଣ କରିଥିଲେ। ପୂର୍ବରୁ ସେ ଏଠାରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଥିଲେ।

# ଆଜି 'କଶ୍ମୀର ଆୱାର୍' ପାଳିବ ପାକିସ୍ତାନ

ଇସ୍‌ଲାମାବାଦ, ୨୯।୮ (ପି.ଟି.)

ଶୁକ୍ରବାର ପାକିସ୍ତାନବାସୀ 'କଶ୍ମୀର ଆୱାର୍' ପାଳନ କରିବେ। ସମସ୍ତ ଦେଶବାସୀ ଏଥିରେ ଭାଗନେବା ଲାଗି ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଆହ୍ୱାନ ଦେଇଛନ୍ତି। କଶ୍ମୀରବାସୀଙ୍କୁ ଭାରତର ଆଭିମୁଖ୍ୟ ବିରୋଧରେ ଏକ ହେବା ଲାଗି ପାକିସ୍ତାନ ବାର୍ତ୍ତା ଦେବାକୁ ଚାହୁଁଛି। ଭାରତର ଅମାନବୀୟ ୨୪ ଘଣ୍ଟିଆ କର୍ଫ୍ୟୁ ଓ ଫାସିବାଦୀ ଚିନ୍ତାଧାରା ବିରୋଧରେ ପାକିସ୍ତାନ କଶ୍ମୀରବାସୀଙ୍କ ସପକ୍ଷରେ ରହିଥିବା ପାକ୍ ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ପାକିସ୍ତାନର ଖେଳାଳି, କଳାକାର ଓ ବିଭିନ୍ନ ବର୍ଗର ଲୋକ ମଧ୍ୟାହ୍ନ ୧୨ରୁ ୩ ମିନିଟ୍ ଲାଗି ଛିଡ଼ାହୋଇ କଶ୍ମୀରବାସୀଙ୍କ ଲାଗି ଏକ ହେବା ପାଇଁ ଅନୁରୋଧ କରାଯାଇଛି।

# 'ଗୁଞ୍ଜନ ସକ୍ସେନା-ଦି କାର୍‌ଗିଲ ଗର୍ଲ'ରେ ଜାହ୍ନବୀ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର 'ଗୁଞ୍ଜନ ସକ୍ସେନା-ଦି କାର୍‌ଗିଲ ଗର୍ଲ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଯୁଦ୍ଧରେ ସାମିଲ ହୋଇଥିବା ଭାରତୀୟ ବାୟୁସେନାର ପ୍ରଥମ ମହିଳା ଅଫିସରଙ୍କ ଜୀବନୀକୁ ଭିତ୍ତିକରି ଫିଲ୍ମ ନିର୍ମାଣ ହୋଇଥିବା ନିର୍ମାତା ଘୋଷଣା କରିଛନ୍ତି। ଫ୍ଲାଇଙ୍ଗ୍ ଅଫିସର ଗୁଞ୍ଜନ ସକ୍ସେନା ହେଉଛନ୍ତି ପ୍ରଥମ ମହିଳା ଯିଏ ୨୦ବର୍ଷ ତଳେ କାର୍‌ଗିଲ ଯୁଦ୍ଧ ବେଳେ ୱାର ଜୋନ୍‌କୁ ବିମାନ ଉଡାଣ କରିଥିଲେ। ଜି ଷ୍ଟୁଡିଓଜ୍ ଏବଂ ଧର୍ମ ପ୍ରଡକ୍ସନ୍ସର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମ ୨୦୨୦ ମାର୍ଚ୍ଚ ୧୩ରେ ରିଲିଜ ହେବାର ଅଛି। ପ୍ରଯୋଜକ କରନ୍ ଜୋହର ଏ ସମ୍ପର୍କରେ ଟୁଇଟ୍ କରିବା ସହିତ ଫିଲ୍ମ ସମ୍ପର୍କିତ ଦୁଇଟି ପୋଷ୍ଟର ଶେୟାର କରିଛନ୍ତି। ସକ୍ସେନା ଜଣେ ମହିଳା ହୋଇ ମଧ କାର୍‌ଗିଲ୍ ଯୁଦ୍ଧଭୂମିରେ ଯେପରି ସାହସ ଓ ପରାକ୍ରମ ଦେଖାଇଛନ୍ତି ତାହା ଏକ ବିରଳ ଦୃଷ୍ଟାନ୍ତ ବୋଲି ପ୍ରଯୋଜକ କହିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶରନ୍ ଶର୍ମା। ନିଖିଲ ମେହରୋତ୍ରା ଫିଲ୍ମର କାହାଣୀ ଲେଖିଥିବାବେଳେ ହୁସେନ ଦଲାଲ୍ ଅତିରିକ୍ତ ସଂଳାପ ଲେଖକ ଭାବେ ଶ୍ରେୟ ନିଅନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ପଙ୍କଜ ତ୍ରିପାଠୀ, ବିନୀତ୍ ସିଂ, ଅଙ୍ଗଦ ବେଦୀ ଏବଂ ମାନବ ଭିଜ୍ ପ୍ରମୁଖ ଅଭିନୟ କରିଛନ୍ତି।

# ସୁସ୍ଥ ଭବିଷ୍ୟତ ଆଡ଼କୁ ଭାରତ

ନୂଆଦିଲ୍ଲୀ, ୨୯।୮ (ପି.ଟି.)



## ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ ରଙ୍ଗାରଙ୍ଗ ଉତ୍ସବରେ 'ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ'ର ଶୁଭାରମ୍ଭ କରିଛନ୍ତି। ଭାରତକୁ ସୁସ୍ଥ ଭବିଷ୍ୟତ ଆଡ଼କୁ ଆଗେଇନେବାରେ ଏହା ସମୟର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଯୁକ୍ତିର ବିକାଶ ଯୋଗୁ ଜୀବନଶୈଳୀ ଶାରୀରିକ ଶ୍ରମହୀନ ହୋଇପଡିଛି। ଫିଟ୍‌ନେସ୍‌ରେ କିଛି ନିବେଶ କରିବାକୁ ପଡ଼େନାହିଁ ଏବଂ ବହୁତ ସୁଫଳ ମିଳିଥାଏ। ଦୈନନ୍ଦିନ ଜୀବନରେ ଜନସାଧାରଣଙ୍କୁ କ୍ରୀଡ଼ା ଓ ଶାରୀରିକ କାର୍ଯ୍ୟ ସହ ସାମିଲ କରାଇବା ଫିଟ୍ ଇଣ୍ଡିଆ ଅଭିଯାନର ଉଦ୍ଦେଶ୍ୟ। ନିଜ ଦେଶକୁ ଫିଟ୍ ରଖିବା ପାଇଁ ଚାଇନା, ଅଷ୍ଟ୍ରେଲିଆ, ଜର୍ମାନୀ ଭଳି ଦେଶ ଏଭଳି ଅଭିଯାନ ଆରମ୍ଭ କରିସାରିଲେଣି। ସଫଳତା ଓ ଫିଟ୍‌ନେସ ଅଙ୍ଗାଙ୍ଗୀ ଭାବେ ଜଡିତ। ସବୁ ସଫଳ ବ୍ୟକ୍ତି ଫିଟ୍ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅଭିଯାନକୁ ଆଗେଇନେବା ଲାଗି କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁଙ୍କ ନେତୃତ୍ୱରେ ସରକାରୀ ଅଧିକାରୀ, ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ), ଜାତୀୟ କ୍ରୀଡ଼ା ମହାସଂଘ, ଘରୋଇ ସଂସ୍ଥା, ଫିଟ୍‌ନେସ୍ ପ୍ରୋତ୍ସାହନକାରୀମାନଙ୍କୁ ନେଇ ଏକ କମିଟି ଗଢ଼ାଯାଇଛି। ଫିଟ୍‌ନେସ ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଥିବାବେଳେ ଏବେ ଏଥିରେ ଭିନ୍ନତା ଦେଖିବାକୁ ମିଳିଛି। କିଛି ଦଶନ୍ଧି ପୂର୍ବରୁ ଜଣେ ସାଧାରଣ ଲୋକ ଦିନକୁ ୮ରୁ ୧୦ କିଲୋମିଟର ଚାଲୁଥିଲେ, ସାଇକେଲ ଚଳାଉଥିଲେ କିମ୍ବା ଦୌଡୁଥିଲେ। ଟେକ୍‌ନୋଲୋଜିର ବିକାଶ ସହିତ ଶାରୀରିକ କାର୍ଯ୍ୟ କମିଯାଇଛି। ଫଳରେ ଯୁବପିଢ଼ିଙ୍କଠାରେ ମଧୁମେହ, ଉଚ୍ଚରକ୍ତଚାପ ଓ ଅନ୍ୟାନ୍ୟ ଜୀବନବ୍ୟାପୀ ରୋଗ ବୃଦ୍ଧିପାଉଛି, ଯାହା ଉଦ୍‌ବେଗଜନକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୧୨ରୁ ୧୫ ବର୍ଷର ପିଲାଙ୍କୁ ମଧୁମେହ ଏବଂ ୩୦ ବର୍ଷର ଯୁବକଙ୍କୁ ହୃଦ୍‌ଘାତ ହେଉଛି। ତେଣୁ ବର୍ତ୍ତମାନର ଜୀବନଶୈଳୀରେ ପରିବର୍ତ୍ତନ କରିବାକୁ ହେବ। ଫିଟ୍‌ନେସ ସମୟର ଆବଶ୍ୟକତା ବୋଲି ମୋଦି କହିଛନ୍ତି।

ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରିଜିଜୁଙ୍କ ସମେତ ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ଓ ଅନ୍ୟମାନେ ଯୋଗଦେଇଥିଲେ। ସମସ୍ତଙ୍କ ସହଯୋଗ ଦ୍ୱାରା ଏହି ଅଭିଯାନକୁ ଏକ ନୂତନ ସୋପାନକୁ ନିଆଯାଇପାରିବ। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀରେ ଏହି ଅଭିଯାନ ଶୁଭାରମ୍ଭ ହୋଇଥିବାରୁ ରିଜିଜୁ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତର କ୍ରୀଡ଼ା ସଫଳତାକୁ ଉଚ୍ଚ ପ୍ରଶଂସା କରିଥିଲେ।



> ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବା। - ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୨ରେ ଲଘୁଚାପ, ଅଧିକ ବର୍ଷିବ ନାହିଁ

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଉତ୍ତର -ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ ଚାଇନା ସମୁଦ୍ରରେ ଏକ ଝଡ଼ ସୃଷ୍ଟି ହେଉଥିବାରୁ ଲଘୁଚାପର ପ୍ରଭାବ ସେତେଟା ରହିବ ନାହିଁ। ତେବେ ଆସନ୍ତା ସପ୍ତାହ ଯାଏ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ମୌସୁମୀ ସ୍ୱାଭାବିକ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ବାଲେଶ୍ୱରରେ ୪.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୪.୧, କଟକ ୧୦.୨, ସମ୍ବଲପୁର ୨୦.୧, ହୀରାକୁଦରେ ୧୯.୫ମିଲିମିଟର ରେକର୍ଡ କରାଯାଇଛି। ଜୁନ୍ ପହିଲାରୁ ଅଗଷ୍ଟ ୨୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ମାତ୍ର ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଭବାନୀପାଟଣା ୧.୨, କୋରାପୁଟ ୩.୪, ସୋନପୁରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୯୧୦ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୮୭୭.୬ ମିଲିମିଟର।

### ପୁରୀରେ ମଠ, ମନ୍ଦିର ଉଚ୍ଛେଦକୁ ବିରୋଧ

ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୨୯।୮:** ରାଜ୍ୟ ସରକାର ନିର୍ଦ୍ଦେଶରେ ପୁରୀ ଶ୍ରୀମନ୍ଦିର ନିକଟରେ ଥିବା ବିଭିନ୍ନ ମଠ, ମନ୍ଦିରକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହାକୁ ବିରୋଧ କରି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଗୁରୁବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏଥିସହ ଏହି ଉଚ୍ଛେଦକୁ ସୁରକ୍ଷା ସେନା ନିନ୍ଦା କରିଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସହିତ ଜଡିତ ବହୁ ବର୍ଷର ଏହି ମଠ ଓ ମନ୍ଦିରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଉଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ସୁରକ୍ଷା ସେନା ପକ୍ଷରୁ ଆବେଦନକାରୀ ଗିରିଜା ପ୍ରସନ୍ନ ଦାସ, ସବ୍ୟସାଚୀ ଶତପଥୀ ଓ ଦିନେଶ ଅଗ୍ରୱାଲ ଆବେଦନରେ ଦର୍ଶାଇଛନ୍ତି। ଐତିହାସିକ ଓ ଆଧାତ୍ମିକ ମହତ୍ତ୍ୱ ରଖୁଥିବା ମଠ ଓ ମନ୍ଦିରଗୁଡ଼ିକ ଭାଙ୍ଗି ହିନ୍ଦୁମାନଙ୍କର ଭାବନାକୁ ଶକ୍ତ ଆଘାତ ଦେଇଛି ବୋଲି ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଜୋଷୀ କହିଛନ୍ତି। ଆଇନଜୀବୀ ରମାକାନ୍ତ ପଣ୍ଡା ଏହି ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ତଥା ଓଡ଼ିଶା ସୁରକ୍ଷା ସେନାର ସାଧାରଣ ସମ୍ପାଦକ ସତ୍ୟବ୍ରତ ପଣ୍ଡା ସହାୟତା କରୁଛନ୍ତି।

### ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ ଅଚାନକ ପହଞ୍ଚିଲେ ମନ୍ତ୍ରୀ

ଭୁବନେଶ୍ୱର,୨୯।୮(ବ୍ୟୁରୋ): ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗୁରୁବାର ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ସାହୁ ପୂର୍ବାହ୍ନ ୧୦ଟାରେ ନିର୍ଦ୍ଦେଶାଳୟରେ ଅଚାନକ ପହଞ୍ଚିଥିଲେ। ମନ୍ତ୍ରୀ ଉକ୍ତ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ୍ ଏବଂ କର୍ମଚାରୀମାନଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ । ପ୍ରତି ସପ୍ତାହରେ ବାୟୋମେଟ୍ରିକ୍ ଯାଞ୍ଚ କରାଯାଉଛି ନା ନାହିଁ ଏ ବିଷୟରେ ମନ୍ତ୍ରୀ ପଚାରି ବୁଝିଥିଲେ । କର୍ମଚାରୀମାନଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫'ଟି' ସୂତ୍ରକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି । କର୍ମଚାରୀମାନେ ସମୟାନୁବର୍ତ୍ତୀ ହୋଇ ଠିକ୍ ସମୟରେ କାର୍ଯ୍ୟାଳୟ ଆସିବା ପାଇଁ ସେ କହିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ଫାଇଲ କାର୍ଯ୍ୟ ଶେଷ କରିବା ଉପରେ ମଧ ସେ ଗୁରୁତ୍ୱ ଦେଇଛନ୍ତି । କର୍ମଚାରୀମାନେ ସେମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ବଳରେ ରାଜ୍ୟର ପ୍ରଗତିରେ ଭାଗୀଦାର ହେବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଛନ୍ତି ।




# ୩ ଶୀର୍ଷ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ

■ମୁଖ୍ୟ ଶାସନ ସଚିବଙ୍କୁ ୨୦, ଡିସି ୧୫ ଏବଂ ଏପିସିଙ୍କୁ ୫ ବିଭାଗ ଦାୟିତ୍ୱ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ରାଜ୍ୟ ପ୍ରଶାସନର ଶୀର୍ଷସ୍ତରରେ ସରକାରୀ କାର୍ଯ୍ୟକୁ ଉତ୍ତମ ରୂପେ ତର୍ଜମା କରାଯିବ। ବିଭାଗୀୟ ଅନୁଶୀଳନ ପରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ଫାଇଲଗୁଡ଼ିକ ତଦାରଖ କରିବେ। ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଫାଇଲ ସିଧା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ପଠାଯିବ। ମୁଖ୍ୟ ଶାସନ ସଚିବ(ସିଏସ୍) ତଥା ମୁଖ୍ୟ ଉନ୍ନୟନ କମିଶନର, ଉନ୍ନୟନ କମିଶନର(ଡିସି) ଏବଂ କୃଷି ଉତ୍ପାଦନ କମିଶନର(ଏପିସି)ଙ୍କ ମଧ୍ୟରେ ବିଭିନ୍ନ ବିଭାଗଗୁଡ଼ିକର ବଣ୍ଟନ କରାଯାଇଛି। ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଏଣ୍ଡ ପିଜି) ପକ୍ଷରୁ ପ୍ରକାଶ ପାଇଛି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧୀନରେ ୨୦, ଡିସି ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧୀନରେ ୧୫ ଏବଂ ଏପିସି ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ୫ ବିଭାଗର ଦାୟିତ୍ୱ ଦିଆଯାଇଛି। ସିଏସ୍‌ଙ୍କ ନିକଟରେ ଗୃହ, ଅର୍ଥ, ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ଜିଏ ଏଣ୍ଡ ପିଜି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିଳ୍ପ ଓ ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ରହିଛି। ଏଥିସହିତ ଆଇନ, ଏମ୍‌ଏସ୍‌ଏମ୍‌ଇ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସଂସଦୀୟ ବ୍ୟାପାର, ଯୋଜନା ଓ ସଂଯୋଜନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି, ପର୍ଯ୍ୟଟନ, ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଅନୁରୂପଭାବେ ଡିସି ସୁରେଶଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅବକାରୀ, ଉଚ୍ଚଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଶ୍ରମ ଓ ନିଯୋଜନ, ସରକାରୀ ଉଦ୍ୟୋଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରଦାନ କରାଯାଇଛି। ଏଥିସହିତ ସ୍କୁଲ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ବିଦ୍ୟା, କ୍ରୀଡ଼ା ଓ ଯୁବ ସେବା, ହସ୍ତତନ୍ତ/ବୟନଶିଳ୍ପ ଏବଂ ହସ୍ତଶିଳ୍ପ, ଓଡ଼ିଆ ଭାଷା ଏବଂ ସାହିତ୍ୟ ଓ ସଂସ୍କୃତି , ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଏସ୍‌ଟିଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ବିଭାଗର ଦାୟିତ୍ୱ ମଧ୍ୟ ଉନ୍ନୟନ କମିଶନରଙ୍କୁ ପ୍ରଦାନ କରାଯାଇଛି।

ସେହିପରି ଏପିସି ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ କୃଷି ଓ କୃଷକ ସଶକ୍ତୀକରଣ, ସମବାୟ, ମତ୍ସ୍ୟସମ୍ପଦ ଏବଂ ପ୍ରାଣୀସମ୍ପଦ ଉନ୍ନୟନ, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଦାୟିତ୍ୱ ଦିଆଯାଇଛି।

ସେହିପରି ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି, କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କିତ ବ୍ୟାପାର, ଏକାଧିକ ବିବାଦକୁ ନେଇ ରହିଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସିଧାସଳଖ ନିଷ୍ପତ୍ତି ନେବେ। ସେହିପରି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଭାଗୀୟ ସଚିବ/ପ୍ରମୁଖ ଶାସନ ସଚିବ/ଡିସିଙ୍କ ନିଷ୍ପତ୍ତି ପରେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବ। ସେହିପରି ଏପିସିଙ୍କ ଅଧୀନରେ ଆସୁଥିବା ସମସ୍ତ ବିଭାଗ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯିବ। ସେହିପରି ଅତିରିକ୍ତ ଶାସନ ସଚିବ ପାହ୍ୟା ତଥା ତଦୂର୍ଦ୍ଧ୍ୱ ପାହ୍ୟାକୁ ପଦୋନ୍ନତି ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯିବ। ସେହିପରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ମନେକଲେ ଯେ କୌଣସି ବିଭାଗ ଫାଇଲକୁ ତର୍ଜମା ତଥା ଅନୁଧ୍ୟାନ କରିପାରିବେ। ଅର୍ଥ ବିଭାଗ ଫାଇଲଗୁଡ଼ିକ ଅର୍ଥ ସଚିବ/ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଯିବ।

## ନିର୍ମାଣାଧୀନ କନ୍‌ଭେନ୍‌ଶନ୍ ସେଣ୍ଟର ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ନିର୍ମାଣଧୀନ କନ୍‌ଭେନଶନ୍ ସେଣ୍ଟର ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥସହିତ ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କନଭେନ୍‌ଶନ୍ ସେଣ୍ଟରରେ ୨ଟି ବୃହତ ଏବଂ ୨ଟି କ୍ଷୁଦ୍ର ସମ୍ମିଳନୀ କକ୍ଷ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୂର୍ତ୍ତ ବିଭାଗ କମିଶନର ତଥା ସଚିବ କ୍ରିଷ୍ଣନ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିଥିଲେ।

## ସାତକୋଶିଆରେ ୨ ଘଡ଼ିଆଳ କୁମ୍ଭୀର ମୃତ

ବନ୍ତଲା, ୨୯।୮(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ମହାନଦୀ ଗଣ୍ଡରେ ୨ଟି ଘଡିଆଳ କୁମ୍ଭୀରର ମୃତ୍ୟୁ ହୋଇଥିବା ଜଣାପଡିଛି। ଟିକରପଡା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ୍ ନିକଟରୁ ଗୁରୁବାର ଗୋଟିଏ ଘଡିଆଳର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଟିର ମୃତଦେହ ଆଠମଲ୍ଲିକ ବନଖଣ୍ଡ ବିନିକେଇ ନିକଟ ନଦୀ ଭିତରେ ଭାସୁଥିବା ଦେଖାଯାଇଛି। ବନ ବିଭାଗ ପକ୍ଷରୁ ଉକ୍ତ ଘଡିଆଳକୁ ଉଦ୍ଧାର ପାଇଁ ଉଦ୍ୟମ ଜାରିରହିଛି।

କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ୍‌ରେ ମୃତ୍ୟୁ ହୋଇଥିବା ଅଣ୍ଡିରା କୁମ୍ଭୀରର ବୟସ ୫ରୁ ୬ ବର୍ଷ ଓ ଲମ୍ବ ୭ ଫୁଟ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଫୁସ୍‌ଫୁସ୍‌ରେ ଘା ଥିବାରୁ କୁମ୍ଭୀରଟି ଖାଦ୍ୟ ଖାଇପାରୁ ନ ଥିଲା। ଚିକିତ୍ସା ଚାଲିଥିଲେ ହେଁ ତାହାର ମୃତ୍ୟୁ ଘଟିଥିଲା। ଖବର ମିଳିବା ପରେ ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର କୁମାର ସାହୁ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ସେହିପରି ବିନିକେଇ ନିକଟ ନଦୀଗଣ୍ଡରେ ଭାସୁଥିବା ଅନ୍ୟ ଘଡ଼ିଆଳର ମୃତ୍ୟୁ ମାଛ ଜାଲ ଯୋଗୁ ହୋଇଥିବା କେତେଜଣ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ କୁମ୍ଭୀରଟି ନନ୍ଦନକାନନରୁ ଅଣାଯାଇଥିବା ଓ ଜିପିଏସ୍ ଲଗାଯାଇଥିବା ଘଡ଼ିଆଳ ବୋଲି ସନ୍ଦେହ କରାଯାଉଛି। ଏ ବିଷୟରେ ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକ କୁହନ୍ତି, ପ୍ରଜନନ କେନ୍ଦ୍ର ପୋଲ୍‌ରେ ମୃତ୍ୟୁ ଘଟିଥିବା ଅଣ୍ଡିରା ଘଡ଼ିଆଳଟି ପୂର୍ବରୁ ଅସୁସ୍ଥ ଥିଲା। ବିନିକେଇ ନିକଟ ନଦୀ ଭିତରେ ମରିଥିବା କୁମ୍ଭୀରକୁ ଉଦ୍ଧାର ପାଇଁ ଲଞ୍ଚରେ ଖୋଜାଖୋଜି କରାଯାଉଛି। ସୂଚନାଯୋଗ୍ୟ, ନନ୍ଦନକାନନରୁ ସାତକୋଶିଆ ଆସିଥିବା ଏକ ମାଈ ଘଡ଼ିଆଳର ମୃତଦେହ ଆଠଗଡ ବନଖଣ୍ଡ ବାଙ୍କୀ ନିକଟରେ ଗତ ୧୫ ତାରିଖରେ ଉଦ୍ଧାର କରାଯାଇଥିଲା।



ବିନିକେଇ ନିକଟ ନଦୀଗଣ୍ଡରେ ଭାସୁଥିବା ମୃତ ଘଡ଼ିଆଳ।

■ ଦିଲ୍ଲୀ ଏମ୍‌ସରୁ ସ୍ଥାନାନ୍ତର ହେବେ ଜଗା-କାଳିଆ

# ୭ରୁ ଏସ୍‌ସିବିରେ ଚିକିତ୍ସା

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ଅପରେଶନ ମାଧ୍ୟମରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଦିଲ୍ଲୀ ଏମ୍ସରୁ ସ୍ଥାନାନ୍ତର ହେବେ। ଆସନ୍ତା ୭ ତାରିଖରେ ଓଡ଼ିଶାରେ ପହଞ୍ଚିବା ପରେ ସେମାନଙ୍କୁ ସିଧା କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇ ଚିକିତ୍ସା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୁରୁବାର ସୂଚନା ଦେଇଛନ୍ତି। ୬ ତାରିଖରେ ଦୁଇ ଭାଇ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ରାଜଧାନୀ ଏକ୍ସପ୍ରେସ୍‌ରେ ଓଡ଼ିଶା ଅଭିମୁଖେ ଯାତ୍ରାରମ୍ଭ କରିବେ। ଉକ୍ତ ଟିମ୍‌ରେ ଦିଲ୍ଲୀ ଏମ୍ସ ଡାକ୍ତର ଦୀପକ ଗୁପ୍ତା, ଡା. ଜି. ରଥ, ଡା. କେ.କୁମାର ଓ ଏ. ଡାନିଏଲଙ୍କ ସମେତ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ସହକାରୀ ପ୍ରଫେସର ଡା. ଏସ୍.ଏସ୍. ବରିହା, ଡା. ବି.ପି.ନାୟକ ଏବଂ ଓଡିଶା ନିବାସର ଅଧିକାରୀ ଡି.କେ.ସାମଲ ମଧ୍ୟ ଆସିବେ। ଏଥିପାଇଁ ଏସ୍‌ସିବି ମେଡିକାଲରେ ଜଗା, କାଳିଆଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀଦଳ ଗଠନ କରାଯାଇଛି। ସେମାନେ ଜଗା-କାଳିଆଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଦାୟିତ୍ୱରେ ରହିବେ। ସେମାନଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଏକ ସ୍ୱତନ୍ତ୍ର କ୍ୟାବିନରେ ରଖି ଚିକିତ୍ସା କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡା. ସି.ବି.କେ. ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲ୍‌ସନ୍ ଗୁରୁବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, କାର୍ଯ୍ୟକାରୀ ହେଉଥିବା ସମ୍ପୂର୍ଣ୍ଣା ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହିସବୁ କାର୍ଯ୍ୟକ୍ରମ ଓଡିଶାରେ ବେଶ୍ ସଫଳତାର ସହିତ କାର୍ଯ୍ୟକାରୀ ହେଉଥିବା ଏବଂ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁଥିବାରୁ ନେଲ୍‌ସନ୍ ଖୁସି ବ୍ୟକ୍ତ କରି ୟୁନିସେଫ୍ ତା'ର ସହାୟତା ଓ ସହଯୋଗ ବଜାୟ ରଖିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମନ୍ତ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ୟୁନିସେଫ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ବିବେକ ଭିରେନ୍ଦ୍ର ସିଂହ ମଧ୍ୟ ଉପସ୍ଥିତ ଥିଲେ।



ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲ୍‌ସନ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ସହ ଆଲୋଚନା କରୁଛନ୍ତି।

ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ
DISTRICT MINERAL FOUNDATION, SUNDARGARH

Opportunity for doctors to serve the most needy

District Mineral Foundation (DMF), Sundargarh, a statutory body Established for the welfare and sustainable development of mining affected communities, is looking for passionate and dedicated doctors to provide health services across various health institutions (DHH/RGH/SDH/CHCs) in Sundargarh District on Monthly basis / Per Day basis.

Requirement of doctors (160 posts)

Specialists in Medicine (13) / Surgery (4) / O&G (11)
Pediatrics (18) / Anesthesia (4) / Orthopedics (21)
Dental (9) & MBBS (80)

Quote your Fee
We are willing to negotiate

Last Date for Application Submission :
13. SEPTEMBER' 2019
Interview Date for Specialists: 14.9.2019
Interview Date for MBBS & BDS: 15.9.2019

For More Information, Please Visit
www.sundergarh.nic.in / notices / Recruitment,
E-mail : dmfsundergarh@gmail.com, Contact No. 7438960549, 7894596108



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଅଶୋକ
ପରିବାରବର୍ଗ


କାହ୍ନା
ପରିବାରବର୍ଗ


ଶକ୍ତି ପ୍ରସାଦ
ପରିବାରବର୍ଗ


ବିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ପକ୍କାଘର: ପୂରଣ...

୫ ଲକ୍ଷ ୫୯ ହଜାର ଗୃହ ନିର୍ମାଣ କରିବା ଯୋଜନା କରାଯାଇଛି। ୨୦୧୪ ପରେ ପକ୍କାଘର ନିର୍ମାଣ ଯୋଜନା ନାମ ବଦଳିବା ସହ ଗୃହ ନିର୍ମାଣ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଆଇଏଓ୍ୱାଇରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳ ପାଇଁ ୭୫ ହଜାର ଟଙ୍କା ଥିବା ବେଳେ ନନ୍ ଆଇଏପି ଅଞ୍ଚଳ ପାଇଁ ୭୦ ହଜାର ଟଙ୍କା ଥିଲା। ପିଏମ୍ଏଓ୍ୱାଇ-ଗ୍ରାମୀଣ କାର୍ଯ୍ୟକାରୀ ହେବା ପରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଓ ନନ୍ ଆଇଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଉଛି। ଏହାଛଡା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ୍)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ ହଜାରରୁ ୧୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ତିଆରି କରିବାକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଏହାକୁ ନେଇ ପଞ୍ଚାୟତିରାଜ ବିଭାଗ ଏବଂ ଇନ୍ଦିରାଆବାସ ହିତାଧିକାରୀଙ୍କ ମଧ୍ୟରେ ଚାଲିଛି ଟଣାଓଟରା। ଆସନ୍ତା ଡିସେମ୍ବର ସୁଦ୍ଧା ଲକ୍ଷ୍ୟ ପୂରଣ ନେଇ ଅଡୁଆରେ ପଡ଼ିଛନ୍ତି ସରକାର।

### ୬୦ ହଜାର କର୍ମଚାରୀ...

ମୋଦି, ମେହୁଲ ଚୋକ୍‌ସୀଙ୍କ ସମ୍ପୃକ୍ତି ଧରାପଡିବା, ସିନ୍ଥେଟିକ ହୀରାର ପ୍ରଚଳନ ବୃଦ୍ଧି ଯୋଗୁ ହୀରା ବ୍ୟବସାୟର ଅଣ୍ଟା ଭାଙ୍ଗିଯାଇଥିବା ସୁରଟ ଡାଇମଣ୍ଡ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଡାଇମଣ୍ଡ ଓ୍ୱାର୍କର୍ସ ୟୁନିୟନ ପ୍ରେସିଡେଣ୍ଟ ରତ୍ନମାଲ ଜିଲାରିୟାୟା କହିଛନ୍ତି ଯେ, ହୀରା ଶିଳ୍ପରେ ଏବେ ନିଯୁକ୍ତି ଦୃଶ୍ୟପଟ ଅତ୍ୟନ୍ତ ଶୋଚନୀୟ। ଅନେକ ସ୍ଥାନରେ କାରଖାନାରେ ୩ ଓଳି ବଦଳରେ ଗୋଟିଏ ଓଳିରେ କାମ ହେଉଛି। ଲୋକଙ୍କୁ ବିନା ଦରମା ଦେଇ ପ୍ରାକ୍ ନୋଟିସ୍‌ରେ ହଠାତ୍ ଚାକିରିରୁ ବିଦା କରିଦିଆଯାଉଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଗୁଜରାଟରେ ପ୍ରାୟ ୧୫ ହଜାର ଛୋଟ ବଡ଼ ହୀରା ଉଦ୍ୟୋଗ ରହିଥିବା ବେଳେ ୭ ଲକ୍ଷ ବ୍ୟକ୍ତି ଏଥିରେ ନିୟୋଜିତ ରହିଛନ୍ତି। କେବଳ ସୁରଟରେ ୬ ଲକ୍ଷ ବ୍ୟକ୍ତି ହୀରା ବ୍ୟବସାୟ ସହ ଜଡ଼ିତ। ସୁରଟ ବ୍ୟତୀତ ଅମରୋଲି ଓ ଭାବନଗରରେ ହୀରାର କଟିଂ ଓ ପଲିସିଂ କାରବାର ରହିଛି। ସୋନୀ ଡାଇମଣ୍ଡ ବିଜ୍‌ନେସ୍ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ଶ୍ରେୟାନ ସୋନୀ କହିଛନ୍ତି ଯେ, ଗୁଜରାଟରେ ହୀରା ବ୍ୟବସାୟ ସଙ୍ଗୀନ ହେଲାଣି। କାରଣ ବିଦେଶରେ ଭାରତୀୟ ହୀରା ଚାହିଦା ପ୍ରାୟ ୨୦% କମିଗଲାଣି। ଜୁଲାଇରେ ପଲିସ ହୀରା ରପ୍ତାନି ୧୮.୧୫%କୁ ହ୍ରାସ ପାଇଛି। ଏହି ସମୟରେ ମାତ୍ର ୧୮,୬୩୩.୧୦ କୋଟି ଟଙ୍କାର ହୀରା ରପ୍ତାନି ହୋଇପାରିଛି। ଗତବର୍ଷ ଏହି ସମୟରେ ୮୪,୨୭୨.୩୦ କୋଟି ଟଙ୍କାର ରପ୍ତାନି ହୋଇଥିଲା।

### ଦରମାରେ ଖର୍ଚ୍ଚ...

କରିବାରେ ଓଡିଶା ଅଗ୍ରଣୀ ରାଜ୍ୟ। କାମ୍ପା ଯୋଜନାରେ ୨୦୦୯ରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ବାର୍ଷିକ କାମ୍ପା ଯୋଜନାରେ ଓଡ଼ିଶାକୁ ସମୁଦାୟ ୨,୬୪୪ କୋଟି ଟଙ୍କା ମିଳିଥିଲା। ରାଜ୍ୟ ସରକାର ସେଥିରୁ ୯୨ ପ୍ରତିଶତ ଅର୍ଥାତ୍ ୨ ହଜାର ୬୦୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୯-୨୦ରେ କାମ୍ପାରେ ରାଜ୍ୟକୁ ମୁଖ୍ୟତଃ ବନୀକରଣ, ବନ୍ୟଜନ୍ତୁ ପରିଚାଳନା, ସୁରକ୍ଷା, ଦକ୍ଷତା ବୃଦ୍ଧି ଏବଂ ଆନୁଷଙ୍ଗିକ ବ୍ୟୟ ବାବଦକୁ ଓଡ଼ିଶା ପାଇଁ ୫୯୨.୫୨ କୋଟି ଟଙ୍କାର ଅନୁଦାନ, ୩୮ କୋଟି ମୂଲ୍ୟରେ କାମ୍ପା କାପାସିଟି ବିଲ୍ଡିଂ ସେଣ୍ଟର ନିର୍ମାଣ ଅନୁମୋଦନ, କାମ୍ପାରେ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥର ୨ ପ୍ରତିଶତ ପ୍ରଶାସନିକ ବ୍ୟୟ ପାଇଁ ଅନୁମତି ପ୍ରଦାନ କରିବାକୁ ମନ୍ତ୍ରୀ ଆରୁଖ ସମ୍ମିଳନୀରେ ଦାବି ଉପସ୍ଥାପନ କରିଛନ୍ତି। ଏହି ସମ୍ମିଳନୀରେ ଜଙ୍ଗଲ ଓ ପରିବେଶ ସଚିବ ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଏବଂ ମୁଖ୍ୟ ବନ୍ୟ ସଂରକ୍ଷକ ଉମା ନାନ୍ଦୁରୀ ପ୍ରମୁଖ ଯୋଗ ଦେଇଥିଲେ।

### ଠାବହେଲା ୬ ଥାକିଆ...

ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ପ୍ରଶାସନ। ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦକୁ ବନ୍ଦ ରଖାଯାଇଛି। ରାତିରେ ଏଠାରେ ପୋଲିସ ଫୋର୍ସ ପହରା ଦେବେ। ଅନ୍ୟପକ୍ଷେ ସୁଡ଼ଙ୍ଗ ଥିବା ଯାହା କୁହାଯାଉଛି ତାହା ପ୍ରକୃତରେ ସୁଡ଼ଙ୍ଗ ନୁହେଁ, ଏହା କୋଠିର ଧାନ, ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟଶସ୍ୟକୁ ସୁରକ୍ଷିତ ଭାବେ ସାଇତି ରଖିବା ଲାଗି ନିର୍ମାଣ ହୋଇଥିଲା ବୋଲି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି।

ଗୁରୁବାର ସକାଳୁ ପ୍ରଶାସନ ଆରମ୍ଭ କରିଥିଲା ଉଚ୍ଛେଦ କାର୍ଯ୍ୟ। ଏମାର ମଠର ରଘୁନନ୍ଦନ ଲାଇବ୍ରେରି ଉପର କୋଠାକୁ ଭାଇବ୍ରେଟର ଦ୍ୱାରା ଶ୍ରମିକମାନେ ଭାଙ୍ଗିଥିବା ବେଳେ କୋଠି ଘରକୁ ଜେସିବି, ବୁଲ୍ ଡୋଜର ଏବଂ ବ୍ରେକରରେ ଭଙ୍ଗା ଯାଇଥିଲା। ଏହି ବିରାଟ ୬ ଥାକିଆ କୋଠି ଘର ଭୂମିଠାରୁ ପ୍ରାୟ ୧୦ରୁ ୧୫ ଫୁଟ ତଳକୁ ରହିଥିଲା। ଘରର ପ୍ରାୟ ୮୦ ପ୍ରତିଶତ ଭଙ୍ଗା ସରିବା ପରେ ଶେଷ ଭାଗକୁ ବଡ଼ ବଡ଼ କାଠଗଣ୍ଡି ସାଇଜ୍ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। କାଠଗଣ୍ଡି ମଧ୍ୟରେ ତଳକୁ ଫାଙ୍କ ରହିଛି ଓ ସମ୍ପୂର୍ଣ୍ଣ ଅନ୍ଧାରୁଆ ରହିଥିବାରୁ ଏହା ଏକ ସୁଡ଼ଙ୍ଗ ବୋଲି ଅନୁମାନ କରାଯାଉଛି। ଏହି ସୁଡ଼ଙ୍ଗ ଦେଇ ଭିତରକୁ କୌଣସି ଗୁପ୍ତ କୋଠରିକୁ ବାଟ ରହିଥିବା ଏବଂ ସୁନାରୁପା ଥିବା ଚର୍ଚ୍ଚା ହେବାରୁ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚିଥିଲେ। ସେମାନେ ସମ୍ପୃକ୍ତ ସ୍ଥାନକୁ ଅନୁଧ୍ୟାନ କରିଥିଲେ। ତେବେ ଉକ୍ତ ଅନ୍ଧାରୁଆ ଜାଗା କ'ଣ ତାହା ସ୍ପଷ୍ଟ ହୋଇନାହିଁ। ସୁଡ଼ଙ୍ଗ ଚର୍ଚ୍ଚା ଖବରକୁ ପ୍ରଶାସନ ପକ୍ଷରୁ ଅସ୍ୱୀକାର କରାଯାଇଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ କୁମାର ସାମଲ ମଧ୍ୟାହ୍ନରେ ଉଚ୍ଛେଦ ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏଥିପାଇଁ ଜୀବିକା ହରାଉଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ସକାଳୁ ସୁରୁଖୁରୁରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ଜିଲାପାଳ ଏବଂ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୮ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଉଚ୍ଛେଦ କାର୍ଯ୍ୟରେ ୬ଟି ଜେସିବି, ୩ଟି ଭାଇବ୍ରେଟର, ୬ ଟିପ୍ପର, ଟ୍ରାକ୍ଟର ଏବଂ ୨୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଅସୁରକ୍ଷିତ ଏମାର ମଠର ଖମାର ଏବଂ ରଘୁନନ୍ଦନ ଲାଇବ୍ରେରି ପଛ ପାର୍ଶ୍ୱ କୋଠାକୁ ଭଙ୍ଗାଯାଇଛି। ତେବେ ଖମାର ଘରୁ ସୁଡ଼ଙ୍ଗ ବାହାରିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏହି ଖମାରରେ ପୂର୍ବରୁ ଧାନ, ଚାଉଳ ଆଦି ଖାଦ୍ୟଶସ୍ୟ ମହଜୁଦ୍ ରଖାଯାଉଥିଲା। ଏହାକୁ ସୁରକ୍ଷିତ ରଖିବା ଲାଗି ତଳେ କାଠଗଣ୍ଡି ଦିଆଯାଇ କିଛି ନିର୍ମାଣ କରାଯାଇଥିଲା। ଏହା ସୁଡ଼ଙ୍ଗ ବୋଲି ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ। ଶୁକ୍ରବାର ସକାଳେ ପୁଣି ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଛନ୍ତି।

## ▪ଦୁର୍ଘଟଣା ପରେ ଡମ୍ପର ଚାଳକଙ୍କୁ ମାଡ଼ ମାରିବା ଘଟଣା
# ୭ ଗ୍ରାମବାସୀଙ୍କୁ ଗିରଫ କଲା ପୋଲିସ

**ରାଇରଙ୍ଗପୁର,୨୯।୮(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ଘଟିଥିବା ଏକ ଦୁର୍ଘଟଣାକୁ ନେଇ ଡମ୍ପର ଚାଳକ ବିଶ୍ୱନାଥ ହାଁସଦାଙ୍କୁ ମାଡ଼ ମାରିବା ଓ ଲୁହାଖଣି ମାଲିକଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ୭ ଗ୍ରାମବାସୀଙ୍କୁ ଗିରଫ କରିଛି। ବୁଧବାର ରାତିରେ ପୋଲିସ ଧାଙ୍ଗିଡିମୁତା ଗ୍ରାମରେ ଚଢାଉ କରି ଶ୍ୟାମ ସିଂ ଓରଫ ବାବୁଲୁ ଖୁଣ୍ଟିଆ, ନକୁଳ ସାହୁ, ହେମନ୍ତ ମଲ୍ଲିକ, ଛଟୁ ମଲ୍ଲିକ, ବିଶିକେଶନ ଓରଫ ରାଜୁ ଖୁଣ୍ଟିଆ, ହେମନ୍ତ ପାତ୍ର ଓ ଦିଲ୍ଲୀପ କୁମାର ନାଗଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ବାଦାମପାହାଡ଼ସ୍ଥିତ ଲାଲଟ୍ରେଡସ ଲୁହାଖଣି ମାଲିକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ଼ମ୍ପର ଧକ୍କାରେ ବାଇକରେ ବସି ଯାଉଥିବା ଧାଙ୍ଗିଡିମୁତା ଗ୍ରାମର ଜଣେ ବାଳିକା ଚନ୍ଦ୍ର ବଦ୍ରାଙ୍କ ଝିଅ ଆରତୀ ବଦ୍ରାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଡମ୍ପର ଚାଳକ ବିଶ୍ୱନାଥଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଖଣି କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଥିଲେ। ଡମ୍ପର ଚାଳକଙ୍କ ପ୍ରତି ଆକ୍ରମଣ ଏବଂ ଖଣି କାର୍ଯ୍ୟାଳୟ ଭଙ୍ଗାରୁଜା ସହ ଦୁର୍ଘଟଣା ମାମଲାରେ ପୋଲିସ ପକ୍ଷରୁ ୨ଟି ମାମଲା (ନଂ. ୩୪/୧୯ ଓ ୩୫/୧୯) ରୁଜୁ କରାଯାଇଥିଲା। ଲୋକଙ୍କ ମାଡ଼ରେ ଆହତ ବିଶ୍ୱନାଥଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ବଡ଼ ଡାକ୍ତରଖାନାକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି। ଏଥିନେଇ ବିଶ୍ୱନାଥଙ୍କ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ତାଙ୍କ ପରିବାର ଲୋକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବୁଧବାର ବାଦାମପାହାଡ଼ ଥାନାରେ ପହଞ୍ଚି ଥାନାଧିକାରୀ ମୁକୁନ୍ଦ ମେଲକାଙ୍କୁ ଭେଟି ବିଶ୍ୱନାଥଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସକାଶେ ଲିଖିତ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ପୋଲିସ ଗ୍ରାମବାସୀ ଏବଂ ପରିବାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଦୁର୍ଘଟଣାରେ ମହିଳାଙ୍କ ଜୀବନ ଗଲା

**ବନ୍ତ,୨୯।୮(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା-ବରପଦା ରାସ୍ତାର ବିଶଲକଣାଠାରେ ଗୁରୁବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ପୁରୁଣାବଜାର ଅଞ୍ଚଳର ସିତାରା ବିବି। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଆଗରପଡ଼ା ଥାନା ଘଣ୍ଟଗଡିଆ ଗ୍ରାମକୁ ଆସୁଥିଲେ। ଆଗରପଡ଼ା ପଟୁ ଆସୁଥିବା ଏକ ମାକ୍ସିମୋ ଗାଡ଼ି ସହିତ ତାଙ୍କର ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଆରୋହୀଙ୍କ ଗୋଡ଼ ଭାଙ୍ଗି ଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ଥିବା ଜଣାପଡ଼ିଛି। ଖବର ପାଇ ଆଗରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସନ୍ଧ୍ୟାରେ ଏହି ରାସ୍ତାରେ ପୋଲିସ ପକ୍ଷରୁ ହେଲ୍‌ମେଟ୍ ଚେକିଂ କରାଯାଉଥିବା ଖବର ପାଇ ସେମାନେ ତରବର ହୋଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କୋଣଭାବରେ ରହିଥିବାରୁ ଦୃଢ଼ ମନୋବଳ ନେଇ କର୍ମକ୍ଷେତ୍ରରେ ଅଗ୍ରସର ହେବେ। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗିରହିଥିବା ମନୋମାଳିନ୍ୟ ଦୂରେଇ ଯିବ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବୃଷ** ସପ୍ତମାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ଘଟଣା ସେମିତି କିଛି ଗୁରୁତର ହେବ ନାହିଁ ଅବଶ୍ୟ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସଭାସମିତିରେ କଥାକହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ମିଥୁନ** ବଳବାନ୍ ରାହୁ ରାଶିରେ ରହିଥିବାରୁ ଯେ କୌଣସି ପ୍ରକାରେ ନିଜର କାମ ହାସଲ ପାଇଁ ଚେଷ୍ଟିତ ହେବେ। ସ୍ୱକୀୟ ଚେଷ୍ଟାଦ୍ୱାରା ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଋଣ ପରିଶୋଧ କରିବା ପାଇଁ ମହାଜନୀ ଚାପର ବଶବର୍ତ୍ତୀ ହେବେ। ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** ଧନସ୍ଥାନରେ ଏକାଧିକ ଗ୍ରହ ରହିଥିବାରୁ ଅର୍ଥଲାଭ ସାଙ୍ଗକୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ବିତିବ। କିନ୍ତୁ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ନିଜ ସାଧନାର କୃତି ଓ କୃତିତ୍ୱର ସୁପରିଣାମସ୍ୱରୂପ ସମାଜରେ ପ୍ରତିଷ୍ଠିତ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ସ୍ଥଗିତ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରାଶିରେ ଏକାଧିକ ଗ୍ରହ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବାଣିଜ୍ୟ ଓ କଳା ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**କନ୍ୟା** ପାରିବାରିକ କ୍ଷେତ୍ରର କୌଣସି ଅତୀତ କଥା ମନକୁ ବାରମ୍ବାର ଆଲୋଡିତ କରିବ। ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ବନ୍ଧୁଙ୍କ ଉପରେ ସେମାନଙ୍କର ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଏଣୁ ଆପଣଙ୍କୁ ସମାଧାନ ସକାଶେ ମଧ୍ୟସ୍ଥତା କରିବାକୁ ପଡିପାରେ।

**ତୁଳା** ଲାଭସ୍ଥାନରେ ଗ୍ରହମାନେ ଆପଣଙ୍କୁ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିପାରନ୍ତି। ସନ୍ତାନ ହେତୁକ କୌଣସି ସମସ୍ୟା ମନକୁ ବିବ୍ରତ କରିବାର ସୂଚନା ରହିଛି। ନିର୍ଦ୍ଦିଷ୍ଟ ସମୟରେ କାମର ପୂର୍ଣ୍ଣତା ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାନସିକ ସ୍ତରରେ ସଂଯମତା କାରଣରୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡିବ।

**ଧନୁ** ମନ ଅନୁଯାୟୀ ପ୍ରତ୍ୟେକ କାମ କରିପାରୁଥିବାରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ମତପାର୍ଥକ୍ୟ କାରଣରୁ ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ। କିନ୍ତୁ କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିବ।

**ମକର** ମାନସିକ ଅସୁସ୍ଥତା କାରଣରୁ ଦେହ ଓ ମୁଣ୍ଡ ଦରଜ ଅନୁଭବ କରିବେ। ପାରିବାରିକ ଦୁଶ୍ଚିନ୍ତା ଅନେକାଂଶରେ ସ୍ୱାଭାବିକ ଜୀବନଯାତ୍ରାକୁ ପ୍ରତିହତ କରିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ।

**କୁମ୍ଭ** ସପ୍ତମରେ ଏକାଧିକ ଗ୍ରହ ରହିଥିବା କାରଣରୁ ଯାତ୍ରା ଓ ବିବାଦରୁ ଦୂରେଇ ରହିବା ଭଲ ହେବ। ତଥାପି ଆଜି ଦିନଟିରେ କେତେକ ପୁରାତନ କାମ ଶେଷ କରିବାକୁ ଅଗ୍ରାଧିକାର ଦେଇପାରନ୍ତି। ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ସ୍ୱାସ୍ଥ୍ୟ, କର୍ମକ୍ଷେତ୍ର, ବିଚାରଧାରା, ଶିକ୍ଷା, ସନ୍ତାନ ଓ ଆଲୋଚନା କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। କିନ୍ତୁ ଉତ୍ତରଭାଦ୍ରପଦ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହେବାକୁ ପଡିପାରେ। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେବାର ଆଶଙ୍କା ରହିଛି।

ଆଜି ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା, ଶ୍ରୀମନ୍ଦିରରେ ସପ୍ତପୁରୀ ଭୋଗ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବସ୍ତ୍ରହରଣ ଲୀଳା, ଅଗଷ୍ଟ ୩୦ ତାରିଖ ଶୁକ୍ରବାର, ଲଘୁ ଉଦ୍ୟୋଗ ଦିବସ, ରାଶି ନକ୍ଷତ୍ର-ମଘା/ସିଂହ, ଅମାବାସ୍ୟାର ଶ୍ରାଦ୍ଧ, ସକାଳ ଘ୬।୫୧ମି. ମଧ୍ୟେ ଘ୪।୪୫ମି. ଗତେ, ଘ୬।୨୧ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୧ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୪ମି. ଗତେ ଘ୧।୨୦ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୪୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

2BHK simplex 26,00,000/- finishing Hanspal (Bank finance available)- 9348576936, 9078740684. D-67053

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

3BHK in Krishna Towers facing Iscon Temple, Bhubaneswar for sale at 55,00000 negotiable. Contact: 9337261225, 8249966061. D-14107

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

Sthitiban plot sale 10 guntha near firestation Nuagada, Jajpur Road. 9348282843, 9437226098. D-66953

ଭୁବନେଶ୍ୱର **Infocity-2 boundary**କୁ ଲାଗି **mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ **9114955347, 8658962508.** D-66764

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

କଟକ-ଗୋପାଳପୁର ଧାନ୍ତୁଲେଇପିଠରୁ **3k.m sqft.250/-,** ବାଲକାଟି ବଜାରରୁ **2k.m sqft. 550/-** ନଖରା **DPS** ପାଖରେ **750/-** ରେ ଘରବାରି ପ୍ଲଟ ମିଳୁଅଛି। **9348020724, 7978939440.** D-66769

Selling big patch of land @ low price, Bhubaneswar. 6371090682. D-14101

**Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66951

Ready to move 2BHK flats near (KEC College), Puri bypass road, Bhubaneswar. 9861037729, 9040337729. D-63956

**7,50,000/-** ଟଙ୍କା ଦେଇ **1500sqft.** ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। **9040628648.** D-66775

ଭୁବନେଶ୍ୱର **Patia College** ରୁ **2k.m., 50'x30 = 1500sqft** କୁ **6,75,000/-** ଘରକରିବା ପାଇଁ ପ୍ଲଟ ମିଳୁଅଛି। **9937032327, 9583328312.** D-66766

ନଖରା ତ୍ରିନାଥବଜାରଠାରେ **SC plot** ଘରବାରି ପାଚେରି ସହ **1500**କୁ **5,25,000/, general plot sqft-400/-outright**ରେ ମିଳୁଅଛି। **9348847649, 8249243709.** D-66772

ଭୁବନେଶ୍ୱର ଜଟଣୀ ଗେଟ୍ **NH5** ରୁ ଅଳ୍ପଦୂରତାରେ **1200sqft, 2,16,000/, IIT Argul** ରେଲୱେଷ୍ଟେସନଠାରେ **1200sqft 2,00,000/-** ରେ **outright** ରେ ମିଳୁଅଛି । **9776974912, 8144706560.** D-66773




3BHK apartment with garage for family only at Bomikhal, Bhubaneswar: 9238574993. D-14112

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

ଭୁବନେଶ୍ୱର ହଂସପାଲଛକ **୬୦୦୦** ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

2100 sqft. house, GF, near CRP square, Bhubaneswar. Corporate residence-cum-office preferred. 9937344728, 06742554515. D-56652

**LEASE**

Italian ଓ Mexican ରେଷ୍ଟୁରାଣ୍ଟ ଖୋଲିବାପାଇଁ 1000-1200sqft ଦୋକାନ ଘର ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ହୋଟେଲ୍‌କୁ ଲିଜ୍‌ରେ ଦେବାପାଇଁ ଚାହୁଁଛନ୍ତି, କେବଳ ଭୁବନେଶ୍ୱର ଲୋକମାନେ ଯୋଗାଯୋଗ କରନ୍ତୁ। 9437581042, 9515883819. D-14098




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Newly open Herbal full body massage ladies & gents. 8018246332. D-66948

Excellent body massage and SPA provided by trained expert: 7991082881. D-56653

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Full body massage by expert ladies therapist Jogamaya 9861511572, 7327869094. D-66184

Welcome to Seva Enjoy sensual massage by smart Therapist: 6371291612. D-67049

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14103

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

It is notified that qualifying original B.Tech (ECE) certificate- Roll No. BT 70803, passed out year 2008 issued by BPUT, Rourkela of Daina Sahu is missing. If found contact: 7978321216. D-14114

**AFFIDAVIT**

By virtue of an affidavit, sworn before the Notary Public, Bhubaneswar on 19.08.2019 I, Sanghamitra Behera hereby declare that after marriage to Deepti Ranjan Lenka, I have changed my name from Sanghamitra Behera to Sanghamitra Lenka. Henceforth, I will be known as Sanghamitra Lenka for all purposes. At present my address is Madhusudan Nagar, Near Central School, Jatni, Po/Ps: Jatni, Dist: Khordha, Pin- 752050. D-14111

**ଜନ୍ମଦିନ ଶୁଭେଚ୍ଛା**



**ସଂଗ୍ରାମ ମହାରଣା (ବିକି)**

ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବିଶ୍ୱକର୍ମା ଭଗବାନ ତୋର ଚଲାପଥ କୁସୁମିତ କରନ୍ତୁ।

**ଶୁଭେଚ୍ଛା ସହ**

ଜେଜେ, ଜେଜେମା, ବଡ଼ବାବା, ବଡ଼ମା, ବାବା, ମାମା, ରୋଜି, ପାୟଲ, ଲକି, ପରିବାରବର୍ଗ ଏବଂ ସମସ୍ତ ବିଶ୍ୱକର୍ମା ପରିବାର।

ଧ-୧୪୧୦୯

# ଯୁବକଙ୍କୁ ନିସ୍ତୁକ ପିଟିଲେ ଏପିଆର୍ ହାବିଲଦାର

ବୌଦ୍ଧ,୨୯।୮(ସ୍ୱ.ପ୍ର.)

**ପୋଲିସର ଦାଦାଗିରି**
- ଭିଡିଓ ଭାଇରାଲ ପରେ ନିଲମ୍ବିତ, ତଦନ୍ତ ନିର୍ଦ୍ଦେଶ
- ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୪ ଗିରଫ

ବୌଦ୍ଧ ପୋଲିସର ଦାଦାଗିରି ଚରମସୀମାରେ ପହଞ୍ଚିଛି। ଏପିଆର୍ ହାବିଲଦାର ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ନିସ୍ତୁକ ପିଟିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି । ଉକ୍ତ ଭିଡିଓ ଦେଖିବା ପରେ ବିଭିନ୍ନ ମହଲରେ ପୋଲିସର ଏପରି ଥାର୍ଡଡିଗ୍ରୀକୁ ନିନ୍ଦା କରାଯାଇଛି । ଶେଷରେ ଏସ୍‌ପି ଭି. ରଘୁନାଥ ରାଓ ସମ୍ପୃକ୍ତ ହାବିଲଦାରଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଅନୁଗୋଳ ଜିଲା ଆଠମଲିକ ଥାନା ଅଧୀନ ନୀଳକଣ୍ଠପଡ଼ା ଗ୍ରାମର ବିଶ୍ୱରାଜ ଓରଫ ବିଶ୍ୱଜିତ୍ ଚାଉଳିଆ(୨୩) ନାମକ ଜଣେ ଯୁବକ ଗତ ୨୬ ତାରିଖରେ ଜଣେ ଛାତ୍ରୀଙ୍କୁ ଏକ ମୋବାଇଲ ଫୋନ ଦେଇଥିଲେ। ହେଲେ ଛାତ୍ରୀ ଜଣକ ମୋବାଇଲ ଫୋନକୁ ଫିଙ୍ଗି ଦେଇ ଘରକୁ ପଳାଇଥିଲେ। ୨୮ତାରିଖରେ ଛାତ୍ରୀ ଜଣକ ସାଙ୍ଗମାନଙ୍କ ସହ ବିଦ୍ୟାଳୟରୁ ଫେରୁଥିଲେ। ସେତିକିବେଳେ ବିଶ୍ୱଜିତ୍ କେତେଜଣ ସାଙ୍ଗଙ୍କୁ ଧରି ଛାତ୍ରୀଙ୍କୁ ଅଟକାଇ କାହିଁକି ମୋବାଇଲ ଫୋନ ନେଲ ନାହିଁ ବୋଲି ପଚାରିଥିଲେ। ଏପରି ଏହି ଘଟଣାକୁ ନେଇ ବିଶ୍ୱଜିତ୍ କୁଆଡ଼େ ସଂପୃକ୍ତା ଛାତ୍ରୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଗ୍ରାମର କେତେଜଣ ମହିଳା ଏହା ଦେଖି ବିଶ୍ୱଜିତ୍‌ଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ମହିଳାମାନେ ତାଙ୍କୁ ଅଟକାଇ ଛାତ୍ରୀଙ୍କ ଭାଇଙ୍କୁ ଖବର ଦେଇଥିଲେ। ଛାତ୍ରୀଙ୍କ ଭାଇ ଏପିଆର୍ ହାବିଲଦାର ରଞ୍ଜନ ମହାପାତ୍ରଙ୍କୁ ଡକାଇଥିଲେ। ହାବିଲଦାର ମହାପାତ୍ର ସାଦା ପୋଷାକରେ ପହଞ୍ଚି ଅଟକ ଥିବା ବିଶ୍ୱଜିତଙ୍କୁ ଗାଳିଗୁଲଜ କରିବା ସହ ଏକ ପ୍ଲାଷ୍ଟିକ ପାଇପ୍‌ରେ ନିସ୍ତୁକ ପିଟିଥିଲେ। ପରେ ସେ ପିସିଆର୍ ଭ୍ୟାନକୁ ଫୋନ କରି ଡକାଇଥିଲେ। ଏତିକିରେ ବି ହାବିଲଦାର ମହାପାତ୍ରଙ୍କ ମନ ଶାନ୍ତି ହୋଇ ନ ଥିଲା । ସେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ବିଶ୍ୱଜିତ୍‌ଙ୍କୁ ପୁଣି ଥରେ ପିଟି ପୋଲିସ ଗାଡିରେ ବସାଇ ଥାନାକୁ ପଠାଇଥିଲେ। ହାବିଲଦାର ମହାପାତ୍ରଙ୍କ ଦାଦାଗିରି ଓ ମାଡ଼ ମାରିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି । ଅନ୍ୟପକ୍ଷେ ବୌଦ୍ଧ ଥାନା ପୋଲିସ ସଂପୃକ୍ତା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ବିଶ୍ୱଜିତ୍ ଏବଂ ତାଙ୍କ ୩ ସାଙ୍ଗ ଶଙ୍କର ନାଏକ (୨୨), ଆଠମଲିକ ଥାନା ଅଧୀନ ସୋରିଷପଙ୍କ ଗ୍ରାମର ପ୍ରବୀଣ ନାଏକ (୧୯) ଏବଂ ବୌଦ୍ଧ ଥାନା ଅଧୀନ ସାନବଙ୍କାପଡ଼ା ଗ୍ରାମର ମଣ୍ଟୁ ସେଠୀ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୧୯୬/୧୯) ରୁଜୁ ହୋଇଛି।

ଏହି ଘଟଣା ପରେ ଏସ୍‌ପି ଏପିଆର୍ ହାବିଲଦାର ମହାପାତ୍ରଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପୂର୍ବରୁ ବିଶ୍ୱଜିତ୍ ବୌଦ୍ଧ ସାନବଙ୍କାପଡ଼ା ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ଘଟଣା ଦିନ ଏପିଆର ହାବିଲଦାର ଛୁଟିରେ ଥିଲେ। ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ହେଲେ ତାଙ୍କ ନାମରେ କୌଣସି ମାମଲା ରୁଜୁ ହୋଇନାହିଁ । ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ବିଶ୍ୱଜିତଙ୍କ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି।



ଭାଇରାଲ ଭିଡିଓରେ ଏପିଆର ହାବିଲଦାର ରଞ୍ଜନ ମହାପାତ୍ର ବିଶ୍ୱଜିତ୍‌ଙ୍କୁ ମାଡମାରୁ ଥିବା ଦୃଶ୍ୟ ।

## ଜିଲା ଟିଠି କୋରାପୁଟ



## ବିଡ଼ମ୍ବିତ ଜୀବନ ଜିଉଛନ୍ତି ବିସ୍ଥାପିତ

କୋରାପୁଟ ଜିଲାରେ ବିସ୍ଥାପିତଙ୍କ ସମସ୍ୟା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ଖଣିଜ ସମ୍ପଦ ଭର୍ତ୍ତି ଏହି ଜିଲାରେ ନାଲ୍‌କୋ, ହାଲ୍ ଭଳି ବୃହତ୍ କାରଖାନା ଏବଂ ଜଲାପୁଟ, କୋଲାବ, ତେଲେଙ୍ଗିରି ଭଳି ନଦୀବନ୍ଧ ପ୍ରକଳ୍ପ ପାଇଁ ହଜାର ହଜାର ପରିବାର ବିସ୍ଥାପିତ ହୋଇ ଭିଟାମାଟି ହରାଇ ଆସିଛନ୍ତି। ଦଶନ୍ଧି ଦଶନ୍ଧି ପରେ ମଧ୍ୟ ସେମାନଙ୍କୁ ଏଯାବତ୍ ଉଚିତ ଥଇଥାନ କରାଯାଇନାହିଁ। ସେଥିପାଇଁ ସେମାନେ ନିଜ ଅଧିକାର ଲାଗି ଲଢ଼େଇ ଚଳାଇ ଆସୁଛନ୍ତି ଓ ବିଭିନ୍ନ ସମୟରେ ଆନ୍ଦୋଳନ କରି ଦାବି ହାସଲ ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ୨୦୦୯ରେ ନାରାୟଣପାଟଣାରେ ଚାଷୀ ମୂଲିଆ ଆଦିବାସୀ ସଂଘ ପକ୍ଷରୁ ମଦମୁକ୍ତ, ଜମିମୁକ୍ତ ଓ ଗୋତିମୁକ୍ତ ଆନ୍ଦୋଳନ ଉଗ୍ର ରୂପ ନେଇଥିଲା। ଫଳରେ ଅଣଆଦିବାସୀଙ୍କ ବହୁ ଘର ଭାଙ୍ଗିଲା। ଭୟରେ ଏହି ଅଞ୍ଚଳର ପ୍ରାୟ ୨୫୦ ପରିବାର ନିଜ ଭିଟାମାଟି ଛାଡ଼ି କୋରାପୁଟ, ଲକ୍ଷ୍ମୀପୁର, ଦାମନଯୋଡ଼ିରେ ମୁଣ୍ଡ ଗୁଞ୍ଜିଥିଲେ। ପରେ ଏହି ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ଶତାଧିକ ଜିଲା ପ୍ରଶାସନ ସହାୟତାରେ ଭିଟାମାଟିକୁ ଫେରିଛନ୍ତି। କିନ୍ତୁ ଏବେ ମଧ୍ୟ ଅବଶିଷ୍ଟ ୧୪୮ଟି ପରିବାର କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବାବେଳେ ଅନେକ ପରିବାର ଅସ୍ଥାୟୀ କ୍ୟାମ୍ପରେ ଗୋଟିଏ ଛାତ ତଳେ ପରିବାର ସହ ମୁଣ୍ଡ ଗୁଞ୍ଜିଛନ୍ତି। ଦାମନଯୋଡ଼ିସ୍ଥିତ ନାଲ୍‌କୋ ଓ ସୁନାବେଡ଼ାସ୍ଥିତ ହାଲ୍ ଦ୍ୱାରା ବିସ୍ଥାପିତ ହୋଇଥିବା ଶତାଧିକ ପରିବାର ଏବେ ମଧ୍ୟ ଦୟନୀୟ ଜୀବନ ବିତାଉଛନ୍ତି। ସେହିପରି କୋଲାବ ଜଳଭଣ୍ଡାର ଦ୍ୱାରା ୧୪୭ଟି ଗ୍ରାମର ୧୩ ହଜାର ୩୫୦ ପରିବାର ପ୍ରଭାବିତ ହୋଇଥିଲେ। ପ୍ରକଳ୍ପ ପାଇଁ ୩୩୧୮ଟି ପରିବାର ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇଥିଲେ। ଯେଉଁ ୫୨୬ଟି ପରିବାର ହାତରେ ପଟ୍ଟା ରହିଥିଲା, ସେମାନଙ୍କୁ ଜିଲାର କୋଟପାଡ଼ ଅଞ୍ଚଳରେ ଥଇଥାନ କରାଯାଇଥିଲା। ପଟ୍ଟା ନ ଥିବା ବଳକା ପରିବାର ଏବେ ବି କୋରାପୁଟ ଜିଲାର ସଦର ଓ ବୈପାରିଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଦୟନୀୟ ଭାବେ ରହିଆସୁଛନ୍ତି। ୧୯୫୬ରେ ଶେଷ ହୋଇଥିବା ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଜିଲାର ନନ୍ଦପୁର ବ୍ଲକ ଅଧୀନ କୁଲାବିର, ଅତଣ୍ଡା, ପାଡୁଆ, ପରଜାବଡ଼ପଡ଼ା, ପାନ୍ଥଲୁଙ୍ଗ, କୁଲାରସିଂ, ପାଡୁଆ, ଗୋଲୁର ଭଳି ୮ଟି ପଞ୍ଚାୟତର ୨୯୩୮ଟି ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। କିନ୍ତୁ ସେଥିରୁ ୪୫୦ ଆଦିବାସୀ ପରିବାର ଓ ୧୫୦ ଜଣ ଅନ୍ୟ ସାଧାରଣ ପରିବାରକୁ ଥଇଥାନ କରାଯାଇଥିଲା। ତେବେ ପଟ୍ଟା ନ ଥିବା କ୍ଷତିଗ୍ରସ୍ତ ପରିବାର ଏବେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଅଞ୍ଚଳ, କୋରାପୁଟ ଜିଲାର ନନ୍ଦପୁର, ଲମତାପୁଟରେ ବିଡ଼ମ୍ବିତ ଜୀବନ କାଟୁଛନ୍ତି। ଏମାନଙ୍କର ନିଜର କୌଣସି ଜମି ନ ଥିବାବେଳେ ଜଙ୍ଗଲଜମିରେ ଚାଷବାସ କରି ରହିଆସୁଛନ୍ତି। ପାଖରେ ଜମିପଟ୍ଟା ନ ଥିବାରୁ ସରକାରଙ୍କ ଆବାସ ଯୋଜନାରେ ସେମାନେ ସାମିଲ ହୋଇପାରୁ ନାହାନ୍ତି। ଝାଟିମାଟି ଚାଳଘରେ ସେମାନଙ୍କ ଦିନ କଟୁଛି। ବିକାଶ ପାଇଁ ସରକାର ସିନା ବିଭିନ୍ନ ବୃହତ୍ ପ୍ରକଳ୍ପ କରୁଛନ୍ତି, କିନ୍ତୁ ବିସ୍ଥାପିତ ମେହନତୀ ମଣିଷଙ୍କୁ ଉପଯୁକ୍ତ ଥଇଥାନ କରୁନାହାନ୍ତି। ସରକାରଙ୍କ ଘୋଷିତ ବିକାଶ ଶହ ଶହ ବିସ୍ଥାପିତ ପରିବାର ପାଇଁ କେବଳ ଏକ ବିଡ଼ମ୍ବନା ହୋଇ ରହିନାହିଁ, ବରଂ ସେମାନଙ୍କ ଜୀବନକୁ ମଧ୍ୟ ବିଡ଼ମ୍ବିତ କରିଦେଇଛି।

– ଅମିତାଭ ବେହେରା

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ
# ଗଠନ ହେଲା ସଚିବ ସ୍ତରୀୟ କମିଟି

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଦୀର୍ଘଦିନ ଧରି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ଜୋର୍ ଧରିଛି। ପଶ୍ଚିମ, ଦକ୍ଷିଣ ଏବଂ ଉତ୍ତର ଓଡିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ବାରମ୍ବାର ଦାବି କରାଯାଉଛି। ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭିନ୍ନ ପ୍ରାନ୍ତରୁ ଆସି ବିଭିନ୍ନ ବର୍ଗର ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ବାରମ୍ବାର ଦାବି କରିଯାଇଛନ୍ତି। ଏପରି କି ଦଳମତ ନିର୍ବିଶେଷରେ ଶାସକ ଦଳ ନେତାମାନେ ମଧ୍ୟ ବିରୋଧୀଙ୍କ ସହ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରିଛନ୍ତି। ଗତ ୨୦୧୯ ସାଧାରଣ ନିର୍ବାଚନର ଖୁବ୍ କମଦିନ ପୂର୍ବରୁ ଏହି ପ୍ରସଙ୍ଗରେ ଦାବି ଜୋର୍ ଧରିବାରୁ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ ଗତ ମାର୍ଚ୍ଚ ୮ରେ ବିଚାର ବିଭାଗୀୟ କମିଶନ ସ୍ଥାପନ କରିଥିଲେ। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ମାତ୍ର ଉକ୍ତ କମିଟି ରିପୋର୍ଟ କଣ ଆସିଲା ସେନେଇ କିଛି ଜଣାପଡିନାହିଁ। ଏବେ ଏହି ପ୍ରସଙ୍ଗ ଜୋର ଧରିବାରୁ ସରକାର ପୁଣିଥରେ ଏହାର ସମାଧାନ ନିମନ୍ତେ ଏକ ସଚିବସ୍ତରୀୟ କମିଟି ଘୋଷଣା କରିଛନ୍ତି। ପରିସ୍ଥିତିକୁ ଏଡାଇବା ପାଇଁ ସରକାର ପୁଣି ଏକପ୍ରକାର ସମୟ ଗଡାଇବାର ବାହାନା ଖୋଜିଥିବା ବିରୋଧୀ ଅଭିଯୋଗ କରୁଛନ୍ତି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପ୍ରସଙ୍ଗରେ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସଚିବସ୍ତରୀୟ କମିଟିର ପୁନର୍ଗଠନ କରାଯାଇ ଏହି ପ୍ରସଙ୍ଗରେ ସମାଧାନର ରାସ୍ତା କାଢିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାୟୀ ବେଞ୍ଚ ସ୍ଥାପନ ନିମନ୍ତେ ହାଇକୋର୍ଟ ମୁଖ୍ୟ ବିଚାରପତି ଓ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସହ ବିଚାର ବିମର୍ଶ କରିବା ସକାଶେ ରାଜ୍ୟ ସରକାର ଗତ ମାର୍ଚ୍ଚ ୮ ତାରିଖରେ ଏକ ଅଫିସର ସ୍ତରୀୟ କମିଟି ଗଢିଥିଲେ। ରାଜ୍ୟ ସରକାର ବୁଧବାର ଉକ୍ତ ଅଫିସର ସ୍ତରୀୟ କମିଟିର ପୁନର୍ଗଠନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡିଛି ଯେ, ସଂଶୋଧିତ କମିଟିରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ପରିବର୍ତ୍ତେ ଉନ୍ନୟନ କମିଶନର ସୁରେଶ କୁମାର ମହାପାତ୍ରଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏଥିରେ ଆଉ ୪ ଜଣଙ୍କୁ ସଦସ୍ୟ ରଖାଯାଇଛି। ଏମାନଙ୍କ ମଧ୍ୟରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ଏଥିରେ ସଦସ୍ୟ ରହିଛନ୍ତି। ଏହାସହ ଗୃହ(ହାଇକୋର୍ଟ) ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ଏହି କମିଟିର ଆବାହକ ସଦସ୍ୟ ଭାବରେ ନିଯୁକ୍ତି ଦିଆଯାଇଛି। ତେବେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର କେଉଁ ସ୍ଥାନରେ କରାଯିବ ସେନେଇ କମିଟି ସ୍ଥିର କରିବ। ଏହାସହ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କମିଟି ବିଭିନ୍ନ ଦିଗରୁ ତର୍ଜମା କରିବ। ତେବେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ରାଜ୍ୟ ସରକାର ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ସକାଶେ ପ୍ରଥମେ ବିଚାର ବିଭାଗୀୟ କମିଶନ ସ୍ଥାପନ କରିଥିଲେ। ତେବେ ଏଥର ସରକାର ଏନେଇ କମିଟି ଗଠନ କରିଥିବା ବେଳେ କେତେଦିନ ମଧ୍ୟରେ କମିଟି ପକ୍ଷରୁ ରିପୋର୍ଟ ଆସି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ସେନେଇ କିଛି ଉଲ୍ଲେଖ ନାହିଁ।

## ଆଜି କ'ଣ କେଉଁଠି

**ବଲାଙ୍ଗୀର**
- ଜିଲା ସାମ୍ବାଦିକ ସଂଘର ୫୮ତମ ପ୍ରତିଷ୍ଠା ଦିବସ ସମାରୋହ, ସାମ୍ବାଦିକ ଭବନ, ପୂର୍ବାହ୍ଣ ୧୧ଟା ୧୫ ମିନିଟ୍।

**ଭବାନୀପାଟଣା**
- ଜାତୀୟ ଚକ୍ଷୁଦାନ ପକ୍ଷ ଉପଲକ୍ଷେ ଏଏନ୍‌ଏମ୍‌ଇସି ଓ ଜିଏନ୍‌ଏନ୍‌ଇସି ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ଣ ସାଢେ ୧୦ଟା ।
- ଏକତା ପରିଷଦ କଳାହାଣ୍ଡି ଶାଖା ପକ୍ଷରୁ ଜଙ୍ଗଲ ଜମି ଅଧିକାର ଦାବି ନେଇ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ଣ ୧୧ଟା ।
- ଜିଲା ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକି ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ଣ ୪ ଟା ।

**ପଡିଆବାହାଲ**
- ବିରାଟ ପାରାୟଣ, ସନାତନପାଲି ଜଗନ୍ନାଥ ମନ୍ଦିର, ସକାଳ ସାଢ଼େ ୮ଟା।

**ସମ୍ବଲପୁର**
- ଚାରା ରୋପଣ, ନକ୍ସାପାଲି ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲ, ପୂର୍ବାହ୍ଣ ୧୦ଟା ।
- ଚାରା ରୋପଣ, ଯୁଯୁମୁରା ବ୍ଲକ ଅନ୍ତର୍ଗତ ଗଡଗଡବାହାଲ, ପୂର୍ବାହ୍ଣ ୧୦ଟା ।
- ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍ ଉଦଘାଟନ, ଅଇଁଠାପାଲି ବସଷ୍ଟାଣ୍ଡ, ପୂର୍ବାହ୍ଣ ସାଢ଼େ ୧୦ଟା।

**ଦେଓଗାଁ**
- ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ବ୍ଲକ ସଭାଗୃହ, ପୂର୍ବାହ୍ଣ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କାମ୍ପା ଫଣ୍ଡରୁ ଅର୍ଥ ମିଳିବା ପରେ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ବନୀକରଣ ପାଇଁ କେନ୍ଦ୍ର ସରକାର କାମ୍ପା ଫଣ୍ଡରୁ ଓଡିଶାକୁ ସର୍ବାଧିକ ୫୯୩୩.୯୮ କୋଟି ଟଙ୍କା ଆର୍ଥିକ ସହାୟତାକୁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, କାମ୍ପା ଫଣ୍ଡରୁ ମିଳିଥିବା ଏହି ଅର୍ଥରେ ରାଜ୍ୟରେ ଅଧିକ ଗଛ ଲଗାଯାଇ ଓଡିଶାର ସବୁଜବଳୟକୁ ବୃଦ୍ଧି କରାଯାଇପାରିବ । ଏହାସହ ଏକ ସୁସ୍ଥ ଏବଂ ସ୍ୱଚ୍ଛ ପରିବେଶ ଗଢିବା ଏବଂ ଓଡ଼ିଶାର ଜୈବ ବିବିଧତାକୁ ସଂରକ୍ଷିତ କରିବାରେ ଏହି ଅର୍ଥ ସାହାଯ୍ୟ କରିବ ବୋଲି ସେ କହିଛନ୍ତି । ବନୀକରଣ ପାଇଁ ଦେଶର ୨୭ଟି ରାଜ୍ୟକୁ କେନ୍ଦ୍ର ସରକାର ସମୁଦାୟ ୪୭,୪୩୬ କୋଟି ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଏଥିରେ ଓଡିଶାକୁ ସବୁଠାରୁ ଅଧିକ ଟଙ୍କା ମିଳିଥିବାରୁ ରାଜ୍ୟ ଭାଜପାର ନେତୃବୃନ୍ଦ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାଜ୍ୟରେ ପୁନଃବନୀକରଣ ଓ ପର୍ଯ୍ୟାବରଣକୁ ସବୁଜ ସୁନ୍ଦର କରିବା ପାଇଁ ଏହି ଅର୍ଥ ବିଶେଷ ଭାବେ ସହାୟକ ହେବ ବୋଲି ଭାଜପା ମୁଖପାତ୍ର ଗୋଲକ ମାହାପାତ୍ର କହିଛନ୍ତି ।

# ଆଜିଠାରୁ ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ଯୁକ୍ତ ୨ କଲେଜଗୁଡିକରେ ଖାଲିଥିବା ସିଟ୍ ପୂରଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଥିବା ବେଳେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଶୁକ୍ରବାର ପୂର୍ବାହ୍ଣ ୧୧ଟାରୁ ଶନିବାର ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇ ପାରିବେ। ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ଲାଗି ମୋଟ ୩୯,୦୫୦ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୩୬, ୩୧୭ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ୧୬, ୯୩୬ ଜଣ ଛାତ୍ରୀ ରହିଥିବା ବେଳେ ୧୯,୩୮୧ଜଣ ଛାତ୍ର ରହିଛନ୍ତି।

## ହୀରାକୁଦ ଡ୍ୟାମ୍‌ର ୪ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୨୯।୮ (ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ଗୁରୁବାର ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି । ୪ଟି ଗେଟ ଦେଇ ପ୍ରତି ସେକେଣ୍ଡରେ ୮୫ହଜାର ୯୧୬ କ୍ୟୁସେକ ପାଣି ନିଷ୍କାସନ ହେଉଥିବାବେଳେ ପ୍ରତି ସେକେଣ୍ଡରେ ଡ୍ୟାମ୍‌କୁ ୯୭ ହଜାର ୮ କ୍ୟୁସେକ ପାଣି ପ୍ରବେଶ କରୁଛି । ପାୱାର ଚ୍ୟାନେଲରେ ୧୯ ହଜାର ୧୩୩, ବିଭିନ୍ନ କେନାଲରେ ୩ହଜାର ୨ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ରାତି ୭ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମର ତଳ ମୁଣ୍ଡ ବେଲଗାଁରେ ୨୦ ହଜାର ୫୦୦, ପର୍ଥଲାରେ ୫୫ ହଜାର ୧୧୯, ଖଇରମାଲରେ ୨ ଲକ୍ଷ ୫୦ ହଜାର ୫୦୦, ବରମୂଲାରେ ୨ଲକ୍ଷ ୫୨ ହଜାର ୨୫୦ ଓ ମୁଣ୍ଡଳିରେ ୩ଲକ୍ଷ ୨୬ ହଜାର ୭୯୦ ଜଳ ପ୍ରବାହିତ ହେଉଛି । ଡ୍ୟାମ ତଳ ମୁଣ୍ଡରେ ୧ ମି.ମି. ବର୍ଷା ହୋଇଛି । ଡ୍ୟାମରେ ଜଳସ୍ତର ୬୨୩.୧୯ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି।


CLASSIFIED DISPLAY















ମନେରଖ ! ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ–ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ।
–ଶ୍ରୀଅରବିନ୍ଦ

# ବୋଲକରା ଆର୍‌ବିଆଇ

ଦୀର୍ଘକାଳ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାର ମଧ୍ୟରେ ଟଣାଓଟରା ଚାଲିଥିଲା, ଯେଉଁଥିରେ ଦୁଇଜଣ ଆର୍‌ବିଆଇ ଗଭର୍ନରଙ୍କୁ ଆକସ୍ମିକଭାବେ ପଦତ୍ୟାଗ କରିବାକୁ ପଡ଼ିଥିଲା। କିନ୍ତୁ ଶେଷରେ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ ନିଜ ସୁବିଧା ଅନୁସାରେ ଚଳାଇବା ପାଇଁ ବାଟ ବାହାର କରିନେଇଛନ୍ତି। ରିଜର୍ଭ ବ୍ୟାଙ୍କ ତା'ର ୧.୭୬ ଲକ୍ଷ କୋଟି ଟଙ୍କାର ଉଦ୍‌ବୃତ୍ତ ପାଣ୍ଠି କେନ୍ଦ୍ର ସରକାରଙ୍କୁ ଦେବା ଲାଗି ରାଜି ହୋଇଯାଇଛି। ଏହି ବିପୁଳ ରାଶି ମଧ୍ୟରେ ଅଛି ୨୦୧୮–୧୯ ପାଇଁ ୧.୨୩ ଲକ୍ଷ କୋଟି ଟଙ୍କାର ଉଦ୍‌ବୃତ୍ତ (ଡିଭିଡେଣ୍ଡ) ଏବଂ ୫୨,୬୩୭ କୋଟି ଟଙ୍କାର ଅତିରିକ୍ତ ଜରୁରିକାଳୀନ ବ୍ୟବସ୍ଥା ପାଣ୍ଠି, ଯାହା ପୂର୍ବତନ ଆର୍‌ବିଆଇ ଗଭର୍ନର ବିମଲ ଜଲାନ୍‌ଙ୍କ ନେତୃତ୍ୱରେ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ଚିହ୍ନଟ ହୋଇଥିଲା ଏବଂ ଆର୍‌ବିଆଇ ବୋର୍ଡ ଦ୍ୱାରା ଗୃହୀତ ହୋଇଥିଲା। ଗତ କିଛିବର୍ଷ ଧରି କେନ୍ଦ୍ର ସରକାର ଓ ଆର୍‌ବିଆଇ ମଧ୍ୟରେ ଲାଗି ରହିଥିବା ଟଣାଓଟରାର ଏହାଦ୍ୱାରା ଏକପ୍ରକାର ପରିସମାପ୍ତି ଘଟିଛି। ଇତିମଧ୍ୟରେ ଆର୍‌ବିଆଇ ୨୮,୦୦୦ କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ଡିଭିଡେଣ୍ଡ ପ୍ରଦାନ କରିସାରିଛି ଏବଂ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ୯୦,୦୦୦ କୋଟି ଟଙ୍କା ଆର୍‌ବିଆଇଠାରୁ ପାଇବାକୁ ବଜେଟରେ ଘୋଷଣା କରି ସାରିଛନ୍ତି। ଏଣୁ ବାକି ୫୮,୦୦୦ କୋଟି ଟଙ୍କା ହେଉଛି ସରକାରଙ୍କର ଅପ୍ରତ୍ୟାଶିତ ଆୟ। ବର୍ତ୍ତମାନର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କର କେନ୍ଦ୍ର ସରକାରଙ୍କ ପ୍ରତି ସଦାକୃତଜ୍ଞ ଭାବ ଦୃଷ୍ଟିକୋଣରୁ ଏତେବଡ଼ ପରିମାଣ ପ୍ରଦାନ କରିବାର ନିଷ୍ପତ୍ତି ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ।

ଆର୍‌ବିଆଇ ଗଭର୍ନର ଦାସ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତଥା ନର୍ଥ ବ୍ଲକ୍‌ରେ ଥିବା ତାଙ୍କର ପୂର୍ବତନ ବସ୍‌ମାନଙ୍କୁ ଗଭର୍ନର ପଦରେ ନିଯୁକ୍ତି ପରଠାରୁ ସଦା ଖୁସି କରିବା ପାଇଁ ଚେଷ୍ଟା କରିଆସିଛନ୍ତି। ଗତ ଜାନୁୟାରୀ ମାସରୁ ଏପର୍ଯ୍ୟନ୍ତ ଆର୍‌ବିଆଇ ରେପୋ ରେଟ୍‌ରେ ମୋଟ ୧୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି ଏବଂ ଆଗକୁ ଆହୁରି ହ୍ରାସ କରିବା ପାଇଁ ସଙ୍କେତ ଦେଇଛି। ସଦ୍ୟତମ ନିଷ୍ପତ୍ତିରୁ ଜଣାପଡୁଛି ଯେ ସରକାରଙ୍କ ଆଗରେ ସେ ନଇଁବେ ବୋଲି ଆଶା କରାଯାଉଥିବା ବେଳେ ସେ ଗୁରୁଣ୍ଡିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି। ତାଙ୍କର ଏପରି ଖୋସାମଦିଆ ଗୁଣ ନିଶ୍ଚିତ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଭାବମୂର୍ତ୍ତିରେ ଆଞ୍ଚ ଆଣିବ।

## ଆଜିର ଅର୍ଥନୀତି

ଆଶ୍ଚର୍ଯ୍ୟର କଥା ହେଉଛି ସରକାର ଆର୍‌ବିଆଇଠାରୁ ବଜେଟରେ ମାତ୍ର ୯୦,୦୦୦ କୋଟି ଟଙ୍କା ପାଇବାକୁ ଆଶା ରଖିଥିବା ବେଳେ ଏବଂ ଅଧିକ ଟଙ୍କା ପାଇଁ କୌଣସି ଚାପ ପକାଇ ନ ଥିବାବେଳେ ବ୍ୟାଙ୍କ ଏକକାଳୀନ ଏତେ ଟଙ୍କା ଦେବା ପାଇଁ କାହିଁକି ଘୋଷଣା କଲା। ଜଲାନ୍ କମିଟିର ପ୍ରସ୍ତାବ ଅନୁଯାୟୀ ଉପଲବ୍ଧ ଇକ୍ୱିଟିକୁ ୫.୫ ପ୍ରତିଶତକୁ କମାଇବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏକକାଳୀନ ଏତେ ଟଙ୍କା ଦେବା ପାଇଁ ଘୋଷଣା ନ କରି ପର୍ଯ୍ୟାୟକ୍ରମେ ଦେଇଥିଲେ ବରଂ ଭଲ ହୋଇଥାନ୍ତା। ଆର୍‌ବିଆଇ ଏତେ ଟଙ୍କା କିପରି ସଞ୍ଚୟ କଲା ତାହା ମଧ୍ୟ ସ୍ପଷ୍ଟ ନୁହେଁ। ୨୦୧୮–୧୯ ଆର୍ଥିକ ବର୍ଷରେ ୧.୨୩ ଲକ୍ଷ କୋଟି ଟଙ୍କାର ଡିଭିଡେଣ୍ଡ ସଞ୍ଚୟ ସର୍ବୋଚ୍ଚ ଏବଂ ଏହା ପୂର୍ବବର୍ଷ ଡିଭିଡେଣ୍ଡର ଦୁଇଗୁଣରୁ ଅଧିକ। ଗୋଟିଏ ବର୍ଷରେ ଏତେ ଟଙ୍କା ସଞ୍ଚୟ କିପରି ସମ୍ଭବ ହେଲା ତାହା ଅନୁସନ୍ଧାନସାପେକ୍ଷ। ଭାରତ ସରକାର ହେଉଛନ୍ତି ଆର୍‌ବିଆଇର ସାର୍ବଭୌମ ମାଲିକ। ତେଣୁ ବ୍ୟାଙ୍କର ସଞ୍ଚିତ ଧନରାଶିର କିପରି ବିନିଯୋଗ କରାଯିବ ସେ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇପାରିବେ। ତଥାପି ସରକାର ସେପରି କରିବା ଦୁର୍ଭାଗ୍ୟଜନକ ହୋଇଥିବା ବେଳେ ବ୍ୟାଙ୍କ ଉକ୍ତ ବିପୁଳ ଧନରାଶି ସରକାରଙ୍କୁ ଉପହାର ଦେବା ଅଧିକ ଚିନ୍ତାଜନକ। ଏହି ଧନରାଶି ହେଉଛି ଆର୍‌ବିଆଇ ଦ୍ୱାରା ପିଢ଼ି ପରେ ପିଢ଼ି ଅନେକ ବର୍ଷ ଭିତରେ ସଞ୍ଚିତ ଇକ୍ୱିଟି। ଏଣୁ ଗୋଟିଏ ବର୍ଷରେ ନିଜର ଆବଶ୍ୟକତା ପୂରଣ ପାଇଁ କୌଣସି ସରକାର ଏହି ସଞ୍ଚିତ ଧନର ଏକାଂଶ ମଧ୍ୟ ନେଇ ଖର୍ଚ୍ଚ କରିବା ନୀତି ଦୃଷ୍ଟିରୁ ଠିକ୍ ନୁହେଁ। ଦେଶର ଦୁର୍ଦ୍ଦିନରେ ଏହି ଧନ ଖର୍ଚ୍ଚ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଜଲାନ୍ କମିଟି ସୂଚିତ କରିଛି।

ଆର୍‌ବିଆଇ କୃତଜ୍ଞତାବଶତଃ ଉକ୍ତ ବିପୁଳ ଧନରାଶି ସରକାରଙ୍କୁ ପ୍ରଦାନ କରିବାକୁ ଘୋଷଣା କରିଥିବା ବେଳେ ସରକାର ଏହି ଟଙ୍କାକୁ କିପରି ଖର୍ଚ୍ଚ କରିବେ ସେ ନେଇ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ସରକାର ଏହି ଅର୍ଥକୁ ନିଜର ବିତ୍ତୀୟ ନିଅଣ୍ଟ ଚାପକୁ ପ୍ରଶମନ କରିବା ପାଇଁ ବିନିଯୋଗ କରିପାରନ୍ତି। ସରକାରଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ କରଜନିତ ରାଜସ୍ୱ ହ୍ରାସ ଘଟିଥିବାରୁ ଏହି ଅପ୍ରତ୍ୟାଶିତ ଆୟ ତଜ୍ଜନିତ ଅଭାବ ପୂରଣ କରିବାରେ ସାହାଯ୍ୟ କରିବ। ଜିଏସ୍‌ଟି ଆଦାୟ ଆହୁରି ହ୍ରାସ ପାଇପାରେ। ଅର୍ଥନୀତିକୁ ଚଳଚ୍ଛକ୍ତିଶୀଳ କରିବା ପାଇଁ ଏହି ଅପ୍ରତ୍ୟାଶିତ ଆୟକୁ ବିନିଯୋଗ କରିବା ପରିବର୍ତ୍ତେ ଏହାକୁ ରାଜସ୍ୱ ହ୍ରାସର ଭରଣା ପାଇଁ ବ୍ୟବହାର କରାଯାଇପାରେ। ଆମେ ଆଶା କରୁଛୁ ଏହି ବିପୁଳ ଦାନରାଶିକୁ ସରକାର ଅତ୍ୟନ୍ତ ଦୂରଦର୍ଶିତାର ସହିତ ବିବେକାନୁମୋଦିତ ଭାବରେ ଖର୍ଚ୍ଚ କରିବେ।

# କଶ୍ମୀର ଓ ବିଜୁବାବୁ



ଇଂ. ମାୟାଧର ସ୍ୱାଇଁ

କେନ୍ଦ୍ର ସରକାର ଅଗଷ୍ଟ ପ୍ରଥମ ସପ୍ତାହରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଠାଇଦେଇ ଜମ୍ମୁ–କଶ୍ମୀରକୁ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କଲେ। ଅନୁଚ୍ଛେଦ ୩୭୦ ବଳରେ ଜମ୍ମୁ–କଶ୍ମୀର ପାଇଁ ଅନ୍ୟ ରାଜ୍ୟଠାରୁ କେତେକ ଅଲଗା ନିୟମ ଥିଲା, ଯେପରି ଏହାର ଅଲଗା ପତାକା ଓ ସମ୍ବିଧାନ। ଏହି ଅନୁଚ୍ଛେଦରେ ଥିବା ଧାରା ୩୫(କ) ଅନୁଯାୟୀ ଅନ୍ୟ ରାଜ୍ୟର ଅଧିବାସୀମାନେ ଜମ୍ମୁ–କଶ୍ମୀରରେ ଜମି ଓ ଅନ୍ୟ ସ୍ଥାବର ସମ୍ପତ୍ତି କ୍ରୟ କରିପାରୁ ନ ଥିଲେ। ଏପରିକି ସେଠାକାର ଲୋକମାନେ ଭାରତୀୟ ନାଗରିକ ହେବା ସହିତ ଜମ୍ମୁ ଓ କଶ୍ମୀରର ନାଗରିକ ଭାବେ ଗଣା ଯାଉଥିଲେ। ଏହି ରାଜ୍ୟର ଜଣେ ମହିଳା ଅନ୍ୟ ରାଜ୍ୟର ଲୋକଙ୍କୁ ବିବାହ କଲେ, ତାହାର ପୈତୃକ ସମ୍ପତ୍ତି ସମେତ ଅନ୍ୟ କେତେକ ଅଧିକାର ହରାଉଥିଲା। ଅନୁଚ୍ଛେଦ ୩୭୦ ହଟିବା ପରେ ଅଧିକାଂଶ ଭାରତୀୟ ଖୁସି ପ୍ରକଟ କରୁଥିବା ବେଳେ କେତେକେ ଏହାର ବିରୋଧ କରୁଛନ୍ତି। ଏହା ହେଉଛି ବର୍ତ୍ତମାନ ଦେଶର ସବୁଠୁ ଅଧିକ ଚର୍ଚ୍ଚିତ ବିଷୟ। କିନ୍ତୁ ଏଠାରେ ଏହି ବିବାଦ ଉପରେ ଆଲୋଚନା ନ କରି ଭାରତ ସହ ଜମ୍ମୁ ଓ କଶ୍ମୀରର ମିଶ୍ରଣରେ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରାଯାଇଛି। ପ୍ରଥମେ କଶ୍ମୀର ଭାରତରେ ମିଶିବାର ଘଟଣାକ୍ରମକୁ ଦେଖାଯାଉ।

ଇଂରେଜମାନେ ଭାରତରୁ ଯିବା ପୂର୍ବରୁ ଏହାକୁ ଦୁଇଟି ଦେଶ ଭାରତ ଓ ପାକିସ୍ତାନ ଭାବେ ବିଭକ୍ତ କରିଦେଲେ। ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ପାକିସ୍ତାନ ଗଠିତ ହେଲା ଓ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା। କିନ୍ତୁ ଇଂରେଜମାନେ ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଭାରତ କିମ୍ବା ପାକିସ୍ତାନରେ ନ ମିଶାଇ ଏହାକୁ ସେମାନଙ୍କ ଉପରେ ଛାଡ଼ିଦେଲେ। ସେମାନେ ନିଜ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ତାନରେ ଯୋଗ ଦେଇପାରିବେ କିମ୍ବା ନିଜେ ସ୍ୱାଧୀନ ହୋଇ ରହିପାରିବେ। ସ୍ୱାଧୀନତା ପାଇବା ପରେ ଭାରତର ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରଚେଷ୍ଟାରେ ୫୬୫ଟି ଗଡ଼ଜାତ ରାଜ୍ୟ ଭାରତରେ ମିଶିଲେ।

ସେତେବେଳେ କଶ୍ମୀରର ଶାସକ ଥିଲେ ମହାରାଜା ହରି ସିଂହ। ସେ ଭାରତ କିମ୍ବା ପାକିସ୍ତାନରେ ନ ମିଶି ସ୍ୱାଧୀନ ରହିବାକୁ ଇଚ୍ଛା କରିଥିଲେ। ସେ ନିଜ ଦେଶକୁ ପ୍ରାଚ୍ୟର ସୁଇଜରଲାଣ୍ଡ କରିବା ପାଇଁ ଚାହିଁଥିଲେ ଏବଂ ସୁଇଜରଲାଣ୍ଡ ଭଳି କଶ୍ମୀରକୁ ପୃଥିବୀର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କରିବାର ସ୍ୱପ୍ନ ଦେଖିଥିଲେ। କୌଣସି ଦେଶ ସହ ନ ମିଶିବାର କାରଣ ଭାବେ କୁହାଗଲା ଯେ ଭାରତରେ ମିଶିଲେ ଏହାର ସଂଖ୍ୟାବହୁଳ ମୁସ୍‌ଲିମ ନାଗରିକମାନେ ଅସନ୍ତୁଷ୍ଟ ହେବେ ଏବଂ ପାକିସ୍ତାନରେ ମିଶିଲେ ଅଳ୍ପସଂଖ୍ୟକ ହିନ୍ଦୁ ଓ ଶିଖ୍‌ମାନେ ହଇରାଣ ହେବେ। କିନ୍ତୁ ୧୯୪୭ ମସିହା ଅକ୍ଟୋବରରେ ସବୁକିଛି ଓଲଟପାଲଟ ହୋଇଗଲା। ପାକିସ୍ତାନର ଉତ୍ତର–ପଶ୍ଚିମ ସୀମାନ୍ତ ପ୍ରଦେଶର କେତେଜଣ ପାଶ୍ତୁନ ଜନଜାତି କଶ୍ମୀର ଆକ୍ରମଣ କଲେ। ଏହା ପଛରେ ପାକିସ୍ତାନ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥିଲା। ଏପରିକି ପାକିସ୍ତାନର ଅନେକ ସୈନ୍ୟ ଛଦ୍ମବେଶରେ ଏହି ଆକ୍ରମଣରେ ସାମିଲ ହୋଇଥିଲେ ଏବଂ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀ ଆକବର ଖାଁ ଏହାର ନେତୃତ୍ୱ ନେଇଥିଲେ। ଅକ୍ଟୋବର ଶେଷ ବେଳକୁ ପ୍ରାୟ ପାଞ୍ଚ ହଜାର ଆକ୍ରମଣକାରୀ କଶ୍ମୀରରେ ପ୍ରବେଶ କରିଥିଲେ। ସେମାନେ ତିନି ଦିନ ମଧ୍ୟରେ ମୁଜାଫରବାଦ, ଡୋମେଇ, ଗାରଭି ଓ ଚିନାରି ଅଧିକାର କରି ଉରି ଆଡ଼କୁ ଅଗ୍ରସର ହେଲେ। ସେମାନେ ଅନେକ ଗାଁରେ ନିଆଁ ଲଗାଇ ଲୁଟପାଟ କରିଥିଲେ। ଉରିଠାରେ ସେମାନଙ୍କୁ କଶ୍ମୀର ସେନାର ବ୍ରିଗେଡିୟର ରାଜିନ୍ଦର ସିଂହ ତିନିଶହ ସୈନିକଙ୍କ ସହ ପ୍ରତିରୋଧ କଲେ। ଏଥିରେ ବ୍ରିଗେଡିୟରଙ୍କ ସମେତ ଅଧିକାଂଶ ସୈନ୍ୟ ନିହତ ହେଲେ। କିନ୍ତୁ ସେମାନଙ୍କର ଏହି ସାହସିକ ଲଢ଼େଇ ଯୋଗୁ ମହାରାଜା ହରି ସିଂହଙ୍କୁ ଶ୍ରୀନଗରରୁ ଖସିଯିବା ପାଇଁ ଏବଂ ଭାରତ ସହ ମିଶ୍ରଣ ଚୁକ୍ତି କରିବା ପାଇଁ ସମୟ ମିଳିଗଲା।

୧୯୪୭ ଅକ୍ଟୋବର ୨୪ ତାରିଖରେ ମହାରାଜା ହରି ସିଂହ ସାହାଯ୍ୟ ପାଇଁ ଭାରତ ସରକାରଙ୍କୁ ଜରୁରୀ ଅନୁରୋଧ କଲେ। ତା' ପରଦିନ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ସଚିବ ଭି.ପି. ମେନନ୍ ଶ୍ରୀନଗର ଯାଇ ମହାରାଜାଙ୍କୁ ସ୍ଥଳପଥରେ ଜମ୍ମୁ ପଠାଇଦେଲେ। ସେତେବେଳକୁ ରାଜପ୍ରାସାଦକୁ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ସୈନ୍ୟ ମଧ୍ୟ ନ ଥିଲେ। ଅକ୍ଟୋବର ୨୬ ତାରିଖରେ ଭାରତ ସରକାରଙ୍କର ପ୍ରତିରକ୍ଷା ସଂକ୍ରାନ୍ତ କ୍ୟାବିନେଟ କମିଟି ଶ୍ରୀନଗରକୁ ଦୁଇ କମ୍ପାନୀ ସୈନ୍ୟ ପଠାଇବା ପାଇଁ ନିଷ୍ପତ୍ତି ନେଲା। ମାତ୍ର ବଡଲାଟ ମାଉଣ୍ଟ ବେଟେନ ଗୋଟିଏ ନିରପେକ୍ଷ ଦେଶକୁ ସେନା ପଠାଇବା ସପକ୍ଷରେ ନ ଥିଲେ। ଏଣୁ ମେନନ୍ ଜମ୍ମୁ ଯାଇ ମହାରାଜାଙ୍କୁ ପ୍ରସ୍ତାବ ଦେଲେ ଯେ ଭାରତ ସେନାର ସାହାଯ୍ୟ ପାଇବାକୁ ହେଲେ ଭାରତରେ କଶ୍ମୀରର ମିଶ୍ରଣ କରିବାକୁ ପଡ଼ିବ। ମହାରାଜା ଏଥିରେ ରାଜିହୋଇ ମିଶ୍ରଣ ଚୁକ୍ତିରେ ୧୯୪୭ ଅକ୍ଟୋବର ୨୬ ତାରିଖରେ ଦସ୍ତଖତ କଲେ। ମାତ୍ର ଏଥିରେ କଶ୍ମୀରକୁ କେତେକ ସ୍ୱତନ୍ତ୍ର ସୁବିଧା ଦେବା ପାଇଁ ପ୍ରସ୍ତାବ ଦେଲେ। ଏହି ପ୍ରସ୍ତାବକୁ ଅସ୍ଥାୟୀ ଉଲ୍ଲେଖ କରାଯାଇ ଭାରତ ସରକାର ଅକ୍ଟୋବର ୨୭ ତାରିଖରେ ଏହାକୁ ଗ୍ରହଣ କରିନେଲେ। ଏହି ଅସ୍ଥାୟୀ ପ୍ରସ୍ତାବ ୭୨ ବର୍ଷ ପରେ ବର୍ତ୍ତମାନ ହଟିଯାଇଛି।

ଭାରତ ସରକାର ପାକିସ୍ତାନୀ ଆକ୍ରମଣକାରୀଙ୍କ ଠାରୁ କଶ୍ମୀରକୁ ରକ୍ଷାକରିବା ପାଇଁ ୧୯୪୭ ଅକ୍ଟୋବର ୨୭ ତାରିଖରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦେୱାନ ରଣଜିତ ରାୟଙ୍କ ନେତୃତ୍ୱରେ ପ୍ରଥମ ଦଫାରେ ପ୍ରଥମ ଶିଖ୍ ରେଜିମେଣ୍ଟର ୧୭ ଜଣ ସୈନିକଙ୍କୁ ପଠାଇଲେ। ଅଧିକାଂଶ ସ୍ଥଳପଥ ଆକ୍ରମଣକାରୀଙ୍କ ଦ୍ୱାରା ଅବରୋଧ ହୋଇଥିବାରୁ ଏବଂ ସମୟ ଅଭାବରୁ ଆକାଶପଥରେ ସୈନ୍ୟମାନଙ୍କୁ ନେବା ଏକମାତ୍ର ବିକଳ୍ପ ଥିଲା। ପ୍ରଧାନମନ୍ତ୍ରୀ ନେହେରୁଙ୍କ ଅନୁରୋଧରେ ବିଜୁବାବୁ ଡାକୋଟା ବିମାନରେ ସୈନ୍ୟମାନଙ୍କୁ ନେଇ ଶ୍ରୀନଗର ବିମାନଘାଟିରେ ଅବତରଣ କରାଇଥିଲେ। ବିଜୁବାବୁ ଜଣେ ଦୁଃସାହସିକ ପାଇଲଟ ଭାବେ ଜଣା ଥିଲେ ଏବଂ ଏହି କାର୍ଯ୍ୟ ସେ ହିଁ କେବଳ କରିପାରିବେ ବୋଲି ନେହେରୁ ମନେ କରିଥିଲେ। ସେତେବେଳକୁ ଆକ୍ରମଣକାରୀମାନେ ଶ୍ରୀନଗର ବିମାନବନ୍ଦରକୁ ଅଧିକାର କରିଥିଲେ ନା ନାହିଁ, ତାହାର ଖବର ଜଣା ନ ଥିଲା। ଆକ୍ରମଣକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିବା ପାଇଁ ବିଜୁବାବୁ ବିପଜ୍ଜନକ ଭାବେ ବିମାନକୁ ଅତି କମ୍ ଉଚ୍ଚତାରେ ଉଡ଼ାଇ ନେଇଥିଲେ। ବିଜୁବାବୁ ସେହିଦିନ ଅନେକଥର ଦିଲ୍ଲୀରୁ ଶ୍ରୀନଗରକୁ ବିମାନ ଚଳାଇ ସୈନ୍ୟମାନଙ୍କୁ ସେଠାକୁ ନେଇଥିଲେ। ଫଳସ୍ୱରୂପ ଭାରତୀୟ ସୈନ୍ୟମାନେ ଆକ୍ରମଣକାରୀଙ୍କୁ ଶ୍ରୀନଗର ଦଖଲ କରିବାକୁ ଦେଇ ନ ଥିଲେ ଏବଂ ସେଠାରୁ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ବିଜୁବାବୁଙ୍କ ଯୋଗୁ କଶ୍ମୀର ରକ୍ଷା ପାଇ ଭାରତରେ ମିଶିଲା। ନେହେରୁଙ୍କ ସମେତ ଅନେକ ନେତା ବିଜୁବାବୁଙ୍କ ସାହସ ଓ କର୍ତ୍ତବ୍ୟନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ। କିନ୍ତୁ ଦୁଃଖର କଥା ଯେ, କଶ୍ମୀର ଯୁଦ୍ଧ ଇତିହାସ ଲେଖିବା ବେଳେ କେହି ବିଜୁବାବୁଙ୍କ ମହାର୍ଘ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିନାହାନ୍ତି।

ଏବେ ଅନୁଚ୍ଛେଦ ୩୭୦ ହଟିଯିବା ପରେ କଶ୍ମୀର ସର୍ବତ୍ର ଆଲୋଚନାର ବିଷୟ ହୋଇଛି ଏବଂ ଲୋକେ ବିଜୁବାବୁଙ୍କୁ ମନେ ପକାଉଛନ୍ତି। ଏପରିକି ଲୋକ ସଭାରେ ମଧ୍ୟ ତାଙ୍କର ଏହି ସାହସିକ କାର୍ଯ୍ୟର ଆଲୋଚନା ହୋଇଛି। ପ୍ରକୃତ ଅର୍ଥରେ ତାଙ୍କୁ ଭାରତର ଗୋଟିଏ ଅମୂଲ୍ୟ ରତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ।

୭୦, ଲକ୍ଷ୍ମୀବିହାର, ଫେଜ–୧, ଭୁବନେଶ୍ୱର,
ମୋ–୯୪୩୮୬୯୩୭୨୪

# ଆମାଜନ ନିଆଁ: ବିଶ୍ୱ ପାଇଁ ବିପଦ



ଡ. ଦେବାନନ୍ଦ ବେଉରା

ପୃଥିବୀର ବୃହତ୍ତମ ବୃଷ୍ଟିପୁଷ୍ଟ ଜଙ୍ଗଲ ଆମାଜନ ବର୍ତ୍ତମାନ ଜଳୁଛି। ସାରା ବିଶ୍ୱ ଏଥିପାଇଁ ଚିନ୍ତିତ। ଏତେ ବଡ଼ ଆମାଜନ ଜଙ୍ଗଲର ପ୍ରାୟ ୫୦ ପ୍ରତିଶତ ପ୍ରଚଣ୍ଡ ଅଗ୍ନିର ଆଁରେ କବଳିତ। ଦକ୍ଷିଣ ଆମେରିକାର ୪୦ ପ୍ରତିଶତ ଅଞ୍ଚଳକୁ ଘେରି ରହିଥିବା ଏହି ଜଙ୍ଗଲ ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରଫଳର ପ୍ରାୟ ଦୁଇତୃତୀୟାଂଶ ହେବ। କୁହାଯାଉଛି ଯେ ୨୦୧୩ ମସିହା ପରେ ଆମାଜନରେ ଜଙ୍ଗଲ ନିଆଁ ସର୍ବାଧିକ ରହିଛି, ଯାହା ପୂର୍ବବର୍ଷ ତୁଳନାରେ ୮୦ ପ୍ରତିଶତରୁ ଅଧିକ। ଏଥିସହିତ ୟୁରୋପୀୟ ସଂଘର ଉପଗ୍ରହ 'କୋପରନିକସ୍' ଦ୍ୱାରା ଆମାଜନ ଜଙ୍ଗଲ ନିଆଁର ତଥ୍ୟ ଆସିଛି। ସମଗ୍ର ବ୍ରାଜିଲ ସହିତ ପୂର୍ବ ଆଟଲାଣ୍ଟିକ ତଟ ପର୍ଯ୍ୟନ୍ତ ଧୂଆଁ ବ୍ୟାପୁଥିବା କଥା ଏହା ଦର୍ଶାଇଛି। ପାଖାପାଖି ବ୍ରାଜିଲର ଅର୍ଦ୍ଧାଧିକ ଅଞ୍ଚଳକୁ ଧୂମମୟ କରି ଏହା ପଡ଼ୋଶୀ ପେରୁ, ବଲିଭିଆ ଏବଂ ପାରାଗୁଏ ଆଡ଼କୁ ବ୍ୟାପିବା ଆରମ୍ଭ କରିଛି।

ଦକ୍ଷିଣ ଆମେରିକାର ୫.୫ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ବିଶ୍ୱର ବୃହତ୍ତମ ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିପୁଷ୍ଟ ଜଙ୍ଗଲ ଆମାଜନ ବିଶ୍ୱ ପରିବେଶକୁ ପରିପୁଷ୍ଟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନେକ ପ୍ରାକୃତିକ ଘାତ ପ୍ରତିଘାତ ସତ୍ତ୍ୱେ ଏହା ୫୫ ନିୟୁତ ବର୍ଷ ଧରି ନିଜର ସ୍ଥିତି ବଜାୟ ରଖିପାରିଛି। ପୃଥିବୀର ସର୍ବାଧିକ ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ଏହିଠାରେ ଦେଖାଯାନ୍ତି। ବିଶ୍ୱରେ ପରିଚିତ ପ୍ରତି ଦଶଟି ମଧ୍ୟରୁ ଅନ୍ୟୂନ ଗୋଟିଏ ପ୍ରଜାତି ଆମାଜନ ଜଙ୍ଗଲରେ ବାସ କରୁଥିବା ଦେଖିବାକୁ ମିଳେ, ଯାହା ଏକ ଉତ୍କୃଷ୍ଟ ତଥା ଅସମାନ୍ତରାଳ ଜୈବବିବିଧତାର ପରିଚାୟକ। ପ୍ରତି ଦୁଇଦିନରେ ଏଠାରେ ଗୋଟେ ନୂଆ ଜୀବ ପ୍ରଜାତି ଆବିଷ୍କୃତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅମ୍ଳଜାନ ଆମାଜନ ଜଙ୍ଗଲ ନିର୍ଗତ କରିଥାଏ। ଯେଉଁଥିପାଇଁ ତାକୁ ପୃଥିବୀର ଫୁସ୍‌ଫୁସ୍ କୁହାଯାଏ। କିନ୍ତୁ ବିଭିନ୍ନ ବାଟରେ ଜଙ୍ଗଲ କ୍ଷୟ ସାଙ୍ଗକୁ ଜଙ୍ଗଲ ନିଆଁ ଆମାଜନର ପରିସଂସ୍ଥାର ଅବକ୍ଷୟ କରିବା ସହିତ ବିଶ୍ୱ ପରିବେଶକୁ ବିପଦ ପହଞ୍ଚାଇ ଚାଲିଛି।

ଆମାଜନ ଜଙ୍ଗଲ ଅଙ୍ଗାରକାମ୍ଳ ବାଷ୍ପର ଏକ ବଡ଼ ଶୋଷକ ଭାବେ ପରିଚିତ। ଜୀବାଶ୍ମ ଜାଳେଣି ଯଥା କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍‌ର ଦହନରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳକୁ ଶୋଷଣ କରି ଏହା ପରିବେଶକୁ ବିଶୁଦ୍ଧ ରଖିବାରେ ସାହାଯ୍ୟ କରିଥାଏ। ଆଲୋକଶ୍ଳେଷଣ ପ୍ରକ୍ରିୟାରେ ପ୍ରଚୁର ଅଙ୍ଗାରକାମ୍ଳକୁ ବ୍ୟବହାର କରି ବୃକ୍ଷଲତା ବଢ଼ିବା ସହିତ ଜୀବନରକ୍ଷାକାରୀ ଅମ୍ଳଜାନ ନିର୍ଗତ କରିଥାନ୍ତି। ପ୍ରତ୍ୟକ୍ଷ ଭାବେ ଏହି ସୁବିସ୍ତୃତ ବୃଷ୍ଟିପୁଷ୍ଟ ଜଙ୍ଗଲ ବିଶ୍ୱତାପନକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠିର କହିବା କଥା ହେଉଛି ସାମ୍ପ୍ରତିକ ଜଙ୍ଗଲ ନିଆଁ ପୂର୍ବରୁ ଅନ୍ୟ ବାଟରେ ଜଙ୍ଗଲ କ୍ଷୟ ପାଇଁ ଆମାଜନ ବାର୍ଷିକ ଭିତ୍ତିରେ ପ୍ରାୟ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ଅବଶୋଷଣ କରିଥାଏ। ନିଆଁର ଆଁକୁ ଆସିଯିବା ପରେ ଏହି ଜଙ୍ଗଲ ଅଙ୍ଗାରକାମ୍ଳର ଶୋଷକ ହେବା ପରିବର୍ତ୍ତେ ଉତ୍ପନ୍ନର ଏକ ବଡ଼ ଉତ୍ସ ହେବାରେ ଲାଗିଛି। ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ପୃଥିବୀର ଯିଏ ରକ୍ଷାକବଚ ସାଜି ଆସିଥିଲା ତାହା ଏବେ ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ି ଜଳବାୟୁ ସନ୍ତୁଳନ ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି।

ଆମାଜନ ଜଙ୍ଗଲରେ ନିଆଁ ଲାଗିବା ଘଟଣାରେ ଏଠାକାର କୃଷକ ଏବଂ ଗୋପାଳନ ଫାର୍ମମାନଙ୍କୁ ଦାୟୀ କରାଯାଇଛି। କୃଷି ଏବଂ ଗୋପାଳନ ପାଇଁ ଆବଶ୍ୟକ କ୍ଷେତ୍ର ଯୋଗାଡ଼ରେ ଏମାନେ ଜଙ୍ଗଲ ସଫା କରନ୍ତି, ଯେଉଁଥିରେ ନିଆଁ ଲଗେଇ ଜଙ୍ଗଲ ପୋଡ଼ିବାକୁ ଆପଣେଇଥାନ୍ତି। ବର୍ତ୍ତମାନ ସେଠାରେ ସବୁଜିମା ଶୁଷ୍କ ଥିବାରୁ ସେମାନଙ୍କ ପାଇଁ ଏବେ ନିଆଁ ଲଗେଇବାର ଉତ୍କୃଷ୍ଟ ସମୟ। ଜଙ୍ଗଲ ସଫାକରି ଗୋଚାରଣ ଭୂମି ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ। ଆଇଏନ୍‌ପିଇର ବରିଷ୍ଠ ବୈଜ୍ଞାନିକ ଆଲବର୍ଟ ସେଜରଙ୍କ କହିବା ଅନୁସାରେ ୯୯ ପ୍ରତିଶତ ଜଙ୍ଗଲ ନିଆଁ ମନୁଷ୍ୟକୃତ। ଉଦ୍ଦେଶ୍ୟମୂଳକ ଭାବେ ହେଉ କିମ୍ବା ଦୁର୍ଘଟଣାଜନିତ ଉଭୟ କ୍ଷେତ୍ରରେ ମଣିଷ ଅଭିଯୁକ୍ତ। କ୍ଷୁଦ୍ର କୃଷି ପାଇଁ ହେଉ ବା ଯାନ୍ତ୍ରିକ ତଥା ଆଧୁନିକ କୃଷିଭିତ୍ତିକ ବାଣିଜ୍ୟ ପ୍ରୋଜେକ୍ଟ ପାଇଁ ଜଙ୍ଗଲ ହଜିଯାଉଛି ନିଆଁର କରାଳ ଗର୍ଭରେ। ଗୋମାଂସର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଗୋପାଳନ ଫାର୍ମଗୁଡିକ ସମ୍ପ୍ରସାରିତ ହେବା ସହିତ ଚାରଣଭୂମି ପାଇଁ ଜଙ୍ଗଲ ସଫାର ମାଧ୍ୟମ ସାଜିଛି ଜଙ୍ଗଲ ନିଆଁ। ଏଣେ ଗୋସମ୍ପଦ ସମୁଦାୟ ପଶୁସମ୍ପଦ ନିର୍ଗତ କରୁଥିବା ସବୁଜଗୃହ ବାଷ୍ପ ମିଥେନର ୪୧ ପ୍ରତିଶତ ନିର୍ଗମନ କରନ୍ତି, ଯାହା ବିଶ୍ୱ ସମୁଦାୟ ମିଥେନ ନିର୍ଗମନର ୧୪.୫ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମାଜନ ଜଙ୍ଗଲରେ ନିଆଁ ପରୋକ୍ଷରେ ଗୋମାଂସ ଭକ୍ଷଣର ଚାହିଦା ବୃଦ୍ଧି ଯୋଗୁ ଘଟୁଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏଥିସହିତ କାଠମାଫିଆ, ଜମିମାଫିଆ ଓ ବେଆଇନ ଭାବେ ଜଙ୍ଗଲ ସଫାକରି କୃଷିଖେତ ସୃଷ୍ଟି କରିବାର ମାନସିକତା ଜଙ୍ଗଲ କ୍ଷୟକୁ ବିସ୍ଫୋରକ ସ୍ଥିତିକୁ ଠେଲିଦେଇଛି।

ପୃଥିବୀର କୋଣ ଅନୁକୋଣରେ ସଂଘଟିତ ହେଉଥିବା ପରିବେଶ ପରିପନ୍ଥୀ ପ୍ରକ୍ରିୟା ବିଶ୍ୱ ଜଳବାୟୁ ପରିବର୍ତ୍ତନ ପାଇଁ ଖୋରାକ ଯୋଗାଇ ଚାଲିଛି। ଏଣୁ ବିଶ୍ୱ ସମୁଦାୟ ଯାକୁ ଅଣଦେଖା କରିବାର ଅବକାଶ ଆଉ ନାହିଁ। ଆମାଜନ ପରି ବୃହତ୍ ଜଙ୍ଗଲ ପ୍ରଚଣ୍ଡ ଅଗ୍ନିର ଆଁକୁ ଠେଲି ହୋଇଯାଇଛି, ଯାହା ଜଙ୍ଗଲ କ୍ଷୟ, ଉତ୍ତାପ ବୃଦ୍ଧି, ଧୂମବଳୟ ପରିବ୍ୟାପ୍ତି ପରି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ବିଶ୍ୱ ଜଳବାୟୁ ପାଇଁ ଏହା ସଦ୍ୟତମ ବିପଦ ଭାବେ ଉଭା ହୋଇଛି। ବ୍ରାଜିଲ ସମେତ ସମଗ୍ର ବିଶ୍ୱବାସୀ ଏହାର ନିରାକରଣ ନିମିତ୍ତ ଏକମନ, ଏକପ୍ରାଣ ହୋଇ ଆଗେଇ ନ ଆସିଲେ ଭବିଷ୍ୟତ ପାଇଁ ଏହା ମରଣାନ୍ତକ ସାଜିବ।

ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ମୋ–୯୮୬୮୨୮୩୪୭୨

## ଏଇ ଭାରତରେ

ଉତ୍ତରପ୍ରଦେଶ ମିର୍ଜାପୁରର ଅହୋରାହ ଥାନା ଅନ୍ତର୍ଗତ ବରାହୀ ଗାଁରେ ଦେଖିବାକୁ ମିଳେ ଏକ ଅଜବ ମେଳା। ଏହାକୁ ୩୫୦ ବର୍ଷର ପୁରୁଣା ମେଳା ବୋଲି କୁହାଯାଏ। ସ୍ଥାନୀୟ ଲୋକେ ଏହାକୁ ଭୂତମେଳା କୁହନ୍ତି। କାରଣ ଏଠାରେ ରାତିହେଲେ ଭୂତପ୍ରେତ ଚଳାଚଳ କରନ୍ତି ବୋଲି ଏହି ମେଳାର ନାମ ଏପରି ରଖାଯାଇଛି। ଦୀପାବଳି ପରେ ଏକାଦଶୀ ତିଥିରେ ୩ ଦିନ ଲାଗି ଏହି ମେଳା ଅନୁଷ୍ଠିତ ହୁଏ। ଏଠାରେ ଥିବା ଏକ ସମାଧିକୁ ପୂଜା କରାଯାଇଥାଏ। ଏହି ସମାଧି ହେଉଛି ବେଚୁବୀରଙ୍କର ଆଉ ଏହା ନିକଟରେ ରହିଛି ତାଙ୍କ ସ୍ତ୍ରୀ ବରାହୀଙ୍କ ସମାଧି। ଲୋକଙ୍କ ବିଶ୍ୱାସ ଅନୁଯାୟୀ ଯେଉଁମାନଙ୍କ ଉପରେ ଭୂତପ୍ରେତ ସବାର ହୋଇଥାଆନ୍ତି ତାକୁ ଦୂରେଇବା ପାଇଁ ଲୋକେ ଏଠାକୁ ଆସିଥାଆନ୍ତି। ବର୍ଷ ବର୍ଷ ଧରି ଏଠାକୁ ଆସୁଥିବା ଲୋକେ ସୁଫଳ ପାଆନ୍ତି ବୋଲି କୁହନ୍ତି। କେବଳ ସେତିକି ନୁହେଁ ଯେଉଁମାନଙ୍କର ସନ୍ତାନସନ୍ତତି ହେଉ ନ ଥାଏ ସେମାନେ ଏହି ମେଳାକୁ ଆସିଲେ ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ। କେବଳ ଅର୍ଦ୍ଧଶିକ୍ଷିତ ନୁହେଁ ବରଂ ଶିକ୍ଷିତ ଲୋକେ ମଧ୍ୟ ଏଠାକୁ ଆସି ପୂଜାର୍ଚ୍ଚନା କରୁଥିବା ଦେଖାଯାଏ।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ !

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୪

- ୧୫ଶ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାରେ ଭାରତ ୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ସହ ୫ମ ସ୍ଥାନ ହାସଲ କରିଛି।
- ପଶ୍ଚିମବଙ୍ଗର ମିଦିନାପୁର ଜିଲାରେ କେଲେଘାଇ ନଦୀରେ ନୌକା ବୁଡି ୩୭ ଜଣଙ୍କ ପ୍ରାଣହାନି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | B | | | | | | | | 6 | | | | |
| | 6 | | | | 5 | 0 | E | 2 | C | | 9 | | | |
| 9 | 5 | | | 4 | D | | 3 | | | 8 | 0 | | C | |
| 3 | | | | | | | | 4 | | | | | | E |
| | 8 | | 6 | | | | | D | 5 | 2 | | B | | |
| B | | 1 | | 6 | | C | | | | | | | | |
| | 4 | | C | D | | | 6 | 3 | 7 | | | | | |
| | | | | 2 | 3 | | A | | | D | | | | 8 |
| | 3 | 8 | 9 | | | | 2 | | E | | | | | 4 |
| | 0 | | | | 1 | | 8 | | 2 | | | A | | B |
| | | 0 | | | 8 | | | | | 1 | 6 | 7 | | |
| | | | | 9 | B | | | 0 | | 4 | | | | |
| 6 | A | 7 | | | | E | B | | | C | | 2 | | |
| 1 | | | | 5 | 7 | | | 9 | A | | | | | |
| | E | | | | | | C | | D | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | C | 0 | 3 | E | D | 5 | 1 | B | 8 | 6 | A | 4 | 2 |
| 3 | E | 2 | 1 | D | A | 0 | 9 | B | 4 | C | 7 | 5 | 6 | 8 |
| 1 | 5 | 8 | 2 | 6 | B | 4 | C | 7 | 0 | A | D | 3 | E | 9 |
| 0 | 6 | B | 8 | 9 | 4 | A | 3 | 2 | 5 | E | 1 | C | D | 7 |
| D | 4 | A | 5 | 7 | C | 6 | E | 8 | 3 | 2 | 9 | B | 0 | 1 |
| A | 1 | 3 | D | 4 | 8 | 9 | 2 | C | 6 | 0 | 5 | E | 7 | B |
| 8 | 0 | D | 9 | 1 | 5 | E | B | 6 | A | 7 | 3 | 4 | 2 | C |
| E | 7 | 4 | 6 | A | 2 | 5 | 8 | 3 | C | D | B | 9 | 1 | 0 |
| B | C | 9 | 7 | E | 3 | 1 | 0 | A | 2 | 4 | 8 | D | 5 | 6 |
| 6 | 2 | 5 | B | C | 0 | 7 | D | 4 | 1 | 9 | E | 8 | A | 3 |
| 5 | 3 | 0 | C | 8 | D | B | 1 | E | 7 | 6 | A | 2 | 9 | 4 |
| 9 | D | 6 | 4 | 2 | 7 | C | A | 5 | 8 | 3 | 0 | 1 | B | E |
| 2 | B | 7 | E | 5 | 6 | 3 | 4 | 9 | D | 1 | C | 0 | 8 | A |
| C | 8 | E | A | B | 1 | 2 | 7 | 0 | 9 | 5 | 4 | 6 | 3 | D |
| 4 | A | 1 | 3 | 0 | 9 | 8 | 6 | D | E | B | 2 | 7 | C | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷ୍ମାନ ଭାରତକୁ ମନା କାହିଁକି

ମହାଶୟ,

ଓଡ଼ିଶା ସ୍ୱାସ୍ଥ୍ୟସେବାରେ ଏକ ପଛୁଆ ରାଜ୍ୟ। ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେତେଦୂର ସଫଳ ହେଉଛି ତାହା ସମସ୍ତଙ୍କୁ ଜଣା। ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଡାକ୍ତର ଓ ରୋଗୀ ଅନୁପାତ ୧:୧୦,୦୦୦। ଏହି ପରିସ୍ଥିତିରେ ଓଡ଼ିଶା ସରକାର କାହିଁକି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ସାମିଲ ହେଉନାହାନ୍ତି ? ଆୟୁଷ୍ମାନ ଯୋଜନା ବିଶ୍ୱର ଏକ ବଡ଼ ସ୍ୱାସ୍ଥ୍ୟ ଯୋଜନା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହାର ପ୍ରଶଂସା କରିଛି। ଏସବୁ ଦୃଷ୍ଟିରୁ ଓଡ଼ିଶା ଖୁବ୍‌ଶୀଘ୍ର ଏହି ଯୋଜନାରେ ସାମିଲ ହେବା ଉଚିତ। ଏହାଦ୍ୱାରା ଓଡ଼ିଶାବାସୀ ଉପକୃତ ହେବେ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ପାକ୍ ସେନାଧ୍ୟକ୍ଷଙ୍କ କାର୍ଯ୍ୟକାଳ ବୃଦ୍ଧି ଅନ୍ତରାଳେ

ପାକିସ୍ତାନର ଇମ୍ରାନ ଖାଁ ସରକାର ପାକ୍ ସେନାଧ୍ୟକ୍ଷ ଜାଭେଦ ବାଜୱାଙ୍କ କାର୍ଯ୍ୟକାଳ ହଠାତ୍ ତିନି ବର୍ଷ ବଢାଇଦେବା ବିସ୍ମୟଜନକ ମନେହୁଏ। ଅବସର ନେବାକୁ ଯାଉଥିବା ଜଣେ ସେନାଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢାଇ ସରକାରୀ ନିୟମ କାନୁନକୁ ଜାଣିଶୁଣି ଇମ୍ରାନ ଖାଁ ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇପାରେ। ଏହା ସ୍ପଷ୍ଟ ଯେ, ସେନା ସହାୟତାରେ ଇମ୍ରାନ ଖାଁ ସରକାର ଗଢ଼ି ପାରିଛନ୍ତି। ସେନାକୁ ସନ୍ତୁଷ୍ଟ କରି ନିଜ ଗାଦିକୁ ସୁରକ୍ଷିତ ରଖିବା ପାଇଁ ସେ ସେନାଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢାଇଛନ୍ତି। ୩୭୦ ଧାରାକୁ ନେଇ ଭାରତ–ପାକିସ୍ତାନ ମଧ୍ୟରେ ଯେଉଁ ପ୍ରକାର ତିକ୍ତତା ସୃଷ୍ଟି ହୋଇଛି ଏଥିରେ ସାହାଯ୍ୟ କରିବା ପାଇଁ ଇମ୍ରାନ ଖାଁ ବାଜୱାଙ୍କ କାର୍ଯ୍ୟକାଳ ବଢ଼ାଇଛନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ,ପୁରୀ

### ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା

ରାଜ୍ୟ ସରକାର ୧୫ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଦୁଇଜଣ ଅବସରପ୍ରାପ୍ତ ଅଧିକାରୀଙ୍କ ପେନ୍‌ସନ ବନ୍ଦ କରିଦେଇଛନ୍ତି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା (ଜିରୋ ଟଲରାନ୍ସ) ନୀତି କାର୍ଯ୍ୟରେ ପ୍ରତିଫଳିତ ହୋଇଛି। ତେବେ ରାଜ୍ୟ ପ୍ରଶାସନରେ ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତି ଏତେ ବ୍ୟାପିଯାଇଛି ଯେ, ସେ ତୁଳନାରେ ଏହି କାର୍ଯ୍ୟାନୁଷ୍ଠାନ ଆଦୌ ଯଥେଷ୍ଟ ନ ହେଲେ ମଧ୍ୟ ଏହା ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟକୁ ପ୍ରମାଣିତ କରୁଛି। ଦଣ୍ଡିତ ହୋଇଥିବା ଏହି ଅଧିକାରୀ ଓ କର୍ମଚାରୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ପ୍ରମାଣିତ ହୋଇସାରିଛନ୍ତି। ମାତ୍ର ରାଜ୍ୟସାରା ଯେଉଁ ହଜାର ହଜାର ଦୁର୍ନୀତିରେ ଲିପ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ସେମାନେ କିପରି ଦୁର୍ନୀତି ନିବାରଣ ବିଭାଗ ନଜରକୁ ଆସିବେ ତା' ଉପରେ ଗୁରୁତ୍ୱ ଦିଆଯାଉ। ଦୁର୍ନୀତି ବିରୋଧରେ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ଏହି କଠୋର ଆଭିମୁଖ୍ୟ ଅଧିକ ବ୍ୟାପକ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁଶୀଲ


ଦିନେଶ


ସୌମ୍ୟ


ଗୋପୀନାଥ


ବିଜୟ


ରୁଦ୍ର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ■ଭିଜିଲାନ୍ସ କୋର୍ଟରେ ରାୟ ପ୍ରକାଶ

# ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୨୯।୮(ଡି.ଏନ.ଏ.)

୨୦୧୬ର ଏକ ଭିଜିଲାନ୍ସ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହି ମାମଲାର ଶୁଣାଣି କରି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଧାନ କୁମାର ଚାନ୍ଦ ଅଭିଯୁକ୍ତ ଅବକାରୀ ସବଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡା ଓ ତାଙ୍କ ସହଯୋଗୀ ଭବାନୀଶଙ୍କର ଭୋଇଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ତା୨୨।୬।୨୦୧୬ରିଖରେ ତୁଷୁରାରୁ ଏକ ଟ୍ରକ୍ (ନଂ.ଓଆର୧୬ବି ୨୨୮୧)ରେ ୪୭ କୁଇଣ୍ଟାଲ ମହୁଲ ଫୁଲ ଯାଉଥିଲା । ସେହି ଟ୍ରକ୍‌ର ଚାଳକ ଥିଲେ ଗୋପାଳ ଚନ୍ଦ୍ର ବିଶି। ମଦନପୁର ରାମପୁରଠାରେ ଅବକାରୀ ସବ୍‌ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ଉକ୍ତ ଟ୍ରକକୁ ଯାଞ୍ଚ କରିଥିଲେ। ବିନା ପରମିଟରେ ମହୁଲ ଯାଉଥିବା ଜାଣିବା ପରେ ଟ୍ରକ ଜବତ କରିବା ସହ ଚାଳକ ଗୋପାଳଙ୍କ ନାମରେ ଏକ ମାମଲା (ନଂ. ୨ (ଏ) ସିସି ୪୫/୨୦୧୬) ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଏହାପରେ ଅବକାରୀ ସବ୍‌ଇନ୍ସପେକ୍ଟର ପରିଡା ଅଲାତରାର ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ରବି ଶର୍ମାଙ୍କୁ ଫୋନ କରି ଏ କଥା ଜଣାଇଥିଲେ । ଶର୍ମା ମହୁଲ ବ୍ୟବସାୟ କରିବା ସକାଶେ ମୋ ପାଖରେ ଲାଇସେନ୍ସ ଅଛି, ଜବତ ହୋଇଥିବା ମହୁଲ ମୋର ନୁହେଁ ବୋଲି ପ୍ରକାଶ କରିଥିଲେ। ଏହା ପରେ ସବଇନ୍ସପେକ୍ଟର ପରିଡା ଫୋନ କରିବାରୁ ଶର୍ମା ଏହି ବ୍ୟବସାୟ ମୋ ଛୋଟ ଭାଇ ଆକାଶ ଶର୍ମା ବୁଝୁଛି, ତାଙ୍କ ସହିତ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ଏହାପରେ ଆକାଶଙ୍କ ସହିତ ପରିଡ଼ା ଯୋଗାଯୋଗ କରିଥିଲେ । ତୁମେ ୧୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ତୁମକୁ ବି ଗିରଫ କରାଯିବ ବୋଲି ସେ ଧମକ ଦେଇଥିଲେ। ଏହା ପରେ ଶର୍ମା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିବା ତାଙ୍କ ଲିଖିତ ଅଭିଯୋଗରୁ ଜଣାପଡିଛି। ଶର୍ମାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଦାବି ମୁତାବକ ୧୦ହଜାର ଟଙ୍କା ଧରି ଆକାଶ ଅବକାରୀ ଅଫିସରେ ଅପେକ୍ଷା କରିଥିଲେ । ହେଲେ ଲାଞ୍ଚ ଟଙ୍କା ଜଣେ ସହଯୋଗୀ ଭବାନୀଶଙ୍କର ଭୋଇଙ୍କ ଜରିଆରେ ଦେବାକୁ ପରିଡା କହିଥିଲେ । ଭବାନୀଶଙ୍କର ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ଟଙ୍କା ଜବତ କରିବା ସହିତ ଉଭୟ କୃଷ୍ଣଚନ୍ଦ୍ର ଓ ଭବାନୀଶଙ୍କରଙ୍କୁ ଗିରଫ କରିଥିଲେ । ଏ ନେଇ କୋରାପୁଟ ଭିଜିଲାନ୍ସରେ ଏକ ମାମଲା(ନଂ.୩୬/୧୬) ଓ ଭବାନୀପାଟଣା ଭିଜିଲାନ୍ସରେ ଅନ୍ୟ ଏକ ମାମଲା (ନଂ. ୧୮/୧୬) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏହି କେସର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଧାନ କୁମାର ଚାନ୍ଦ ପ୍ରମାଣ ଅଭାବରୁ ଉଭୟ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ଏହି କେସ ମୁଦାଲାମାନଙ୍କ ତରଫରୁ ଆଇନଜୀବୀ ଦିଲୀପ କୁମାର ସା ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ କୋଟିପତି ଶିକ୍ଷକ ଦମ୍ପତି

ବ୍ରହ୍ମପୁର ଅଫିସ,୨୯।୮

ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁରୁବାର ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗଉଞ୍ଜୁ ବାଉରୀବନ୍ଧୁ ପାଳ ହାଇସ୍କୁଲ ସହକାରୀ ଶିକ୍ଷକ ସଦାନନ୍ଦ ପାଢ଼ୀଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଟକ ରଖାଯାଇଛି। ଏଥିସହ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧ କୋଟି ୯୮ ଲକ୍ଷ ୭୫ ହଜାର ୬୭୯ ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି।

ଗୁରୁବାର ଭିଜିଲାନ୍ସ ପକ୍ଷରୁ ଶିକ୍ଷକ ସଦାନନ୍ଦଙ୍କ ଗଉଞ୍ଜୁସ୍ଥିତ ବାସଭବନ, ଆଙ୍କୁଲି ଗୋବିନ୍ଦ ନଗରରେ ଥିବା ୩ ମହଲା ବିଶିଷ୍ଟ ଘର, ଆଙ୍କୁଲିରେ ଆଉ ଏକ ୨ ମହଲା ଘର ଓ ଶିକ୍ଷକତା କରୁଥିବା ବିଦ୍ୟାଳୟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଶିକ୍ଷକ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କ ନାମରେ ଥିବା ୫ ଗୃହ ଉପଯୋଗୀ ପ୍ଲଟର ମୂଲ୍ୟ ୪୪ ଲକ୍ଷ ୮୦ ହଜାର ୮୧୦ ଟଙ୍କା ଆକଳନ କରାଯାଇଥିବା ବେଳେ ଆଙ୍କୁଲି ଗୋବିନ୍ଦନଗରର ଥିବା ୩ ମହଲା ବିଶିଷ୍ଟ ଘରର ମୂଲ୍ୟ ୮୨ ଲକ୍ଷ ୮୨ ହଜାର ୫୦୨ ଟଙ୍କା ଆକଳନ କରାଯାଇଛି। ସେହିପରି ଆଙ୍କୁଲିରେ ଥିବା ଆଉ ଏକ ଦୁଇ ମହଲା ଘର ମୂଲ୍ୟ ୨୭ ଲକ୍ଷ ୧୪ ହଜାର ଆକଳନ ହୋଇଛି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମୁଦ୍ରା ପ୍ରବନ୍ଧନ ବିଭାଗ, ମୁମ୍ବାଇ

**ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ନିମନ୍ତେ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ବ୍ୟାଙ୍କନୋଟ ପରିବହନପାଇଁ ଆର.ବି.ଆଇ ନିର୍ଗମ ବିଭାଗମାନଙ୍କୁ ଆବଶ୍ୟକତା ଅନୁସାରେ ଉପଯୁକ୍ତ ବୈଶିଷ୍ଟ୍ୟ ଥିବା ବନ୍ଦ ବାହାନ (ରୁଦ୍ଧଦ୍ୱାର କଣ୍ଟେନର) ଯୋଗାଇବାପାଇଁ, ଯୋଗ୍ୟତାପ୍ରାପ୍ତ ଏବଂ ସମର୍ଥ ଠିକାଦାରଙ୍କୁ ସୂଚିଭୁକ୍ତ କରିବା ନିମନ୍ତେ ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ଆମନ୍ତ୍ରଣ କରୁଅଛି । ଅଧିକ ସମ୍ବନ୍ଧୀୟ ତଥ୍ୟ ଜାଣିବାପାଇଁ ଏବଂ ଆବେଦନ କରିବା ପାଇଁ ଇଚ୍ଛୁକ ପରିବହନ ଠିକାଦାରମାନେ ବ୍ୟାଙ୍କର ୱେବସାଇଟ **(www.rbi.org.in)**ର **"ଟେଣ୍ଡର"** ଅନୁଭାଗକୁ ଯାଇ ଦେଖିପାରିବେ । ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ଆବେଦନର **ଶେଷ ତାରିଖ ୧୧.୧୦.୨୦୧୯ ଅପରାହ୍ଣ ୦୩ :୩୦ ଘଟିକା** ପର୍ଯ୍ୟନ୍ତ ରହିବ । ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ସମ୍ବନ୍ଧୀୟ କୌଣସି ସଂଶୋଧନ/ରୂପାନ୍ତରଣ/ ପରିବର୍ତ୍ତନ ଏବଂ ଶୁଦ୍ଧିପତ୍ର ଭବିଷ୍ୟତରେ RBI ୱେବସାଇଟରେ ଅଧିସୂଚିତ ହେବ।

ପ୍ରଭାରୀ ମୁଖ୍ୟ ମହା-ପ୍ରବନ୍ଧକ



**भारतीय विज्ञान शिक्षा एवं अनुसंधान संस्थान बरहमपुर**
**IISER Indian Institute of Science Education and Research Berhampur**
Established by the Ministry of HRD, Govt. of India | Transit Campus: Govt. ITI Berhampur-760010

Tender Enquiry Nos. IISERBpr/S&P/2019-20/45 — August 26, 2019

| Description | EMD Rs. | Pre Bid Meeting | Last date for submission of bids |
|---|---|---|---|
| Hiring of Vehicles on on-call basis-IISER Berhampur | ₹5,000 | 03.09.2019 | 18.09.2019 |

Last date for submission of tenders complete in all respect and confirming entirely to the specifications along with all necessary documents by post / by hand is on or before 1500 hrs of 18.09.2019. Complete detail and the tender document is available on Institute website i.e. http://www.iiserbpr.ac.in/tender.php and https://eprocure.gov.in. Any corrigendum etc will be notified on the above websites only.

क्रय एवं भण्डार अधिकारी



Estd. - 2009
A Government Engineering College
E-mail - pmecbam@gmail.com
Website - www.pmec.ac.in

**PARALA MAHARAJA ENGINEERING COLLEGE**

*(A constituent college of Biju Patnaik University of Technology, Odisha, Rourkela)*
SITALAPALLI: BERHAMPUR: DIST.:- GANJAM: PIN - 761003

No. PMEC/Estt./ 1703 — Date:- 27.08.2019

**TENDER FOR RUNNING OF MESS IN DIFFERENT HOSTELS**
**Bid Ref No. PMEC/WH/2019/TENDER/01 Date:- 26/08/2019**

Sealed tenders are invited from the registered caterer with valid GST No. and PAN for running of Mess in different Hostels of this college for a period one year. The tender document is available in the college website i.e. **www.pmec.ac.in**.

The undersigned reserve the right to extend the date and accept and reject any or all tenders without assigning any reason thereof.

Sd/-
Principal
PMEC, Berhampur



**BHUBANESWAR MUNICIPAL CORPORATION**

**No.23809 COMPETITIVE BIDDING THROUGH e-Procurement Dt.28/08/19**

**NOTICE INVITING TENDER**
**Bid Reference No. BMC-EE DIV-1-04/2019-20, Dt.28.08.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. **(BMC-EE DIV-I-04/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **11** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 239457/- to Rs.6432714/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 01.09.2019 to 5 P.M of 10.09.2019** for online bidding.
8. Bids received will be opened from e-procurement system at **4.30 P.M onwards on 11.09.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 11 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer,**
**BMC Division No.-I**

**Progress Through Partnership for a Better Bhubaneswar**


## କଥା ଦେଇ ପାସରିଦେଲେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ

# ଭଏଭୀତ ଅବସ୍ତାରେ ଗାଁବାସୀ


ନଏଦ୍ ଖଁଡ଼ିରେ ବିପଦ୍ ଅବସ୍ତାରେ ଟ୍ରାନ୍ସଫର୍ମର।

ବିନିକା,୨୯।୮(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାରଙ୍ଗପାଲି ଗାଁର ୫୦ରୁ ଅଧିକା ଚାଷୀ ଉଠା ଜଳସେଚନ ଭରସାରେ ଫିବଛର ୭୦ ହେକ୍ଟର ଜମିରେ ଧାନଚାଷ୍ କରୁଛନ୍। ଜିରାନଦୀରୁ ଲିଫ୍ଟ ଜରିଆରେ ଚାଷୀ ଜମିକେ ପାଏନ୍ ମଡ଼ଉଛନ୍। ଇଥିରଲାଗି ଜିରାନଦୀ ଖଁଡ଼ିରେ ୨ଟା ଲିଫ୍ଟ ପଏଣ୍ଟ ଅଛେ। ହେଲେ ଗଲାବଛର ଜିରାନଦୀରେ ଆସିଥିବାର ବଢ଼ିରେ ୨ ନଂ. ଲିଫ୍ଟ ପଏଣ୍ଟର ୧୧ କେଭି ବିଦ୍ୟୁତ୍ ତାର ଆର ଟ୍ରାନ୍ସଫର୍ମର ଅଚଲ ହେଇଯାଇଥିଲା। ଇ ବାବ୍‌ଦେ ଥାନୀୟ ଚାଷୀ ବିନିକା ବିଦ୍ୟୁତ୍ ବିଭାଗ ଜେଇ ଆର ଏସ୍‌ଡିଓକୁଁ ଜନେଇଥିଲେ। ପଛେ ୨ନଂ. ଲିଫ୍ଟ ପଏଣ୍ଟର ଚାଷୀମାନେ ଟଁକା ଠୁଲେଇ ବିଦ୍ୟୁତ୍ ବିଭାଗରେ ଜମା କଲାରୁ ବିଭାଗ ତରଫୁ ନୂତନ ଟ୍ରାନ୍ସଫର୍ମର ଥାପନ କରାଯାଇଥିଲା। ହେଲେ ଇ ନୂତନ ଟ୍ରାନ୍ସଫର୍ମର ଥାପନା ବେଲେ ବିଭାଗ୍ ସୁରକ୍ଷାକେ ଗୁରୁତ୍ ନାଇଁଦେଇ। ଯେନ୍‌ଥିରଲାଗି ଗଲା ବଛର ବଢ଼ିରେ ଉପଡ଼ି ପଡ଼ିଥିବାର ବିଦ୍ୟୁତ୍ ଖୁଁଟା ଆଏଜ୍ ବି ସେନ୍‌ଥେଇ ପଡ଼ି ରହିଛେ। ୨ ନଂ. ଲିଫ୍ଟ ଅଧୀନ ଚାଷୀମାନେ ଥାନୀୟ ସରପଁଚ୍‌କଁର ସଂଗେ ବିଭାଗୀୟ ଜେଇକୁଁ ଇ ଦିଗେ ପଦକ୍ଷେପ ନେବାକେ ଅନୁରୋଧ କରିଥିଲେ। ପଛେ ଫେନ୍ ଘାଏ ଚାଷୀମାନେ ୨୪.୫.୨୦୧୯ରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରଶ୍ମିରଞ୍ଜନ ଜେନାକୁଁ ଇ ଦିଗେ ପଦକ୍ଷେପ ନେବାକେ ଗୁହାରି କରିଥିଲେ। ଏସ୍‌ଡିଓ ଜେନା ବି ଚାଷୀକୁଁ ବହୁତ୍ ଜଲ୍‌ଦି ସମସିଆର ସମାଧାନ କରାଯିବାକେ କଥା ଦେଇଥିଲେ। ହେଲେ ଇ ଘଟନାକେ ଆଏଜ୍ ୧୫ ମାସ ବିତିଯାଇଛେ, ବିଭାଗୀୟ ଏସ୍‌ଡିଓ ବି ଚାଷୀକୁ ଦେଇଥିବାର କଥା ପାସରି ଦେଇଛନ୍। ଏନ୍‌ତାଥି ନଦୀ ଖଁଡ଼ିରେ ଟ୍ରାନ୍ସଫର୍ମର ଆର ଉନିଆ ବିଦ୍ୟୁତ୍ ସରଂଜାମ୍ ବିପଦ୍ ଅବସ୍ତାରେ ପଡ଼ି ରହିଛେ। ଇଆଡ଼େ ଟ୍ରାନ୍ସଫର୍ମରକେ ବିପଦ୍ ଅବସ୍ତାରେ ଝୁଲି ରହିଥିବାର ତାରମାନକେ ବିଦ୍ୟୁତ୍ ପରବାହିତ ହେଉଛେ। ଇଥିରଲାଗି ଗାଁବାସୀ ଭଏରେ ନଦୀକେ ଗଧାବୁଡ଼ା କି ଝାଡ଼ାଝପଟ ଯିବାକେ ଡରୁଛନ୍। ଗାଁବାସୀକର କହେବାର ହିସାବେ ଇ ଭିତରେ ଗାଁର ଅନେକ ଲୁକ୍‌କର ଗଇବଲଦ, ଛେଲ୍‌ମେଡ଼ି ବିଦ୍ୟୁତ୍ ଆଘାତରେ ମରି ସାଏଲେନ। ଇଆଡ଼େ ବରଷା ଲାଗି ରହିଲେ କି ଜିରାନଦୀରେ ବଢ଼ି ଆଏଲେ ଫେନ୍‌ଘାଏ ଟ୍ରାନ୍ସଫର୍ମର ଖରାପ୍ ହେବାରଟା ଥଏ ଆଏ ବଲି ଚାଷୀମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଚାଷୀମାନେ ବିଭାଗୀୟ ଅଧିକାରୀମାନକୁ ବାରବାର ଗୁହାରି କରି ନିରାଶ ହେଇଛନ୍। ଇ ଦିଗେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକେ ଗାଁର ସନ୍ତୋଷ ଭୋଇ, ବ୍ରଜମୋହନ ଭୋଇ, ବିଶ୍ୱଜିତ ଭୋଇ, ଚିତ୍ତରଞ୍ଜନ ଭୋଇ, ଦିବାକର ପଧାନ, ରସିକ ଜାଲ, କାକୀ ଗୋବିନ୍ଦ ରାଓ, ରଘୁ ବାଘ, ପ୍ରଶାନ୍ତ ମୁଦୁଲି ପରମୁଖ ଚାଷୀ ଅନୁରୋଧ କରିଛନ୍। ଇ ବାବ୍‌ଦେ ବିଭାଗୀୟ ଏସ୍‌ଡିଓ ରଶ୍ମିରଞ୍ଜନ ଜେନାକୁଁ ପଚରାଲାରୁ ଠିକ୍ ସମିଆରେ ଏକ୍ସକ୍ୟୁଟିଭ ଇଞ୍ଜିନିୟର ଆର ଏସିକଁର ବଦଲି ହେଇଗଲା। ଯେନ୍‌ଥିରଲାଗି ମରାମତି କାମ୍ ଲାଗି ଚୁକ୍ତି ପତର ସଂପାଦନ କରବାରେ ଡେରି ହେଲା। ଏହେଦେ ଏସିକଁର ଅଫିସକେ ସାରଙ୍ଗପାଲି ଲିଫ୍ଟ ନଂ.୨ର ମରାମତି ଲାଗି ଚୁକ୍ତିପତର ପଠାଯାଇଛେ। ବହୁତ୍ ଜଲ୍‌ଦି ମରାମତି କାମ୍ ଆରମ୍ ହେବା ବଲି ସେ କହିଥିଲେ।


**ODISHA STAFF SELECTION COMMISSION**
**Barrack No.1, Unit-V, Bhubaneswar-751054**

No.IIE-90/2019/2753/OSSC — Date:29.08.19

**Recruitment for the 106 post of Junior Engineer (Mechanical) on contractual basis under Engineer in Chief( Water Resources) Department, Government of Odisha.**
**INDICATIVE ADVERTISEMENT**
**(Post Code-JEM/135)**
No.55-T :- **IMPORTANT : (WEBSITE : www.ossc.gov.in)**

i) Online application form shall be made available in the official website of the Commission www.ossc.gov.in from Dtd. 30.08.2019 till Dtd. 29.09.2019 by 11.55 PM. Candidates are required to apply through Online Mode only.
ii) No Hard copy of the online application is required to be sent to the Commission. The documents as required are to be uploaded while filling up of the application form and self attested copies of all requisite documents/certificates are to submitted at the time of certificate verification.
iii) The candidates applying for the post must go through the Detailed Advertisement and ensure that they fulfil all the eligibility criteria prescribed for the post as laid down therein. Admission of a candidate for the written examination & other Tests shall be provisional and would be on the basis of the information furnished by him/her in the Online Application form only.
iv) If at any stage of recruitment or thereafter, it is found that any information furnished by the candidate in his/her online application is false/incorrect or the candidate has suppressed any relevant information or the candidate otherwise does not satisfy the eligibility criteria prescribed for the post, his/her candidature for the Post/Examination will be cancelled forthwith and he may be debarred either temporarily or permanently from appearing any further recruitment examination (s) conducted by Odisha Staff Selection Commission.
v) As per the Govt. in Works Department Notification No -FE-II-JE(C)-70/13/33215/WR dated 28th Dec, 2013 the Diploma holders in the Panel maintained by the committee of chief Engineers shall be allowed to sit in three consecutive recruitment tests irrespective of the fact that they have crossed the upper age limit as provided under the Recruitment Rules, if he/she fulfils the other conditions of recruitment.

**NO. OF VACANCIES : Total : 106.** The details regarding category wise vacancies including Women, Ex-Servicemen, PwD (Person with Disabilities) & Sports person has been mentioned in the Detailed Advertisement.

**SCALE OF PAY & CONDITION OF SERVICE :** The appointment will be initially on contractual basis carrying a consolidated pay of Rs.16880/- as per Odisha Group-B Posts (Contractual Appointment) Rules, 2013 notified vide G.A. Department Notification No. GAD- SC-Rules-0061-2013-1147/Gen dt.17.01.2014 and subsequent amendments. The Condition of services shall be governed by relevant cadre rules.

**ELIGIBILITY :**
**i) Age :** Must not be below 21 years and above 32 years of age as on 01.01.2019. The upper age limit is relaxable by 5 years in case of SEBC,SC,ST & Women candidates, 10 years relaxation in case of PwD category candidates, the period of qualifying years of service rendered in Defence Forces in case of Ex-SM Candidates and upto 45 years in case of In- Service Contractual Employees as on 01.01.2019.
PwD candidates in the ST & SC category shall be entitled to avail cumulative age relaxation of ten years over & above the normal relaxation specified for the category.
**ii) Educational Qualification :** The Candidate must have passed a Diploma in (Mechanical) Engineering or an equivalent qualification from the institution recognised by the Odisha Council of Technical Education & Vocational Training (SCTE & VT). The candidates who have passed Diploma in Mechanical Engineering from Institutes other than the list of Institutions approved by SCTE&VT must submit equivalent pass Certificate from SCTE&VT (Odisha). The candidates who have passed Diploma in Mechanical Engineering through Distance mode shall not be eligible for the post.

**PLAN OF EXAMINATION :**
The Selection shall be based on Career Evaluation and Objective Type Written Test
(a) Written Test (Objective Type) : **100 Marks (50% weightage)**
(b) The Career Evaluation shall be made in the following manner:
i. **High School Certificate Exam : 20% weightage**
ii. **Diploma in Mechanical Engineering : 30% Weightage**
(c) Certificate Verification: Candidates two times of the vacancies in order of merit category wise basing on the sum total of marks secured in Written Examination and Career Evaluation shall be shortlisted for verification of original certificates.
(d) Merit List: The merit List shall be prepared basing on the sum total of marks secured in Written Test & Career Evaluation taken together.

**EXAMINATION FEE :** Candidates in order to apply for the post must deposit a non-refundable Fee of Rs.200/- (Rupees two hundred only) through online mode using banking channel/payment gateways (refer to the detailed advertisement) The ST, SC & PwD candidates are exempted from paying any examination fee.

**NOTE :**
1. This advertisement is indicative in nature and provisional. The candidates are advised to refer to the detailed advertisement available in the official website of the Commission 'www.ossc.gov.in' before filling the online application.
2. The candidates are required to visit the website of the Commission regularly for detailed information about the programme of the examination, notice regarding rejection of the application, other important notices etc. and also to keep track of publication of various notices relating to this recruitment to be published in the leading local dailies for information about the examination.
3. The candidates are further advised to keep their registered e-Mail Id and Mobile No. active till completion of this recruitment to get important e-mail/SMS regarding examination notices etc. The Commission is not responsible for non receipt of any information relating to the examination or other updates.

**By Order of the Commission**
09005/11/0040/1920 **Sd./- SECRETARY**



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।

- ସନ୍ଥ କବୀର ଦାସ

# କୋର୍ଟ ଆଗରୁ ଫେରିଗଲେ ବିଚାରପତି, କର୍ମଚାରୀ

**ରେଢାଖୋଲ୨୯।୮(ଡି.ଏନ.ଏ.)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲ ସଂଘ ସମୂହ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ରେଢାଖୋଲ ନାଗରିକ ମଞ୍ଚ ସାମିଲ ହୋଇଛି। ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟଦିବସରେ ମଞ୍ଚ ଆନ୍ଦୋଳନ କରିଆସୁଛି। ଏହି ପରିପ୍ରେକ୍ଷିରେ ଚଳିତ ମାସ ମଧ୍ୟ ଓକିଲ ଓ ନାଗରିକ ମଞ୍ଚ ଶେଷ ୩ ଦିନ କାର୍ଯ୍ୟ ଦିବସରେ ଆନ୍ଦୋଳନ କୁ ଓହ୍ଲାଇଛନ୍ତି। ଗୁରୁବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଶନିବାର ପର୍ଯ୍ୟନ୍ତ ଏହା ଚାଲିବ। ନାଗରିକ ମଞ୍ଚର କର୍ମକର୍ତ୍ତା ଓ ଓକିଲମାନେ ଦିନ ୧୦ଟାରୁ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ ବସୁଛନ୍ତି। ଗୁରୁବାର ନାଗରିକ ମଞ୍ଚର କର୍ମକର୍ତ୍ତା ଓ ଓକିଲମାନେ ସିଭିଲକୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ



ଗୁରୁବାର ରେଢାଖୋଲ ସିଭିଲକୋର୍ଟ ସମ୍ମୁଖରେ ନାଗରିକ ମଞ୍ଚର କର୍ମକର୍ତ୍ତା ଓ ଓକିଲମାନେ ପିକେଟିଂ କରୁଛନ୍ତି।

- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ପ୍ରସଙ୍ଗ
- ଓକିଲ, ନାଗରିକ ମଞ୍ଚର ୩ ଦିନିଆ ଆନ୍ଦୋଳନ

ବସିଥିଲେ। ଫଳରେ ସବଜଜ୍ ଅପୂର୍ବା ଚୌଧୁରୀ, ଏସଡିଜେଏମ ଅଞ୍ଜଳି ମାଛଖଣ୍ଡ ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ଏଥିଯୋଗୁଁ କୋର୍ଟ କାର୍ଯ୍ୟ ସପୂର୍ଣ୍ଣ ବନ୍ଦ ରହିଥିଲା। ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ, ବୁଥୁଲ ଅମାତ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ଦୟାସାଗର ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ନାରାୟଣ ତ୍ରିପାଠୀ, ନିମାଇଁ ଚରଣ ବେହେରା, ସୁଜିତ କୁମାର ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ, ପଶ୍ଚିମଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟିର ସହମତିରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଆହ୍ୱାନ କ୍ରମେ ଗତବର୍ଷ ସେପ୍ଟେମ୍ବର ୬ ତାରିଖଠାରୁ ରେଢାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲି ଆସୁଛି। ଜରୁରି କାର୍ଯ୍ୟ ବ୍ୟତୀତ କୌଣସି ଶୁଣାଣି ହୋଇପାରୁନାହିଁ।

## ସଂକ୍ଷେପରେ

### ବଳାତ୍କାର ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ

ସମ୍ବଲପୁର, ୨୯।୮ (ବ୍ୟୁରୋ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜଣେ ବଳତ୍କାର ପୀଡିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ଜେନା ଅନ୍ତରିଣ କ୍ଷତିପୂରଣ ବାବଦରେ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସଚିବ ଲିଲି ସେନାପତି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ୨୦୧୬ ମସିହାରେ ଜମନକିରା ଥାନାର ଏକ ମାମଲାରେ ପୀଡିତା ବଳତ୍କାରର ଶିକାର ହୋଇଥିଲେ ।

### ନିଶାଦ୍ରବ୍ୟ କାରବାରରେ ୩ ଗିରଫ

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ପୋଲିସ ନିଶା କାରବାରରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ବୁଢାରଜାର ମନୋଜ ମେହେର, ରଞ୍ଜିତ ସିଂ, କୃଷ୍ଣ ରେଡ୍ଡି । ଏମାନଙ୍କ ନିକଟରୁ ୨୦ ବୋତଲ କଫସିରପ, ନିଶା ବଟିକା ସହ ଏକ କାର (ନଂ ଓଡି-୧୫-ଏଚ ୦୧୭୪) ଓ ଏକ ସ୍କୁଟି ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୫୬/୧୯) ରୁଜୁ ହୋଇଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ରେଢାଖୋଲ ୨୯।୮(ଡି.ଏନ.ଏ.)

ରେଢାଖୋଲ ସହର କଲେଜ ଛକ ନିକଟରେ ଗୁରୁବାର ସକାଳେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଯୁବକ ଜଣକ ହେଲେ ରେଢାଖୋଲ ଥାନା ଅଧୀନ ତ୍ରୀବଣପୁର ପଞ୍ଚାୟତ କସିବାହାଲ ଗ୍ରାମର ଲକ୍ଷ୍ମୀଧର ବେହେରା (୩୫)। ପୋଲିସ ଦୁର୍ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲା । ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ବାଇକ୍ ଯୋଗେ ସହରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

### ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ କ୍ରୀଡ଼ା ଦିବସ

ସମ୍ବଲପୁର, ୨୯।୮ (ବ୍ୟୁରୋ)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ହକି ଖେଳର ଯାଦୁଗର ଧ୍ୟାନ ଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ମଧରେ କ୍ରୀଡା ଚିତ୍ର ପ୍ରଦର୍ଶିତ ହୋଇଥିଲା । ସେହିପରି ଖେଳ ସମ୍ବନ୍ଧୀ ୟ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶ୍ୱନାଥ ମିଶ୍ର ପରିଚୟ ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ଦାଶ, ବୈକୁଣ୍ଠ ନାଗ, ରାଜେନ୍ଦ୍ର ମଟାରୀ, ସଞ୍ଜୀବ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିପଦସଙ୍କୁଳ ଅବସ୍ଥାରେ କଲଭର୍ଟ ବାହ୍ୟଜଗତରୁ ବିଚ୍ଛିନ୍ନ ହେବ ସାଲେପାଲି

**ଭେଡ଼େନ,୨୯।୮(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅରେଇଗୁଡ଼ି ପଞ୍ଚାୟତ ଅଧୀନ ସାଲେପାଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ନିର୍ମାଣାଧିନ ଶିବ ମନ୍ଦିର ନିକଟରେ ଥିବା କଲଭର୍ଟ ବର୍ତ୍ତମାନ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ଯୋଗୁ କଲଭର୍ଟର ଗୋଟିଏ ପାର୍ଶ୍ୱ ଖାଇ ଗଲାଣି। ଫଳରେ ରାସ୍ତାରେ ଯିବା ଆସିବା ବିପଦ ହୋଇପଡ଼ିଛି। ରାସ୍ତାରେ ଚାରି ଚକିଆ ଗାଡ଼ି ଯାଇପାରୁ ନାହିଁ। ଯଦି ରାସ୍ତାର ମରାମତି କରା ନ ଗଲେ ସାଲେପାଲି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି।

# ମନ୍ଦିର ପରିସରରେ ଚାରାରୋପଣ

**ଚିପିଲିମା, ୨୯।୮ (ଡି.ଏନ.ଏ)**

ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୋଡଭଗା ନାଗରିକ କମିଟି ପକ୍ଷରୁ ଚାରା ରୋପଣ କରାଯାଇଛି। ଏହି ଅବସରରେ ‘ବୃକ୍ଷ ହିଁ ଜୀବନ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେହିଭଳି ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଉଦ୍ଦେଶ୍ୟରେ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ହାରାଧନ ବାରିକ, ଏମ. ସତ୍ୟନାରାୟଣ, ଲକ୍ଷ୍ମଣ ଭୋଇ, ହାଡୁ କର୍ଣ୍ଣ, ଉପେନ୍ଦ୍ର ପଣ୍ଡା, କେଶବ ପ୍ରଧାନ, ଧର୍ମାନନ୍ଦ ଭୋଇ, ଉପେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଜେଟଲୀଙ୍କ ସ୍ମୃତି ଚାରଣ କରିଥିଲେ।



ସମଲେଶ୍ୱରୀ ମନ୍ଦିରରେ ଗୋଡଭଗା ନାଗରିକ କମିଟି ପକ୍ଷରୁ ଚାରା ରୋପଣ କରାଯାଉଛି।

# ଅଧାରେ ଅଟକିଛି କ୍ଲବ ଘର କାମ

**ଧମା,୨୮।୮ (ଡି.ଏନ.ଏ)**

ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତର ଭଇଁରୋପାଲି ଗ୍ରାମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଏକ କ୍ଲବ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ୨ ବର୍ଷ ହେଲା ଏହା ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ବିଧାୟକ ରୋହିତ ପୂଜାରୀଙ୍କ ହାତରେ ଏହାର ଶୁଭ ଦିଆଯାଇଥିଲା। ଦେଢ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଅଧାପନ୍ତରିଆ ଭାବେ ଏହାକୁ ଏବେ ଛାଡି ଦିଆଯାଇଛି। ଏ ବାବଦରେ ସରପଞ୍ଚ ସୁଜିତ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ମତାମତ ମିଳି ପାରିନାହିଁ । ତୁରନ୍ତ ଏହା ସମ୍ପନ୍ନ ହୋଇପାରିଲେ ଗାଁ ଲୋକଙ୍କ କାମରେ ଆସନ୍ତା ବୋଲି କୁହାଯାଉଛି।

# ବର୍ଷାରେ ଘର ଭୁଶୁଡ଼ିଲା

**ଧମା,୨୯।୮(ଡି.ଏନ.ଏ)**

ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତର ଭଇଁରୋପାଲି ଗ୍ରାମରେ ବର୍ଷା ଯୋଗୁ ୩ଟି ପରିବାରର ଘର ଭାଙ୍ଗି ଯାଇଛି। ଫଳରେ ଏହି ପରିବାର ବାସହରା ହୋଇ ପଡିଛନ୍ତି। ପ୍ରଶାନ୍ତ ଭରାସାଗର ଓ ସୁଶାନ୍ତ ଭରାସାଗରଙ୍କ ଘର କାନ୍ଥ ଭୁଷୁଡି ପଡିଛି। ସେହିଭଳି ସହଁରାପଡାର ଉମେଶ ଭୋଇଙ୍କ ଘର ସଂପୂର୍ଣ୍ଣ ଭୁଷୁଡି ଯାଇଛି। ଫଳରେ ଘରେ ଥିବା ତାଙ୍କ ବିଧବା ମା’ ଅଙ୍ଗାର, ସ୍ତ୍ରୀ ଯଶୋବନ୍ତୀ, ପୁଅ ସୁନାମ ଓ ଝିଅ ଲକ୍ଷ୍ମୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉମେଶଙ୍କ ଗୋଡରେ କାନ୍ଥ ପଡିଯିବାରୁ ସେ ଆହତ ହୋଇଛନ୍ତି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିଥିଲେ।



ବର୍ଷାରେ ଭୁଶଡ଼ି ପଡିଥିବା ଘର ଆଗରେ ଜଣେ ବ୍ୟକ୍ତି।

# ଏମ୍‌ସିଏଲ୍ ମୁଖ୍ୟ ସତର୍କତା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଏମ୍‌ସିଏଲ୍‌ଠାରେ ମୁଖ୍ୟସତର୍କତା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ସମ୍ବଲପୁର, ୨୯।୮ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଅଫିସର୍ କ୍ଲବଠାରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏମସିଏଲ ମୁଖ୍ୟ ସତର୍କତା ଅଧିକାରୀ ମୁନଓ୍ୱର ଖୁର୍ସିଦଙ୍କୁ ଅଧିକାରୀ, କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା, ବୈଷୟିକ ନିର୍ଦ୍ଦେଶକ ଓପି ସିଂ, କାର୍ମିକ ନିର୍ଦ୍ଦେଶକ କେଆର ବାସୁଦେବନ, ଜାଗୃତି ମହିଳା ମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଲା, ଉପାଧକ୍ଷା ନୌସିନା ଆଫ୍ରିନ ଅଲ୍ଲି, ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ମଧୁ ମିଶ୍ର ପ୍ରମୁଖ ଯୋଗଦେଇ ମୁନଓ୍ୱର ଖୁର୍ସିଦଙ୍କୁ ବିଦାଳକାଳୀନ ସମ୍ବର୍ଦ୍ଧନା କରାଯାଇଥିଲା ।

# ବିଳମ୍ବରେ ପହଞ୍ଚୁଥିବା କର୍ମଚାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୯।୮ (ବ୍ୟୁରୋ)**

ରାଜ୍ୟ ସରକାର କର୍ମଚାରୀଙ୍କ ପାଇଁ କାର୍ଯ୍ୟାଳୟରେ ପହଞ୍ଚିବା ଲାଗି ସକାଳ ୧୦ଟା ଏବଂ ଫେରିବା ସମୟ ଅପରାହ୍ନ ୫ଟା ୩୦ ମିନିଟ ଧାର୍ଯ୍ୟ କରିଛନ୍ତି। ଏହି ସମୟ ପରେ ଆସୁଥିବା ଏବଂ ପୂର୍ବରୁ ଯାଉଥିବା କାର୍ମଚାରୀମାନଙ୍କୁ ଅନୁପସ୍ଥିତ ବୋଲିଧରିନିଆଯିବ।ଦିନକୁକାର୍ଯ୍ୟାଳୟରେ କର୍ମଚାରୀମାନେ ଅତି କମରେ ସାଢ଼େ ୭ ଘଣ୍ଟା ରହିବାକୁ ବାଧ। ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ପାଇଁ ଗୋଟିଏ ନିୟମ କରାଯାଇଛି। ମାତ୍ର କେତେକ କର୍ମଚାରୀ ଏହି ନିର୍ଦ୍ଦେଶନାମାକୁ ବେଖାତିର କରି ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଜଣାପଡିଛି। ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟି ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ରେଜିଷ୍ଟ୍ରାର ବିଭୂତିଭୂଷଣ ପଟ୍ଟନାୟକ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେତେକ କର୍ମଚାରୀ ନିୟମିତ ଭାବେ ବିଳମ୍ବରେ ଆସୁଛନ୍ତି। ଯେଉଁମାନେ ବିଳମ୍ବରେ ଆସୁଛନ୍ତି ସେମାନଙ୍କୁ ଅନୁପସ୍ଥିତ ଭାବେ ଧରି ନିଆଯିବ। ଏଥିସହିତ ଯେଉଁମାନେ ବିନାନୁମତିରେ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟରକୁ ପ୍ରତ୍ୟେକ ଦିନ ୧୦ଟା ୩୦ ସୁଦ୍ଧା ରେଜିଷ୍ଟ୍ରାରଙ୍କ ନିକଟରେ ଯାଞ୍ଚ କରିବା ପାଇଁ ରଖିବାକୁ ପ୍ରତ୍ୟେକ ବିଭାଗର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗତ ସଚିବସ୍ତରୀୟ ବୈଠକରେ ମଧ୍ୟ ସଚିବମାନଙ୍କୁ କର୍ମଚାରୀଙ୍କ ଉପସ୍ଥାନକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କର୍ମଚାରୀମାନେ ଏହି ନିର୍ଦ୍ଦେଶନାମାକୁ ମାନୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ଆମେ ରାଠି ଷ୍ଟିଲ୍‌ରେ ପୁଣି ନିଯୁକ୍ତି ଚାହୁଁ



ଜିଲା ଶ୍ରମ ବିଭାଗ ଅଧିକାରୀଙ୍କ ଅଫିସ ସମ୍ମୁଖରେ ବିଧାୟକଙ୍କ ସହ ଶ୍ରମିକମାନେ।

**ସମ୍ବଲପୁର, ୨୯।୮ (ବ୍ୟୁରୋ)**

ସମ୍ବଲପୁର ରାଠି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଦୀର୍ଘ ଦିନ ବନ୍ଦ ହେବା ପରେ କିଛି ଦିନ ହେବ କାର୍ଯ୍ୟକ୍ରମ ହୋଇଛି । ହେଲେ ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ବାରମ୍ବାର ଏହାକୁ ଦାବି ନେଇ ଶ୍ରମିକମାନେ ଜିଲାପାଳ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ହେଲେ କୌଣସି ସୁଫଳ ମିଳିନି। ଶେଷରେ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟରେ ଘେରାଉ କରିଛନ୍ତି । ସମ୍ବଲପୁର ଡିଭିଜନ ଆୟୁକ୍ତ ହୁବୁଟ ଲୁବୁନ ଓ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝିଙ୍କୁ ଏମାନେ ଭେଟି ଆଲୋଚନା କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ବକେୟା ଦରମା ନ ଦେଇ କମ୍ପାନୀ ଚାକିରିରୁ ତଡି ଦେଇଥିଲା । ହେଲେ ପୁରୁଣା କର୍ମଚାରୀଙ୍କୁ ବାଦ ଦେଇ ନୂଆ କର୍ମଚାରୀଙ୍କୁ ନିଯୁକ୍ତ କରୁଛି । ତେଣୁ ତ୍ରିପାକ୍ଷିକ ଆଲୋଚନା କରାଯାଇ ଏହାର ସମାଧାନ କରାଯାଉ। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଶ୍ରମିକ ସଂଗଠନ ସଭାପତି ସୁଶାନ୍ତ କୁମାର ବିଶୋଇ, ସାଧାରଣ ସମ୍ପାଦକ ତୁଫାନ କୁମାର ପଲେଇ, ଲଳିତେନ୍ଦୁ ମହାନ୍ତି, ବିନୋଦ କୁମାର ପ୍ରଧାନ, ରମଣୀରଞ୍ଜନ ବଡ୍ଢେଇ, ଲବ ବଗର୍ତ୍ତି, ଧୀରେନ ନାଗ, ହିମାଂଶୁ ଶେଖର ମହାନ୍ତି, ମାନସ ବକ୍ସି ଉପସ୍ଥିତ ଥିଲେ ।

# ଗଙ୍ଗାଧରଙ୍କ ସାହିତ୍ୟ ପ୍ରତି ଆନ୍ତରିକତା ଆବଶ୍ୟକ

**ଧମା, ୨୯।୮ (ଡି.ଏନ.ଏ)**

ମାଁ ଖାଡେଶ୍ୱରୀ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ କହିଥିଲେ ଯେ, ଗଙ୍ଗାଧରଙ୍କ ସାହିତ୍ୟକୁ ଆନ୍ତରିକତାର ସହ ଗ୍ରହଣ କରିବା ଉଚିତ । ଗଙ୍ଗାଧରଙ୍କ ସାହିତ୍ୟରୁ ଜୀବନ ବଞ୍ଚିବାର ଶିକ୍ଷା ଆମେ ପାଇଥାଉ। ଗଙ୍ଗାଧର ସାହିତ୍ୟ ପଠନ କାଳରେ ଆମେ ସେ ଦିଗ ପ୍ରତି ଯତ୍ନବାନ ହେବା ଉଚିତ । ଗଙ୍ଗାଧରଙ୍କୁ ଅଧ୍ୟୟନ କଲେ ଆମେ ଜାଣିପାରିବା ଯେ, ସେଥିରେ ନିଜକୁ ମାର୍ଜନା କରି ଏକ ଉତ୍ତମ ବ୍ୟକ୍ତି ଭାବରେ ଗଢ଼ି ତୋଳିବାର ବାର୍ତ୍ତା ରହିଛି । ମୁଖ୍ୟବକ୍ତା ଡ. ଶ୍ୟାମ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କବି ଥିଲେ ପ୍ରକୃତରେ ଋଷି କବି । କାରଣ ସେ ଯେଉଁଠାରେ ଥିଲେ ମଧ ତାଙ୍କ ମାନସ ସର୍ବଦା ବେଦ ପୁରାଣ ଆଦି ବୌଦ୍ଧିକତାରେ ବିଚରଣ କରୁଥିଲା। ଗଙ୍ଗାଧର ମେହେର ଥିଲେ ଜଗତ ଶିକ୍ଷାର ଓ ପ୍ରକୃତି ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର । ସେ ଥିଲେ ରାଧାନାଥ ଯୁଗର ଏକ ବିସ୍ମୟ। କବିଙ୍କ ରଚନାରେ ସୁରଭି ଫକୀର ମୋହନ, ରାଧାନାଥ, ନନ୍ଦକିଶୋରଙ୍କ ଭଳି କବିଙ୍କୁ ମଧ ପ୍ରଭାବିତ କରି ପାରିଥିଲା। ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟ ଏକ ଓ ଅଭିନ୍ନ ଥିଲା। ଗଙ୍ଗାଧର ମଣିଷକୁ ଭଲ ପାଇବାର ବାର୍ତ୍ତା ଦେଇଛନ୍ତି। ଯେଉଁ କବିଙ୍କ କବିତା ଏକ ନିର୍ଦ୍ଦିଷ୍ଟ କାଳ ଖଣ୍ଡରେ ରଚିତ ହୋଇ ମହାକାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରେ ସେ ହେଉଛି ପ୍ରକୃତ କବି। ଗଙ୍ଗାଧରଙ୍କୁ ଆମେ ସେଇ ବର୍ଗରେ ବିଚାର କରିବା । ଗଙ୍ଗାଧର ସଂଗୀତକୁ ରବିନ୍ଦ୍ର ସଂଗୀତ ଭଳି ପ୍ରଚାର ପ୍ରସାର କରି ପାରିଲେ ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ସଭାରେ ଅଧାପକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ବଳଦେବ ମହାକୁର ଏବଂ ଯୁକ୍ତ ୩ ଅଧକ୍ଷ ଅନୀଲ କୁମାର ପ୍ରଧାନ ମଧ ଗଙ୍ଗାଧରଙ୍କ ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ଖେଳ ଶିକ୍ଷକ ରାମ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅଧାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଋତୁରାଜ ସାହୁ, କୀର୍ତ୍ତିମୟୀ ରଥ ଓ ତାନି ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅଧାପିକା ସୁଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।




ମାଁ ଖାଡେଶ୍ୱରୀ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀରେ ଅତିଥିମାନେ।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।

- ଗୌତମବୁଦ୍ଧ

■ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ପୁଣି ଭଣ୍ଡେଇବାକୁ ସରକାରଙ୍କ ଚକ୍ରାନ୍ତ

■ସିଏସି ବୈଠକ ପରେ ସରକାର ତତ୍ପର
■ପୁନର୍ଗଠିତ ହେଲା ଉଚ୍ଚସ୍ତରୀୟ କମିଟି
■ଜିଲା ଓକିଲ ସଂଘର ଅସନ୍ତୋଷ ପ୍ରକାଶ

ସମ୍ବଲପୁର, ୨୯।୮ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ବର୍ଷେ ଧରି ଆନ୍ଦୋଳନ ଚାଲିଛି। ଓକିଲମାନଙ୍କ ନେତୃତ୍ୱରେ ଜନସାଧାରଣ ଏଥିରେ ସାମିଲ ହେଉଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗୁନି। ଏହି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଝାରସୁଗୁଡାରେ ବୁଧବାର କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟି (ସିଏସି)ର ବୈଠକ ବସିଥିଲା। ଏଥିରେ ସିଏସି ପକ୍ଷରୁ ସରକାରଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିବା ସହ ଆନ୍ଦୋଳନ ତୀବ୍ର କରିବାକୁ ଘୋଷଣା କରାଯାଇଛି। ହେଲେ ଏହି ବୈଠକ ବସିବା ଜାଣି ରାଜ୍ୟ ସରକାର ତତ୍ପର ହୋଇ ଉଠଇଛନ୍ତି। ରାତାରାତି ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପୂର୍ବରୁ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିକୁ ପୁନର୍ଗଠନ କରାଯାଇଛି । କମିଟିରେ ଉନ୍ନୟନ କମିଶନର ଅଧକ୍ଷ ରହିଛନ୍ତି। ଗୃହ ବିଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ହାଇକୋର୍ଟ ସ୍ୱତନ୍ତ୍ର ସଚିବ ପ୍ରମୁଖ ରହିଛନ୍ତି। ଏହି କମିଟି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବ ବୋଲି ଉଲ୍ଲେଖ ରହିଛି। ହେଲେ ସମ୍ବଲପୁର ଜିଲା ଓକିଲ ସଂଘ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି। ସିଏସିର ବୈଠକ ପରେ ସରକାରଙ୍କ ଏଭଳି ନିଷ୍ପତ୍ତି ନେବାକୁ ନେଇ ଜିଲା ଓକିଲ ସଂଘ ସରକାରଙ୍କ ଉପରେ ସନ୍ଦେହ ପ୍ରକାଶ କରିଛି। ଯଦି ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରିବା ଓ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି ତାହା ହେଲେ ଅଗଷ୍ଟ ୩୧ ତାରିଖ ମଧ୍ୟରେ ସ୍ପଷ୍ଟ ଭାବେ ଘୋଷଣା କରନ୍ତୁ । ନ ଚେତ୍ ଏହା ପୂର୍ବ ଭଳି ଲୋକଙ୍କୁ ଭଣ୍ଡେଇବା ଭଳି ହେବ। କାରଣ ଗତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଅରସିଥିବାବେଳେ ଏଠାକାର ଓକିଲ ସଂଘ ସହ ଆଲୋଚନା କରି ନିର୍ବାଚନ ପାର୍ ହୋଇଗଲେ। ସରକାର ଗଠନ ହେବାର ୩ ମାସ ପରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାର ଅବଧି ଅଗଷ୍ଟ ୩୧ ତାରିଖ ଶେଷ ହେଉଛି। ହେଲେ ଏ ପର୍ଯ୍ୟନ୍ତ ସରକାରଙ୍କ ଆଭିମୁଖ୍ୟ ଜଣା ପଡୁନି। ତେଣୁ ଝାରସୁଗୁଡାରେ ବୁଧବାର ସିଏସିର ବୈଠକ ବସିଥିଲା। ଢେର ହୋଇଗଲା। ଆଉ ବରଦାସ୍ତ କରିହେବନି ସରକାରଙ୍କ ନିରବତାକୁ। ଏଣୁ ଆନ୍ଦୋଳନକୁ ପୁଣି ଜୋରଦାର କରିବା ପାଇଁ ଏହି ବୈଠକରେ ପଦକ୍ଷେପ ନିଆଯାଇଛି । ହେଲେ ପୁରୁଣା ଢଙ୍ଗରେ ଦିନ ଗଡାଇବା ପାଇଁ ସରକାର ବୈଠକ ଦିନ ହିଁ ପୁଣି ଥରେ କମିଟି ଗଠନକୁ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ୩ମାସ ପୂର୍ବରୁ ଗଠନ ହୋଇଥିବା କମିଟି କୌଣସି ପଦକ୍ଷେପ ନେଲା ନାହିଁ । ତେଣୁ ଏଥର ମଧ୍ୟ ଏହି କମିଟି ମଧ୍ୟ କୌଣସି ପଦକ୍ଷେପ ନେବ ବୋଲି ଆଶା ନ ଥିବା ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଛନ୍ତି।

■ଉଲୁଣ୍ଡା-୨ ଅଙ୍ଗନୱାଡି କେନ୍ଦ୍ର

# ଶୌଚାଳୟରେ ୩ବର୍ଷ ହେଲା ତାଲା

ସମ୍ବଲପୁର, ୨୯।୮ (ବ୍ୟୁରୋ)




ଉଲୁଣ୍ଡା ଅଙ୍ଗଳନୱାଡି କେନ୍ଦ୍ର ଶୌଚାଳୟରେ ତାଲା ମରାଯାଇଛି ।

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର ଉଲୁଣ୍ଡା-୨ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଶୌଚାଳୟରେ ୩ ବର୍ଷ ହେବ ତାଲା ପଡିଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲାପରେ ମଧ୍ୟ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ପ୍ରାୟ ୩ ବର୍ଷ ତଳେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଏହା ନିର୍ମାଣ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର ସହିତ ଶୌଚାଳୟ ନିର୍ମାଣ କରାଯାଇଥିଲା । ହେଲେ ନିର୍ମାଣ କାମ କରିଥିବା ଠିକାଦାରଙ୍କ ବିଲ୍ ମିଳି ନ ଥିବା ଯୋଗୁ ସେ ତାଲା ପକାଇ ଦେଇଥିବା ଚର୍ଚ୍ଚା ଓ ଅଭିଯୋଗ ହେଉଛି । ଏହାଦ୍ୱାରା କେନ୍ଦ୍ରର କର୍ମୀ, ପାଚିକା ଓ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁନି କୁନି ପିଲାମାନେ ବହାରେ ଶୌଚ ପାଇଁ ଯାଉଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ସିଡିପିଓ ସାବିତ୍ରୀ କୁମୁରାଙ୍କୁ ପଚାରିବାରୁ ପ୍ରଥମେ ଏ ସମ୍ପର୍କରେ ଜାଣି ନ ଥିବା କହିଥିଲେ। ପରେ ଏ ବାବଦରେ ବିଡିଓଙ୍କୁ ଜଣାଇଥିବା କହିଥିଲେ । କୁଚିଣ୍ଡା ବିଡିଓ ନିଶିପୁନମ ମିଞ୍ଜଙ୍କୁ ଯୋଗାଯୋଗ କରାଯାଇଥିଲେ ବି ଉତ୍ତର ମିଳିବା ସମ୍ଭବ ହୋଇନି

## ସଂକ୍ଷେପରେ

### ସେପ୍ଟେମ୍ବର ୧୧ରେ କୁଚିଣ୍ଡା ଉପଖଣ୍ଡ ମହାବନ୍ଦ ଡାକରା

କୁଚିଣ୍ଡା,୨୯।୮(ଡି.ଏନ.ଏ.)

କୁଚିଣ୍ଡାସ୍ଥିତ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଉପଖଣ୍ଡସ୍ତରୀୟ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କୁ କୃଷି ବୀମା ଓ ଇନପୁଟ ସବ୍‌ସିଡି ଦେବାରେ ସରକାର ଟାଳଟୁଳ ନୀତି ଆପଣାଉଛନ୍ତି। କେବଳ ଭଣ୍ଡାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ଉପଖଣ୍ଡ ମହାବନ୍ଦ କରାଯିବ। ସମସ୍ତ ସରକାରୀ, ବେସରକାରୀ ସ୍କୁଲ, କଲେଜ, ଅଫିସ, ବ୍ୟାଙ୍କ, ଦୋକାନ ବଜାର, ଗାଡି ଚଳାଚଳ ଆଦି ବନ୍ଦ ରହିବ। କୁଚିଣ୍ଡା, ବାମରା, ଜମନକିରା ଆଦି ବ୍ଲକର ଚାଷ ସଂଗଠନ ଏହି ମହାବନ୍ଦରେ ସାମିଲ ହେବେ ବୋଲି ନିଷ୍ପତ୍ତି ହୋଇଛି। ଯଦି ମହାବନ୍ଦରେ ସରକାର କର୍ଣ୍ଣପାତ ନ କରି ଅବହେଳା ପ୍ରଦର୍ଶନ କରନ୍ତି ତେବେ ଅର୍ଥ ନୈତିକ ଅବରୋଧ ସହ ଅନ୍ୟ ପନ୍ଥା ମଧ୍ୟ ଗ୍ରହଣ କରାଯିବ ବୋଲି ଚାଷୀ ନେତାମାନେ ପ୍ରକାଶ କରିଛନ୍ତି। ଏହି ବୈଠକରେ ଓଡିଶା କୃଷକ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ, ମୁରାରୀ ପୁରୋହିତ (ଜିଲା ସଭାପତି, କୃଷକ ସମନ୍ୱୟ ସମିତି), ଚନ୍ଦ୍ର ପଣ୍ଡା, କାଶିବିଶ୍ୱନାଥଙ୍କ ସମେତ ବହୁ ଜିଲାସ୍ତରୀୟ କୃଷକ ନେତା ଯୋଗ ଦେଇ ଥିଲେ। ଉପଖଣ୍ଡ ଚାଷୀନେତା କୁଶଧ୍ୱଜ ଚୌଧୁରୀ, ଚୁଡାମଣୀ ପଟେଲ, ଜୟନ୍ତ ପ୍ରଧାନ, ପଦ୍ମଚରଣ ଗୁରୁ, ଯୋଗବିହାରୀ ପରିଡା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ପୋଲିସର ଅପାରଗତା ନେଇ ଏସ୍‌ପିଙ୍କୁ ଅଭିଯୋଗ

ସମ୍ବଲପୁର,୨୯।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା କାଇଁଣିର ରୋଡର ନାନକ ଓରାମଙ୍କ ପରିବାର ଗୁରୁବାର ଏସ୍‌ପି କନୱର ବିଶ୍ୱାଳ ସିଂଙ୍କୁ ଭେଟିଛନ୍ତି। ତାଙ୍କ ଘରୁ ଅଗଷ୍ଟ ୨୧ ତାରିଖ ଚୋରି ହୋଇଥିଲା। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନି କିମ୍ବା ଚୋରି ସାମଗ୍ରୀ ଜବତ କରି ପାରି ନ ଥିବା ନେଇ ଏସପିଙ୍କୁ ଏମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି। ଶୀଘ୍ର ଧରାପଡିବ ବୋଲି ଏସ୍‌ପି ସିଂ ପ୍ରତିଶ୍ରୁତି ଦେଇଛନ୍ତି । ଅଭିଯୋଗ କ୍ରମେ ନାନକ ଓ ତାଙ୍କ ପରିବାର ଅଗଷ୍ଟ ୧୯ ତାରିଖ ସମ୍ପର୍କୀୟ ଘରକୁ ଯାଇ ୨୧ ତାରିଖ ଘରକୁ ଫେରିଥିଲେ । ହେଲେ ଘର ପଛ ପଟ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ପଶି ୪୬ ହଜାର ଟଙ୍କା, ୬ ଲକ୍ଷ ୧୫ ହଜାର ଟଙ୍କା ମୂଲ୍ୟର ଅଳଙ୍କାର ଚୋରି କରି ନେଇଥିଲେ ବୋଲି ଅଭିଯୋଗ କରିଥିଲେ । ଅଇଁଠାପାଲି ପୋଲିସ ଏକ ମାମଲା (ନଂ. ୩୪୩/୧୯) ରୁଜୁ କରି ଘଟଣା ତଦନ୍ତ କରୁଛି।

# ଚୁକ୍ତି ପାଳନ କରୁ ନାହାନ୍ତି ହାସ୍ୟ ଅଭିନେତା

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁରର ଯୁବ ହାସ୍ୟ ଅଭିନେତା ଯୋଗେଶ୍ୱର ଉଗର (ଯୋଗେଶ ଯୋଯୋ)ଙ୍କ ନାମରେ ଚୁକ୍ତି ଭଙ୍ଗ କରିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସମ୍ବଲପୁରର ଏକ ଅନୁଷ୍ଠାନ ପରିସରରେ ଏକ ଖବରଦାତା ସମ୍ମିଳନୀରେ ପାଣିନୀ ପ୍ରାଙ୍କ ପ୍ରଡକ୍ସନର ପ୍ରଯୋଜକ ପାଣିନୀ ପ୍ରାଙ୍କ ଅଭିଯୋଗ କରିଛନ୍ତି। ଯୋଗେଶ ପାଣିନୀ ପ୍ରାଙ୍କ ପ୍ରଡକସନ ସହ କାମ କରିବାକୁ ଚୁକ୍ତି କରିଥିଲେ। ୨୦୧୨ରେ ଯୋଯୋ ୧୦ ବର୍ଷ ଲାଗି କାମ କରିବାକୁ ଚୁକ୍ତି କରିଛନ୍ତି। ସେ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଲେ ପ୍ରଯୋଜକଙ୍କ ଅନୁମତି ନେଇ କାମ କରିବେ । ହେଲେ ଏବେ ସେ ଅଧିକ ଅର୍ଥ ଉପାର୍ଜନ କରିବାକୁ ଯାଇ ଚୁକ୍ତି ପାଳନ କରୁ ନାହାନ୍ତି ବୋଲି ଏହି ପ୍ରଡକସନ ସଂସ୍ଥା ଅଭିଯୋଗ କରିଛି। ଏ ନେଇ କୋର୍ଟରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଏନେଇ ଯୋଗେଶ ଯୋଯୋ କହିଛନ୍ତି ଯେ, କୌଣସି ମୁହୂର୍ତ୍ତରେ ପାଣିନୀ ପ୍ରାଙ୍କ ତାଙ୍କଠାରୁ ଦସ୍ତଖତ ନେଇଥାଇ ପାରନ୍ତି। ତାହା ମନେ ନାହିଁ। ଚୁକ୍ତି କ'ଣ ବୋଲି ସେ ଜାଣି ନାହାନ୍ତି। ନିକଟରେ ସେ ବିବାହ କରିଛନ୍ତି। ଘର ବା ପରିବାର ଚଳାଇବାକୁ ଟଙ୍କା ଆବଶ୍ୟକ ଥିବାରୁ ସେ ଅନ୍ୟଆଡ଼େ କାମ କରୁଛନ୍ତି। ପାଣିନୀ ପ୍ରାଙ୍କଙ୍କଠାରୁ ସେ ପ୍ରାପ୍ୟ ପାଇବାର ଅଛି। ସେ ତାଙ୍କର ଗୁରୁ ନୁହନ୍ତି, ସେ କେବଳ ଜଣେ ମାର୍ଗଦର୍ଶକ। ଏଣୁ ଠିକ୍‌ରେ ପ୍ରାପ୍ୟ ଦେବା ସହ ପୂର୍ବ ବକେୟା ଦେଲେ ପାଣିନୀ ପ୍ରାଙ୍କଙ୍କ ପ୍ରଡକ୍ସନ ସଂସ୍ଥା ସହ କାମ କରିବାର କୌଣସି ଅସୁବିଧା ନାହିଁ ବୋଲି ଯୋଗେଶ କହିଛନ୍ତି।

# ଶୀଘ୍ର ମହାନଗର ନିଗମର ନିର୍ବାଚନ କରାଯାଉ



ସମ୍ବଲପୁର ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଉଛି ।

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ନିର୍ବାଚନ ଶୀଘ୍ର କରାଯାଉ। ଏଭଳି ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଗୁରୁବର ଏକ ପ୍ରତିନିଧି ଦଳ ଦାବିପତ୍ର ଦେଇଛନ୍ତି।

୨୦୦୮ରେ ଶେଷ ଥର ପାଇଁ ପୌର ସଂସ୍ଥା ଥିବାବେଳେ ଏଠାରେ ନିର୍ବାଚନ ହୋଇଥିଲା। ୨୦୧୩ରେ ଏହାର କାର୍ଯ୍ୟକାଳ ଶେଷ ଯାଇଥିଲା। ୨୦୧୪ରେ ସମ୍ବଲପୁରକୁ ମହାନଗର ନିଗମ ଭାବେ ଘୋଷଣା କରାଯାଇଥିଲା। ଏଥିରେ ବୁର୍ଲା, ହୀରାକୁଦ, ମାନେଶ୍ୱର ଓ ଧନକଉଡା ବ୍ଲକର ୧୨ଟି ପଞ୍ଚାୟତକୁ ସାମିଲ କରାଯାଇଥିଲା। ହେଲେ ମହାନଗର ନିଗମର ନିର୍ବାଚନ ଏ ପର୍ଯ୍ୟନ୍ତ କରାଯାଉ ନାହିଁ । ଏବେ ସାଧାରଣ ଲୋକ ହଇରାଣ ହେଉଛନ୍ତି । ନିଜ ସମସ୍ୟା ନିର୍ବାଚିନ ପ୍ରତିନିଧିଙ୍କ ଆଗରେ ଜଣାଇ ପାରୁନାହାନ୍ତି । ଅମଲାମାନଙ୍କ ହାତରେ ପ୍ରଶାସନ ଚାଲୁଛି । ହେଲେ ସେମାନେ ଲୋକମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦେଇ ପାରୁନାହାନ୍ତି । ତେଣୁ ମହାନଗର ନିଗମରେ ଶୀଘ୍ର ନିର୍ବାଚନ କରିବା ଆବଶ୍ୟକ। ନ ହେଲେ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ଅଛି। ବେଣୁଧର ଦାସ, ଅମୂଲ୍ୟ କୁମାର ମିଶ୍ର, ବୀରେନ୍ଦ୍ର ରାୟ, ବିଭୂତି ମିଶ୍ର, ଅରୁଣ କୁମାର ଦାସ, ବଳରାମ ଛାବରିଆ, ଅରକ୍ଷିତ ମହାନନ୍ଦ, ଅର୍ଣ୍ଣପୂର୍ଣ୍ଣା ବାରିକ, ଜନାର୍ଦ୍ଦନ ସାହୁ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେବା ବେଳେ ଉପସ୍ଥିତ ଥିଲେ ।

■କଟକ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ

# ସପ୍ତାହେ ଭିତରେ ମରାମତି କାମ ଆରମ୍ଭ ହେବ

**ପ୍ରଶାସନର ହସ୍ତକ୍ଷେପ ପରେ ଠିକାସଂସ୍ଥାର ପ୍ରତିଶ୍ରୁତି**

ରେଢାଖୋଲ,୨୯।୮(ଡି.ଏନ.ଏ.)

ରେଢାଖୋଲ ସହର ମଧ୍ୟ ଦେଇ ସମ୍ବଲପୁରରୁ କଟକକୁ ଯାଇଥିବା ୫୫ ନଂ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ୭ଦିନ ମଧ୍ୟରେ ଏହାର ଆବଶ୍ୟକ ମରାମତି କାର୍ଯ୍ୟ ଆରମ୍ଭ ହେବ। ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ଚାରିଥାକିଆ ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ଏଚ୍‌ଆର୍ ମ୍ୟାନେଜର ଜୟନ୍ତ କୁମାର ଦାସ ଓ ପ୍ରୋଜେକ୍ଟ ମ୍ୟାନେଜର ଏମ. ତିରୁପତି ଗୁରୁବାର ଏହି ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ଉପସ୍ଥିତିରେ ରେଢାଖୋଲ ନାଗରିକ କମିଟିର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପରେ ଠିକାସଂସ୍ଥା ପକ୍ଷରୁ ଏହି ପ୍ରତିଶ୍ରୁତି ଦିଆଯାଇଛି।

ରେଢାଖୋଲ ନାଗରିକ କମିଟି ପକ୍ଷରୁ ଗତ ୧୯ ତାରିଖ ନିର୍ମାଣାଧୀନ ଏହି ଜାତୀୟ ରାଜପଥର ଆବଶ୍ୟକ ମରାମତି ସହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଏକ ଦାବିପତ୍ର ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୭ଦିନ ମଧ୍ୟରେ ପଦକ୍ଷେପ ନ ନଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଠିକାସଂସ୍ଥାକୁ ତାଗିଦ କରାଯିବା ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଣୁ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଠିକାସଂସ୍ଥାର ଅଧିକାରୀ, ନାଗରିକ କମିଟିର କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିଲା। ନାଗରିକ କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଗତ ୩ ବର୍ଷ ହେଲା ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ଏହାର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଛି। ଆବଶ୍ୟକ ମରାମତି ହେଉ ନ ଥିବା ଯୋଗୁ ରାସ୍ତାଟି ଖାଲଖମାରେ ପରିଣତ ହେବା ସହ ଜନସାଧାରଣଙ୍କ ଯାତାୟତରେ ବହୁ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ଦୁରାବସ୍ଥା ଯୋଗୁ ନିୟମିତ ଭାବେ ଦୁର୍ଘଟଣା ଘଟି ବହୁ ଧନ ଜିବନ ନଷ୍ଟ ହେଉଛି।ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ଗାଡି ମୋଟର ଚଳାଚଳ କରୁଛି। ଝାରସୁଗୁଡା, ସୁନ୍ଦରଗଡ ଜିଲା ସହ ରାଜ୍ୟ ବାହାରର କଳକାରଖାନା ଗୁଡିକୁ ଭାରିଯାନ ଗୁଡିକରେ ଯନ୍ତ୍ରାଂଶ ପରିବହନ ହେଉଛି। ରେଢାଖୋଲ ଉପଖଣ୍ଡର ଜନସାଧାରଣଙ୍କ ଜିଲା ସଦର ମହକୁମା ଓ ବୁର୍ଲା ଡାକ୍ତରଖାନାକୁ ଯିବାକୁ ଏହା ଏକ ମାତ୍ର ରାସ୍ତା। ହେଲେ ରାସ୍ତା ଅବସ୍ଥା ଏପରି ହୋଇଛି ଯେ ବାଇକ୍ କିମ୍ବା ଚାରିଚକିଆରେ ଯିବା ଆସିବାରେ ବହୁ କଷ୍ଟ ହେଉଛି। ଏପରିକି ବସ୍ ଚଳାଚଳରେ ମଧ୍ୟ ବହୁ ଅସୁବିଧା ହେଉଛି। ଆମ୍ବୁଲାନ୍ସ କିମ୍ବା ଛୋଟ ଗାଡି ଗୁଡିକରେ ରୋଗୀକୁ ନେଇ ବୁର୍ଲା ଡାକ୍ତରଖାନାକୁ ନେବା ମଧ୍ୟ କଷ୍ଟସାଧ୍ୟ ହୋଇପଡିଛି। ନିର୍ମାଣକାରୀ ସଂସ୍ଥା ଏଥି ପ୍ରତି ଧ୍ୟାନ ଦେଉନାହିଁ, ଯଦିଓ ମରାମତି ପାଇଁ ବିଭାଗ ପକ୍ଷରୁ ଅର୍ଥ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଗୁରୁବାର ଆଲୋଚନା ବେଳେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ରାଜୀବ ଲୋଚନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ହୀରାକୁଦ କଲେଜରେ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ କାର୍ଯ୍ୟକ୍ରମ



ହୀରାକୁଦ ଡିଗ୍ରୀ ଓ ଜୁନିୟର କଲେଜ ଛାତ୍ରୀଛାତ୍ର ବ୍ୟାୟାମ କରୁଛନ୍ତି ।

ସମ୍ବଲପୁର, ୨୯।୮ (ବ୍ୟୁରୋ)

ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ କାର୍ଯ୍ୟକ୍ରମ ଗୁରୁବାର ହୀରାକୁଦ ଡିଗ୍ରୀ ଓ ଜୁନିୟର କଲେଜଠାରେ ଅନୁଷ୍ଠିତ ହୋଇଯାଇଛି । ଡିଗ୍ରୀ କଲେଜ ଅଧକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କ ଅଧକ୍ଷତାରେ ଯୋଗ ଓ ପ୍ରାଣାୟମ ହୋଇଥିଲା। ଅଧ୍ୟାପକ ଡ. ଅକ୍ଷୟ କୁମାର ସୁତାର, ପ୍ରମୋଦ କୁମାର ସ୍ୱାଇଁ, ସୀମାନ୍ତିକା ଦାସ, ପୁଷ୍ପା ନାଥ, ମଞ୍ଜୁଲତା ପଣ୍ଡା, ସାନନ୍ଦ ବାଗ, ଦାମୋଦର ରାଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଜୁନିୟର କଲେଜ ଅଧକ୍ଷ ଅଶ୍ୱିନୀ କୁମାର ସୁପକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମରାମତି ହେଲା ଗାଧୁଆ ତୁଠ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ସମ୍ବଲପୁର, ୨୯।୮ (ବ୍ୟୁରୋ)



ପତ୍ରାପାଲିରେ ଫାଟିଥିବା ତୁଠର ମରାମତି କରାଯାଇଛି ।

**ଧରିତ୍ରୀର ପ୍ରଭାବ**

କୁଚିଣ୍ଡା ବ୍ଲକ ପତ୍ରାପାଲି ଗ୍ରାମ ପୋଖରୀ ଗାଧୁଆ ତୁଠରେ ନିମ୍ନମାନର କାମକୁ ଚପାଇବାକୁ ଉଦ୍ୟମ କରାଯାଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀ ମିଶି ଫାଟ ହୋଇଥିବା ସ୍ଥାନକୁ ମରାମତି କରିଛନ୍ତି। ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଉଦ୍ୟମ କରିଛନ୍ତି । ହେଲେ ଏବେ କାର୍ଯ୍ୟାନୁଷ୍ଠାନ କେବେ ହେବ ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବରୋଧରେ ପଦକ୍ଷେପ ଗ୍ରହଣ ଲାଗି ଦାବି ହେଉଛି। ଗାଁର କାଲୋ ବନ୍ଧରେ 'ଆମଗାଁ ଆମ ବିକାଶ ଯୋଜନା'ରେ ୧ ଲକ୍ଷ ୫୦ ହଜାର ଟଙ୍କାରେ ଏକ ଗାଧୁଆ ତୁଠ ନିର୍ମାଣ କରାଯାଇଥିଲା । ନିର୍ମାଣର ସପ୍ତାହକ ମଧ୍ୟରେ କଂକ୍ରିଟ ଫାଟି ଯାଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏ ନେଇ ଅଗଷ୍ଟ ୨୪ ତାରିଖ ଧରିତ୍ରୀରେ ଫଟୋ ସହିତ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ଏହାର ମରାମତି କରାଯାଇଛି।

■ଜାତୀୟ କ୍ରୀଡା ଦିବସ ପାଳିତ

# ପ୍ରକମ୍ପିତ କଲା 'ଧ୍ୟାନଚାନ୍ଦ ଅମର ରହେ'

ସମ୍ବଲପୁର, ୨୯।୮ (ବ୍ୟୁରୋ)





ଗୁରୁବାର ସମ୍ବଲପୁରରେ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଧ୍ୟାନଚାନ୍ଦଙ୍କ ପ୍ରତିଛବିରେ ଅତିଥି ଓ ହକି ଖେଳାଳିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି (ବାମ)। ସେଣ୍ଟଜନ୍ ସ୍କୁଲଠାରେ ଆୟୋଜିତ ବନ୍ଧୁତାପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟର ରେଡ ସମ୍ବଲପୁର ବନାମ ବ୍ଲୁ ସମ୍ବଲପୁର ଦଳର ଖେଳାଳିମାନେ ।

ଜିଲା କ୍ରୀଡା ବିଭାଗ ପକ୍ଷରୁ ହକି ଖେଳର ଯାଦୁଗର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା, ଆଲୋଚନାଚକ୍ର, ଫୁଟବଲ ଓ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସକାଳ ୭ଟାରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଧ୍ୟାନଚାନ୍ଦ ଅମର ରହେ ଧ୍ୱନୀରେ ଶୋଭାଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା । ଏଥିରେ କ୍ରୀଡାଛାତ୍ରାବାସ ଅନ୍ତେବାସୀ, ଜିଲା ସ୍କୁଲ, ଟାଉନ ହାଇସ୍କୁଲ, କମିଶନର୍ସ କଲୋନୀ ସ୍କୁଲ, ଜିଲା ମହିଳା ଫୁଟବଲ ଦଳ, ଜିଲା କ୍ରୀଡା ସଂଘ ସଭ୍ୟ, କର୍ମକର୍ତ୍ତା ଓ ବରିଷ୍ଠ କ୍ରୀଡାବିତମାନେ ସାମିଲ ଥିଲେ । ବନଖଣ୍ଡ ଅଧିକାରୀ ଡ. ସଞ୍ଜିତ କୁମାର ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ସନ୍ତରଣ କୋଚ ସୁରେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୁଟବଲ କୋଚ ଅଜୟ ବେହେରା, ସନ୍ତରଣ କୋଚ ଆଶୁତୋଷ ନାୟକ, ବ୍ୟାଡମିଣ୍ଟନ କୋଚ ସୁବ୍ରତ ପାଢ଼ୀ, ଡା. ଦିଲୀପ ନନ୍ଦ, ବଳରାମ ମଟାରୀ, ସୁନ୍ଦରମଣୀ ବାରିକ, ସାହେବ ଖମାରୀ, ଜଗବନ୍ଧୁ ବେହେରା, ରମଣରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ଜିଲା ସମ୍ମିଳନୀ କକ୍ଷରେ ଫିଟ୍ ଇଣ୍ଡିଆ ମୋମେଣ୍ଟ କାର୍ଯ୍ୟକ୍ରମ ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଓ ଜୟ ଜର୍ଜ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ କ୍ରୀଡା ଛାତ୍ରାବାସ ଅନ୍ତେବାସୀଙ୍କ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୪ଟାରେ ସେଣ୍ଟଜନ୍ ସ୍କୁଲ ପଡିଆରେ ବନ୍ଧୁତ୍ୱ ପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସମ୍ବଲପୁର ବ୍ଲୁ ବନାମ ସମ୍ବଲପୁର ରେଡ୍ ମଧ୍ୟରେ ହକି ମ୍ୟାଚ ଆୟୋଜିତ ହୋଇଥିଲା । ୧-୧ ଗୋଲରେ ମ୍ୟାଚ ଅମୀମାଂସିତ ରହିଥିଲା । ସେହିପରି ରେଡ୍ ସମ୍ବଲପୁର ବନାମ ବ୍ଲୁ ସମ୍ବଲପୁର ମଧ୍ୟରେ ଫୁଟବଲ ମ୍ୟାଚ ହୋଇଥିଲା । ଏହି ମ୍ୟାଚ ମଧ୍ୟ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ସେଣ୍ଟଜନ୍ ସ୍କୁଲ ଅଧକ୍ଷ ଫାଦର ଅନୀଲ କୁଜୁରଙ୍କ ପରିଚାଳନା ଓ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ହକି କୋଚ ଜିତେନ୍ଦର ଶର୍ମା, କବିଶ ଅଗସ୍ତି, ଅକ୍ଷୟ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ ।

ଧରିତ୍ରୀ
DHARITRI
ଶୁକ୍ରବାର, ୩୦ ଅଗଷ୍ଟ , ୨୦୧୯



# ସାବାସ୍ ସିନ୍ଧୁ

**ଭାରତର ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବେ ଟପ୍ ଫର୍ମରେ। ନିଜ ଜାକ୍ଜଲ୍ୟମାନ କ୍ୟାରିୟରରେ ସେ ଯୋଡ଼ିଛନ୍ତି ଆଉ ଏକ ସ୍ୱର୍ଣ୍ଣିମ ସଫଳତା। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସରେ ସେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ। ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କୁ ହରାଇ ଇତିହାସ ରଚିଛନ୍ତି ଏହି ହାଇଦ୍ରାବାଦୀ ଲଳନା...**



ନିର୍ମଳ କୁମାର ମିଶ୍ର



ରବିବାର ଥିଲା ବିଶ୍ୱ କ୍ରୀଡ଼ାଜଗତ ପାଇଁ ଘଟଣା ବହୁଳ। ସେହିଦିନ ଏକାଧିକ ଖେଳ ଉପରେ କ୍ରୀଡାପ୍ରେମୀଙ୍କ ନଜର ରହିଥିଲା। ସୁଇଜରଲାଣ୍ଡର ବାସେଲ ସହରରେ ଚାଲିଥିବା ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପର ଫାଇନାଲ ଥିବାରୁ ଭାରତୀୟଙ୍କ ନଜର ସ୍ୱତଃ ତାରକା ମହିଳା ଖେଳାଳି ପି.ଭି. ସିନ୍ଧୁଙ୍କ ଉପରେ ରହିଥିଲା। କ୍ରିକେଟ ପ୍ରେମୀମାନେ ୱେଷ୍ଟଇଣ୍ଡିଜ-ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରଥମ ଟେଷ୍ଟର ଫଳାଫଳ ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ୍ ସିରିଜ୍ ଅନ୍ତର୍ଗତ ତୃତୀୟ ଟେଷ୍ଟର ଫଳାଫଳ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା। ସେ ଦିନ ଓଡ଼ିଶାବାସୀ ମଧ୍ୟ ଗର୍ବ ଅନୁଭବ କରିବାଭଳି ଘଟଣା ଘଟିଥିଲା। ପ୍ରଥମ ଭାରତୀୟଭାବେ ଓଡିଶାର ପ୍ରମୋଦ ଭଗତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସରେ ଚାମ୍ପିୟନ ହୋଇଥିଲେ। ପୂର୍ବରୁ ସେ ଡବଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିବାରୁ ବାସେଲ ଡବଲ ସଫଳତା ପାଇଥିଲେ ଏହି ପାରା ବ୍ୟାଡ୍‌ମିଣ୍ଟନ ତାରକା।

ବିଡବ୍ଲ୍ୟୁଏଫ୍ (ବ୍ୟାଡ଼ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ଦ୍ୱାରା ଆୟୋଜିତ ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ର ୨୫ ତମ ସଂସ୍କରଣରେ ଐତିହାସିକ ବିଜୟ ସହ ସିନ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଏହି ସଫଳତା ପାଇଁ ସମଗ୍ର ବିଶ୍ୱରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଫାଇନାଲରେ ଜାପାନର ତାରକା ଖେଳାଳି ଏବଂ ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍ୟାଙ୍କିଙ୍ଗ୍‌ର ୪ର୍ଥ ସ୍ଥାନରେ ଥିବା ନୋଜୋମି ଓକୁହାରାଙ୍କୁ ସିଧା ସଳଖ ଗେମ୍‌ରେ ମାତ୍ର ୩୮ ମିନିଟ୍ ମଧ୍ୟରେ ହରାଇ ବିଶ୍ୱ ଚାମ୍ପିୟନ ହୋଇଥିଲେ ସିନ୍ଧୁ। ଏହା ଥିଲା ଆମ ଦେଶ ପାଇଁ ବଡ ଗୌରବର କଥା। ସୁଇଜରଲାଣ୍ଡର ବାସେଲ ସହରରେ ୧୯ରୁ ୨୫ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବିଶ୍ୱ ଚାମ୍ପିୟନଶିପ୍‌ରେ ବିଶ୍ୱର ୪୫ ଦେଶରୁ ମୋଟ ୩୫୯ ଖେଳାଳି ଭାଗ ନେଇଥିଲେ। ଏହି ମେଗା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗର ସିଙ୍ଗଲ୍ସ, ଡବଲ୍ସ ସହିତ ମିକ୍ସଡ୍ ଡବଲ୍ସ ପାଇଁ ବିଶ୍ୱ ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଫାଇନାଲକୁ ମିଶାଇ ମୋଟ ୬୪ ଟି ମ୍ୟାଚ୍ ଖେଳାଯାଇଥିଲା। ୨୦୧୮ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ୩୦ ଜୁଲାଇରୁ ୫ ଅଗଷ୍ଟ ପର୍ଯ୍ୟନ୍ତ ଚାଇନାର ନାନ୍‌ଜିଙ୍ଗ ସହରରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୪୮ ଦେଶର ମୋଟ ୩୫୭ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଏହାର ମହିଳା ସିଙ୍ଗଲ୍ସ ଫାଇନାଲରେ କାରୋଲିନ ମାରିନ୍‌ଙ୍କ ଠାରୁ ହାରି ପିଭି ସିନ୍ଧୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇ ଥିଲେ। ଏଥର କିନ୍ତୁ ଅଭିଜ୍ଞତାର ଉପଯୋଗ କରି ବିଜୟ ମୁକୁଟ ପିନ୍ଧିଛନ୍ତି ଏହି ଭାରତୀୟ ଲଳନା।

ଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏସିଆ ମହାଦେଶରୁ ଚାଇନା, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ, କୋରିଆ, ଚାଇନିଜ୍-ତାଇପେ, ମାଲେସିଆ, ଥାଇଲାଣ୍ଡ, ଭାରତ ପ୍ରମୁଖ ଦେଶ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ୟୁରୋପ ମହାଦେଶର ସୁଇଜରଲାଣ୍ଡ, ଡେନମାର୍କ ବ୍ୟାଡ଼ମିଣ୍ଟନର ବିଶ୍ୱ ର୍ୟାଙ୍କିଙ୍ଗରେ ସ୍ଥାନ ପାଇବା ପାଇଁ ସକ୍ଷମ ହୋଇଛନ୍ତି। ୨୦୧୧ରୁ ବିଡବ୍ଲୁଏଫ୍‌ର ବିଶ୍ୱ ର୍ୟାଙ୍କିଙ୍ଗ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡିକର ସଫଳତା ଆଧାରରେ ବିଶ୍ୱସ୍ତରୀୟ ଖେଳାଳିମାନଙ୍କର ର୍ୟାଙ୍କିଙ୍ଗ୍ କରାଯାଇଥାଏ। ୨୦୧୮-୧୯ ରେ ଚାଇନା, ମାଲେସିଆ, ଥାଇଲାଣ୍ଡ, ସୁଇଜରଲାଣ୍ଡ, ଭାରତ, ଚାଇନିଜ୍ ତାଇପେ ଏବଂ ଜାପାନର ଖେଳାଳିମାନେ ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ପୁରୁଷ ବିଭାଗ୍‌ରେ ଲିନ୍ ଡାନ୍, ଚେନ୍ ଲଙ୍ଗ୍ ସନ୍ ୱାନ-ହୋ, ଭିକ୍ଟର ଆକ୍ସଲେସନ, ଭାରତର କିଡାମ୍ବି ଶ୍ରୀକାନ୍ତ ପ୍ରମୁଖ ର୍ୟାଙ୍କିଙ୍ଗର ଶୀର୍ଷରେ ରହିଥିବା ବେଳେ ମହିଳା ବିଭାଗରେ ଲି ଜୁଏରୁଇ, ସାଇନା ନେହ୍ୱାଲ, କାରୋଲିନା ମାରିନ୍, ତାଇଟିଜୁ ଲଙ୍ଗ୍, ଏକାନେ ୟାମାଗୁଚିଙ୍କ ପରି ନାମୀଦାମୀ ଖେଳାଳି ଚାମ୍ପିୟନଶିପ୍‌ରେ ଭାଗ ନେଇ ଟୁର୍ନାମେଣ୍ଟର ଶୋଭା ବର୍ଦ୍ଧନ କରିଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ପୁରୁଷ ବିଭାଗରେ ଜାପାନର ତାରକା ଖେଳାଳି କେଣ୍ଟୋ ମୋମୋଟା ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତର ଷ୍ଟାର ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ୯ମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ବିଭାଗରେ ଚାଇନିଜ୍ ତାଇପେର ତାଇଜୁ ଲଙ୍ଗ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତର ପି.ଭି. ସିନ୍ଧୁ ୫ମ ସ୍ଥାନରେ ଏବଂ ସାଇନା ନେହ୍ୱାଲ ୮ମ ସ୍ଥାନରେ ରହିଛନ୍ତି। ଗତ କିଛି ବର୍ଷ ହେବ ଉଭୟ ପୁରୁଷ ଏବଂ ମହିଳା ଖେଳାଳିଙ୍କ ମଧ୍ୟରେ ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ, କିଡାମ୍ବି ଶ୍ରୀକାନ୍ତ, ସାଇ ପ୍ରଣୀତ୍, ଏଚ୍.ଏସ୍. ପ୍ରଣୟ, ସମୀର ବର୍ମାଙ୍କ ପରି ଖେଳାଳି ବିଶ୍ୱର ତାରକା ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡିକରେ ବେଶ୍ ଟକ୍କର ଦେଉଥିବାର ଦେଖାଯାଉଛି, ଯାହା କି ଆମ ଦେଶର ବ୍ୟାଡ଼ମିଣ୍ଟନ ପ୍ରେମୀ ଏବଂ ପ୍ରତ୍ୟେକ କ୍ରୀଡାବିତ୍ ମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ପୂର୍ବତନ ଖେଳାଳି ପ୍ରକାଶ ପାଦୁକନ୍‌ଙ୍କ ପରେ ଶ୍ରୀକାନ୍ତ ବିଡବ୍ଲୁଏଫ୍ ର୍ୟାଙ୍କିଙ୍ଗରେ ୧ ନମ୍ବର ମାନ୍ୟତା ପାଇବା ଆମ ପାଇଁ ବେଶ୍ ସୁନାମ ଆଣିଥିଲା। ଭାରତର ପୂର୍ବତନ ତାରକା ଖେଳାଳିଙ୍କ ମଧ୍ୟରେ ଅପର୍ଣ୍ଣା ପୋପଟ, ପୁଲେଲା ଗୋପୀଚାନ୍ଦ, ସୟଦ ମୋଦୀ, ଚେ଼ତନ ଆନନ୍ଦ, ପ୍ରଣୟ କୁମାର, ପାରୁପଲ୍ଲୀ କାଶ୍ୟପ, ଅଶ୍ୱିନୀ ପୋନାପା, ଚି଼ରାଗ ସେଠୀ ଏବଂ ଏନ୍.ସିକ୍କି ରେଡ୍ଡିଙ୍କ ପରି ଖେଳାଳି ସେମାନଙ୍କର ଦକ୍ଷତା ମାଧ୍ୟମରେ ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ବ୍ୟାଡମିଣ୍ଟନ ଗେମ୍‌ରେ ୧୯୭୭ରୁ ଚାଇନା ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଆସୁଥିବା ବେଳେ କ୍ରମେ ଇଣ୍ଡୋନେସିଆ, ଡେନମାର୍କ, ଦକ୍ଷିଣ କୋରିଆ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ଚାଇନା ଖେଳାଳିଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସାଜିଲେ। ମାତ୍ର ନବେ ଦଶକରେ ଭାରତ ତାର ନିଜସ୍ୱ ଉଦ୍ୟମରେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିବାକୁ ସକ୍ଷମ ହେଲା। ବର୍ତ୍ତମାନର ବିଶ୍ୱଚାମ୍ପିୟନ ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା ଭାବେ ରୌପ୍ୟ ପଦକ ଜିତିବା ପରେ ର୍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନକୁ ଉଠିଥିଲେ। ପ୍ରଦର୍ଶନ ଦୃଷ୍ଟିରୁ ଲିନ୍‌ଡାନ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ବ୍ୟାଡ଼ମିଣ୍ଟନ ଖେଳାଳିର ମାନ୍ୟତା ହାସଲ କରିଛନ୍ତି।

ବିଶ୍ୱ ବ୍ୟାଡ଼ମିଣ୍ଟନ ଇତିହାସରେ ଭାରତୀୟ ଖେଳାଳିଙ୍କର କେତେକ ପ୍ରଦର୍ଶନ ଅଭୁଲା ହୋଇ ରହିଛି। ବି.ଡବ୍ଲୁ.ଏଫ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ପ୍ରକାଶ ପାଦୁକୋନ ଏବଂ ଶ୍ରୀକାନ୍ତ ଶୀର୍ଷ ଖେଳାଳିଙ୍କ ମଧ୍ୟରେ ରହିଥିଲେ। ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନରେ ପାଦୁକୋନ ଏବଂ ପୁଲେଲା ଗୋପୀଚାନ୍ଦ ଚାମ୍ପିୟନ ହୋଇଥିବାବେଳେ ସିନ୍ଧୁ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାଇନା ଏକାଧିକ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏବେ ବିଶ୍ୱ ଚାମ୍ପିୟନଶିପ୍‌ରେ ସିନ୍ଧୁଙ୍କର ଐତିହାସିକ ସ୍ୱର୍ଣ୍ଣ ପଦକ ଆମ ଭାରତୀୟ କ୍ରୀଡ଼ାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ଦେଇଛି। ପ୍ରତ୍ୟେକ ଭାରତୀୟ ଏଥିପାଇଁ ବେଶ୍ ଉତ୍ସାହିତ ଏବଂ ଗର୍ବିତ। ବିଶ୍ୱ ବ୍ୟାଡମିଣ୍ଟନରେ ୨୦୧୮ ମସିହାରେ ସର୍ବାଧିକ ଆୟ କରିଥିବା ଖେଳାଳିଙ୍କ ମଧ୍ୟରେ ମାଲେସିଆର ତାରକା ଖେଳାଳି ଲି.ଚୋଙ୍ଗ୍ ୱେ ସର୍ବାଧିକ ୩୫ ମିଲିୟନ ୟୁ.ଏସ୍. ଡଲାର ପାଇଥିବାବେଳେ, ଚାଇନାର ଲିନ୍-ଡାଙ୍ଗ୍ ୨୬ ମିଲିୟନ ଏବଂ ଭାରତର ସାଇନା ନେହ୍ୱାଲ ୨୪ ମିଲିୟନ ଡଲାର ଅର୍ଥ ରୋଜଗାର କରିବାକୁ ସକ୍ଷମ ହୋଇଥିଲେ।

ଏକାଧିକ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନକୁ ଭିତ୍ତିକରି ଭାରତବର୍ଷରେ ବ୍ୟାଡ଼ମିଣ୍ଟନ ଏକ ଲୋକପ୍ରିୟ ଖେଳର ମାନ୍ୟତା ହାସଲ କରିଛି। ୧୮୦୦ ଶତାବ୍ଦୀର ମଧ୍ୟଭାଗରୁ ଏହି ଖେଳ ଆମ ଦେଶରେ ଆରମ୍ଭ ହୋଇଥିବା ବେଳେ ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ ଏହି ଖେଳର ସର୍ବୋଚ୍ଚ ସଂସ୍ଥା ରୂପେ ଏହାର ପ୍ରଚାର ଏବଂ ପ୍ରସାର କରି ଆସୁଛି। ବିଶ୍ୱ ଚାମ୍ପିୟନ ହେବା ପରେ ସିନ୍ଧୁଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟୁଛି। ଭାରତ ପାଇଁ ବ୍ୟାଡ୍‌ମିଣ୍ଟନ ପାଇଁ ଏକ ନୂଆ ଯୁଗର ଆରମ୍ଭ କରିଛନ୍ତି ସିନ୍ଧୁ। ଯୁବପିଢ଼ି ନିଶ୍ଚିତ ରୂପେ ଏଥିରୁ ଉତ୍ସାହିତ ହେବେ। ଆଗକୁ ରହିଛି ୨୦୨୦ ସମର ଅଲିମ୍ପିକ୍ସ। ଟୋକିଓ ଅଲିମ୍ପିକ୍ସ ପାଇଁ ଏହି ବିରଳ ସଫଳତା ବେଶ୍ ନୂତନ ସମ୍ଭାବନା ନେଇ ଆସିବ। ପି.ଭି. ସିନ୍ଧୁ ଏହି ମେଗା ଇଭେଣ୍ଟରେ ଭାରତକୁ ପଦକ ଦେଇ ପୁନର୍ବାର ଇତିହାସ ରଚିବେ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ ଅଟେ। ସାବାସ୍ ସିନ୍ଧୁ।





### ସଂକ୍ଷେପରେ ସିନ୍ଧୁ

ନାମ: ପୁସର୍ଲା ଭେଙ୍କଟ ସିନ୍ଧୁ
ଜନ୍ମ: ୧୯୯୫ ଜୁଲାଇ ୫, ହାଇଦ୍ରାବାଦ, ତେଲେଙ୍ଗାନା
ଉଚ୍ଚତା: ୧.୭୯ ମିଟର(୫ ଫୁଟ ୧୦ ଇଞ୍ଚ)
ଓଜନ: ୬୦ କେଜି
କ୍ୟାରିୟର: ୨୦୧୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ
କୋଚ୍: ପୁଲେଲା ଗୋପୀଚାନ୍ଦ

**ମହିଳା ସିଙ୍ଗଲ୍ସ**
କ୍ୟାରିୟର ରେକର୍ଡ: ୩୧୨ ବିଜୟ, ୧୨୯ ପରାଜୟ
କ୍ୟାରିୟର ଟାଇଟଲ: ୧୫
ସର୍ବୋଚ୍ଚ ର୍ୟାଙ୍କିଙ୍ଗ୍: ୨(୨୦୧୭ ଏପ୍ରିଲ ୭)
ବର୍ତ୍ତମାନ ର୍ୟାଙ୍କିଙ୍ଗ୍: ୫(୨୦୧୯ ଅଗଷ୍ଟ ୨୦)

**ପଦକ ରେକର୍ଡ**

**ଅଲିମ୍ପିକ୍ସ**
ବ୍ରୋଞ୍ଜ ପଦକ: ୨୦୧୬, ରିଓ ଡି ଜେନିରୋ, ମହିଳା ସିଙ୍ଗଲ୍ସ

**ବିଶ୍ୱ ଚାମ୍ପିୟନଶିପ୍**
ବ୍ରୋଞ୍ଜ:୨୦୧୩ କୋପେନହାଗେନ, ମହିଳା ସିଙ୍ଗଲ୍ସ
ବ୍ରୋଞ୍ଜ: ୨୦୧୪ ଗୁଆଙ୍ଗଝୋଉ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୭ ଗ୍ଲାସ୍‌ଗୋ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୮ ନାନ୍‌ଜିଙ୍ଗ୍, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୯ ବାସେଲ, ମହିଳା ସିଙ୍ଗଲ୍ସ

**ଉବେର କପ୍**
ବ୍ରୋଞ୍ଜ: ୨୦୧୪ ନୂଆଦିଲ୍ଲୀ, ମହିଳା ଟିମ୍
ବ୍ରୋଞ୍ଜ: ୨୦୧୬ କୁନସାନ, ମହିଳା ଟିମ୍

**ଏସିଆନ ଗେମ୍ସ**
ବ୍ରୋଞ୍ଜ: ୨୦୧୪ ଇଞ୍ଚିଅନ, ମହିଳା ଟିମ୍
ରୌପ୍ୟ: ୨୦୧୮ ଜାକର୍ତ୍ତା, ମହିଳା ସିଙ୍ଗଲ୍ସ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**
ବ୍ରୋଞ୍ଜ: ୨୦୧୪ ଗ୍ଲାସ୍‌ଗୋ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୮ ଗୋଲ୍ଡକୋଷ୍ଟ, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୮ ଗୋଲ୍ଡକୋଷ୍ଟ, ମିକ୍ସଡ ଟିମ୍

**ଏସିଆନ ଚାମ୍ପିୟନଶିପ୍**
ବ୍ରୋଞ୍ଜ: ୨୦୧୪ ଗିମ୍‌ଚେଅନ, ମହିଳା ସିଙ୍ଗଲ୍ସ

**ସାଉଥ୍ ଏସିଆନ ଗେମ୍ସ**
ରୌପ୍ୟ: ୨୦୧୬ ଗୁଆହାଟୀ, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୬ ଗୁଆହାଟୀ, ମହିଳା ଟିମ୍

---

# ଯୋଜନାବଦ୍ଧ ଉଦ୍ୟମ ଜରୁରୀ



ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ୧୧୫ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଦେଶସାରା ଅନେକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଳାତ୍ମକ ହକିର ଯାଦୁକର ରୂପେ ସୁନାମ ଅର୍ଜନ କରିଥିବା ଏହି ଅସାଧାରଣ ପ୍ରତିଭା ଭାରତୀୟ ହକିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେପରି ଏକ ମହାନ ବ୍ୟକ୍ତିତ୍ୱ ବିଶ୍ୱ କ୍ରୀଡା ଜଗତରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଆଧୁନିକ ହକିରେ ନୂତନ ନିୟମ, ରଣକୌଶଳ, ସମୟ ପରିବର୍ତ୍ତନ ଏବଂ କୃତ୍ରିମ ଟର୍ଫର ବ୍ୟବହାର ଫଳରେ ଆମର ପାରମ୍ପରିକ କଳାତ୍ମକ ହକି ଯଦିଓ କ୍ଷତିଗ୍ରସ୍ତ ହୋଇଛି ତଥାପି ଆମକୁ ୟୁରୋପିଆନ ହକି ସହ ତାଳଦେଇ ଆଗକୁ ଯିବାକୁ ହେବ। ମାଲେସିଆ, ଜାପାନ, ବେଲଜିୟମ୍, ଆର୍ଜେଣ୍ଟିନା, କାନାଡା, କୋରିଆ ଏବଂ ନ୍ୟୁଜିଲାଣ୍ଡ ପରି ଦେଶଗୁଡିକର ପ୍ରଦର୍ଶନରେ ଉନ୍ନତି ଆସିଥିବାବେଳେ ଆମ ଜାତୀୟ ଦଳର ଖେଳରେ ସ୍ଥିରତା ରହି ପାରିନାହିଁ। ୧୯୮୦ ମସ୍କୋ ଅଲିମ୍ପିକ୍ସ ପରେ ହକିରେ ସ୍ୱର୍ଣ୍ଣପଦକ ଆମ ପାଇଁ ସ୍ୱପ୍ନ ହୋଇ ଯାଇଛି। ୧୨୧ବର୍ଷର ଅଲମ୍ପିକ ଇତିହାସରେ ୮ଥର ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ହକି ଦଳକୁ ଏବେ ପଦକଟିଏ ପାଇଁ ସଂଘର୍ଷ କରିବାକୁ ପଡୁଛି। ସମସ୍ତ ସୁବିଧା ଥିବା ସତ୍ତ୍ୱେ ଆଶାନୁରୂପ ସଫଳତା ନ ମିଳିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ ଅଳ୍ପକେ ପଦକ ପାଇବାରୁ ବଞ୍ଚିତ ହୋଇଥିଲା। ୧୨୧ବର୍ଷର ଅଲିମ୍ପିକ୍ ଇତିହାସରେ ୧ହଜାର ସ୍ୱର୍ଣ୍ଣ ପଦକ ଜିତି ଆମେରିକା ଇତିହାସ ସୃଷ୍ଟି କରିଛି। ଭାରତ ଅଲମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ହାସଲ କରିଥିବା ପଦକ ସଂଖ୍ୟାଠାରୁ ଆମେରିକା ସନ୍ତରଣକାରୀ ମାଇକେଲ୍ ଫେଲ୍‌ପ୍ସ ବ୍ୟକ୍ତିଗତ ଅଧିକ ପଦକ ହାସଲ କରିଛନ୍ତି।

ଆମେ ଏପର୍ଯ୍ୟନ୍ତ କ୍ରୀଡା କ୍ଷେତ୍ରରେ ଆଖିଦୃଶିଆ ସଫଳତା ପାଇନାହୁଁ। କେତେଗୁଡିଏ ହାତ ଗଣତି ଖେଳକୁ ଛାଡିଦେଲେ ଅନ୍ୟ ସମସ୍ତ କ୍ରୀଡାରେ ଆମେ ସମଗ୍ର ବିଶ୍ୱକୁ ଦେଖାଇବା ଭଳି ସଫଳତା ହାସଲ କରିନାହୁଁ। ଆମ ବିଶାଳ ଦେଶ ଲୋକ ସଂଖ୍ୟା ଦୃଷ୍ଟିରୁ ଯେତିକି ଅଗ୍ରଗତି କରିଛି କ୍ରୀଡା କ୍ଷେତ୍ରରେ ଗୋଟିଏ ଅଲିମ୍ପିକ ପାଇଁ ସେତିକି ସଂଘର୍ଷ କରିବାକୁ ପଡୁଛି। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁଡିକରେ ପଦକଟିଏ ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ଆମର କ୍ରୀଡା ସଂସ୍କୃତି ସତେଯେପରି କ୍ରିକେଟ୍ ଖେଳରେ ସୀମିତ ହୋଇ ରହିଛି। ଏକଦା ହକି ଏବଂ ଫୁଟବଲ ପରି ରୋମାଞ୍ଚକର ଏବଂ ଲୋକପ୍ରିୟ ଖେଳରୁ ଆମେ ଭରପୂର ଆନନ୍ଦ ପାଉଥିବା ବେଳେ ଏବେ ସେହି ଖେଳଗୁଡିକ ଆମ ମାନସପଟରୁ ଦୂରେଇଯିବାକୁ ଆରମ୍ଭ କରିଛି। ଯଦିଓ ଏଥି ମଧ୍ୟରେ ଆମେ କେତେକ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିପାରିଛୁ ମାତ୍ର ସେମାନଙ୍କର ସଂଖ୍ୟା ସିମିତ ରହିବା ଫଳରେ ପରବର୍ତ୍ତୀ ଅବସ୍ଥାରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ଆମ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ସ୍ୱୀକାର୍ଯ୍ୟ ଯେ ଆମ ଦେଶର କ୍ରୀଡା ଭିତ୍ତିଭୂମିରେ ଅନେକ ଉନ୍ନତି ଘଟିଛି। ମାତ୍ର ସରକାର ଓ କ୍ରୀଡା ସଙ୍ଗଠନ ଗୁଡିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଆସିପାରିନାହିଁ, ଯାହାକି କ୍ରୀଡାର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିଛି। କ୍ରୀଡାର ବ୍ୟବସାୟୀକରଣ ପରିବର୍ତ୍ତେ ଚାମ୍ପିୟନଟିଏ ତିଆରି କରିବା ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକର ଲକ୍ଷ୍ୟ ହେଲେ ଏହାର ସୁଫଳ ଦେଶକୁ ମିଳିପାରନ୍ତା।

> **ଆମ ଦେଶ ଲୋକ ସଂଖ୍ୟା ଦୃଷ୍ଟିରୁ ଯେତିକି ଅଗ୍ରଗତି କରିଛି କ୍ରୀଡା କ୍ଷେତ୍ରରେ ଗୋଟିଏ ଅଲିମ୍ପିକ ପଦକ ପାଇଁ ସେତିକି ସଂଘର୍ଷର ସାମ୍ନା କରୁଛି। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁଡିକରେ ପଦକଟିଏ ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି।**

ବର୍ତ୍ତମାନ ପ୍ରଧାନ ସମସ୍ୟା ହେଉଛି ଗୋଟିଏ ପିଢିରୁ ପରବର୍ତ୍ତୀ ପିଢି ପାଇଁ ଶ୍ରେଷ୍ଠ ଖେଳାଳି ସୃଷ୍ଟି କରିବା ଆମ ପାଇଁ ସମ୍ଭବ ହେଉନାହିଁ। କ୍ରିକେଟ୍ ଆମ ଦେଶ ପାଇଁ ଐତିହାସିକ ମୁହୂର୍ତ୍ତ ଏବଂ ଗୌରବ ଆଣିଦେଇଛି ଏବଂ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିଛି। ସେହି ଅନୁପାତରେ ଫୁଟବଲ୍, ହକି, ବ୍ୟାଡମିଣ୍ଟନ୍, ଟେନିସ୍, ଗଲ୍‌ଫ, ଜିମ୍ନାଷ୍ଟିକ୍, ତୀରନ୍ଦାଜୀ, ବକ୍ସିଂ, ଶୁଟିଂ, ସ୍ନୁକର, କବାଡି ପରି ବିଶ୍ୱସ୍ତରୀୟ ଖେଳରେ ସୀମିତ ସଂଖ୍ୟକ ଖେଳାଳି ସୃଷ୍ଟି ହେବା ଫଳରେ ଆମ ଦେଶ ବାରମ୍ବାର ଅଲିମ୍ପିକ୍ସରେ ବିଫଳ ହେଉଛି। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍, ଭାରତୀୟ କ୍ରୀଡା ପ୍ରାଧିକରଣ ଏବଂ ଭାରତୀୟ କ୍ରୀଡା ପରିଷଦ ପରି ସର୍ବୋଚ୍ଚ ସଂସ୍ଥାଗୁଡିକ ସେମାନଙ୍କ କାର୍ଯ୍ୟକୁ ଅଧିକ ଶୃଙ୍ଖଳିତ ଏବଂ ବାସ୍ତବଧର୍ମୀ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ସ୍ୱାଧୀନତା ପରବର୍ତ୍ତୀ ୩୫ବର୍ଷ ପର୍ଯ୍ୟନ୍ତ ଭାରତୀୟ ହକି ତାର ଚମକ ହରାଇ ନ ଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଲକ୍ଷ୍ୟଚ୍ୟୁତ ହେବା ଆମ ପାଇଁ ସବୁଠାରୁ ଦୁଃଖର ବିଷୟ। ମୋଟାମୋଟି ଭାବେ ଆମ ଦେଶ ଆଥଲେଟିକ୍ସରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିବା ଫଳରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍‌ର ଦୁର୍ବଳତା ପଦାରେ ପଡିଛି। ବିଭିନ୍ନ ଖେଳରେ ବ୍ୟକ୍ତିଗତ ଉଦ୍ୟମରେ ସଫଳହୋଇ ଅନେକ କ୍ରୀଡାବିତ୍ ଆମ ଦେଶ ପାଇଁ ଗୌରବ ଆଣିଛନ୍ତି। ଦିଲୀପ୍ ତିର୍କୀ, ଲାଜରୁସ୍ ବାର୍ଲା, ଇଗ୍ନେସ ତିର୍କୀ, ସାନିଆ ମିର୍ଜା, ବାଇଚୁଙ୍ଗ ଭୂଟିଆ, ଲିଆଣ୍ଡର ପେସ୍, ସଚିନ୍ ତେନ୍ଦୁଲକର, ବିଶ୍ୱନାଥନ୍ ଆନନ୍ଦ, ମିଥାଲି ରାଜ୍, ପିଟି ଉଷା, ମେରି କମ୍, ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ, ଏମ୍. କାର୍ତ୍ତିକେୟନ୍, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦଙ୍କ ପରି ଖେଳାଳିମାନଙ୍କୁ ନେଇ ଆମେ ନିଶ୍ଚିତ ରୂପେ ଗର୍ବିତ ଏବଂ ଆନନ୍ଦିତ। ମାତ୍ର ୧୩୦କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏପରିହାତଗଣତିସଫଳତାଆଦୌଯଥେଷ୍ଟନୁହେଁ।

### ଭାଇରାଲ



ପଞ୍ଚାଅଶୀ ବର୍ଷରେ ଅବସର ନେବେ
ଭାଇରାଲ କ୍ରିକେଟର
ଇଣ୍ଡିଜ ବୋଲର ସେସିଲ ରାଇଟ
କେଡ଼େ ଦମ୍ଭ ବଡି ତା'ର
ଗ୍ୟାରେଣ୍ଟି ନାହିଁ ଏଠି କା'ର
ଫର୍ଟି ଟପିଗଲେ ରୋଗ ମାଡ଼ିବସେ
ଡିଫରେଣ୍ଟ ସର୍ଭେ କର।
ବିଶ୍ୱକପ ଦେଶ ନ ପାଇଲା ନାହିଁ
ଟିମ୍ ଟୋକା ମାଲାମାଲ
ଯବାନଙ୍କ ସହ ଟ୍ରେନିଂରୁ ଫେରି
ନୂଆ ଲୁକ୍ ଝଲମଲ
କୁର୍ତ୍ତା ଗାନ୍ଧୀ ଟୋପି ଭେଲ
ନେତା ଲୁକ୍‌ରେ ଧୋନୀ ସୋସିଆଲ
ମିଡିଆରେ ଭାଇରାଲ।
ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଆମର
ଝିଅ ପି.ଭି. ସିନ୍ଧୁ ସୁନା
ସୁଇଜରଲାଣ୍ଡରେ ବିଡବ୍ଲ୍ୟୁଏଫ ଜିତି
କଲା ଇତିହାସ ସିନା
ଜାପାନ ନୋଜୋମି ଛେନା
ଭଲ କାମ ଭାଇରାଲରେ ସୁନାମ
ମନ୍ଦ ବଦନାମ ମୀନା।
-ସୁବାସ ଚନ୍ଦ୍ର ପ୍ରଧାନ

“ଗୋଟିଏ ଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ବ୍ୟାନ୍ କରିବା ଲାଗି ବ୍ୟବସାୟୀ ମହାସଂଘ(ସିଏଆଇଟି) ସେପ୍ଟେମ୍ବର ପହିଲାରୁ ସାରା ଦେଶରେ ଅଭିଯାନ ଆରମ୍ଭ କରିବା
-ବି.ସି.ଭରତିଆ, ସିଏଆଇଟି, ନ୍ୟାଶନାଲ ପ୍ରେସିଡେଣ୍ଟ



“ଡିଜିଟାଲ ମିଡିଆରେ ୨୬% ଏଫ୍‌ଡିଆଇକୁ ଅନୁମତି ଦିଆଯାଇଥିବାରୁ ଏସମ୍ପର୍କରେ ସରକାରଙ୍କ ନୀତି ସ୍ପଷ୍ଟ ହେବା ଉଚିତ। କାରଣ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି।
-ଜେହିଲ ଥକ୍କର, ଡେଲଏଟ୍ ଇଣ୍ଡିଆ ପାର୍ଟନର



## ସଂକ୍ଷେପରେ

### ସୁନା ରେକର୍ଡ ୪୦ ହଜାର ଟପିଲା

ନୂଆଦିଲ୍ଲୀ,୨୯-୮: ସୁନା ଦର ଗୁରୁବାର ପ୍ରତି ୧୦ ଗ୍ରାମ୍ ୨୫୦ ଟଙ୍କା ବୃଦ୍ଧି ପାଇ ରେକର୍ଡ ୪୦ ହଜାର ଟଙ୍କା ଟପିଛି। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନର ରିପୋର୍ଟ ଅନୁଯାୟୀ ଗୁରୁବାର ସୁନା ଦର ୪୦,୨୨୦ ଟଙ୍କାରେ କାରବାର ବନ୍ଦ ହୋଇଛି। ବୁଧବାର ସୁନା ଦର ୩୦୦ ଟଙ୍କା ବଢ଼ିଥିଲା। ସେହିପରି ଚାହିଦା ବୃଦ୍ଧି କାରଣରୁ ରୁପା ଦର ମଧ ଦିନେ ଦୁଇଦିନ ଭିତରେ ରେକର୍ଡ ୫୦ ହଜାର ଟଙ୍କା ଛୁଇଁବାକୁ ଯାଉଛି। ଗୁରୁବାର ରୁପା ଦର କେଜି ୨୦୦ ଟଙ୍କା ବଢ଼ି ୪୯,୦୫୦ ଟଙ୍କାରେ କାରବାର ବନ୍ଦ ହୋଇଛି। ବ୍ରେକ୍‌ଜିଟର ଅଗ୍ରଗତି, ଆମେରିକା ଓ ଚାଇନା ମଧରେ ବାଣିଜ୍ୟ ଯୁଦ୍ଧ ନେଇ ଆସନ୍ତା ସପ୍ତାହରେ ହେବାକୁ ଥିବା ଆଲୋଚନାରୁ ସୁନା ଦର ଉପରେ ପ୍ରଭାବ ପକାଇବ ବୋଲି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ସିନିୟର ଆନାଲିଷ୍ଟ(କମୋଡିଟି) ତପନ ପଟେଲ କହିଛନ୍ତି।

### ଗାନ୍ଧୀ ଜୟନ୍ତୀରୁ ଏୟାର ଇଣ୍ଡିଆରେ ପ୍ଲାଷ୍ଟିକ ବ୍ୟାନ୍

ନୂଆଦିଲ୍ଲୀ,୨୯-୮: ଦେଶକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ପ୍ଲାଷ୍ଟିକ ବ୍ୟବହାର କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ଅକ୍ଟୋବର ୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ଏୟାର ଇଣ୍ଡିଆରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗୁ କରାଯିବ ବୋଲି କମ୍ପାନୀ ସିଏମ୍‌ଡି ଅଶ୍ୱିନୀ ଲୋହାନୀ ଗୁରୁବାର କହିଛନ୍ତି। ସେ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ଏୟାର ଏକ୍ସପ୍ରେସର ସମସ୍ତ ବିମାନ ଓ ସହଯୋଗୀ ବିମାନରେ ପ୍ଲାଷ୍ଟିକ ବ୍ୟବହାରକୁ ବ୍ୟାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏୟାର ଇଣ୍ଡିଆର ସମସ୍ତ ବିମାନରେ ଏହାକୁ ଲାଗୁ କରାଯିବ। ଦେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ଜନଆନ୍ଦୋଳନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହାକୁ ସାକାର କରିବା ଦିଗରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଉକ୍ତ ପଦକ୍ଷେପ ନେବାକୁ ଯାଉଛି।

### ଭାରତରେ ରିଟେଲ ଷ୍ଟୋର ଖୋଲିବ ଆପଲ୍

ନୂଆଦିଲ୍ଲୀ,୨୯-୮: ମହଙ୍ଗା ଫୋନ ଏବଂ ସଫ୍ଟୱେର ତିଆରି କରୁଥିବା ଆମେରିକା କମ୍ପାନୀ ଆପଲ୍ ଭାରତରେ ଏହାର ରିଟେଲ ଷ୍ଟୋର୍ ଖୋଲିବାକୁ ନେଇ ଉତ୍ସୁକ ବୋଲି କହିଛି। ଭାରତୀୟ ଗ୍ରାହକଙ୍କୁ ବିଶ୍ୱ ମାନଦଣ୍ଡ ଅନୁଯାୟୀ ଅନ୍‌ଲାଇନ ଓ ଦୋକାନ ଜରିଆରେ ଉନ୍ନତ ଅନୁଭବ କରିବାକୁ ନେଇ କମ୍ପାନୀ ଉତ୍ସାହୀ ବୋଲି କହିଛି। ଖୁବ୍‌ଶୀଘ୍ର ଭାରତରେ ଏକ ଷ୍ଟୋର୍ ଖୋଲାଯିବ ବୋଲି ଆପଲ୍ ଗୁରୁବାର ସ୍ପଷ୍ଟ କରିଛି। ସୂଚନାଥାଉ କି, କେନ୍ଦ୍ର ସରକାର ସିଙ୍ଗଲ ରିଟେଲ୍ ବ୍ରାଣ୍ଡରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) ନିୟମ କୋହଳ କରିବା ଲାଗି ବୁଧବାର ଘୋଷଣା କରିବା ପରେ ଆପଲ୍ ପକ୍ଷରୁ ପ୍ରଥମଥର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଇ-ମେଲ୍ ଜରିଆରେ ଗଣମାଧମକୁ ପଠାଇଥିବା ନିଜ ପ୍ରତିକ୍ରିୟାରେ ଆପଲ୍ କହିଛି ଯେ, ଏହା ଭାରତରେ ପ୍ରଥମ ଦୋକାନ ଖୋଲି ଗ୍ରାହକଙ୍କୁ ସ୍ୱାଗତ କରିବା ଲାଗି ଆଗ୍ରହୀ। ତେବେ କମ୍ପାନୀ ନିଜର ଯୋଜନା ସମ୍ପର୍କରେ କିଛି ପ୍ରକାଶ କରିନାହିଁ। ବର୍ତ୍ତମାନ ଭାରତୀୟ ବଜାରରେ ଆପଲ୍‌କୁ ସ୍ମାର୍ଟଫୋନ ଶ୍ରେଣୀରେ ୱାନ୍ ପ୍ଲସ୍ ଓ ସାମସଙ୍ଗ ସହିତ ମୁକାବିଲା କରିବାକୁ ପଡୁଛି।

### ସାମସଙ୍ଗ ଆଣିଲା ନୂଆ ଗାଲାକ୍ସି ନୋଟ୍୧୦

ମୁମ୍ବାଇ, ୨୯-୮:
ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ନୋଟ୍ ୧୦ ଏବଂ ୧୦ ପ୍ଲସ ସ୍ମାର୍ଟଫୋନ ବଜାରକୁ ଆସିଛି। ଯୁବବର୍ଗଙ୍କ ଚାହିଦାକୁ ଧାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନୂଆ ସ୍ମାର୍ଟଫୋନରେ ଆକର୍ଷଣୀୟ ଡିଜାଇନ, ଶକ୍ତିଶାଳୀ ପରଫରମାନ୍ସ, ଏବଂ ଉତ୍ପାଦକତା ଟୁଲ ଗ୍ରାହକ ଲାଭ କରିପାରିବେ। ଏଥିରେ ଥିବା ସ୍ୱତନ୍ତ୍ର ଏସ୍ ପେନ ଏବଂ ଅନ୍ୟ ଆକର୍ଷଣୀୟ ଫିଚର ଗ୍ରାହକଙ୍କ ପସନ୍ଦ ଆସିବ ବୋଲି ସାମ୍‌ସଙ୍ଗ ସଭାପତି ଏଚ୍‌ସି ହଙ୍ଗ କହିଛନ୍ତି। ଏସ୍‌ପେନ ସହାୟତାରେ ହାତଲେଖାକୁ ଡିଜିଟାଲ ଟେକ୍ସଟରେ ରୂପାନ୍ତର କରାଯାଇପାରିବ। ସେହିଭଳି ୭ ଏନ୍‌ଏମ୍ ପ୍ରୋସେସର ଏଥିରେ ସ୍ଥାନିତ କରାଯାଇଛି। ୧୨ ଜିବି ଏବଂ ୮ ଜିବି ରାମରେ ଏହା ଆସୁଛି। ପ୍ରୋଗ୍ରେଡ କ୍ୟାମେରା, ଭିଡିଓ ଏଡିଟିଂ, ଏଆର୍ ଡୁଡୁଲ, ୩ ଡି ସ୍କାନର ଗ୍ରାହକ ଏଥିରେ ଲାଭ କରିପାରିବେ।

# ଅର୍ଥନୀତିରେ ମାନ୍ଦାବସ୍ଥା ‘ସମୟାବର୍ତ୍ତୀ’



**ଆର୍‌ବିଆଇ ବାର୍ଷିକ ରିପୋର୍ଟ**
- ଢାଞ୍ଚାଗତ ସମସ୍ୟା ଯୋଗୁ ମାନ୍ଦାବସ୍ଥା
- ଚାହିଦା, ଘରୋଇ ନିବେଶ ବୃଦ୍ଧିକୁ ପ୍ରାଥମିକତା
- ବ୍ୟାଙ୍କ ଓ ଅଣବ୍ୟାଙ୍କ କ୍ଷେତ୍ର ଅଧିକ ଦୃଢ଼ୀଭୂତ ହେଉ
- ଭିତ୍ତିଭୂମି ନିର୍ମାଣରେ ହେଉ ଅଧିକ ନିବେଶ
- କଣ୍ଟିଜେନ୍ସି ଫଣ୍ଡ ପରିମାଣ ହ୍ରାସ ପାଇ ୧,୯୬,୩୪୪ କୋଟି ଟଙ୍କା
- ସରକାରଙ୍କୁ ଦେବ ୫୨,୦୦୦ କୋଟି ଟଙ୍କା
- ଘରୋଇ ସ୍ରୋତରୁ ଆୟ ୧୩୨.୦୭% ବୃଦ୍ଧି

ମୁମ୍ବାଇ,୨୯-୮

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ନିଜର ବାର୍ଷିକ ରିପୋର୍ଟ ଜାରି କରିଛି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ‘ସମୟାବର୍ତ୍ତୀ’ ବୋଲି ରିପୋର୍ଟରେ କୁହାଯାଇଛି। ଏଥିରୁ ବାହାରି ଆସିବାକୁ ହେଲେ ବଡ଼ ଧରଣର ସଂସ୍କାର ଜରୁରୀ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଢାଞ୍ଚାଗତ ସମସ୍ୟା ସୃଷ୍ଟି ଯୋଗୁ ଦେଖାଦେଇଛି ବୋଲି କୁହାଯାଇଛି।

ଆର୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବୃହତ୍ ଆର୍ଥିକ ଦୃଶ୍ୟପଟ ଅସ୍ଥିର ରହିଥିବା ବେଳେ ବଜାରରେ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଏକାଧିକ ପ୍ରଶ୍ନ ମନକୁ ଆସୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମାନ୍ଦାବସ୍ଥାର ପ୍ରକୃତ କାରଣ ଖୋଜିବା ଅସମ୍ଭବ ଏବଂ ଏହାକୁ ଅଲଗା କରିବା ମଧ କଷ୍ଟକର। ପ୍ରାୟ ସମସ୍ତ କ୍ଷେତ୍ର ଯଥା: ମାନୁଫାକ୍‌ଚରିଂ, ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ, ପ୍ରସାରଣ, ନିର୍ମାଣ, କୃଷି ଏବଂ ରିଏଲ ଇଷ୍ଟେଟ୍‌ରେ ମାନ୍ଦାବସ୍ଥାର ପ୍ରଭାବ ଅନୁଭୂତ ହେଉଛି ବୋଲି ଏଥିରେ କୁହାଯାଇଛି। ଏଣୁ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ ଚାହିଦା ବୃଦ୍ଧି ଏବଂ ଘରୋଇ ନିବେଶ ବଢ଼ାଇବା ସର୍ବାଧିକ ପ୍ରାଥମିକତା ହେବା ଉଚିତ। ଏଥିପାଇଁ ବ୍ୟାଙ୍କ ଓ ଅଣବ୍ୟାଙ୍କ କ୍ଷେତ୍ରକୁ ଅଧିକ ଦୃଢ଼ୀଭୂତ କରିବା ସହିତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଧିକରୁ ଅଧିକ ନିବେଶ କରିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଆର୍‌ବିଆଇର କଣ୍ଟିଜେନ୍ସି ଫଣ୍ଡ ପରିମାଣ ହ୍ରାସ ପାଇ ୧,୯୬,୩୪୪ କୋଟି ଟଙ୍କା ହୋଇଛି। ଗତବର୍ଷ ଏହି ସମୟରେ ଏହା ୨,୩୨,୧୦୮ କୋଟି ଟଙ୍କା ଥିଲା। ଅତିରିକ୍ତ ପାଣ୍ଠିରୁ ଆର୍‌ବିଆଇ ସରକାରଙ୍କୁ ୫୨,୦୦୦ କୋଟି ଟଙ୍କା ଦେବାକୁ ଯାଉଛି। ସେହିପରି ବଳକା ପାଣ୍ଠିରୁ କେନ୍ଦ୍ରୀୟ ବ୍ୟାଙ୍କ ୧.୨୩ ଲକ୍ଷ କୋଟି ଟଙ୍କା ସରକାରଙ୍କୁ ଦେବାକୁ ଘୋଷଣା କରିସାରିଛି। ରିପୋର୍ଟ ଅନୁଯାୟୀ ଆର୍‌ବିଆଇର ଘରୋଇ ସ୍ରୋତରୁ ଆୟ ଜୁନ୍ ୩୦ରେ ଶେଷ ହୋଇଥିବା ଅବଧିରେ ୧୩୨.୦୭ ପ୍ରତିଶତ ବଢ଼ି ୧,୧୮,-୭୮ କୋଟି ଟଙ୍କା ରହିଛି, ଯାହା କି, ପୂର୍ବବର୍ଷ ୫୦,୮୮୦ କୋଟି ଟଙ୍କା ଥିଲା।

## ହିରୋ ଏକ୍ସପଲ୍ସ ୨୦୦ର ଏକ୍ସଟ୍ରାକ୍ସ ପ୍ରଦର୍ଶନ



ଭୁବନେଶ୍ୱର, ୨୯-୮

ହିରୋ ମୋଟୋକର୍ପ ପକ୍ଷରୁ ଏହାର ନୂଆ ମୋଟର ସାଇକେଲ ଏକ୍ସପଲ୍ସ ୨୦୦ର ଏକ୍ସଟ୍ରାକ୍ସ ପ୍ରଦର୍ଶନ କରାଯାଇଛି। ଏହାକୁ ଚଳାଇବା ଲାଗି ଆଗ୍ରହୀ ବ୍ୟକ୍ତିବିଶେଷ ଗାଡି ଚାଳନାର ଆନନ୍ଦ ନେଇଛନ୍ତି। ଏହି ସମୟରେ ସୁରକ୍ଷିତ ଗାଡି ଚାଳନା ନେଇ ଲୋକଙ୍କୁ ସଚେତନ କରାଯାଇଛି। ଦିଲ୍ଲୀ ସମେତ ଚେନ୍ନାଇ ଭଳି ସହରଗୁଡିକରେ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ୫୦୦ରୁ ଅଧିକ ବାଇକ ଚାଳକ ଯୋଗ ଦେଇଥିଲେ। ଆଗାମୀ ଦିନରେ ବାଙ୍ଗାଲୋର, କୋଚି ଏବଂ ପୁଣେରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏହି ମଡେଲଟିରେ ୨୦୦ ସିସି ଇଞ୍ଜିନ, ସିଭି କାର୍ବୋରେଟର ଫୁଏଲ ଇଞ୍ଜେକଶନ ଭଳି ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି।

## ୟୁନିୟନ ବ୍ୟାଙ୍କ- ବ୍ୟାଙ୍କ ବାଜାର ଚୁକ୍ତି

ଭୁବନେଶ୍ୱର, ୨୯-୮

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ୟାଙ୍କ ବାଜାର ଡଟ୍ କମ୍ ସହ ଚୁକ୍ତିରେ ସାମିଲ ହୋଇଛି। ଡିଟିଟାଲ ସୋର୍ସିଂ ଏବଂ ହାଉସିଂ ଲୋନ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆର୍ଥିକ ସେବା କ୍ଷେତ୍ରରେ ଡିଜିଟାଲ ଟ୍ରେଣ୍ଡ ବୃଦ୍ଧି ଘଟୁଥିବାରୁ ବ୍ୟାଙ୍କ ଏଦିଗରେ ଅଗ୍ରସର ହେଉଛି। ପାରମ୍ପରିକ ଚ୍ୟାନେଲ ବାଦ୍ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାକୁ ବ୍ୟାଙ୍କ ଯୋଜନା ରଖିଛି। ଡିଜିଟାଲ ଚ୍ୟାନେଲରେ ଅଧିକ ସକ୍ରିୟ ହେବା ଦିଗରେ ଏହା କାର୍ଯ୍ୟ କରିବ ବୋଲି ୟୁନିୟନ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଅଟୋ ସେକ୍ଟର ପାଇଁ ପ୍ୟାକେଜ ଅପର୍ଯ୍ୟାପ୍ତ:ଫିଚ୍

**ଯାତ୍ରୀବାହୀ ଯାନ ବିକ୍ରି ୪-୭% କମିବା ଆଶଙ୍କା**

୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ଯାତ୍ରୀବାହୀ ଯାନ ବିକ୍ରି ୪ରୁ ୭% କମିପାରେ। ଘରୋଇ ବଜାରରେ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହି ସମସ୍ୟାର ସମାଧାନ ଲାଗି ସରକାର ପ୍ରୋତ୍ସାହନ ପଦକ୍ଷେପ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ପ୍ରଭାବିତ କୃଷି ଉତ୍ପାଦନ, ଆର୍ଥିକ ଏବଂ ଔଦ୍ୟୋଗିକ ଉତ୍ପାଦନର ପ୍ରଭାବ ଦେଖାଯାଇଛି। ଏଭଳି ପ୍ରସଙ୍ଗ ଅଟୋ କ୍ଷେତ୍ରକୁ ମଧ ପ୍ରଭାବିତ କରିଛି। ଫଳରେ ପାସେଞ୍ଜର ଯାନ ବିକ୍ରି କମିବା ନେଇ ଆଶଙ୍କା କରାଯାଉଥିବା ରେଟିଂ ଏଜେନ୍ସି ଇକ୍ରା ସୂଚନା ଦେଇଛି। ଚଳିତ ବର୍ଷ ଅଟୋ ଶିଳ୍ପରେ ୨୧.୬% ନକାରାତ୍ମକ ଅଭିବୃଦ୍ଧି ଦେଖାଯାଇଛି ବୋଲି ଇକ୍ରା କହିଛି।



ନୂଆଦିଲ୍ଲୀ,୨୯-୮

ଅଟୋ ସେକ୍ଟରକୁ ଗତିଶୀଳ କରିବା ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ଗତ ସପ୍ତାହରେ ଘୋଷିତ ପ୍ରୋତ୍ସାହନ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ। ଘୋଷିତ ପ୍ୟାକେଜ ଆବଶ୍ୟକତା ଦୃଷ୍ଟିରୁ ଅତ୍ୟନ୍ତ ନଗଣ୍ୟ ଏବଂ ବିଳମ୍ବରେ ଉଠାଯାଇଥିବା ପଦକ୍ଷେପ ବୋଲି ରେଟିଂ ଏଜେନ୍ସି ଫିଚ୍ ସଲ୍ୟୁଶନ୍ସ ମାକ୍ରୋ ରିସର୍ଚ୍ଚରେ କୁହାଯାଇଛି। ଗୁରୁବାର ପ୍ରକାଶିତ ଏହି ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ହାର ହ୍ରାସ ସହ ପୁରୁଣା ଗାଡ଼ିକୁ ରଦ୍ଦି ଭାବେ ଘୋଷଣା ନିୟମ ଭଳି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସୂଚନାଥାଉ କି, ଅର୍ଥମନ୍ତ୍ରୀ ସୀତାରାମନ୍ ଗତ ୨୩ରେ ଅଟୋ ସେକ୍ଟର ଲାଗି କେତେକ ପ୍ୟାକେଜ ଘୋଷଣା କରିଛନ୍ତି। ଫିଚ୍ ପକ୍ଷରୁ କୁହାଯାଇଛି ଯେ, ୨୦୧୮-୧୯ରେ ଆସିଥିବା ମାନ୍ଦାବସ୍ଥାକୁ ଦୂରେଇବା ଲାଗି ଅଟୋ ସେକ୍ଟର ପାଇଁ ଅତ୍ୟନ୍ତ ନଗଣ୍ୟ ଘୋଷଣା କରାଯାଇଛି। ସରକାର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିବାରେ ବିଳମ୍ବ କରିଦେଲେ। କାରଣ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ବହୁ ଦୂର ପର୍ଯ୍ୟନ୍ତ ମାଡିଯାଇଛି। ଏବେ ଏହାକୁ ରୋକିବା ଅସମ୍ଭବ। ତେବେ ଫିଚ୍ ସଲ୍ୟୁଶନ୍ସ ପକ୍ଷରୁ କୁହାଯାଇଛି ଯେ, ନିର୍ମଳାଙ୍କ ପ୍ୟାକେଜ ଘୋଷଣାରୁ ଏହା ଦର୍ଶାଉଛି ଯେ,ସରକାର ଅଟୋ ସେକ୍ଟରରେ ହସ୍ତକ୍ଷେପ କରିବାକୁ ପ୍ରସ୍ତୁତ ଅଛନ୍ତି।

## ଲଣ୍ଡନରେ ରୁଚି ଉଦ୍ୟୋଗ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୯-୮

ଓଡ଼ିଆ ସୋସାଇଟି ଅଫ୍ ୟୁନାଇଟେଡ କିଙ୍ଗଡମ୍ ପକ୍ଷରୁ ଏହାର ୪୦ତମ ବାର୍ଷିକ ଉତ୍ସବରେ ଶ୍ରେଷ୍ଠ ଉଦ୍ୟୋଗ ଭାବେ ପ୍ରମୁଖ ମସଲା କମ୍ପାନୀ ରୁଚିକୁ ସମ୍ବର୍ଦ୍ଧିତ କରାଯାଇଛି। ରୁଚି ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ ଏହି ଅବସରରେ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ସୋସାଇଟି ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ରୁଚି ପକ୍ଷରୁ ଶିବ ରଞ୍ଜନ ବିଶ୍ୱାଳ, ସୁମନ୍ତ ମାନସିଂହ, ଡ. ପ୍ରକାଶ ଦେ, ଦେବକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାରେ ରୁଚି ଏହାର ଯୋଗଦାନ ରଖିବ ବୋଲି ନିର୍ଦ୍ଦେଶିକା ରଶ୍ମି ସାହୁ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ହିନ୍ଦୀ ଦିବସ



ଭୁବନେଶ୍ୱର, ୨୯-୮

ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର କନ୍ଦରପୁର ଶାଖା ନିକଟସ୍ଥ ସେଣ୍ଟ ଜାଭିୟର୍ସ ସ୍କୁଲଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ଅଭିଯାନ ଉପରେ କବିତା ପାଠ, ବକ୍ତୃତା ପ୍ରତିଯୋଗିତା ଏବଂ ଦଳଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ, ବରିଷ୍ଠ ସୁରକ୍ଷା ଅଧିକାରୀ ବେଦ ପ୍ରକାଶ ଝା, ରାଜଭାଷା ପ୍ରବନ୍ଧକ ସୋନିଆ ସାୱନ୍ତ, ସ୍କୁଲ ମ୍ୟାନେଜମେଣ୍ଟର ନରେଶ ଚନ୍ଦ୍ର ଜେନା, ବୈଜୟନ୍ତୀ ପଟ୍ଟନାୟକ, ପ୍ରିନ୍ସିପାଲ ଖୁସଖଲ୍ଲୀ ଖାନ ଏହି ଅବସରରେ ଉପସ୍ଥିତ ଥିଲେ।

# ମୂର୍ତ୍ତି ପରେ ଘରେ ପହଞ୍ଚୁଛି ଚାଇନା ଧୂପବତି

ନୂଆଦିଲ୍ଲୀ,୨୯-୮

ଭାରତୀୟଙ୍କ ଘରେ ଏବେ ଚାଇନା ମୂର୍ତ୍ତି ପୂଜା ପାଉଥିବାବେଳେ ଧୂପବତି ପହଞ୍ଚି ସାରିଛି। ଏହା ଏବେ ଏଭଳି ସ୍ଥିତିରେ ପହଞ୍ଚିଲାଣି ଯେ, ଦେଶର ଘରୋଇ ଅଗରବତୀ ଶିଳ୍ପ ସଙ୍କଟ ଘେରକୁ ଆସିଯାଇଛି। ଚାଇନାରୁ ଧୂପବତୀ ଆମଦାନୀ ବହୁ ହଜାର ଗୁଣା ବଢ଼ିଗଲାଣି।

ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ(କେଭିଆଇସି)ର ତଥ୍ୟ ସାମ୍ନାକୁ ଆସିବା ପରେ ସମସ୍ତଙ୍କୁ ଚକିତ କରିଛି। ଚାଇନା ଓ ଭିଏତ୍‌ନାମରୁ ବିପୁଳ ମାତ୍ରାରେ ଧୂପବତି ଭାରତକୁ ଆସୁଛି। ୨୦୧୮ରେ ଭାରତର ଏହି ଶିଳ୍ପ ୬୦୦୦ କୋଟି ଟଙ୍କା ଥିବା ବେଳେ କେବଳ ଚାଇନାରୁ ୮୦୦ କୋଟି ଟଙ୍କାର ଧୂପବତି ଭାରତକୁ ଆମଦାନୀ କରାଯାଇଛି। ଏଥିରେ କଞ୍ଚା ଧୂପ ଓ ବାଉଁଶ କାଠି ସାମିଲ ରହିଛି। କେଭିଆଇସି ଅଧକ୍ଷ ବି.କେ.ସାକ୍ସେନାଙ୍କ କହିବାନୁଯାୟୀ, ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ୧ କୋଟି ଟଙ୍କାରୁ କମ୍ ବାଉଁଶ କାଠି ବିଦେଶରୁ ଆମଦାନୀ ହେଉଥିଲା। ଯାହା ୨୦୧୧ରେ ଆମଦାନୀ ଶୁଳ୍କ ହ୍ରାସ ପରେ ୨୦୧୪ରୁ ୨୦୧୮ ମଧରେ ବଢ଼ି ୧୨୯ କୋଟି ଟଙ୍କାରେ ପହଞ୍ଚିଛି। ଏଭଳି ଭାବେ ଭାରତରେ ୨୦୦୯ରେ ୩୧ କୋଟି ଟଙ୍କାର କଞ୍ଚା ଧୂପବତି ଆମଦାନୀ ହୋଇଥିଲା, ଯାହା ୨୦୧୮ରେ ବଢ଼ି ୫୪୬ କୋଟି ଟଙ୍କା ହୋଇଛି। କେବଳ ଚାଇନାରୁ କଞ୍ଚା ଧୂପବତି ଆମଦାନୀ ୨୦୧୧ରେ ୧.୭ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୧୮ରେ ୨୧୨ କୋଟି ଟଙ୍କାରେ ପହଞ୍ଚିଯାଇଛି। ଗତ ୭ ବର୍ଷ ଭିତରେ ଚାଇନାର ଧୂପବତି ଆମଦାନୀ ୧୨,୩୭୦ ଗୁଣା ବଢ଼ିଯାଇଛି। ୨୦୦୯ରେ ମାତ୍ର ୨ ପ୍ରତିଶତ କଞ୍ଚା ଧୂପବତି ଆମଦାନୀ ହେଉଥିଲା ବେଳେ ଆଜି ୮୦ ପ୍ରତିଶତରେ ପହଞ୍ଚିଯାଇଛି। ସୂଚନାଥାଉ କି, ୨୦୧୧ରେ କଞ୍ଚା ଧୂପବତୀ ଆମଦାନୀ ଶୁଳ୍କକୁ ୩୦ରୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିଲା। ୨୦୧୮ରେ ଇଣ୍ଡୋ-ଏସିଆନ ମୁକ୍ତ ବାଣିଜ୍ୟ ଚୁକ୍ତି ବଳରେ ଏହାକୁ ୫%କୁ ହ୍ରାସ କରାଯାଇଥିଲା। ଫଳରେ କଞ୍ଚା ଧୂପବତି କେଜି ୭୦ରୁ ୪୮ ଟଙ୍କାକୁ ହ୍ରାସ ପାଇଛି। ଏହା ଘରୋଇ ଶିଳ୍ପ ପାଇଁ ସଙ୍କଟର କାରଣ ହୋଇଛି। ଏସମ୍ପର୍କରେ ଜାଣିବା ପରେ ସରକାରଙ୍କ ନିଦ ଭାଙ୍ଗିଛି। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରାଯାଉଛି। ନିକଟ ଭବିଷ୍ୟତରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ବାଉଁଶ କାଠି ଅଥବା କଞ୍ଚା ଧୂପବତି ଉପରେ ଆମଦାନୀ ଶୁଳ୍କ ବଢ଼ାଇବା ନେଇ ନିଷ୍ପତ୍ତି ନିଆଯିବ।



- ସଙ୍କଟରେ ଭାରତୀୟ ଘରୋଇ ଉଦ୍ୟୋଗ
- ଚାଇନାରୁ ଭାରତକୁ ୮୦୦ କୋଟି କଞ୍ଚା ଧୂପବତି ଆମଦାନୀ
- ୬୦୦୦ କୋଟି ଟଙ୍କାର ଧୂପବତି ଉଦ୍ୟୋଗ
- ଆମଦାନୀ ଶୁଳ୍କ ୫%କୁ ହ୍ରାସ କାଳ ହେଲା



ଭାରତୀୟ ବୋଲର ହିସାବରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂ ଖୁବ୍ ଉଚ୍ଚକୋଟୀର ଥିଲା ।

–ଭରତ ଅରୁଣ, ବୋଲିଂ କୋଚ୍



ବାମ କାନ୍ଧରେ ଯନ୍ତ୍ରଣା ଯୋଗୁ ୟୁଏସ୍ ଓପନ୍‌ରେ ଜୁଆନ ଇଗ୍ନାସିଓ ଲୋଣ୍ଡେରୋଙ୍କ ବିପକ୍ଷ ମ୍ୟାଚରେ ସର୍ଭିସ ଓ ବ୍ୟାକ୍‌ହ୍ୟାଣ୍ଡ ବେଳେ ମୁଁ ସମସ୍ୟାର ସମ୍ମୁଖୀନ ହୋଇଥିଲି ।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ଡ୍ରାଭିଡ୍‌ଙ୍କ ସ୍ଥାନରେ କୋଟାକ, ମହାମ୍ବ୍ରେ

ନୂଆଦିଲ୍ଲୀ,୨୯।୮: ପୂର୍ବତନ ସୌରାଷ୍ଟ୍ର ଅଧିନାୟକ ସିତାଂଶୁ କୋଟାକ ଓ ପୂର୍ବତନ ଭାରତୀୟ ସିମର ପାରସ ମହାମ୍ବ୍ରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଡ୍ରାଭିଡ୍‌ଙ୍କ ସ୍ଥାନ ନେଇଛନ୍ତି। ଦୁହେଁ ଯଥାକ୍ରମେ ଭାରତ ଏ' ଓ ୧୯ ବର୍ଷର କମ୍ ଭାରତୀୟ ଦଳର କୋଚ ଭାବେ ନିଯୁକ୍ତ ହୋଇଛନ୍ତି। ଡ୍ରାଭିଡଙ୍କୁ ନିକଟରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଏଥିସହ ସେ ଭାରତ ଏ' ଓ ୧୯ ବର୍ଷରୁ କମ୍ ଦଳର ରୋଡ୍‌ମ୍ୟାପ ପ୍ରସ୍ତୁତ କାର୍ଯ୍ୟ କରିବେ। ଏଥିଯୋଗୁ ତାଙ୍କୁ ଏନ୍‌ସିଏରେ ରହିବାକୁ ପଡ଼ିବ। ତେବେ ଆବଶ୍ୟକସ୍ଥଳରେ ସେ ଏ' ଓ ୧୯ ବର୍ଷରୁ କମ୍ ଦଳ ସହ ଗସ୍ତ କରିପାରିବେ। ଏହି ନିଯୁକ୍ତି ନେଇ କୌଣସି ବିଧିବଦ୍ଧ ଘୋଷଣା ହେବ ନାହିଁ। କାରଣ ସମସ୍ତେ ଏନ୍‌ସିଏ ଷ୍ଟାଫ୍ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ୧୩୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ବାମହାତୀ ବ୍ୟାଟ୍ସମ୍ୟାନ କୋଟାକ ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ଏ' ଦଳର କୋଚ୍ ଦାୟିତ୍ୱରେ ଥିଲେ। ସେଠାରେ ତାଙ୍କ କାର୍ଯ୍ୟ ଓ ଏଥିକ୍ସ ଡ୍ରାଭିଡ୍‌ଙ୍କୁ ପ୍ରଭାବିତ କରିଥିଲା। ଏଥିଯୋଗୁ ସେ ପଦ ବଜାୟ ରଖିବେ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ଭାରତ ପାଇଁ ଦୁଇ ଟେଷ୍ଟ ଓ ୩ ଦିନିକିଆ ମ୍ୟାଚ୍ ଖେଳିଥିବା ମହାମ୍ବ୍ରେଙ୍କୁ ୧୯ ବର୍ଷରୁ କମ୍ ଦଳର କୋଚ୍ ଭାର ଦିଆଯାଇଛି। ବୋଲିଂ କୋଚ୍ ପଦରେ ରମେଶ ପାୱାରଙ୍କୁ ନିଯୁକ୍ତ କରାଯାଇଛି। କୋଟାକ ଓ ପାୱାରଙ୍କୁ କେବଳ ଗୁରୁବାରଠାରୁ ଥିରୁଭାନନ୍ତପୁରମଠାରେ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷରେ ଆରମ୍ଭ ହେବାକୁ ଥିବା ସିରିଜ୍ ପାଇଁ ନିଯୁକ୍ତ କରାଯାଇଛି। ଡ୍ରାଭିଡ୍‌ଙ୍କ ସହ ଅଭୟ ଶର୍ମା ଓ ମହାମ୍ବ୍ରେ ଏନ୍‌ସିଏ କାର୍ଯ୍ୟ ଜାରି ରଖିବେ।

### ମ୍ୟାଚ୍ ମଝିରେ କଫି ମଗାଇଲେ ଭେନସ

ନ୍ୟୁୟର୍କ,୨୯।୮: କଫି ପିଇବା କ୍ରୀଡ଼ାବିତଙ୍କ ମଧ୍ୟରେ ସାଧାରଣ କଥା। ତେବେ ମ୍ୟାଚ୍ ମଝିରେ କଫି ମଗାଇବା ନିଶ୍ଚିତ ଭିନ୍ନ ଘଟଣା। ଏଠାରେ ଚାଲିଥିବା ଚଳିତ ସିଜନର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏଲିନା ସ୍ୱିତୋଲିନାଙ୍କଠାରୁ ପ୍ରଥମ ସେଟ୍ ହାରିବା ପରେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭେନସ ୱିଲିୟମ୍ସଙ୍କୁ କଫି ଦରକାର ପଡ଼ିଥିଲା। ଏଣୁ ସେ ମ୍ୟାଚ୍ ମଝିରେ କଫି ମଗାଇଥିଲେ। କିନ୍ତୁ ୩୯ ବର୍ଷୀୟା ଷ୍ଟାରଙ୍କ ଅର୍ଡର ଦୁର୍ଭାଗ୍ୟବାଶତଃ ପ୍ରଥମେ ପୂରା ହୋଇ ପାରି ନ ଥିଲା। ଏହାପରେ ମ୍ୟାଚ୍‌ର ବିରତି ସମୟରେ ପୂର୍ବତନ ୟୁଏସ୍ ଓପନ ଚାମ୍ପିୟନ କୋର୍ଟ ଛାଡ଼ି ଲକର ରୁମକୁ ଯାଇଥିଲେ। ସେ କୋର୍ଟକୁ ଫେରିବାବେଳକୁ ତାଙ୍କ ସିଟ୍ ନିକଟରେ କଫି ରଖାଯାଇଥିଲା। ହେଲେ ଏହା ତାଙ୍କୁ କିଛି ଫାଇଦା ଦେଇପାରି ନ ଥିଲା। ଦ୍ୱିତୀୟ ସେଟ୍‌ରେ ଭେନସ ୩-୦ ବ୍ୟବଧାନରେ ଆଗୁଆ ଥିଲେ। କିନ୍ତୁ ଏହାପରେ ୫ମ ସିଡ୍ ସ୍ୱିତୋଲିନା ୬-୪ ସେଟ୍‌ରେ ମ୍ୟାଚ୍ ହାତେଇ ନେଇଥିଲେ। ସେ ସମାନ ବ୍ୟବଧାନରେ ପ୍ରଥମ ସେଟ୍ ମଧ ଜିତିଥିଲେ। ତେବେ ମ୍ୟାଚ୍ ମଝିରେ ଭେନସଙ୍କ କଫି ମଗାଇବାର ଏହା ପ୍ରଥମ ଘଟଣା ନୁହେଁ। ଚଳିତ ମାସରେ ଅନୁଷ୍ଠିତ ହୋଇଥିବା ସିନସିନାଟି ମାଷ୍ଟର୍ସରେ ଡୋନ୍ନା ଭେକିଙ୍କ ବିପକ୍ଷ ମ୍ୟାଚ୍‌ରେ ୱିଲିୟମ୍ସ କୋଚ୍‌ଙ୍କ ହାତରେ ଗୋଟେ କପ କଫି ମଗାଇଥିଲେ।







ବିଜୁ ପଟ୍ଟନାୟକ ପୁରସ୍କାର ଗ୍ରହଣ ଅବସରରେ ପ୍ରମୋଦଙ୍କ ସାଥୀ ଖେଳାଳି ଦିଲ୍ଲେଶ୍ୱର ରାଓ ଏବଂ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମତୀ ଭଦ୍ରାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରୁଛନ୍ତି।

# କିଟ୍, ପ୍ରମୋଦଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର,୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ କୀଡ଼ା ଦିବସ ତଥା କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ କ୍ରୀଡ଼ା ସାହସିକତା ଓ ସମାଜସେବା ପୁରସ୍କାର ପ୍ରଦାନ କରିଛନ୍ତି। କ୍ରୀଡ଼ା ପାଇଁ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ଓ ସାହସିକତାରେ ବନ୍ଧୁଙ୍କୁ ଦୁର୍ଘଟଣାରେ ବଞ୍ଚାଇଥିବା ଅନୁଗୋଳର ଛୋଟ ଝିଅ ଶ୍ରୀମତୀ ଭଦ୍ରାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଓ ମାନପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପସ୍ଥିତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଓ ଏହି ସଫଳତା ଯୁବ କ୍ରୀଡ଼ାବିତ୍ ତଥା ପ୍ରତିଭାଙ୍କୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ସମର୍ପିତ ଭାବନା ନେଇ ପ୍ରୟାସ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମଧ୍ୟ ଏହି ଉତ୍ସବରେ ଯୋଗଦେଇ ନିଜର ବ୍ୟକ୍ତବ୍ୟ ରଖିଥିଲେ। ସେ ସଫଳତା କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହି କ୍ରୀଡ଼ାବିତ୍‌ମାନେ ରାଜ୍ୟର ଗର୍ବ। ରାଜ୍ୟ ଏବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶ୍ୱସ୍ତରୀୟ ଇଭେଣ୍ଟଗୁଡ଼ିକ ଆୟୋଜନ କରିବା ସହ ରାଜ୍ୟ ଏବେ ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ରାଜ୍ୟ ସରକାର ଚେଷ୍ଟିତ ରହିଛନ୍ତି। କୋଚିଂ, ବୈଷୟିକ ସୁବିଧାସୁଯୋଗ, ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରୟାସ ଜାରି ରଖିବେ ବୋଲି ସେ କହିଥିଲେ।

୪ଟି ବର୍ଗ ପାଇଁ ଓ ମୋଟ ଉପରେ ୯ଟି ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ପାଇଁ ଜଣାଶୁଣା ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ, କ୍ରୀଡ଼ାରେ ଶ୍ରେଷ୍ଠ ଅବଦାନ, ପ୍ରଚାର ଓ ପ୍ରସାର ପାଇଁ କିଟ୍, ସାହସିକତା ପାଇଁ ଅନୁଗୋଳର ସ୍କୁଲ ଛାତ୍ରୀ ଶ୍ରୀମତୀ ଭଦ୍ରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମାଜସେବା ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋଟ୍ ଉପରେ ୯ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜ ସେବା ପାଇଁ ୬ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭଦ୍ରକ ଜିଲାର ରାଧାକାନ୍ତ ତ୍ରିପାଠୀ ଓ ପୁରୀ ଜିଲାର ବଦ୍ରି ମିଶ୍ର, ନୂଆପଡ଼ା ଜିଲାର ମହେନ୍ଦ୍ର କୁମାର ଜୋଷୀ, କୋରାପୁଟ ଜିଲାର କାମାକ୍ଷା ପ୍ରସାଦ ମାଝି, ବଲାଙ୍ଗୀର ଜିଲାର ରାମ ନାରାୟଣ ଦାଶ ଓ କେନ୍ଦୁଝର ଜିଲାର ଅବଦୁଲ ରହମାନ ଖାଁ। ଏହା ବ୍ୟତୀତ ୨୦୧୮ରେ ସଫଳତା ହାସଲ କରିଥିବା ୧୩୮ଜଣ କ୍ରୀଡ଼ାବିତ୍‌ଙ୍କୁ ଉତ୍ସବ ଅବ୍ୟବହିତ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଅର୍ଜୁନ ପୁରସ୍କାର ଗ୍ରହଣ କରିବା ପାଇଁ ପ୍ରମୋଦ ନୂଆଦିଲ୍ଲୀ ଯାଇଥିବାରୁ ସେ ଉତ୍ସବରେ ଅନୁପସ୍ଥିତ ଥିଲେ। ତେବେ ତାଙ୍କ ପାଇଁ ବ୍ୟାଡମିଣ୍ଟନ ଡବଲ୍ସ ପାର୍ଟନର ତଥା ଅନ୍ୟତମ ପାରା ଆଥଲେଟ ଦିଲ୍ଲେଶ୍ୱର ରାଓ ପୁରସ୍କାର ଗ୍ରହଣ କରିଥିଲେ। ପ୍ରମୋଦଙ୍କ କୋଚ୍ ଶିବ ପ୍ରସାଦ ଦାସ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ କିଟ୍ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ।

କ୍ରୀଡ଼ାରେ ଅସାଧାରଣ ପ୍ରଦର୍ଶନ ପାଇଁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ଭାରୋତ୍ତୋଳକ ଭକ୍ତରାମ ଦେହୁରି, ମହିଳା ଭାରୋତ୍ତୋଳକ ଝିଲ୍ଲୀ ଦଳବେହେରା ଓ ଉଷୁ ଖେଳାଳି ବବ୍‌ଲୁ ମୁଣ୍ଡାଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ତେବେ ଦୂତୀ ଏହି ଅବସରରେ ଅନୁପସ୍ଥିତ ଥିଲେ।

### ଶ୍ରୀମତୀଙ୍କୁ ସାହସିକତା ପୁରସ୍କାର

### ପ୍ରମୋଦଙ୍କୁ ହରାଇବା କଷ୍ଟକର: ଦିଲ୍ଲେଶ୍ୱର

ପ୍ରମୋଦଙ୍କୁ ଏବେ ହରାଇବା କଷ୍ଟକର ବୋଲି ତାଙ୍କ ଡବଲ୍ସ ପାର୍ଟନର ଦିଲ୍ଲେଶ୍ୱର ରାଓ କହିଛନ୍ତି। ଏବେ ସେ ଯେଉଁ ଫର୍ମରେ ଅଛନ୍ତି ତାଙ୍କୁ ବିଶ୍ୱର କୌଣସି ଖେଳାଳି ହରାଇବା ନିଶ୍ଚିତ ଭାବେ କଷ୍ଟକର। ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଦିଲ୍ଲେଶ୍ୱର ପ୍ରମୋଦଙ୍କ ସହ ଖେଳି ସଫଳତା ପାଇଛନ୍ତି। ସେ ନିଜର କଠିନ ପରିଶ୍ରମ ଓ ଖେଳିବାର ଆଗ୍ରହକୁ କେବେ ଛାଡି ନାହାନ୍ତି। ସେ ପୂର୍ବରୁ ୧ ନମ୍ବର ଖେଳାଳି ଥିଲେ ଓ ଏବେ ମଧ ରହିଛନ୍ତି ବୋଲି ଦିଲ୍ଲେଶ୍ୱର କହିଛନ୍ତି। ତେବେ ଖେଳିବା ବେଳେ ସେ ଯଦି ଅଧିକ ସିରିୟସ ହେବେ ତାହେଲେ ସେ ତ୍ରୁଟି କରିବେ। ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କଲେ ସେ ସଫଳ ହେବେ ବୋଲି ଦିଲ୍ଲେଶ୍ୱର କହିଛନ୍ତି।

### ଟୋକିଓରେ ପଦକ ଜିତିବେ ପ୍ରମୋଦ: ଶିବପ୍ରସାଦ

ଭୁବନେଶ୍ୱର, ୨୯।୮



ପ୍ରଥମ ପାରା ଆଥଲେଟ ହିସାବରେ ପ୍ରମୋଦ ବିଜୁ ପଟ୍ଟନାୟକ ପୁରସ୍କାର ହାସଲ କରୁଥିବାରୁ ଆମ ପାଇଁ ଗର୍ବ ବିଷୟ ବୋଲି ତାଙ୍କ କୋଚ୍ ଶିବପ୍ରସାଦ ଦାସ କହିଛନ୍ତି। କେବଳ ବିଜୁ ପଟ୍ଟନାୟକ ପୁରସ୍କାର ନୁହଁ ପ୍ରମୋଦ ଅର୍ଜୁନ ପୁରସ୍କାର ପାଇଁ ଦିଲ୍ଲୀ ଯାଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ସଫଳତା ପରେ ଏବେ ପାରାଅଲିମ୍ପିକ୍ସ ପଦକ ହାସଲ କରିବାର ପ୍ରମୋଦଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ତାଙ୍କ ପାଖରେ ପ୍ରତିଭା ରହିଛି। ତେବେ ଏଥିପାଇଁ ତାଙ୍କୁ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ସହ ଶୃଙ୍ଖଳିତ ଭାବେ ପ୍ରଶିକ୍ଷଣ ଜାରି ରଖିବାକୁ ହେବ। ସେଥିପାଇଁ ସେ ଖୁବ୍‌ଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବେ। କଠିନ ପରିଶ୍ରମ, ଖେଳ ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ ଅଧ୍ୟବସାୟ ପାଇଁ ସେ ଆଜି ଜଣେ ସଫଳ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଛନ୍ତି ବୋଲି ଶିବପ୍ରସାଦ କହିଛନ୍ତି। ଏବେ ସେ ଜବରଦସ୍ତ ଫର୍ମରେ ରହିଛନ୍ତି। ତାଙ୍କୁ ହରାଇବା କଷ୍ଟକର ହେବ। ସେ ଭୁଲ ନ କଲେ ସେ ତାଙ୍କୁ ହରାଇବା ବିଶ୍ୱର ଯେକୌଣସି ଖେଳାଳିଙ୍କ ପାଇଁ କଷ୍ଟକର। ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିବା ଆଶା କରୁଛି ବୋଲି ସେ କହିଛନ୍ତି। କେବଳ ପାରା ଆଥଲେଟ ନୁହଁ ଆଗାମୀ ପିଢ଼ିର ଅନ୍ୟ ଆଥଲେଟମାନେ ମଧ୍ୟ ତାଙ୍କଠାରୁ ପ୍ରେରଣା ପାଇପାରିବେ। ଜଣେ ପାରା ଆଥଲେଟ ପାଇଁ ସାମାଜିକ ବୈଷମ୍ୟ ରହିଛି। ତେବେ ଏହାକୁ ଅତିକ୍ରମ କରି ସେ ନିଜକୁ ପ୍ରତିଷ୍ଠିତ କରିବା ଏକ ଅସାଧାରଣ ସଫଳତା ବୋଲି ସେ କହିଛନ୍ତି।

### ରବିକୁମାର ମୋର ଆଦର୍ଶ: ଭକ୍ତରାମ

ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ରବିକୁବାର ମୋର ଆଦର୍ଶ ବୋଲି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିବା ଯୁବ ଭାରୋତ୍ତୋଳକ ଭକ୍ତରାମ ଦେହୁରି କହିଛନ୍ତି। ୨୦୧୨ରେ ଖେଳିବା ଆରମ୍ଭ କରିଥିଲି। ଭଲ କୋଚ୍ ଥିଲେ ମଧ୍ୟ ମାଲକାନଗିରି ସ୍ପୋର୍ଟ୍ସହଷ୍ଟେଲରେ ସେଭଳି ସୁବିଧା ସୁଯୋଗ ନ ଥିଲା। ବ୍ରହ୍ମପୁର ଆସିବା ପରେ ସବୁ ପ୍ରକାର ସୁବିଧା ସୁଯୋଗ ମିଳିଛି। କମନୱେଲ୍‌ଥରେ ଶେଷଥର ପାଇଁ ପଦକ ହାସଲ କରିଥିଲି। ପିଲାବେଳେ ଜିମ୍ ଯିବାବେଳେ ଭାରୋତ୍ତଳନରେ ସାମିଲ ହୋଇଥିଲି। ୪୯ ବର୍ଗରେ ଜାତୀୟସ୍ତରରେ ଜୁନିୟର ଓ ସିନିୟରସ୍ତରରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟ ରହିଛି। ଭବିଷ୍ୟତରେ ରବିକୁମାରଙ୍କ ଭଳି ଭାରୋତ୍ତୋଳକ ହେବି ବୋଲି ଭକ୍ତରାମ କହିଛନ୍ତି।

# ପ୍ରଥମ ଦିନିକିଆରେ ଭାରତ –ଏ ବିଜୟୀ

### ଦୁବେ, ଚହଲ, ଅକ୍ଷରଙ୍କ କମାଲ

ଥିରୁଭାନନ୍ତପୁରମ, ୨୯।୮ (ପି.ଟି.)

ମୁମ୍ବାଇ ଅଲ୍‌ରାଉଣ୍ଡର ଶିଭମ ଦୁବେ ଓ ଅକ୍ଷର ପଟେଲଙ୍କ ଅପରାଜିତ ଅର୍ଦ୍ଧଶତକ ସାଙ୍ଗକୁ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ୫ ଉଇକେଟ୍ ସଫଳତା ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ-ଏ ୬୯ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ'କୁ ପରାସ୍ତ କରିଛି। ଏହି ବିଜୟ ସହ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତ-ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶନିବାର ସେହି ସମାନ ଭେନ୍ୟୁରେ ଅନୁଷ୍ଠିତ ହେବ।

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହିମ୍ୟାଚ୍‌କୁ ଖରାପ ପଡ଼ିଆ ଯୋଗୁ ୪୭ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଅଧିନାୟକ ତେମ୍ବା ବାଭୁମା ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ-ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଦୁବେ ୭୯ (୬୦ ବଲ୍) ଓ ଅକ୍ଷର ପଟେଲ ୬୦ ରନ (୩୬ ବଲ୍)କରି ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ଅସମାପ୍ତ ୭ମ ଉଇକେଟ୍ ଯୋଡ଼ିରେ ୧୨୧ ରନ୍‌ର ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁବମନ ଗିଲ ୪୬, ଅନ୍‌ମୋଲପ୍ରୀତ୍ ସିଂ ୨୯, ମନୀଷ ପାଣ୍ଡେ ୩୯, ଉଇକେଟ୍‌କିପର ଇଶାନ କିଶାନ ୩୭ ଓ କ୍ରୁନାଲ ପାଣ୍ଡ୍ୟା ୧୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ବେଉରାନ ହେଣ୍ଡ୍ରିକ୍ସ ଓ ବଜୋମ ଫର୍ଚ୍ୟୁନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା-ଏ ଓପନର୍ ରିଜା ହେଣ୍ଡ୍ରିକ୍ସ (୧୧୦ ରନ)ଙ୍କ ଶତକ ସତ୍ତ୍ୱେ ୪୫ ଓଭରରେ ୨୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଲେଗ୍-ସ୍ପିନର ଚହଲ ୪୭ ରନ୍‌ରେ ୫ ଉଇକେଟ୍ ନେଇ ଭାରତ-ଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅକ୍ଷର ପଟେଲ ୨ଟି ଏବଂ ଦୀପକ ଚହର, ଖଲିଲ ଅହମ୍ମଦ ଓ କ୍ରୁନାଲ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅକ୍ଷରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## ଥ୍ରୋ ବଲ୍ ଫେଡେରେଶନ କପ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାରଠାରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଶିରିଡ଼ି ସାଇ ଷ୍ଟାଡିୟମରେ ୩୦ତମ ଫେଡେରେଶନ୍ କପ୍ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା ଥ୍ରୋ ବଲ୍‌ର ଉଭୟ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଗୁରୁବାର ଆଜ୍‌ମିର ଏକ୍ସପ୍ରେସ ଯୋଗେ ରାଜ୍ୟ ଦଳର ଖେଳାଳିମାନେ ମହାରାଷ୍ଟ୍ର ଅଭିମୁଖେ ଗସ୍ତ କରିଛନ୍ତି ବୋଲି ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଯଶୋବନ୍ତ ପରମଗୁରୁ କହିଛନ୍ତି। ମିତାଲି ମଧୁସ୍ମିତା ଦାସ ଓ ସତିକାନ୍ତ ପଟ୍ଟନାୟକ ଯଥାକ୍ରମେ ମହିଳା ଓ ପୁରୁଷ ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। କୃଷ୍ଣଚନ୍ଦ୍ର ଦାସ ଏହି ଅବସରରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ମହିଳା ଦଳ: ଭାରତୀ ମଲ୍ଲିକ, ସ୍ୱପ୍ନା ସାହୁ, ସ୍ନେହଲତା ସାହୁ, ଶର୍ମିଷ୍ଠା ଜେନା, ଜି. ବିଜୁ, ସୁଧାସିନ୍ଧୁ ସାହୁ, ସୌମ୍ୟା ରଞ୍ଜନା, ଅର୍ଚ୍ଚନା ମଲ୍ଲିକ, ଅଲିଶା କେର୍କେଟା, ପୁନମ ଏକ୍କା, ମମତା ବାରିକ, ସୁପ୍ରିୟା ସାହୁ ଓ ମମତା ସାହୁ। ମ୍ୟାନେଜର- ଅର୍ଚ୍ଚନା ଅନୁରାଗିନୀ ମହାନ୍ତି।

ଓଡ଼ିଶା ପୁରୁଷ ଦଳ: ସତ୍ୟଦେବ ସାହୁ, ଆଲୋକ କୁମାର ଦଳାଇ, ଅମିତ୍ ସାହୁ, ଅନିଷ ରାଉଳ, ସୁନୀଲ କୁମାର ଦାଶ, ଦେବୀ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ନାୟକ, ମହେଶ୍ୱର ଜେନା, ଏସ୍. ଜଗା ରେଡ୍ଡୀ, ସୁଶାନ୍ତ କୁମାର ଦାସ ଓ କାର୍ତ୍ତିକ କୌଶିକ ପଣ୍ଡା।

**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର**

ପୌରପରିଷଦ ମଧ୍ୟରେ ଥିବା ସମସ୍ତ ଦୋକାନ ଓ ଜନସାଧାରଣମାନଙ୍କୁ ସମସ୍ତ ପ୍ରକାର ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡ଼ିକ ହେଲା–

(୧) ସମସ୍ତ ପ୍ରକାର ଓ ସବୁ ଆକାରର ପଲିଥିନ୍ କ୍ୟାରୀବ୍ୟାଗକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।
(୨) ପ୍ଲାଷ୍ଟିକ୍ ବୋତଲ ଯାହା ୨୦୦MLରୁ କମ୍ ହୋଇଥିବ ଓ ପାଣି ପାଉଚ୍‌ଗୁଡ଼ିକ ନିଷେଧ କରାଯାଇଛି।
(୩) ସୋଲରେ ନିର୍ମିତ ସମସ୍ତ ପ୍ରକାର ପ୍ଲେଟ, କପ୍, ଗ୍ଲାସ ଏବଂ ସମସ୍ତ ପ୍ରକାର ସାଜସଜ୍ଜା ସମାଗ୍ରୀ ଇତ୍ୟାଦିକୁ ନିଷେଧ କରାଯାଇଛି।
(୪) କୌଣସି ବ୍ୟକ୍ତିବିଶେଷ ପ୍ଲାଷ୍ଟିକ୍ ଜାତୀୟ ପଦାର୍ଥ ଓ ପଲିଥିନ କ୍ୟାରୀବ୍ୟାଗ୍‌ଗୁଡ଼ିକୁ ଏଣେତେଣେ କିମ୍ବା ଜନଗହଳି ସ୍ଥାନରେ ପକାଇବେ ନାହିଁ ଓ ପୌରପରିଷଦର ସଫେଇ କର୍ମଚାରୀଙ୍କୁ ଦେବେ।
(୫) ଅଳିଆଗୁଡ଼ିକୁ ଏଣେତେଣେ ନ ପକାଇ ସର୍ବଦା ଡଷ୍ଟବିନ୍‌ରେ ପକାନ୍ତୁ।

ଉପରୋକ୍ତ ନିୟମଗୁଡ଼ିକୁ ଅବମାନନା କରୁଥିବା ବ୍ୟକ୍ତି ବିଶେଷ ତଥା ବ୍ୟବସାୟୀମାନେ ସରକାରଙ୍କ ଅଧିନିୟମ ସଂଖ୍ୟା ୧୮୭୦, ତା.୨୯।୦୯।୨୦୧୮ ଅନୁଯାୟୀ ଦଣ୍ଡିତ ହେବେ। ଚଢ଼ାଉ ସମୟରେ କର୍ମଚାରୀଙ୍କ ସହିତ ଦୁଃବ୍ୟବହାର ତଥା ନିୟମ ଅବମାନନା କରୁଥିବା ବ୍ୟକ୍ତିଙ୍କୁ ଜୋରିମାନା ସହିତ କେସ୍ ଲାଗୁ କରାଯିବାର ନିର୍ଦ୍ଦେଶ ରହିଛି।

ତେଣୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡ଼ିକ ବ୍ୟବହାର କରନ୍ତୁ ନାହିଁ ଏବଂ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ସଙ୍ଗେ ସଙ୍ଗେ ତାଳଚେର ପୌରପରିଷଦ ଅଞ୍ଚଳକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ସହର ରୂପେ ଗଢ଼ିତୋଳିବାରେ ସହାୟକ ହୁଅନ୍ତୁ।

ସୌଜନ୍ୟ - ତାଳଚେର ପୌରପରିଷଦ, ତାଳଚେର

ଅତସୀ ପରିଡା (ଓ.ଆର୍.ଏସ୍)
ପୌରପରିଷଦ, ତାଳଚେର

ପରେଶ ଚନ୍ଦ୍ର ନାୟକ (ଓ.ପ୍ର.ସେ-୧)
ପୌର ପ୍ରଶାସକ
ପୌରପରିଷଦ, ତାଳଚେର

# ସୁସ୍ଥ ଜୀବନ ପାଇଁ ବ୍ୟାୟାମ ଜରୁରୀ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଜଣେ ସୁସ୍ଥ ରହିଲେ ଯାଇ ସତେଜ ମାନସିକତାରେ କାର୍ଯ୍ୟ କରିପାରିବ। ତେଣୁ ସାମ୍ପ୍ରତିକ ବ୍ୟସ୍ତ ବହୁଳ ଜୀବନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ପାଇଁ କିଛି ସମୟ ବାହାର କରି ବ୍ୟାୟାମରେ ନିୟୋଜିତ କରିବାକୁ ହେବ। ସମୟ ବାହାନା ଦେଖାଇ କେହି ନିଜପ୍ରତି ଅବହେଳା କରିବା ଉଚିତ ନୁହେଁ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି କୃଷିମନ୍ତ୍ରୀ ଅରୁଣ ସାହୁ ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ତଥା ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମଧ୍ୟ ଅନୁରୂପ ମତ ଦେଇଛନ୍ତି। ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ସମସ୍ତଙ୍କ ପାଇଁ ଫିଟ୍‌ନେସ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ଦୁଇ ମନ୍ତ୍ରୀଙ୍କ ସମେତ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଏବଂ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଖେଳାଳି ତିଆରି କାରଖାନାଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଉତ୍କଳ କରାଟେ ସ୍କୁଲର ଭୂୟସି ପ୍ରଶଂସା କରିଥିଲେ। ଏହି ଅବସରରେ ୫ କ୍ରୀଡ଼ା ଖବରଦାତା ସୂର୍ଯ୍ୟ ପ୍ରସାଦ ରଥ, ସଞ୍ଜୀବ ବିଶ୍ୱାଳ, ଉମାକାନ୍ତ ମିଶ୍ର, ଦେବୀ ପ୍ରସନ୍ନ ମହାନ୍ତି ଓ ଧରିତ୍ରୀ କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ସୁଜିତ ଦାସଙ୍କୁ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ଦିଆ ଯାଇଥିଲା। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୀର ଅଜମତ ଅଲୀ, ଗୌରୀ ମହାନ୍ତି, ପୀୟୂଷ ମହାନ୍ତି, ରାଜୀବ ସିଂ, ଜୟଦେବ ପଟ୍ଟନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିବାବେଳେ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ଗୁରୁବାର ପୁରସ୍କୃତ କ୍ରୀଡ଼ା ଖବରଦାତାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

### ୬ କ୍ରୀଡ଼ା ଖବରଦାତା ସମ୍ମାନିତ



“ ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ସେମାନଙ୍କ ଚୟନ ଯଥାର୍ଥ ବୋଲି ପ୍ରମାଣ କରିଥିବାରୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବା ପାଇଁ ରୋହିତ ଶର୍ମାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ।

–ଗୌତମ ଗମ୍ଭୀର, ପୂର୍ବତନ ଓପନର



“ ୱାଇଲ୍ଡ କାର୍ଡ ନିଜ ଦେଶର କ୍ୟାଟି ମ୍ୟାକନାଲିଙ୍କ ବିପକ୍ଷ ୟୁଏସ୍ ଓପନ ମ୍ୟାଚରେ ମୁଁ ବିଜୟ ଲାଭ କରିଥିଲେ ହେଁ, ଏଥିରେ ଅନେକ ତ୍ରୁଟି କରିଥିବାରୁ ସେଥିପାଇଁ ଅନୁତପ୍ତ ।

–ସେରେନା ୱିଲିୟମ୍ସ, ଆମେରିକୀୟ ଟେନିସ ଖେଳାଳି




ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ମହିଳା ବକ୍ସର ସୋନିଆ ଲାଥର, କ୍ରିକେଟର ପୁନମ ଯାଦବ, ବ୍ୟାଡମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ, ଏବଂ ହକି ଖେଳାଳି ଚିଙ୍ଗ୍ଲେନସାନା ସିଂ କାଙ୍ଗୁଜାମ୍।

## ରିଓରେ ସ୍ୱର୍ଣ୍ଣ ଜିତିଲେ ଇଲାଭେନିଲ

ରିଓ ଡି ଜେନିରୋ,୨୯।୮: ଯୁବା ଭାରତୀୟ ଶୁଟର ଇଲାଭେଲିନ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ (ରାଇଫଲ୍/ପିସ୍ତଲ) ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ସ୍ତରରେ ଚଳିତ ବର୍ଷ ପଦାର୍ପଣ କରିଥିବା ଇଲାଭେଲିନ ସାଥୀ ଶୁଟର ଅପୂର୍ବୀ ଚଣ୍ଡେଲା ଓ ଅଞ୍ଜୁମ ଗୁଦଗଲଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ଫାଇନାଲରେ ୨୫୧.୭ ସ୍କୋର କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପଛକୁ ୨୫୦.୬ ସ୍କୋର କରିଥିବା ବ୍ରିଟେନର ସୋନେଡ ଏମ୍‌କିଣ୍ଟୋଶ ରୌପ୍ୟ ପଦକ ପାଇଛନ୍ତି। ଚଳିତ ବର୍ଷର ୪ ବିଶ୍ୱକପ୍ ପ୍ରତିଯୋଗିତାର ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଭାରତୀୟ ଶୁଟରମାନେ ୩ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ଏହା ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଭାରତର ପତିଆରା ଦର୍ଶାଉଛି। ଗୁଜରାଟ ଇଲାଭେନିଲ ଯୋଗ୍ୟତା ପର୍ଯ୍ୟାୟରେ ୬୨୯.୪ ସ୍କୋର କରି ସିନିୟର ଅଞ୍ଜୁମ (୬୨୯.୧)ଙ୍କୁ ପଛର ପକାଇ ଦେଇଥିଲେ। ଅଞ୍ଜୁମ ଫାଇନାଲରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ।

# ଦୀପାଙ୍କୁ ଖେଳରତ୍ନ: ପ୍ରମୋଦ ପାଇଲେ ଅର୍ଜୁନ

ନୂଆଦିଲ୍ଲୀ, ୨୯।୮(ପି.ଟି.)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାରା ଅଲିମ୍ପିକ ରୌପ୍ୟ ବିଜୟିନୀ ଦୀପା ମଲିକ ପ୍ରଥମ ଭାରତୀୟ ପାରା ଆଥଲେଟ ହିସାବରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଲାଭ କରିବାରେ ସେ ସବୁଠାରୁ ବୟସ୍କା ଖେଳାଳି। ଟ୍ରେନିଂରେ ଥିବାରୁ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ରେସ୍‌ଲର ବଜରଙ୍ଗ ପୁନିଆ ଉତ୍ସବରେ ଅନୁପସ୍ଥିତ ଥିଲେ। ଓଡ଼ିଶାର ପାରା– ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶ୍ୱ ଚାମ୍ପିୟନ ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଛନ୍ତି। ଦୀପା ୨୦୧୬ ରିଓ ପାରା ଅଲିମ୍ପିକ୍ସରେ ଏଫ୍୫୩ କାଟେଗୋରି ଶଟ୍ ପୁଟ୍‌ରେ ରୌପ୍ୟ ଜିତିଥିଲେ। ଚଳିତ ବର୍ଷ ସେ ଏସିଆନ ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପୁନିଆଙ୍କ ସହିତ ମିଳିତ ଭାବେ ଖେଳରତ୍ନ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିଲେ। କାଜାଖସ୍ତାନରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ପୁନିଆ ଏବେ



ପାରା ଶଟପୁଟର ଦୀପା ମଲିକଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରୁଛନ୍ତି।

### ପୁନିଆ ଅନୁପସ୍ଥିତ

ରୁଷିଆରେ ତାଲିମ ନେଉଛନ୍ତି। ଡବଲ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ଜାଭେଲିନ୍ ଥ୍ରୋୟର ଦେବେନ୍ଦ୍ର ଝାଝାରିଆଙ୍କ ପରେ ଏହି ସମ୍ମାନ ପାଇବାରେ ଦୀପା ଦ୍ୱିତୀୟ ପାରାଆଥଲେଟ। ଝାଝାରିଆ ୨୦୧୭ରେ ଖେଳରତ୍ନ ପାଇଥିଲେ। ଦୀପାଙ୍କୁ ବର୍ତ୍ତମାନ ୪୯ ବର୍ଷ ବୟସ। ସେ ସବୁଠାରୁ ବୟସ୍କ ଆଥଲେଟ ଭାବେ ଏହି ପୁରସ୍କାର ଲାଭ କରିଛନ୍ତି।

ଏହାଛଡ଼ା ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କଠାରୁ ଅନ୍ୟ ୧୯ଜଣ ଆଥ୍‌ଲେଟ ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ପାରା–ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ, ମହିଳା କ୍ରିକେଟର ପୁନମ ଯାଦବ, ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ହେପ୍ଟଥାଲେଟ ସ୍ୱପ୍ନା ବର୍ମନ, ଫୁଟ୍‌ବଲର ଗୁର୍‌ପ୍ରୀତ ସିଂ ସାନ୍ଧୁ, ଦୁଇଥର ରୌପ୍ୟ ପଦକ ବିଜୟୀ ବକ୍ସର ସୋନିଆ ଲାଥର, ଏସିଆନ ଗେମ୍ସ ରୌପ୍ୟ ଜିତିଥିବା ଅଶ୍ୱଚାଳକ ଫୌଆଦ୍ ମିର୍ଜା, ବିଶିଷ୍ଟ ମୋଟରସ୍ପୋର୍ଟ୍ସ କ୍ରୀଡ଼ାବିତ୍ ଗୌରବ ଗିଲ୍ ଏବଂ କବାଡ଼ି ଅଧିନାୟକ ଅଜୟ ଠାକୁର ଅନ୍ୟତମ।

ସୂଚନାଯୋଗ୍ୟ, ଦୀପା ମଲିକ ଗତ ୩ ବର୍ଷ ହେଲା ଏହି ପୁରସ୍କାର ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ। ଏଥିପାଇଁ ସେ ପ୍ରଶ୍ନ ଉଠାଇଥିବା ବେଳେ ଚୟନକର୍ତ୍ତାଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଆସୁଥିଲେ। ପୁନିଆଙ୍କୁ ଛାଡ଼ି ଅନ୍ୟ ଯେଉଁ କେତେଜଣ ଜଣାଶୁଣା ଆଥଲେଟ ଅନୁପସ୍ଥିତ ଥିଲେ ସେମାନେ ହେଲେ କ୍ରିକେଟର ରବୀନ୍ଦ୍ର ଜାଡେଜା, ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ତୁର୍ ଏବଂ ରୌପ୍ୟ ବିଜୟୀ କ୍ୱାର୍ଟରମାଇଲର ମହମ୍ମଦ ଆନାସ। ଏମାନେ ସମସ୍ତେ ଚଳିତ ବର୍ଷ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଜାଡେଜା ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳ ସହିତ ୱେଷ୍ଟଇଣ୍ଡିଜ ଟୁର୍‌ରେ ଅଛନ୍ତି। ତୁର୍ ବର୍ତ୍ତମାନ ୟୁରୋପରେ ଟ୍ରେନିଂ ନେଉଥିବାବେଳେ ଆନାସ ବର୍ତ୍ତମାନ ଲକ୍ଷ୍ନୌଠାରେ ଚାଲିଥିବା ଜାତୀୟ ଆନ୍ତ–ରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରୁଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିବର୍ଷ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ପୁରସ୍କାର ଦିଆଯାଇ ଆସୁଛି। ଦୀପା ମଲିକ କହିଛନ୍ତି, ଏହି ପୁରସ୍କାର ଭିନକ୍ଷମ ମହିଳା ଆଥଲେଟ୍ ପାଇଁ ପ୍ରେରଣା ସଦୃଶ କାର୍ଯ୍ୟ କରିବ। ଭିନକ୍ଷମଙ୍କ ଲାଗି ଲୋକମାନଙ୍କର ଚିନ୍ତାଧାରା ବଦଳିବ। ଖେଳରତ୍ନ ପୁରସ୍କାର ବିଜେତାଙ୍କ ଲାଗି ୭.୫ ଲକ୍ଷ ଟଙ୍କା ଏବଂ ଅର୍ଜୁନ ପୁରସ୍କାର ଲାଗି ୫ ଲକ୍ଷ ଟଙ୍କା ଏବଂ ମାନପତ୍ରର ବ୍ୟବସ୍ଥା ରହିଛି। ଏହି ଅବସରରେ ରାଷ୍ଟ୍ରପତି ଖେଳରତ୍ନ ବ୍ୟତୀତ କୋଚ୍‌ମାନଙ୍କ ଲାଗି ଦ୍ରୋଣାଚାର୍ଯ୍ୟ ଏବଂ ଧ୍ୟାନଚାନ୍ଦ ପୁରସ୍କାର, ତେନଜିଂ ନର୍ଗେ ଜାତୀୟ ଦୁଃସାହସିକ ପୁରସ୍କାର, ମୌଲାନା ଅବ୍‌ଦୁଲ କାଲାମ ଆଜାଦ ଟ୍ରଫି ଏବଂ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍ରିଆଲ, କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିଆ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ମହା ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ଏବଂ ସେକ୍ରେଟାରୀ ଜେନେରାଲ ରାଜୀବ ମେହେଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

କିଙ୍ଗଷ୍ଟନ (ଜାମାଇକା), ୨୯।୮(ପି.ଟି.)

ସ୍ଥାନୀୟ ସାବିନା ପାର୍କ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଭାରତ ୩୧୮ ରନରେ ବୃହତ୍ ବିଜୟ ହାସଲ କରି ୧–୦ରେ ଅଗ୍ରଣୀ ହୋଇଥିଲା। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦ୍ୱିତୀୟ ଟେଷ୍ଟ ଜିତି କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଟେଷ୍ଟ କ୍ରିକେଟ ଖେଳିବାର କଳା ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ହରାଇଥିବାରୁ ଭାରତ ପ୍ରଥମ ମ୍ୟାଚ୍ ଭଳି ଏଥିରେ ମଧ୍ୟ ବିଜୟୀ ହେବା ଆଶା କରାଯାଉଛି। ପୂର୍ବରୁ ମଧ୍ୟ ଭାରତ ଟି୨୦ ଓ ଦିନିକିଆ ସିରିଜରେ କ୍ଲିନ୍ ସୁଇପ୍ କରିଥିଲା।

ସାବିନା ପାର୍କରେ ପାରିପାର୍ଶ୍ୱିକ ପରିସ୍ଥିତି ବେଶ୍ ଭଲ ରହିଛି। ପିଚ୍ ମଧ୍ୟ ବେଶ୍ ଭଲ ରହିଛି। ଫଳରେ ଆଉ ଏକ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ଭାରତୀୟ ବୋଲିଂ କୋଚ୍ ଭାରତ ଅରୁଣ କହିଛନ୍ତି। ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଯଥାକ୍ରମେ ୬ ଓ ୮ ଉଇକେଟ ହାସଲ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତାକୁ ପଦାରେ ପକାଇଥିଲେ। ପୁଣି ଥରେ ଏହି ସଫଳତାକୁ ଦୋହରାଇବା ଲକ୍ଷ୍ୟରେ ଏହି ଦୁଇ ବୋଲର ଲକ୍ଷ୍ୟ ରଖିଛନ୍ତି।

ପ୍ରଥମ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଥବାରୁ ଭାରତ ଦଳରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇ ନ ଥିଲେ ମଧ୍ୟ ତାଙ୍କୁ ଅନ୍ତିମ ଏକାଦଶକରୁ ବାଦ୍ ଦିଆଯିବ ନାହିଁ ବୋଲି ଆଶା କରାଯାଉଛି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ଉପରେ ଯେଉଁ ଭରସା ରଖିଛି ପନ୍ତ ତାକୁ ପ୍ରମାଣ କରିବାକୁ ପ୍ରୟାସ କରିବେ। ସେ କେତେ ରନ୍ ସଂଗ୍ରହ କରୁଛନ୍ତି ତାହା ଅବଶ୍ୟ ବଡ଼ କଥା ନୁହଁ। କିନ୍ତୁ ସେ ଯେଉଁଭଳି ଭାବେ ବେପରୁଆ ଶଟ୍ ଖେଳି ଆଉଟ ହେଉଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।

ପ୍ରଥମ ମ୍ୟାଚ୍‌ରେ ବୃହତ୍ ବିଜୟ ସହ ଅଗ୍ରଣୀ ହାସଲ କରିଥିବାରୁ ଭାରତ ଉପରେ କୌଣସି ଚାପ ନାହିଁ। ପ୍ରଥମ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିବା ଓପନର ମୟଙ୍କ ଅଗ୍ରୱାଲ ଦ୍ୱିତୀୟ ଟେଷ୍ଟରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ମିଡିଲ ଅର୍ଡରରେ ଉପ– ଅଧିନାୟକ ଅଜିଙ୍କ୍ୟ ରାହାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଚାପରେ ଉପଯୋଗୀ ଅର୍ଦ୍ଧଶତକ ଓ ଶତକ ହାସଲ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦ୍ୱିତୀୟ ଇନିଂସରେ ହନୁମା ବିହାରୀ ୯୩ ରନର ଲଢୁଆ ପାଳି ଖେଳି ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଦିନିକିଆ ତାରକା ରୋହିତ ଶର୍ମାଙ୍କୁ ଏବେ ଦଳରେ ସାମିଲ ହେବା ପାଇଁ ଅପେକ୍ଷା କରିବାକୁ ପଡିବ। ଦ୍ରୁତ ବୋଲିଂରେ ଇଶାନ୍ତ ଓ ବୁମ୍‌ରାଙ୍କୁ ବାଦ୍ ଦେଲେ ମହମ୍ମଦ ସାମି ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଅଲରାଉଣ୍ଡର ହିସାବରେ ରବୀନ୍ଦ୍ର ଜାଡେଜା ମଧ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦେଇଛନ୍ତି।

### ଆଜିଠୁ ଦ୍ୱିତୀୟ ଟେଷ୍ଟ
### ଫୋକସରେ ପନ୍ତ

ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଘରୋଇ ପରିବେଶରେ ମଧ୍ୟ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଦୁଇଟି ଯାକ ଇନିଂସରେ ଦଳର କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧ ଶତକ ହାସଲ କରିପାରିନାହାନ୍ତି। ଶିମରନ ହେଟମେୟର ଓ ସାଇ ହୋପ୍‌ଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ମଧ୍ୟ ବିଫଳ ହୋଇଛନ୍ତି। ତେବେ ଦ୍ୱିତୀୟ ଇନିଂସରେ ରଷ୍ଟନ ଚେଜ୍ ଲଢ଼େଇ କରିବାକୁ ପ୍ରୟାସ କରିଥିଲେ। ନୂଆ ବଲ୍‌ରେ ଦୁଇ ଦ୍ରୁତ ବୋଲର ଶାନନ ଗାବ୍ରିଏଲ ଓ କେମର ରୋଚ୍ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କଠାରୁ ସମର୍ଥନ ପାଇ ନ ଥିଲେ ମଧ୍ୟ ଏହି ଦୁଇ ବୋଲର ଦମ୍‌ଦାର ବୋଲିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲେ।

# ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଗୁରୁବାର ଘାଟିକିଆସ୍ଥିତ ଆପିଜୟ ସ୍କୁଲ ପରିସରରେ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏସ୍ଏସ୍ଏସ୍ଏଫ୍) ପକ୍ଷରୁ ଏହାର ପାଇଲଟ୍ ପ୍ରୋଜେକ୍ଟ 'ଫିଟ୍‌ନେଶ ଓ ସ୍ପୋର୍ଟ୍ସ' ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣେଶ ଚନ୍ଦ୍ର ଜେନା ଓ ଆପିଜୟ ସ୍କୁଲର ପ୍ରିନ୍ସିପାଲ ସ୍ମିତା ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଏହି ଅବସରରେ ଉପସ୍ଥିତ ରହିଥିଲେ। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ ତିର୍କୀ ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ସହ ଫିଟ୍‌ନେଶ, ସ୍ପୋର୍ଟ୍ସ ଉପରେ ଆଲୋଚନା କରିଥିଲେ। 'ଖେଳକୁ ପ୍ରଫେଶନଭାବେ ନ ଗ୍ରହଣ କରିଏହାକୁ ଫିଟ୍ ରହିବା ପାଇଁ ଖେଳିବାକୁ' ଛାତ୍ରୀଛାତ୍ରମାନଙ୍କୁ ଦିଲୀପ ଉପଦେଶ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ପୂର୍ବତନ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ଅଶୋକ ମହାନ୍ତି ଛାତ୍ରୀଛାତ୍ରଙ୍କ ଆଦ୍ୟ ଜୀବନ (୬ରୁ ୧୨ ବର୍ଷ)ରେ ଫିଟ୍‌ନେଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ତଥା ଭାରତର ଅନ୍ୟତମ ପ୍ରତିଷ୍ଠିତ ଫିଜିଓଥେରାପିଷ୍ଟ ମୁକ୍ତିପ୍ରସାଦ ଦାଶ ଗୋଟିଏ ଦିନ ପୂର୍ବରୁ ହୋଇଥିବା ଟେଷ୍ଟର ରିପୋର୍ଟ ଏହି ଅବସରରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଉନ୍ନତ ଫିଟ୍‌ନେଶ ପାଇଁ ଏହି ସ୍କୁଲର ୩ଜଣଙ୍କୁ ମୁଖ୍ୟ ଅତିଥି ପଦକ ପ୍ରଦାନ କରିଥିଲେ। ଏସ୍ଏସ୍ଏସ୍ଏଫ୍ ଅନ୍ୟତମ ନିର୍ଦ୍ଦେଶକ ଚେତନ ଭୂୟାଁ ଏହି ଅବସରରେ ଧନ୍ୟବାଦ ଅର୍ପଣ କରିଥିଲେ। ସୌର୍ଯ୍ୟ ରଞ୍ଜନ ପରିଜା, ଅରବିନ୍ଦ ମିତ୍ର, ହେମନ୍ତ ଜେନା ଓ ଜ୍ୟୋତିପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ରଜନୀ ବେହେରା
ସ୍ୱାମୀ: ସତ୍ୟାନନ୍ଦ ବେହେରା
ଗୋପାଳପୁର, ଚଣ୍ଡିଆ, ଚାରିନଙ୍ଗଳ, ଯାଜପୁର
ତିରୋଧାନ: ୨୦।୦୮।୨୦୧୯
ଚାହୁଁ ଚାହୁଁ ଆଜକୁ ୧୧ ଦିନ ବିତିଗଲା। ତୁମର ସେ ହସିଲା ମୁହଁ, ସ୍ନେହ, ଶ୍ରଦ୍ଧାକୁ ପାରୁନାହୁଁ ଭୁଲି। ଆଜି ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ–ବୋହୂ, ଝିଅ–ଜ୍ୱାଇଁ, ନାତି–ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ–୬୭୦୫୦

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଶ୍ରୀମତୀ କବିତା ଦାସ
ସ୍ୱାମୀ: ଇଂ କମଳା କାନ୍ତ ମହାନ୍ତି
୧୧୩, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୧୦।୧୯୪୮
ତିରୋଧାନ: ୨୦।୦୮।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ସ୍ୱାମୀ, ସୋନାଲି, ବିରେନ, ଗୌତମ, ପ୍ରତୀକ୍ଷା, ଲେଆ, ଆରନ୍, ଡୁଗୁଲ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ–୬୭୨୧୯

୧୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ ସନ୍ଦୀପ ମହାନ୍ତି
(ଟୁନଟୁନ)
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭
ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ତୋର ବାପା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲି ଖୁଡ଼ୀ, ଦେଇ, ଭାଇଭାଉଜ ଓ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ–୬୫୬୮୩

ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିଷ୍ଣୁ ପ୍ରସାଦ ପ୍ରଧାନ
ଆବିର୍ଭାବ: ୧୦.୦୨.୧୯୨୩
ତିରୋଧାନ: ୦୯.୦୯.୨୦୧୮
ମୁଦିପଡା, ସମ୍ବଲପୁର
ବିତିଗଲା ଏକ ବର୍ଷ ତୁମ ଗୁଣ ସ୍ମରି
ଝୁରି ହେଉଅଛୁ ସିନା ନ ଆସିବ ଫେରି ।
ସେ ଅମର ପୁରେ ଥାଇ ଭକ୍ତିମାନ୍ୟ ଘେନି ଆମ
ଶୁଭାଶିଷ ଦିଅ ଢ଼ାଳି ମସ୍ତକେ ଆମର ।
ଶତାୟୁତ ବାର କରୁ ବିଭୁ ପଦେ ନତି
ଆତ୍ମା ତୁମ ଲାଭକରୁ ଅମିୟ ସଦ୍‌ଗତି ।
ଶୋକ ସନ୍ତପ୍ତ: ପୁତ୍ର– ଭଗୀରଥ, ସନ୍ତୋଷ, ରାଜେନ୍ଦ୍ର; ପୁତ୍ରବଧୂ– ବିଷ୍ଣୁପ୍ରିୟା, ଝରଣା, ନମିତା; କନ୍ୟା–ସାବିତ୍ରୀ; ଜ୍ୱାଇଁ– ରାଧେଗୋପାଳ; ନାତି– ଅଂଶୁମାନ, ପ୍ରତୀକ, ଅମୃତାଂଶ; ନାତୁଣୀ– ସୃଜନିକା, ସ୍ୱରଚିତା, ଇକ୍ଷେଶିକା, ଅନ୍ତରୀକ୍ଷା; ନାତୁଣୀବୋହୂ– ଇନା; ନାତୁଣୀଜ୍ୱାଇଁ– ସନ୍ଦୀପ, ଆଶିଷ, ରାଜୀବ; ପଣନାତି/ନାତୁଣୀ–ସାନ୍ୱୀ, ରେୟାନ, ଅବନୀଶ ।
ଧ–୧୪୧୧୦

ଏକାଦଶାହ ଉପଲକ୍ଷେ



ନିରଞ୍ଜନ ସାଇଁ
ପ୍ରତିଷ୍ଠାତା ଓଡ଼ିଶା ହୋଟେଲ
ଦିଲ୍ଲୀ, ପୁନେ, କଟକ, ପଟିଆ, ସହିଦନଗର, ଲୁଇସ ରୋଡ
ଆବିର୍ଭାବ : ୦୧.୦୫.୧୯୫୬
ତିରୋଧାନ : ୨୦.୦୮.୨୦୧୯
ଚାହୁଁ ଚାହୁଁ ଏଗାରଦିନ କଟିଗଲା ତୁମର ପ୍ରତିଷ୍ଠିତ ବ୍ୟବସାୟ ଅନୁଷ୍ଠାନ ଘର ସବୁଆଡ଼େ ଏକ ଶୂନ୍ୟତାର ଅନୁଭବ । ତୁମେ ଯେଉଁଠି ଥାଅ ଭଲରେ ଥାଅ ଓ ଆମ ଉପରେ ଦେଇଥିବା ଗୁରୁଦାୟିତ୍ୱକୁ କାର୍ଯ୍ୟକାରି କରିବାକୁ ଆଶୀର୍ବାଦ କରୁଥାଅ
ତୁମର ପରିବାରବର୍ଗ ଓ ସମସ୍ତ ଓଡ଼ିଶା ହୋଟେଲର କର୍ମଚାରୀ ବୃନ୍ଦ
ଧ–୬୬୨୯୦

## ସଂକ୍ଷେପରେ

### ସମ୍ବଲପୁରରେ ଆଲ୍ଲାହାବାଦ ବ୍ୟାଙ୍କର ଜୋନାଲ ଅଫିସ

ସମ୍ବଲପୁର,୨୯।୮(ବ୍ୟୁରୋ)

ଆଲ୍ଲାହାବାଦ ବ୍ୟାଙ୍କର ଜୋନାଲ ଅଫିସ ସମ୍ବଲପୁରରେ କାର୍ଯ୍ୟକାରୀ ହୋଇଛି। ପୂର୍ବରୁ ଏହା ଭୁବନେଶ୍ୱର-୨ ଜୋନ୍ ଅଧୀନରେ ରହିଥିଲା। ଏଣୁ ବିଭିନ୍ନ କାର୍ଯ୍ୟରେ ଠିକ୍ ଭାବେ କାମ କରା ଯାଇ ପାରୁ ନ ଥିଲା। ଏ ନେଇ ମୁଖ୍ୟାଳୟକୁ ଜଣାଇବା ପରେ ଏଠାରେ ଜୋନାଲ ଅଫିସ ଖୋଲିବାକୁ ମଞ୍ଜୁରି ମିଳିଛି। ଏହି ଜୋନ ଅଧୀନରେ ୧୯ଟି ଜିଲାର ୩୨ଟି ସହରାଞ୍ଚଳ, ୧୩ଟି ଗ୍ରାମାଞ୍ଚଳ ଶାଖାକୁ ମିଶାଇ ମୋଟ ୪୫ଟି ଶାଖାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜୋନାଲ ଅଫିସ ଖୋଲିବା ଫଳରେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ। ଶାଖା ଗୁଡିକରେ ଗ୍ରାହକଙ୍କୁ ନୂଆ ଯୋଜନାରେ ଋଣ ପ୍ରଦାନ କରାଯିବ । ସେହିଭଳି କ୍ଷୁଦ୍ର ଶିଳ୍ପ, କୃଷକ ତଥା ଗ୍ରାମାଞ୍ଚଳରେ ସୁବିଧା ଯୋଗାଣ ନେଇ ଲକ୍ଷ୍ୟ ରଖା ଯାଇଛି । ଏହାବାଦ୍ ଏହି ଜୋନରେ ଆଉ ୫ଟି ନୂତନ ଶାଖା ମଧ ଖୋଲାଯିବ ବୋଲି ଗୁରୁବାର ଏଠାରେ ଜୋନାଲ ମୁଖ୍ୟ ଉତ୍ତମ ଦତ୍ତ ସୂଚନା ଦେଇଛନ୍ତି।

# ଚାକିରି ପ୍ରଲୋଭନ ଦେଖାଇ ୪୦ ଲକ୍ଷ ଟଙ୍କା ଠକେଇ

ଭବାନୀପାଟଣା,୨୯।୮(ଡି.ଏନ.ଏ.)

ଭବାନୀପାଟଣାର ଜଣେ ୱେସ୍କୋ ଲାଇନ୍‌ମ୍ୟାନ ଚାକିରୀ ପ୍ରଲୋଭନ ଦେଖାଇ ଏକାଧିକ ଯୁବକଙ୍କଠାରୁ ପ୍ରାୟ ୪୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ନାମ ଜ୍ୟୋତି ରଞ୍ଜନ ସାମଲ। ତାଙ୍କ ବିରୋଧରେ ବିଭିନ୍ନ ଥାନାରେ ଅଭିଯୋଗ ହେବା ପରେ ସେ ଗତ ୪ ମାସ ହେଲା ଫେରାର ଥିବା ଜଣାପଡିଛି। ଏ ନେଇ ପୋଲିସ ତନାଘନା କରିବା ବଦଳରେ ହାତବାନ୍ଧି ବସିଥିବା ଠକେଇ ଶିକାର ଯୁବକମାନେ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ମୁତାବକ, ୱେସ୍କୋର କଳାହାଣ୍ଡି ଜିଲା ଭବାନୀପାଟଣା ପୂର୍ବ ବିଦ୍ୟୁତ୍ ମଣ୍ଡଳ ଅନ୍ତର୍ଗତ ସେକ୍ସନ-୩ରେ ଲାଇନମ୍ୟାନ-ସି ଭାବେ କାମ କରନ୍ତି ଜ୍ୟୋତିରଞ୍ଜନ । ସେ କୁଆଡ଼େ ଭବାନୀପାଟଣା ସହର ବଡପଡାର ମଦନ କୁମ୍ଭାରଙ୍କୁ ଚାକିରି ଦେବେ ବୋଲି କହି ୨୦୧୭ ଡିସେମ୍ବର ୨୬ରେ ୫୦ ହଜାର ଟଙ୍କା ନେଇଥିଲେ । ଚାକିରି ନ ମିଳିବାରୁ ମଦନ ଟଙ୍କା ଫେରସ୍ତ



ଜ୍ୟୋତି ରଞ୍ଜନ ସାମଲ ।

ମାଗିଥିଲେ । ଜ୍ୟୋତିରଞ୍ଜନ ତାଙ୍କୁ ଠକି ଚାଲିଥିଲେ। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଗତ ଅଗଷ୍ଟ ୨୦ ତାରିଖରେ ମଦନ ଲିଖିତ ଅଭିଯୋଗ କରିଥିଲେ। ସେହଭଳି ଜ୍ୟୋତିରଞ୍ଜନ ଭୂଲିଆ ଗ୍ରାମରେ ନିର୍ମଳ ନାଏକଙ୍କଠାରୁ ୩୨ ହଜାର ଟଙ୍କା, କିଶୋର ମାଝିଙ୍କଠାରୁ

### ଅଭିଯୁକ୍ତ ୱେସ୍କୋ ଲାଇନ୍‌ମ୍ୟାନ ଫେରାର

୩୦ ହଜାର ଟଙ୍କା, ଉପରରାଚୁଗୁଡା ଗ୍ରାମର ରାଜେନ୍ଦ୍ର ନାଏକଙ୍କଠାରୁ ୨୦ ହଜାର ଟଙ୍କା, ପ୍ରଶାନ୍ତ ନାଏକଙ୍କଠାରୁ ୯୦ ହଜାର ଟଙ୍କା, କିଟପଦର ଗ୍ରାମର ଗଣେଶ ମାଝିଙ୍କ ଠାରୁ ୩୦ ହଜାର ଟଙ୍କା, ପଞ୍ଚା ମାଝିଙ୍କଠାରୁ ୩୦ ହଜାର ଟଙ୍କା, ସିକେରଗୁଡା ରାଜକୁମାର ନାଏକଙ୍କଠାରୁ ୫୦ ହଜାର ଟଙ୍କା, ବୁନୁ ମାଝିଙ୍କଠାରୁ ୨୫ ହଜାର ଟଙ୍କା, ମହିଯୋର ଗ୍ରାମର ଯୁଧିଷ୍ଠିର ବାଗଙ୍କଠାରୁ ୭୦ ହଜାର ଟଙ୍କା, ଭବାନୀପାଟଣା ନୂଆପଡାର ହରି ସାହୁଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା, ଚୁରିହାରୀପଡାର ରାଜେଶ୍ୱର ତାଣ୍ଡିଙ୍କଠାରୁ ୮୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ସଦର ଥାନାରେ ଏ ନେଇ ୭ରୁ ଅଧିକ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏଥିରେ ଏତଲା ଦାଏର ନ କରି ଚୁପ ବସିଛି। ଜ୍ୟୋତିରଞ୍ଜନ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ହଡପ କରି ଫେରାର ହୋଇଥିବା ଅଭିଯୋଗ ହୋଇଛି । କେବଳ ଚାକିରି ଦେବାକୁ ନୁହେଁ, ଜ୍ୟୋତିରଞ୍ଜନ ବିପିଏଲ ଲାଇନ ସଂଯୋଗ ପାଇଁ ବି ଚାଙ୍ଗେର ଗ୍ରାମରେ ୬୪ ହଜାର ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି । ସେହିଭଳି ୱେସ୍କୋରେ ବିଭିନ୍ନ କାର୍ଯ୍ୟ କରାଇ ଦେବା ଆଳରେ ପ୍ରାୟ ୩ ଲକ୍ଷ ଟଙ୍କା ଆଦାୟ କରି ହଡପ କରିଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଜ୍ୟୋତିରଞ୍ଜନ ଗତ ୪ ମାସ ଧରି ନିରୁଦ୍ଦିଷ୍ଟ ଥିବା ୱେସ୍କୋ ଓ ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଇଂ ଆଲୋକ ରଞ୍ଜନ ପଟ୍ଟନାୟକ ତାଙ୍କ ଘରକୁ ନୋଟିସ ପଠାଇଛନ୍ତି । କୌଣସି ଉତ୍ତର ନ ମିଳିଲେ ତାଙ୍କୁ ବିଜ୍ଞାପନ ଦେଇ ବରଖାସ୍ତ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସଦର ଥାନା ଆଇଆଇସିଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ଆସିଛି, କିନ୍ତୁ ଅଭିଯୋଗକାରୀମାନେ ବୁଝାମଣା ପାଇଁ ଆଲୋଚନା କରିଥିବା କହିଛନ୍ତି । ଅନ୍ୟପକ୍ଷରେ ଟାଉନ ଥାନା ଆଇଆଇସିଙ୍କୁ ପଚାରିବାରୁ ଠକେଇ ନେଇ ଏତଲା ହୋଇଛି । କିନ୍ତୁ ଅଭିଯୁକ୍ତ ଫେରାର ଥିବା କହିଛନ୍ତି।

## ୧୦ ପେଟି ମଦ ଜବତ, ଜଣେ ଗିରଫ



ଜବତ ମଦ ସହ ଅଭିଯୁକ୍ତ ପିଣ୍ଟୁ ସାହୁ।

ରାଉରକେଲା ଅଫିସ,୨୯।୮

ବିଦେଶୀ ମଦ ଚୋରା କାରବାର ଅଭିଯୋଗରେ ପ୍ଲାଣ୍ଟସାଇଟ ଥାନା ପୋଲିସ ଗୁରୁବାର ମଧୁସୂଦନପାଲି ଅଞ୍ଚଳର ପିଣ୍ଟୁ ସାହୁ (୨୬)ଙ୍କୁ ଗିରଫ କରିଛି। ପିଣ୍ଟୁ ଦୀର୍ଘଦିନ ହେଲା ପୋଲିସକୁ ଚକ୍‌ମା ଦେଇ ବିଦେଶୀ ମଦ ନେଇ ନିଜ ଅଞ୍ଚଳରେ ବିକ୍ରି କରୁଥିଲେ। ଗୁରୁବାର ଅପରାହ୍ନରେ ସେ ଏକ ଅଟୋରିକ୍ସାରେ ୧୦ପେଟି ମଦ ନେଇ ମଧୁସୂଦନପାଲି ଯାଉଥିବା ପୋଲିସ ଏକ ସୂତ୍ରରୁ ଖବର ପାଇଥିଲା। ଫଳରେ ପୋଲିସ ପିଣ୍ଟୁଙ୍କୁ ପିଛା କରି ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଏକ ମାମଲା (ନଂ-୨୬୩/୧୯) ରୁଜୁ କରାଯାଇଛି।

■ନୂଆପଡା ପ୍ରିମିୟର ଲିଗ ଫୁଟବଲ ଟୁର୍ନାମେଣ୍ଟ

# କୋମନା, ମହାମାୟା ବିଜୟୀ

ନୂଆପଡା ଅଫିସ,୨୯।୮

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ନୂଆପଡା ପ୍ରିମିୟର ଲିଗ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କୋମନା ଦଳ ଦବଙ୍ଗ ଦଳକୁ ୨-୦ ଗୋଲରେ ହରାଇଥିବାବେଳେ ମହାମାୟା ଦଳ ଉଦନ୍ତୀ ସିନାପାଲି ଦଳକୁ ୩-୦ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ପ୍ରଥମ ମ୍ୟାଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁରେଶ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ଆଇନଜୀବୀ ଅଶୋକ କୁମାର ଦେୱାଙ୍ଗନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ମ୍ୟାଚ ଦବଙ୍ଗ ଖଡିଆଳ ଦଳ ଏବଂ କୋମନା ଦଳ ମଧ୍ୟରେ ହୋଇଥିଲା । ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୋମନା ଦଳ ଲଗାତର ୨ ଗୋଲ ଦେଇଥିବାବେଳେ ଦବଙ୍ଗ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ସେହିଭଳି ଦ୍ୱିତୀୟ



ଅତିଥିମାନେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

ମ୍ୟାଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାମାୟାର ସମ୍ପାଦକ ଟଙ୍କଧର ସାହୁ ମୁଖ୍ୟଅତିଥି, ମହେଶ କୁମାର ନିଆଲ, ସୁଧୀର କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚରେ ମହାମାୟା ଦଳ ଉଦନ୍ତୀ ସିନାପାଲି ଦଳକୁ ୩-୦ ଗୋଲ ଦେଇ ବିଜୟୀ ହୋଇଛି। ଏହି ଦୁଇ ଦଳ ଶୁକ୍ରବାର ହେବାକୁ ଥିବା ସେମିଫାନକୁ ଉନ୍ନୀତ ହୋଇଛନ୍ତି । ପ୍ରଥମ ସେମଫାଇନାଲ ଖଡିଆଳ ଏବଂ ପ୍ଲେ ବଏ ନୂଆପଡା ଓ ଦ୍ୱିତୀୟ ସେମିଫାଇନାଲ ଖେଳ କୋମନା ଏବଂ ମହାମାୟା ମଧ୍ୟରେ ହେବାର ଚୂଡାନ୍ତ ହୋଇଛି ।

# ପହଞ୍ଚି ପାରିଲାନି ଆମ୍ବୁଲାନ୍ସ, ଆଖି ବୁଜିଲେ ବୃଦ୍ଧ

କେନ୍ଦୁଝର,୨୯।୮(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜୁନପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ପ୍ରାୟ ସାଢେ ତିନି କି.ମି. ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ପହଞ୍ଚିପାରିଲା ନାହିଁ। ବାଧ ହୋଇ ଗ୍ରାମବାସୀଙ୍କ ଦ୍ୱାରା ଖଟରେ ବୁହା ହେଲେ ରୋଗୀ। ଏହା ସତ୍ତ୍ୱେ ବି ରୋଗୀଙ୍କ ଜୀବନ ବଞ୍ଚାଇ ପାରିଲେ ନାହିଁ ଗ୍ରାମବାସୀ। ମିଳିଥିବା ସୂଚନା ଅନୁଯାୟୀ, ସେହି ଗ୍ରାମର ଦିବାକର ମହାନ୍ତ(୮୦) ବୁଧବାର ସକାଳେ ଶୌଚ ପାଇଁ ଯାଇଥିଲେ। ସେଠାରୁ ଫେରି ଘରେ ପହଞ୍ଚିବା ପରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଏ କଥା ଜାଣିବା ପରେ ପୁଅ ହୃଷିକେଶ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଚମ୍ପୁଆରୁ ଆସି ଜଗନ୍ନାଥପୁର ଗ୍ରାମରେ ପହଞ୍ଚିଥିଲା। ହେଲେ ଜଗନ୍ନାଥପୁର ରେଳ ଫାଟକ ନିକଟରୁ ହିରାଖଣିସାହି ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସିପାରି ନ ଥିଲା। ଶେଷରେ ଦିବାକରଙ୍କୁ ଖଟଭାରରେ ବୋହି ଗ୍ରାମବାସୀ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ତା'ପରେ ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।




## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ରାଉରକେଲା ଅଫିସ,୨୯।୮

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଲୋହରା ବସ୍ତି ଅଞ୍ଚଳରେ ରହୁଥିବା ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସେହି ବସ୍ତିର ହାବିଲ ହଂସ (୪୦)ଙ୍କୁ ଗିରଫ କରିଛି। ଘଟଣା ବୁଧବାର ବିଳମ୍ବିତ ରାତିରେ ଘଟିଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୨୬୪/୨୦୧୯) ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା କରାଇଛି। ନାବାଳିକାଙ୍କ ମା' ବାପା ଦିନମଜୁରିଆ। କିଛିଦିନ ହେବ ହାବିଲ ନାବାଳିକାଙ୍କୁ ବିଭିନ୍ନ ବାଟରେ ପ୍ରଲୋଭିତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବଳାତ୍କାର କରିଥିବା ସୂଚନା ମିଳିଛି।




# ହୋଟେଲ ରୁମ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୨୯।୮

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରେଳ ଷ୍ଟେଶନ ନିକଟ ଏକ ହୋଟେଲରୁ ଗୁରୁବାର ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଧୀରଜ ବର୍ମା (୩୨), ଘର ରାଜଗାଙ୍ଗପୁର। ଦୁଇଦିନ ହେବ ସେ ବ୍ୟବସାୟିକ କାମରେ ଆସି ଏହି ହୋଟେଲରେ ରହୁଥିଲେ। ଗୁରୁବାର ସକାଳ ପର୍ଯ୍ୟନ୍ତ ତାଙ୍କ ରୁମ୍ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ପୋଲିସ ହୋଟେଲରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପରିବାର ଲୋକେ ମଧ ଆସି ରାଉରକେଲାରେ ପହଞ୍ଚିଛନ୍ତି। କୁହାଯାଉଛି ଯେ ଧୀରଜ ଜଣେ ଅଳଙ୍କାର



ମୃତଦେହ ଉଦ୍ଧାର ହୋଇଥିବା ହୋଟେଲ ରୁମ୍ ନିକଟରେ ଭିଡ଼।

ବ୍ୟବସାୟୀ। ସେ ଋଣ ଭାରରେ ବୁଡ଼ିରହି ମାନସିକ ଚାପରେ ଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୬ ଗିରଫ

ବାଲେଶ୍ୱର ଅଫିସ, ୨୯।୮

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଗୋଳାପୋଲ ଅଞ୍ଚଳରେ ଦୀର୍ଘଦିନ ଧରି ଜୁଆ ଆଡ୍ଡା ଚାଲୁଥିବା ଅଭିଯୋଗ ହୋଇଥିଲା। ବୁଧବାର ମଧରାତ୍ରିରେ ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଉକ୍ତ ଆଡ୍ଡାରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଜୁଆ ସାମଗ୍ରୀ ସହ ୫ହଜାର ୨ଶହ ଟଙ୍କା ଓ ୨ଟି ମୋଟରସାଇକେଲ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୪୩/୧୯) ରୁଜୁ କରାଯାଇ ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।




■ଦାଦନ ଯାଇ ବାପ୍ ଆରପାରେ

# ୭ ବଛର ହେଲା ରୋଗ୍‌ରେ ଖଟେ ପଡ଼ିଛନ୍ ଝିଅ ସୁନିଆ

ପର୍ଲା, ୨୯।୮(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବହେରା ଗାଁର ସ୍ୱର୍ଗତ ପଦମନ ସୋରିଙ୍କର ଝି' ସୁନିଆ(୨୧)। ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଆକ୍ରାଁତ ହେଇ ଅନେକ ଦିନ୍ ହେଲା ଖଟେ ପଡ଼ି ରହିଛନ୍। ଇଆଡ଼େ ବିଧବା ମା' ପରହର କାମ୍ କଲେ ଯାଇ ଘରର ଚୁଲି ଜଳୁଛେ। ଏନ୍‌ତାଥି ସେ ଝି'ର ଉଚ ଚିକିଛା କଥା ଚିନ୍ତା ବି କରି ନାଇଁପାରବାର।

ସୂଚନା ଅନ୍‌ସାରେ ବହେରା ଗାଁର ବିଧବା ମହିଳା ପ୍ରମିଳା ସୋରି। ଆପ୍‌ନେ ପଦମନ ସୋରି ଝି'ର ଉଚ ଚିକିଛା ଲାଗି ଟଁକା ପଏସା ଠୁଲାବାକେ ୨ ବଛର ତଲେ ଦାଦନ ଯାଇ ଆରପାରକେ ଚାଲିଗଲେ। ଏହେଦେ ତାକର ପରିବାର କହେଲେ ଝି' ସୁନିଆ ଆର ୨ ପୁଓ। ପରିବାରଟା ନିହାତି ଗରିବ୍, ଘରଡ଼ିହ ଖଁଡ଼େକେ



ଅଜନା ରୋଗ୍ ପରଭାବରେ ସୁନିଆ ଖଟେ ପଡ଼ି ରହିଛନ୍।

ଛାଡ଼ିଦେଲେ ସଁପତି ବଲି କିଛି ନାଇଁ। ଇଆଡ଼େ ପ୍ରମିଳା ପରହର କାମ୍ କଲେଯାଇ ଘରର ଚୁଲି ଜଳୁଛେ। ଏନ୍‌ତାଥି ଝି' ଗଲା ୭ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଖଟେ ପଡ଼ି ରହିଛନ୍। ନିସାହା ବିଧବା ପ୍ରମିଳା ଧାର ଉଧାର କରି ଅନେକ ଥର ଧର୍ମଗଡ଼ ସମେତ ଆସର ପାସର ଡାକ୍‌ତରଖାନାରେ ଝି'ର ଚିକିଛା କରେଇ ନିରାଶ ହେଇଛନ୍। ସୁନିଆକେ ଉଚ ଚିକିଛା ଦରକାର ବଲି ଡାକ୍‌ତର ସବୁବେଲେ ପରାମଶ୍ ଦେଉଛନ୍। ହେଲେ ପ୍ରମିଳା ଯାହା ରୁଜ୍‌ଗାର କରୁଛନ୍ ସେଟା ପରିବାରର ପେଟ୍‌କେ ହେଲେ ଦିହିକେ ନାଇଁ। ଅଭାବ ଅନାଟନ ଲାଗି ଅନେକ ସମିଆରେ ସେ ଝି'ର ଉଷୋକଷା ବି ଘିନି ନାଇଁପାରୁଥିବାର କହିଛନ୍। ଇଆଡ଼େ ଚିକିଛା ଅଭାବୁ ଦିନୁଦିନ୍‌କେ ସୁନିଆର ଦିହିପା ବିଗିଡ଼ିତେଲ ଯାଉଛେ। ଏହେଦେ ରୋଗ୍ ପରଭାବରେ ସୁନିଆର ହାତ୍‌ଗୋଡ଼, ପେଟ ଫୁଲିଯାଇଛେ। ସେ ସବୁବେଲେ ଖଟେ ପଡ଼ିରହିଛନ୍ ଆର ଛଟ୍‌ପଟ ହେଉଛନ୍। ଏନ୍‌ତାଥି ଉପେ ଶୁଇନ୍ ପ୍ରମିଳା ଝି'ର ଚିକିଛା ସାହାଯ୍ ଲାଗି ଗଣମାଧମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ବିଶେଷଜ୍ଞ କମିଟିର ସୋନପୁର ଉପକାରାଗାର ପରିଦର୍ଶନ

ସୋନପୁର,୨୯।୮(ନି.ପ୍ର.): ଗୃହ ବିଭାଗ ଦ୍ୱାରା ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ଗୁରୁବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟି ସଦସ୍ୟ ଅବକାଶ ମିଶ୍ର, ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗାରକୁ ଯାଇ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। କୌଣସି ମାମଲାରେ ଜଡିତ ଥାଇ ଶିଶୁ କାରାଗାରରେ ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ଯାଞ୍ଚ କରିଥିଲା। ପରିଦର୍ଶନ ସମୟରେ ମହିଳା ୱାର୍ଡରେ ମା' ସହିତ ମାତ୍ର ଦୁଇ ବର୍ଷର ଏକ ଶିଶୁ ରହୁଥିବା ବିଶେଷଜ୍ଞ କମିଟି ଦେଖିବାକୁ ପାଇଥିଲେ। ଶିଶୁର ଉପଯୁକ୍ତ ଯତ୍ନ, ସେବା ଓ ଚିକିତ୍ସାର ଅଭାବ କମିଟି ଅନୁଭବ କରିଥିଲା। ବର୍ତ୍ତମାନ ଶିଶୁଟିର ଚିକିତ୍ସା ଜରୁରି ହୋଇପଡିଛି। ତେଣୁ ଏ ଦିଗରେ ଶିଶୁର ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଉପକାରାଗାରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କମିଟି ପରାମର୍ଶ ଦେଇଛି ।

ଉଲୁଣ୍ଡା ପଞ୍ଚାୟତ ସମିତି ବୈଠକ

# ଅଧିକାରୀଙ୍କୁ ଘେରିଲେ ଜନପ୍ରତିନିଧି

ଉଲୁଣ୍ଡା, ୨୯।୮(ଡି.ଏନ.ଏ.)

- ଆମ ଗାଁ ଆମ ବିକାଶ ପ୍ରକଳ୍ପ କାମରେ ଅଧକ୍ଷା ବାଧକ: ଜନପ୍ରତିନିଧି
- ପଞ୍ଚାୟତ ପ୍ରତିନିଧିଙ୍କ ଅବହେଳାରୁ କାମ ଆଗଉନି: ବ୍ଲକ ଅଧକ୍ଷ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବହନ ଓ ବାଣିଜ୍ୟ ତଥା ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଅଧକ୍ଷା ମିତାଲି ମହାକୁର, ଜିଲା ପରିଷଦ ସଭ୍ୟା ସୌଦାମିନୀ ଜାଲ, ସଂଯୁକ୍ତା ଭୋଇ, ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା, ଏମ୍‌ପି ପ୍ରତିନିଧି ବାବୁଲୁ ବିଶି ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଅଧିକାରୀଙ୍କୁ ଘେରିଥିଲେ। ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ, ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ ଆମ ଗାଁ ଆମ ବିକାଶ ପ୍ରକଳ୍ପରେ ବ୍ଲକ ଅଧକ୍ଷା ପାତରଅନ୍ତର କରୁଥିବାରୁ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ଆଣିଥିଲେ। ଅପରପକ୍ଷରେ ପଞ୍ଚାୟତ ପ୍ରତିନିଧିଙ୍କ ଅବହେଳାରୁ ଏହି ସମସ୍ୟା ସୃଷ୍ଟି ହେଉଥିବା ବ୍ଲକ ଅଧକ୍ଷା ପ୍ରକାଶ କରିଥିଲେ। ତେବେ ନିର୍ଦ୍ଦିଷ୍ଟ କେତେକ ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟ ଚାଲୁଥିବା ବେଳେ ଅନ୍ୟାନ୍ୟ ପଞ୍ଚାୟତରେ କାହିଁକି କାମ ଆରମ୍ଭ ହୋଇପାରୁନାହିଁ ବୋଲି ପଞ୍ଚାୟତ ପ୍ରତିନିଧିମାନେ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପ୍ରଶ୍ନ କରିଥିଲେ। ଏହା ଉପରେ ମନ୍ତ୍ରୀ ବେହେରା ଉତ୍ତର ରଖିବାକୁ ଯାଇ ଆସନ୍ତା ୧୫ ଦିନ ଭିତରେ ସମାଧାନ କରାଯାଇ ପ୍ରକଳ୍ପ ସବୁର ଆରମ୍ଭ କରା ନ ଗଲେ ମହଜୁଦ ଟଙ୍କା ସବୁ ସରକାରଙ୍କ ପାଖକୁ ଫେରସ୍ତ କରିଦିଆଯିବ ବୋଲି ଚେତେଇ ଦେଇଥିଲେ। ତେବେ ବ୍ଲକରେ ଚାଷ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ବେଆଇନ ସାର ବ୍ୟବସାୟୀ ବାଲି ମିଶ୍ରିତ ଗ୍ରୋମର ବିକି ଚାଲିଥିବା ନେଇ କୋଟସମଲାଇ ସରପଞ୍ଚ ସତ୍ୟନାରାୟଣ ମେଣ୍ଡେଲି ଅଭିଯୋଗ ଆଣିଥିଲେ। ଏନେଇ ଏଏଓ ରାକେଶ କୁମାର ମାଝୀ ଘଟଣାକୁ ସ୍ୱୀକାର କରିଥିବା ବେଳେ ଅଣସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ହୋଇଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିବା କହିଥିଲେ। ଏହାସହ ନକଲି ସାର କ୍ରୟ କରିଥିବା ଲୋକଙ୍କୁ ସାର ବ୍ୟବସାୟୀ ଜଣକ ଟଙ୍କା ଫେରସ୍ତ କରିଥିବା ଏଏଓ ପ୍ରକାଶ କରିଥିଲେ। ଏହାସହ କଲାପଥର ଆରଆଇ କାର୍ଯ୍ୟାଳୟଠାରୁ ଆରଡି ରାସ୍ତା ପର୍ଯ୍ୟନ୍ତ ହୋଇଥିବା ପକ୍କାରାସ୍ତା କାମ ନିମ୍ନମାନର ହୋଇଥିବାରୁ ରାସ୍ତାର କଂକ୍ରିଟ ଫାଟି ଆଁ କରିଥିବା ଅଭିଯୋଗ ହୋଇଥିଲା।



ବୈଠକରେ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଜଣେ ଜନ ପ୍ରତିନିଧି ନକଲି ସାର ନମୁନା ଦେଖାଉଛନ୍ତି।

### ବିଦ୍ୟାଳୟ ବିକାଶ, ପରିଚାଳନା କମିଟି ବୈଠକ

ତରଭା, ୨୯।୮(ଡି.ଏନ.ଏ.)

ତରଭା ବ୍ଲକ କମସରା ପଞ୍ଚାୟତ ସ୍ଥିତ ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ବିକାଶ ଓ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନୀଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟର ହଷ୍ଟେଲ ସମସ୍ୟା, ପ୍ରୋଜେକ୍ଟର, ପାନୀୟଜଳ ସମସ୍ୟା, ଶିକ୍ଷକ ଅଭାବ, ସୌର ବିଦ୍ୟୁତ ଯୋଗାଣ, ଖେଳ ପଡିଆର ଉନ୍ନତୀକରଣ ବିଷୟରେ ଉପସ୍ଥିତ ସଭ୍ୟମାନେ ଆଲୋଚନା କରିଥିଲେ । ଜିଲାପାଳ ବାନାର୍ଜୀ ସମସ୍ତ ବିଷୟ ଶୁଣିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମେହେର, ତରଭା ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ମଲ୍ଲିକ, ସନ୍ତୋଷୀ ମିଶ୍ର, ରୁନୁ ସାହୁ, ପ୍ରଦୀପ ଇଶ୍ୱର ଦାନୀ, ପୃଥ୍ୱୀରାଜ ବାଘ, ଶିଶୁ ସାହିତ୍ୟିକ ଡ.ରମେଶ ପତ୍ରୀ, ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ ଓ କାନ୍ତାନାଥ ସରାଫ, ଶୁଭଶ୍ରୀ ବେହେରା, ମନରଞ୍ଜନ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

## ତାଲୁକ ଆଇନସେବା ସମିତିର ଜନସଚେତନତା କାର୍ଯ୍ୟକ୍ରମ

ଅମରପାଲି, ୨୯।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ପଞ୍ଚାୟତରେ ତାଲୁକ ଆଇନ ସେବା ସମିତି ତରଫରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ସିନିୟର ସିଭିଲ ଜଜ୍ ତଥା ଆଇନ ସେବା ସମିତି ଅଧକ୍ଷ ଅବକାଶ ଚୌଧୁରୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବବିତା ଦାସ, ବିଡିଓ ନିରଞ୍ଜନ ନାୟକ, ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ସିଡିପିଓ ସଞ୍ଜୁରାଣୀ ମିଶ୍ର, ଡବ୍ଲୁଇଓ ଜଗତ ଜୀବନ ବରର୍ଡ୍ଡି, ଏପିଓ ଅସିତ ମହାକୁର, ବାର ଆସୋସିଏଶନ ସେକ୍ରେଟୋରୀ ସନ୍ତୋଷ କୁମାର ଚାନ୍ଦ, ବରିଷ୍ଠ ଆଇନଜୀବୀ ସ୍ୱୟଂମ୍ଭୁନାଥ ଖଣ୍ଡଗିରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବୀରମହାରାଜପୁର ଥାନା ଅଧିକାରିଣୀ ପ୍ରଭା ଧନ ଥାନାରେ ଏତଲା ଉପରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।



ଆଇନ ଜନସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ।

ମାରୱାଡି ଯୁବାମଞ୍ଚ ପକ୍ଷରୁ କ୍ୟାନସର ଚିହ୍ନଟ ଶିବିର

## ୧୬୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

ସୋନପୁର,୨୯।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ଅଗ୍ରସେନ ଭବନଠାରେ ଏକ ମାଗଣା କ୍ୟାନସର ଚିହ୍ନଟ ଏବଂ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା। ଏଥିରେ ୧୬୦ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚ ସହଯୋଗରେ ମାରୱାଡି ଯୁବାମଞ୍ଚ ସୁବର୍ଣ୍ଣପୁର ଶାଖା ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଶିବିରରେ ରକ୍ତ ସର୍କରା, ହେମୋଗ୍ଲୋବିନ, ସିଏ ୧୨୫, ଏକ୍ସରେ ଓ ଓରାଲ ଚେକ୍‌ଅପ ମାଗଣାରେ କରାଯାଇଥିଲା। ସେହିଭଳି ମୁଖ ଗହ୍ୱର କର୍କଟ, ଗଳା କର୍କଟ, ଫୁସଫୁସ କର୍କଟ, ସ୍ତନ କର୍କଟ ଓ ୟୁଟ୍ରୋସ କ୍ୟାନସର ସହ ବିଭିନ୍ନ କ୍ୟାନସର ରୋଗ ଚିହ୍ନଟ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ ଗୁରୁ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର କୁମାର ମେହେର ଓ ଡାକ୍ତର ସୁବ୍ରତ ଶତପଥୀ ସହଯୋଗ କରିଥିଲେ। ମାରୱାଡି ଯୁବାମଞ୍ଚ ଜିଲା ଶାଖା ସଭାପତି ମନୋଜ କୁମାର ଅଗ୍ରୱାଲ, ସମ୍ପାଦକ ଅମିତ କୁମାର ଅଗ୍ରୱାଲା, ନନ୍ଦ କିଶୋର କମାଣି, ଅଶୋକ କୁମାର ଭୁତ, ନନ୍ଦୁଲାଲ ଅଗ୍ରୱାଲ, ବଳରାମ ଅଗ୍ରୱାଲ, ଦିଲ୍ଲିପ ଅଗ୍ରୱାଲ, ଆନନ୍ଦ ଭୁତ, ଅଶୋକ ଅଗ୍ରୱାଲା, ଗୋପାଳ ଭୁତ, ଆଶିଷ ଅଗ୍ରୱାଲ, ଭୋଲା ଭୁତ, ଗୋବିନ୍ଦ ଅଗ୍ରୱାଲ, କେଲୁରାମ ଅଗ୍ରୱାଲ, ବିଜୟ ଅଗ୍ରୱାଲା, ପ୍ରଦୀପ ଅଗ୍ରୱାଲ, ରୁପେଶ ଅଗ୍ରୱାଲା, ମହିଳା ସମିତିର ମୀନା ଅଗ୍ରୱାଲ, ମୁନି ଅଗ୍ରୱାଲା ଓ ନଇୟା ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।




ଶିବିରରେ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଉଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ବିନିକା, ୨୯।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଉର୍ଲେ ଚୌକିଯୋର୍ ନିକଟବର୍ତ୍ତୀ ଏକ ତେନ୍ତୁଳି ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କୋହ୍ଲପଡାର ବୀରେନ୍ଦ୍ର ମୁଣ୍ଡା(୪୫)। ସୂଚନା ମୁତାବକ ବୀରେନ୍ଦ୍ର ସବୁଦିନ ଭଳି ଗୁରୁବାର ସକାଳେ ଗାଧୋଇବାକୁ ନିକଟସ୍ଥ ନାଳକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ନାଳ ପାଖକୁ ଆସିଥିଲେ। ସେଠାରେ ଥିବା ଗଛରେ ବୀରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ମୃତକଙ୍କ ବଡ ଭାଇ ଉପେନ୍ଦ୍ର ମୁଣ୍ଡା ଏ ନେଇ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବିନିକା ସିଏଚ୍‌ସିକୁ ପଠାଇଥିଲା । ବୀରେନ୍ଦ୍ର ଦୀର୍ଘ ବର୍ଷ ହେଲା ମେଣ୍ଢା ପାଳନ କରି ପାଞ୍ଚପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ନିକଟରେ ୩୦ମେଣ୍ଢାରୁ ତାଙ୍କର ୨୦ଟି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ସେହି ଚିନ୍ତାରେ ବୀରେନ୍ଦ୍ର ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଏ ନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯)ରୁଜୁ ହୋଇଛି।

## ମଦ ଜବତ, ୭ ଗିରଫ

ବିନିକା,୨୯।୮(ଡି.ଏନ୍.ଏ.)

ବିନିକା ଅବକାରୀ ବିଭାଗ ଓ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ଦେଶୀବିଦେଶୀ ମଦ ଜବତ କରିବା ସହ ୭ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଅବକାରୀ ବିଭାଗ ସୂଚନା ମତେ, ସାଲେପାଲିର ଗୁଡୁ ଗୁପ୍ତାଙ୍କ ଘରୁ ରନ୍ଧା ଦେଶୀମଦ ୯ ଲିଟର ଜବତ ସହ ତାଙ୍କୁ ଗିରଫ କରିଥିଲା । ବିନିକା ବ୍ଲକ ଶଙ୍କରା ଗ୍ରାମର ବେଳ ତରିଆଙ୍କ ପାଖରୁ ୬ ଲିଟର ଦେଶୀମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା । ସେହିଭଳି ଶଙ୍କରା ଗ୍ରାମର ଶ୍ରୀକର ଜଗଦଲାଙ୍କ ନିକଟରୁ ୩୦ ଲିଟର ରନ୍ଧାମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା । ଜିଲା ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ଧଳଙ୍କ ତତ୍ତ୍ୱାବଧାନକ୍ରମେ ବିନିକା ଅବକାରୀ ଏସ୍‌ଆଇ ଲକ୍ଷ୍ମଣ ପଣ୍ଡା, ଏଏସ୍‌ଆଇ ରମ୍ଭା ବାଗ, କେଶବ ଧରୁଆ, ପ୍ରଦୀପ ରଥ ପ୍ରମୁଖ ଏହି ଚଢାଉ କରିଥିଲେ ।

ସେହିଭଳି ବିଶାଳପାଲି ଛକ୍ ପାଖରେ ଥିବା ଏକ ଢାବାରେ ଚଢାଉ କରାଯାଇ ୨୦ ଲିଟରର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିନିକା ପୋଲିସ ଜବତ କରାଯିବା ସହ ଢାବା ମାଲିକ ଲକ୍ଷ୍ମଣ ଭୋଇଙ୍କୁ ଗିରଫ କରିଥିଲା । ବିନିକା ମହାନଦୀ ବ୍ରିଜ୍‌ରେ ସ୍ଥାନୀୟ ପୋଲିସ୍ ୩ଜଣଙ୍କୁ ବାଇକରେ ମଦ ଚାଲାଣ ବେଳେ ଧରିଥିଲା । ସେମାନେ ହେଲେ ସୁଶାନ୍ତ ଥପା, ଆନନ୍ଦ ଭୋଇ ଓ ରାଜିନ୍ଦ୍ର ସାଲିମା । ସେମାନଙ୍କଠାରୁ ୧୦ଲିଟର ଦେଶୀ ମଦ, ବାଇକ୍ ଓ ୪୨ଶହ ଟଙ୍କା ମଧ୍ୟ ଜବତ ହୋଇଥିଲା । ଏହି ଚଢାଉରେ ବିନିକା ଥାନା ଏସ୍‌ଆଇ କବିମନ୍ୟୁ ସେଠୀ, ସୂର୍ଯ୍ୟକାନ୍ତ ସେଠୀ, ଗଣନାଥ ଥନାପତି ସାମିଲ ଥିଲେ। ଉଭୟ ବିଭାଗ ପକ୍ଷରୁ ପୃଥକ ୫ ମାମଲା ରୁଜୁ କରାଯାଇଛି।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ସୋନପୁର,୨୯।୮(ନି.ପ୍ର.)

ପନିପରିବା ଚାରା ଉତ୍ପାଦନ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରରେ ମିଶନ ଶକ୍ତି ତାଲିମ ଅଧିନ କାର୍ଯ୍ୟକ୍ରମକୁ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ କହିଥିଲେ ଯେ, ଏସଏଚଜିର ମହିଳା ସଦସ୍ୟ ତାଲିମ ପାଇଲେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇବ। ପନିପରିବା ଚାରା ଉତ୍ପାଦନ କରି ସେମାନେ ଭଲ ରୋଜଗାର କରି ପାରିବେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉଦ୍ଭିଦ କୃଷି ଗୀତାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅପ୍ରେରିଆ କେରକେଟା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ନରେନ୍ଦ୍ର କୁମାର ସାହୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ମହିଳା ଏସ୍‌ଏଚଜିଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାରଙ୍କ ମିଶନ ଶକ୍ତି ତାଲିମ କାର୍ଯ୍ୟକ୍ରମ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସମାଜରେ ନୂତନ ପରିଚୟ ସୃଷ୍ଟି କରି ପାରିବେ ବୋଲି ବୁଝାଇଥିଲେ। ଓଡିଶା ସରକାରଙ୍କ ମିଶନ ଶକ୍ତି ନିର୍ଦ୍ଦେଶାଳୟର ଆର୍ଥିକ ସହାୟତାରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶିବିର ଆୟୋଜନ ହେଉଛି।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ପୂର୍ବତନ ଏମ୍‌ପି

ତରଭା, ୨୯।୮(ଡି.ଏନ.ଏ.)

ତରଭା ବ୍ଲକ ଓ ସହର ଅଞ୍ଚଳରେ ଗତ ୧୩ ତାରିଖର ବନ୍ୟାରେ ପ୍ରଭୃତ କ୍ଷତି ଘଟିଥିଲା। ବନ୍ୟାଞ୍ଚଳ ପରିଦର୍ଶନ ସହ ବିପନ୍ନଙ୍କ ଭଲମନ୍ଦ ପଚାରି ବୁଝିଛନ୍ତି ପୂର୍ବତନ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ। ଗସ୍ତ କାଳରେ ସେ ତୁଲୁଣ୍ଡା, ନର୍ଡା, ମହିମାପାଲି ପ୍ରଭୃତି ଗ୍ରାମ ବୁଲି ତରଭା ସହରାଞ୍ଚଳର ବ୍ଲକ ନିକଟସ୍ଥ ହରିଜନପଡା,ଚମାରପଡା ଘରକୁ ଘର ବୁଲି ବନ୍ୟା ବିପନ୍ନଙ୍କୁ ସମବେଦନା ଜଣାଇବା ସହିତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗସ୍ତ ସମୟରେ ଜିଲା ବିଜେଡି ସଭାପତି ସରୋଜ କର୍ମ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ତୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନା, ସମିତି ସଭ୍ୟ ହେମନ୍ତ ମାଝୀ, ଗଗନ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧକ୍ଷ ଶତ୍ରୁଘ୍ନ ପୃଷ୍ଟି, ଟୁନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଏଟିଏମ୍ ଭାଙ୍ଗିଲେ ଦୁର୍ବୃତ୍ତ

ଅମରପାଲି, ୨୯।୮ (ଡି.ଏନ.ଏ.)

ବୀରମହାରାଜପୁର ଥାନା ଅନ୍ତର୍ଗତ ମୁର୍ଷୁଣ୍ଡୀ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଗତ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ଟଙ୍କା ଲୁଟ ଉଦ୍ଦେଶ୍ୟରେ ଷ୍ଟେଟ ବ୍ୟାଙ୍କ କ୍ୟାମ୍ପସରେ ଥିବା ଏଟିଏମକୁ ଭାଙ୍ଗିଛନ୍ତି । ମାତ୍ର ସେମାନେ ଟଙ୍କା ଚୋରି କରି ନେଇଛନ୍ତି ନା ନାହିଁ ଜଣାପଡି ନାହିଁ। ବୁଧବାର ସନ୍ଧ୍ୟାରେ ଏଟିଏମରେ ଟଙ୍କା ଭର୍ତ୍ତି କରାଯାଇଥିଲା। ଏନେଇ ବୀରମହାରାଜପୁର ଥାନା ଅଧିକାରିଣୀ ପ୍ରଭା ଧନଙ୍କୁ ପଚାରିବାରୁ ଘଟଣ ସ୍ଥଳକୁ ପୋଲିସ ଯାଇ ତଦନ୍ତ ଚଳାଇଛି ବୋଲି କହିଛନ୍ତି ।



ସୁବର୍ଣ୍ଣପୁରରେ ଜାତୀୟ କ୍ରୀଡା ଦିବସ

## ସହର ପରିକ୍ରମା କଲା ଶୋଭାଯାତ୍ରା

ସୋନପୁର,୨୯।୮(ନି.ପ୍ର.)

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ଗୁରୁବାର ଜାତୀୟ କ୍ରୀଡା ଦିବସ ସୁବର୍ଣ୍ଣପୁରରେ ପାଳିତ ହୋଇଯାଇଛି। ଦିବସକୁ ସ୍ମରଣୀୟ ରଖିବା ପାଇଁ ଜିଲା କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ସକାଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଡକର ଛକଠାରୁ ସକାଳ ୭ଟାରେ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟାଉନ ହଲଠାରେ ପହଞ୍ଚିଥିଲା। କଲେଜ, ସ୍କୁଲର ଛାତ୍ରୀଛାତ୍ର ଓ ଯୁବକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ଡିଆଇପିଆରଓ ହରିଚରଣ ମିଶ୍ର ଓ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ ଖାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପରେ ଟାଉନ ହଲଠାରେ ଧ୍ୟାନଚାନ୍ଦଙ୍କ ଜୀବନୀକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲାରେ କ୍ରୀଡାର ବିକାଶ ଓ ଭଲ କ୍ରୀଡାବିତ୍ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବାହ୍ନରେ ଜାତୀୟ କ୍ରୀଡା ଦିବସ ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ପାଳନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ମୁଭମେଣ୍ଟ କାର୍ଯ୍ୟକ୍ରମ ଏଠାରେ ପ୍ରଦର୍ଶିତ ହୋଇଥିଲା। ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ଗାନ୍ଧୀ ପଡିଆରେ ବୁଢୀ ସମଲେଇ ଓ ରାମଧୂନ କ୍ଲବ ମଧ୍ୟରେ ଏକ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ଡ୍ର ରହିଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗତିକୃଷ୍ଣ ମିଶ୍ର ଓ ଅଭିନେତା ପ୍ରଦ୍ୟୁମ୍ନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଶୋଭାଯାତ୍ରାକୁ ଜିଲାପାଳ ମୋନିଷା ବାନାର୍ଜୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



"ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ରୌପ୍ୟ ଜୟନ୍ତୀ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଜାମଟିକ୍ରା, ୨୯।୮ (ଡି.ଏନ.ଏ.)- ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ପଞ୍ଚାୟତ ବାଉଁସେନପାଲି ଗ୍ରାମର ଗଣେଶ ପୂଜା ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରୁଛି। ଏନେଇ ଗଣେଶ ପୂଜାର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଗୁରୁବାର ରଙ୍କମଣି ଷଣ୍ଡଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨ତାରିଖରୁ ପୂଜା ଆରମ୍ଭ ହୋଇ ୬ ତାରିଖରେ ଶେଷ ହେବ । ୫ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦଣ୍ଡନୃତ୍ୟ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି । ୬ ତାରିଖରେ ଭସାଣି ଉତ୍ସବ ପାଳନ କରାଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ବୈଠକରେ ମଳୟ ମିର୍ଦ୍ଧା, ପ୍ରଦୀପ ମିର୍ଦ୍ଧା, ଲଳିତ ନାଗ, ସରୋଜ ହେର୍ଣ୍ଡା, ବାବଲୁ ଷଣ୍ଡ, ବିକ୍ରମ ଷଣ୍ଡ, ମନୋଜ ଷଣ୍ଡ ପ୍ରମୁଖ ଯୋଗଦେଇଥିଲେ।

### ଫେରାର ବନ୍ଦୀ ଧରାପଡ଼ିଲେ

ବରଗଡ଼ ଅଫିସ୍,୨୯।୮
ଏକ ଧାରୁଆ ସାମଗ୍ରୀରେ ହାତ କାଟି ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ ବନ୍ଦୀ ବରପାଲିର ନକୁଳ ମାଝି ଜେଲ ୱାର୍ଡ଼ରଙ୍କୁ ଚକ୍‌ମା ଦେଇ ଫେରାର୍ ହୋଇ ଯାଇଥିଲେ। ଘଟଣାର ୭ଦିନ ପରେ ଗୁରୁବାର ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ନକୁଳ ଜିଲା ବାହାରକୁ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ରେଳ ଷ୍ଟେଶନ ନିକଟରୁ ଧରାପଡ଼ିଥିଲେ । ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ପ୍ରକାଶଥାଉକି, ଗତ ୨୨ତାରିଖ କୋର୍ଟରେ ହାଜର କରିବାକୁ ଅଣାଯାଇ ଥିବାବେଳେ ନକୁଳ କୌଣସି ଧାରୁଆ ସାମଗ୍ରୀରେ ନିଜ ହାତ ସମେତ ଶରୀରର ବିଭିନ୍ନ ଅଂଶ କାଟି ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧିନ ଥିବାବେଳେ ବିଳମ୍ବିତ ରାତ୍ରିରେ ସେ ଡାକ୍ତରଖାନାରୁ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ବରଗଡ଼ ସବ୍‌ଜେଲର ୨ଜେଲ ୱାର୍ଡ଼ର କିରଣ ଯୋଶୀ ଏବଂ ରମେଶ ହରିଙ୍କୁ ନିଲମ୍ବିତ କରାଯାଇଥିଲା। ଅଭିଯୁକ୍ତ ନକୁଳ ଗତ ଜୁନ ମାସରେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ସଂଘଟିତ ଗୁଳିକାଣ୍ଡ ଓ ହତ୍ୟା, ବରପାଲିରେ ମହଦା ସରପଞ୍ଚଙ୍କୁ ପିସ୍ତଲ ମୁନରେ ଧମକ୍ ଘଟଣାରେ ସମ୍ପୃକ୍ତ ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

### ଶୌଚାଳୟରେ ୩ବର୍ଷ ହେଲା ତାଲା

ସମ୍ବଲପୁର,୨୯।୮ (ବ୍ୟୁରୋ)
କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର ଉଲୁଣ୍ଡା-୨ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଶୌଚାଳୟରେ ୩ ବର୍ଷ ହେବ ତାଲା ପଡିଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲାପରେ ମଧ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି।

## ଧାନକିଣା ଜାଲିଆତିର ଗୁମର ଫିଟିଲା

# ନଈନାଳ, ରେଳପଥ ପାଲଟିଛି ଚାଷଜମି

ବରଗଡ଼ ଅଫିସ୍,୨୯।୮

ରାଜ୍ୟ ସରକାର ୫-ଟି (ପ୍ରଯୁକ୍ତି ବିଦ୍ୟା, ସମ୍ମିଳିତ ଉଦ୍ୟମ, ସ୍ୱଚ୍ଛତା, ସମୟାନୁବର୍ତ୍ତୀତା, ପରିବର୍ତ୍ତନ) ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ କୃଷି ପ୍ରଧାନ ବରଗଡ଼ ଜିଲାରେ ସରକାରଙ୍କ ଏହି ଯୋଜନା କିଭଳି ଫେଲ୍ ମାରିଛି, ତାହା ଗତ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାରୁ ସ୍ପଷ୍ଟ ହୋଇଯାଇଛି। ଚାଷୀମାନେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ହେଲେ ଜିଲାର ନଈ, ନାଳ, କଟା, ରେଳପଥ, ଗ୍ରାମ୍ୟ ରାସ୍ତା, କେନାଲ ଆଦିକୁ ଚାଷ ଜମିଭାବେ ଉଲ୍ଲେଖିତ କରାଯାଇ ଚାଷୀ ପରିଚୟ ପତ୍ର ପ୍ରସ୍ତୁତି କରାଯିବା ଏବଂ ଏହା ମାଧ୍ୟମରେ ଧାନ କିଣା ବିକା ହେବା ଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ, ସମ୍ପୃକ୍ତ ଜମିକୁ ଦକ୍ଷିଣ-ପୂର୍ବ ରେଳପଥ, ଶକ୍ତି ଓ ସେଚ ବିଭାଗଠାରୁ ନୂଆଁ କିଣାଯାଇଛି ବୋଲି ଚାଷୀ ପରିଚୟପତ୍ରରେ ଦର୍ଶାଯାଇଛି। ସେହି ପରିଚୟ ପତ୍ରକୁ ବ୍ୟବହାର କରାଯାଇ ଧାନ କିଣାବିକା ହେବା ଭଳି ଗୁରୁତର ଅନିୟମିତତା ପଦାକୁ ଆସିଛି। ବରଗଡ଼ ଜିଲା ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ଏଭଳି ଦୁର୍ନୀତି ପଦାକୁ ଆସିଥିବା ବେଳେ ଜିଲାର ଅନ୍ୟ କେତେକ ପ୍ୟାକ୍ସରେ ଏଭଳି ଅନିୟମିତତାକୁ ଏଡାଇ ଦେଇ ହେଉ ନାହିଁ ।

ତୋରା ପ୍ୟାକ୍ସ ଜରିଆରେ ଏଭଳି ଜାଲିଆତି କରାଯାଇ ଜଣେ କିମ୍ବା ଦୁଇଜଣ ନୁହେଁ, ଏକାଧିକ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରାଯାଇଛି। ଏହି ପରିଚୟ ପତ୍ର ମାଧ୍ୟମରେ ଧାନ ବିକ୍ରି କରିବା ସହିତ ବିକ୍ରିଧାନ ବାବଦକୁ ପ୍ରାପ୍ୟରାଶି ମଧ୍ୟ ଉଠାଇଥିବା ସୂଚନା ମିଳିଛି। ପରିଚୟ ପତ୍ର ନଂ. ଏସ୍୧୦୩୦୩୦୨୦୦୦୫୪୮ରେ କଲାପାଣି ରାଜସ୍ୱ ସର୍କଲର ଆମ୍ବସଢ଼ାର ନିରଞ୍ଜନ ଭୋଇଙ୍କ ନାମ ରହିଛି । ସେଥିରେ ଖାତା ନଂ.୧୧୪, ପ୍ଲଟ ନଂ.୧୦୫୮ରେ ନିରଞ୍ଜନଙ୍କ ୨.୫୮୦୦ ଏକର ମାଲଜମି ରହିଥିବା ଉଲ୍ଲେଖିତ ରହିଛି । କିନ୍ତୁ ସେହି ଜମି ସହିତ ନିରଞ୍ଜନ ଖାତା ନଂ. ୩୦୭ରୁ ଶକ୍ତି ଓ ସେଚ ବିଭାଗର ପ୍ଲଟ ନଂ.୨୮୯, ୨୯୫, ୩୨୬, ୩୬, ୩୬୦, ୩୭୬, ୫୬୫, ୫୮୯, ୫୯୨/୧୩୧୫, ୮୬, ୮୭୭ରେ ଯଥାକ୍ରମେ ୧.୦୭୦୦, ୦.୭୩୦୦, ୦.୮୩୦୦, ୦.୬୨୦୦, ୦.୪୩୦୦, ୦.୬୨୦୦, ୦.୪୯୦୦, ୦.୪୬୦୦, ୦.୪୪୦୦, ୧.୨୬୦୦, ୦.୮୧୦୦ ଜମିକୁ ନୂଆଭାବେ କିଣିଥିବା ପରିଚୟ ପତ୍ରରେ ଦର୍ଶାଯାଇଛି । ସେହିପରି ପରିଚୟପତ୍ର ନଂ.ଏସ୍୧୦୩୦୩୦୨୦୦୨୩୫୮ ଜଗା ସାହୁଙ୍କ ନାମରେ ରହିଛି । ସେଥିରେ ଖାତା ନଂ.୩୦୯ରୁ ପ୍ଲଟ ନଂ.୧୧୨, ୧୧୫୧ର ୦.୯୫୦୦ ଏକର ପରିମିତ ନାଳ, ପ୍ଲଟ ନଂ.୧୨୮୮ର ଆବାଦଯୋଗ୍ୟ ଅନାବାଦୀର ୪୪.୬୮୦୦ ଏକର ପରିମିତ ନଦୀରୁ ୧୨.୬୮୦୦ ଏକର ନଦୀ, ଖାତା ନଂ-୩୧୦ରୁ ପ୍ଲଟ ନଂ-୧୧୯୯, ୬୧୧, ୮୦୦ରୁ ଯଥାକ୍ରମେ ୦.୯୫୦୦, ୦.୮୫୦୦, ୦.୮୮୦୦ ପରିମିତ ଗ୍ରାମ୍ୟରାସ୍ତାକୁ ଚାଷ ଜମି ଭାବେ ଦର୍ଶାଯାଇଥିବା ଜଣାପଡିଛି।

ସେହିପରି ସୁଦାମ ବିଶ୍ୱାଳଙ୍କ ନାମରେ ପରିଚୟ ପତ୍ର ନଂ.ଏସ୍୧୦୩୦୩୦୨୦୦୩୯୭୩ ରହିଛି । ସମ୍ପୃକ୍ତ ଚାଷୀ ବରାହଗୋଡ଼ା ରାଜସ୍ୱ ସର୍କଲର ଖାତା ନଂ.୭୭୮ରୁ ପ୍ଲଟ ନଂ.୧୨୧୬, ୧୨୧୭, ୧୨୧୯, ୬୫୧, ୬୫୨, ୬୫୫, ୬୭୦ର ଦକ୍ଷିଣ-ପୂର୍ବ ରେଳପଥର ଯଥାକ୍ରମେ ୨ଏକର, ୩ଏକର, ୩.୦୮ଏକର, ୨.୨୮ଏକର, ୩.୨୨ଏକର, ୧.୧୮ଏକର, ୧.୨୨ଏକର ଜମିକୁ ନୂଆଭାବେ କିଣାଯାଇଛି ବୋଲି ଉଲ୍ଲେଖିତ କରିବା ସହିତ ସେଥିରେ ଧାନ କିଣାବିକା ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହା କେବଳ ଦୃଷ୍ଟାନ୍ତ ମାତ୍ର । ଉକ୍ତ ପ୍ୟାକ୍ସରେ ଆହୁରି ଅଧିକ ଚାଷୀଙ୍କ ନାମରେ ସେଭଳି ନଈ, ନାଳ, ଗ୍ରାମ୍ୟରାସ୍ତା, ରେଳପଥ, ଗୋଚର ଜମିକୁ ଚାଷ ଜମିଭାବେ ଦର୍ଶାଯାଇଛି ଏବଂ ସେଥିରେ ଧାନ କିଣାବିକା ହୋଇଛି । ତେବେ ଘଟଣାଟି ପ୍ରଘଟ ହେବା ପରେ ଭାରପ୍ରାପ୍ତ ସହକାରୀ ସମବାୟ ନିବନ୍ଧକ ସରୋଜ ଚନ୍ଦ୍ର ପାଣିଗ୍ରାହୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସମବାୟ ସମ୍ପ୍ରସାରଣ ଅଧିକାରୀ(ସିଇଓ) ଶାନ୍ତନୁ ପାଣିଗ୍ରାହୀ ଏହାର ତଦନ୍ତ କରୁଛନ୍ତି । ତଦନ୍ତରେ ସେଭଳି କିଛି ଅନିୟମିତତା ଆସିଥିବା ପାଣିଗ୍ରାହୀ କହିଛନ୍ତି । ମାତ୍ର ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଜଣେ ସିଇଓଙ୍କ ଉପରେ ତଦନ୍ତଭାର ନ୍ୟସ୍ତ କରିବା ଘଟଣାକୁ ସହଜରେ ଗ୍ରହଣ କରି ହେଉ ନାହିଁ । ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ସହ ବିହିତ କାର୍ଯାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

**ରିପୋର୍ଟ-ପ୍ରେମାନନ୍ଦ ଖମାରୀ**



ଦକ୍ଷିଣ-ପୂର୍ବ ରେଳପଥ ଜମିକୁ ଚାଷୀ ପରିଚୟ ପତ୍ରରେ ଉଲ୍ଲେଖିତ କରାଯାଇଛି (ବାମ)। ଶକ୍ତି ଓ ସେଚ ବିଭାଗର ଜମିକୁ ଚାଷୀ ପରିଚୟ ପତ୍ରରେ ଉଲ୍ଲେଖିତ କରାଯାଇଛି(ମଝି)। ନଦୀ, ନାଳକୁ ଚାଷୀ ପରିଚୟ ପତ୍ରରେ ଉଲ୍ଲେଖିତ କରାଯାଇଛି ।

## ଅସହାୟଙ୍କୁ ସହାୟତା ଲାଗି ସ୍ମାରକପତ୍ର

ବରଗଡ଼ ଅଫିସ୍,୨୯।୮

ବରଗଡ଼ ଜିଲାର ଅସହାୟମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଭରସା ପରିବାର ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ଡାକ ସେକ୍ସନରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ଜିଲାରେ ବହୁ ଖଟିଖିଆ, ମଜୁରିଆ, ଗରୀବ, ଅସହାୟ ବିଧବା, ସ୍ୱାମୀ ପରିତ୍ୟକ୍ତା, ଦିବ୍ୟାଙ୍ଗ ତଥା ବିଭିନ୍ନ ରୋଗରେ ପୀଡ଼ିତ ରୋଗୀ ଅଛନ୍ତି। ତେବେ ସେମାନେ ଆର୍ଥିକ ଅନଟନ ମଧ୍ୟରେ ରହିଥିବା ଯୋଗୁ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନଙ୍କୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସହାୟତା ଯୋଗାଇ ଦେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଭରସା ପରିବାରର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ, ବିନାୟକ ଦ୍ୱାରିଙ୍କ ନେତୃତ୍ୱରେ ବହୁ ଅସହାୟ ପରିବାର ଜିଲାପାଳ ଅଫିସ ଆସିଥିଲେ। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ, ବରଗଡ଼ ଜିଲା ଆବାହକ କରୁଣା ସିକନ୍ଦର, ସମ୍ପାଦକ ରାଜେନ୍ଦ୍ର ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଅସହାୟ ପରିବାର ଲୋକେ ।

### ଜାତୀୟ କ୍ରୀଡ଼ା ଦିବସ

ଜାମଟିକ୍ରା,୨୯।୮(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଜଗନ୍ନାଥ ହାଇସ୍କୁଲରେ ହକିର ଯାଦୁଗର ଧ୍ୟାନ ଚାନ୍ଦଙ୍କ ଜନ୍ମ ତିଥିରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦ୍ୱାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖେଳ ଶିକ୍ଷକ ଦିଲୀପ କୁମାର ମେହେର କ୍ରୀଡ଼ା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ନେହା ପ୍ରଧାନ, ସିମନ ମେହେର, ମମତା ମେହେର, ଶଶାଙ୍କ ସାହୁ ଧ୍ୟାନ ଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ଦୟାନିଧି ନାଏକ, ଶିଶିର ଭୋଇ, ପ୍ରତାପ ରଣା, ନିରଞ୍ଜନ ପଧାନ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ ଧର୍ମରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଚାରାରୋପଣ କାର୍ଯ୍ୟକ୍ରମ

ମନମୁଣ୍ଡା,୨୯।୮(ଡି.ଏନ୍.ଏ.)
ବୌଦ୍ଧ ଜିଲା କଣ୍ଟାମାଳ ଅଇଁଲାତୁଆଁରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠାନର ସମ୍ପାଦିକା ବିଚିବଲ୍ଲରୀ ତ୍ରିପାଠୀଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରବିନ୍ଦ୍ରନାଥ କହଁର, ଜୋନ ୨ ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ, ରାଧାବଲ୍ଲବ ପ୍ରଧାନ, ତୁଲାରାମ ମହାନନ୍ଦ, ମହେନ୍ଦ୍ର କୁମାର ଦାଶ, ସାଗର ବଗର୍ତ୍ତୀ, ଦେବାଶିଷ ଦାଶ, ଶ୍ୟାମଲାଲ ନାଏକ, ଦେବାଶିଷ ଡୁଙ୍ଗୁରି, ହେମନ୍ତ କୁମାର ନାଏକ, ମନୋଜ କୁମାର ମହାନ୍ତି, ସନତ କୁମାର ମିଶ୍ର, ଶଙ୍କର ପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତି ରହି ଛାତ୍ରୀଛାତ୍ରଙ୍କ ସହ ଚାରାରୋପଣ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଛାତ୍ରୀଛାତ୍ରମାନଙ୍କୁ ଗଛ ଲଗାଇ ପରିବେଷ ସୁରକ୍ଷା କରିବାକୁ କହିଥିଲେ। ଶିକ୍ଷାକେନ୍ଦ୍ର ନିର୍ଦ୍ଦେଶକ ମୁକେଶ ପାଢୀ, ଭାରପ୍ରାପ୍ତ ଅଧକ୍ଷ ଗୌରିଶଙ୍କର ବଘାର, ସହକାରୀ ଶିକ୍ଷକ ଦାମୋଦର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।


ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଚାରାରୋପଣ କରାଯାଉଛି।

## ବିପଦସଙ୍କୁଳ ଅବସ୍ଥାରେ କଲଭର୍ଟ

### ବାହ୍ୟଜଗତରୁ ବିଚ୍ଛିନ୍ନ ହେବ ସାଲେପାଲି

ଭେଡ଼େନ,୨୯।୮(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅରେଇଗୁଡ଼ି ପଞ୍ଚାୟତ ଅଧୀନ ସାଲେପାଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ନିର୍ମାଣାଧିନ ଶିବ ମନ୍ଦିର ନିକଟରେ ଥିବା କଲଭର୍ଟ ବର୍ତ୍ତମାନ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ଯୋଗୁ କଲଭର୍ଟର ଗୋଟିଏ ପାର୍ଶ୍ୱ ଖାଇ ଗଲାଣି । ଫଳରେ ରାସ୍ତାରେ ଯିବା ଆସିବା ବିପଦ ହୋଇପଡ଼ିଛି। ରାସ୍ତାରେ ଚାରି ଚକିଆ ଗାଡ଼ି ଯାଇପାରୁ ନାହିଁ। ଯଦି ରାସ୍ତାର ମରାମତି କରା ନ ଗଲେ ସାଲେପାଲି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି।


ସାଲେପାଲି ଗ୍ରାମକୁ ସଂଯୋଗ କରୁଥିବା କଲଭର୍ଟ।

## ଜାତୀୟ କ୍ରୀଡ଼ା ଦିବସରେ ଶୋଭାଯାତ୍ରା

ବରଗଡ଼ ଅଫିସ୍,୨୯।୮

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ସହରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସେହିପରି ଅତାବିରା ବ୍ଲକ ପତ୍ରାପାଲି ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନରେଶ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ କ୍ରୀଡ଼ା ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ଦିଆଯାଇଥିଲା। ଶେଷରେ କ୍ରୀଡ଼ା ଶିକ୍ଷକ ଗିରିଜା ପ୍ରସାଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ କ୍ରୀଡ଼ା ଦିବସରେ ବରଗଡ଼ରେ ଶୋଭାଯାତ୍ରା ।

# ଆଜି ପୋରା ଉଆଁସ

ଜାମଟିକ୍ରା,୨୯।୮(ଡି.ଏନ.ଏ.):

ଭାଦ୍ରବ କୃଷ୍ଣପକ୍ଷ ଅମାବାସ୍ୟାକୁ ଓଡ଼ିଶାରେ ସପ୍ତପୁରି ଅମାବାସ୍ୟା ଭାବେ ପାଳନ କରାଯାଏ। ଏହାକୁ ପଶ୍ଚିମ ଓଡ଼ିଶାରେ ପୋରା ଉଆଁସ ଭାବେ ପାଳନ କରାଯାଏ। ଭାଦ୍ରବ ମାସରେ ଜଙ୍ଗଲରେ ଲାଲ ରଙ୍ଗର ଫୁଲ ପେଛାପେଛା ହୋଇ ଫୁଟିଥାଏ, ଏହାକୁ ପୋରା ଫୁଲ ବୋଲି କୁହାଯାଏ । ପୋରା ଉଆଁସ ଅବସରରେ ଘରର ଦେବଦେବୀ ତଥା ଗ୍ରାମ ଦେବତାଙ୍କୁ ପୂଜା କରି ମାଟି କିମ୍ବା କାଠରେ ନିର୍ମିତ ଘୋଡା ଓ ହାତୀକୁ ପୋରା ଫୁଲରେ ସଜା ଯାଇଥାଏ। ପରମ୍ପରା ଅନୁଯାୟୀ ଏହି ଦିନ ଝିଅମାନେ ମାଟି ଖେଳଣାରେ ରୋଷେଇ କରି ଖେଳିଥାନ୍ତି। ଏହାର ଏକ ମହତ୍ୱ ରହିଛି, ଝିଅମାନଙ୍କ ମନରେ ଭକ୍ତି ଭାବନା ସୃଷ୍ଟି କରିବା ଏବଂ ଘରକରଣା ସମ୍ପର୍କରେ ଜାଣିବ। ଏପରି କି କଣ୍ଢେଇ ବିବାହ ପର୍ବର ଅନ୍ୟ ଏକ ଆକର୍ଷଣ । କଣ୍ଢେଇ ବିବାହରେ ଘରକୁ କୁଣିଆ ଆସିଲେ କିପରି ଅତିଥି ସତ୍କାର କରାଯାଏ ଏଥିରୁ ଏହି ଶିକ୍ଷା ମିଳିଥାଏ।

**କମୁଛି ଉତ୍ସାହ**

ଅନ୍ୟପକ୍ଷେ ସପ୍ତପୁରି ଅମାସ୍ୟା ବେଳକୁ ଧାନ ରୁଆ, ବେଉଷଣ ଶେଷ ହେବା ସହ ଜମିରେ ଧାନଗଛ ଉଠିଯାଇଥାଏ। ପୋଖରୀ, କଟାରେ ଜଳପୂର୍ଣ୍ଣ ହୋଇଥାଏ। ଏନେଇ ଏହି ପର୍ବକୁ ପୋରା ଉଆଁସ ବୋଲି କୁହାଯାଉଥିବା କେତେକ ମତ ଦିଅନ୍ତି । ଏହି ପର୍ବର ଅନ୍ୟ ଏକ ଆକର୍ଷଣ ପୋରା ଯୁଗାର। ଏହି ଦିନ ବିବାହ ଠିକ୍ ହୋଇଥିବା ଝିଅ ଘରକୁ ବରପକ୍ଷରୁ ବିଭିନ୍ନ ବ୍ୟବହାର ସାମଗ୍ରୀ ଉପହାର ଦିଆଯାଇଥାଏ। ଏହାକୁ ପୋରା ଯୁଗାର ବୋଲି କୁହାଯାଏ। ଶୁକ୍ରବାର ପୋରା ଉଆଁସ ପାଳିତ ହେବ। ହେଲେ ପର୍ବପର୍ବାଣି ପାଳନରେ ବର୍ତ୍ତମାନ ପୂର୍ବଭଳି ଉତ୍ସାହ ଦେଖାଯାଉ ନାହିଁ। ଆଧୁନିକତାର ଚାକଚକ୍ୟ ଭିତରେ ମଣିଷ ନିଜ ସଂସ୍କୃତି ପରମ୍ପରାକୁ ଭୁଲିବାରେ ଲାଗିଛି। ହେଲେ ସଂସ୍କୃତିକୁ ବଞ୍ଚାଇ ରଖିବାର ଆମ ସମସ୍ତଙ୍କ ଦାୟିତ୍ୱ।

## ସେପ୍ଟେମ୍ବର ୧ରୁ ଟିକାକରଣ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୯।୮

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିଟାନସ୍ ଓ ଡିପଥେରିଆ ଟିକାକରଣ କାର୍ଯ୍ୟକ୍ରମ ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୧ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଜିଲାରେ ଏହି ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ୧୦ ଓ ୧୬ବର୍ଷ ବୟସର ସମସ୍ତଙ୍କୁ ଏହି ଟିକା ଦିଆଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା। ଜିଲା ଅଧୀନରେ ରହିଥିବା ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଏହି ଟିକା ଦିଆଯିବା ବ୍ୟବସ୍ଥା ହୋଇଛି । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଥିବା ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏକ ବିବୃତିରେ ଜଣାଇଛନ୍ତି।

## ଜିଲାସ୍ତରୀୟ ହସ୍ତତନ୍ତ୍ର ବସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ପଦ୍ମପୁର, ୨୯।୮ (ଡି.ଏନ.ଏ.)

ପଦ୍ମପୁର ଉପଖଣ୍ଡ ସଦର ମହକୁମା ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ଜିଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପଦ୍ମପୁର ବିଧାୟକ ବିଜୟରଞ୍ଜନ ସିଂ ବରିହା ଉଦଘାଟନ କରିଛନ୍ତି । ଏହି ଅବସରରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ଚୈତନ୍ୟ ମାଝି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ସମେତ ବରିଷ୍ଠ ନାଗରିକ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସାମାଜିକ କର୍ମୀ ନିରୋଧ ଦୋରା, ମେହେର ସମାଜ ସଭାପତି ସୁରେନ୍ଦ୍ର ମୋହନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ପୂର୍ବାହ୍ନ ୧୧ଟାଠାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ପ୍ରଦର୍ଶନୀରେ ବରଗଡ, ବଲାଙ୍ଗୀର, ସୋନପୁର ଜିଲାର ୧୪ଟି ପ୍ରାଥମିକ ସମିତି (ତନ୍ତୁବାୟ) ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ପ୍ରଦର୍ଶନୀରେ ବିଭାଗୀୟ ବୟନ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର, ବୟନ ନିରୀକ୍ଷକ ବୈଷ୍ଣବ ଦାସ, ମୁରଲୀଧର ସେଠୀ ଓ ବୟନ ସହାୟକ ସୁରେଶ କୁମାର ମେହେର ପ୍ରଦର୍ଶନୀ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ବୟନିକା ସଞ୍ଜୟ କୁମାର ମେହେର ଉପସ୍ଥିତ ଥିଲେ ।

### ବିଦ୍ୟୁତ୍ ବିଭାଗର ଅବହେଳା

## ୨୦ ଦିନ ହେଲା ଜଳ ଯୋଗାଣ ବନ୍ଦ

ଭେଡ଼େନ,୨୯।୮(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମୁଖ୍ୟାଳୟ ଭେଡେନ ଗ୍ରାମରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭେଡେନରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ, ଲୋ ଭୋଲଟେଜ ସମସ୍ୟା ଲାଗି ରହୁଛି। ଅନ୍ୟପକ୍ଷେ ଗ୍ରାମକୁ ଜୀରା ନଦୀରୁ ହେଉଥିବା ଜଳଯୋଗାଣ ପମ୍ପକୁ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଥିବାରୁ ଦୀର୍ଘ ୨୦ ଦିନ ହେଲା ଜଳଯୋଗାଣ ବନ୍ଦ ରହିଛି। ପମ୍ପକୁ ଜୀରାନଦୀ ଉପର ଦେଇ ତାର ଟଣାଯାଇଛି। ହେଲେ ଜୀରାନଦୀରେ ବନ୍ୟା ଜଳ ପ୍ରବାହିତ ହେଲେ ତାର ପାଣିରେ ଲାଗି ଛିଣ୍ଡି ଯାଇଛି। ଫଳରେ ଜଳଯୋଗାଣ ବନ୍ଦ ରହିଛି। ଏ ସମ୍ପର୍କରେ ବାରମ୍ବାର ଭେଡ଼େନ ଗ୍ରାମବାସୀ ଏବଂ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏନେଇ ପଦକ୍ଷେପ ନେବା ପରିବର୍ତ୍ତେ ଖୁଣ୍ଟ ପୋତିବାକୁ ପଞ୍ଚାୟତକୁ କୁହାଯାଇଛି। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଭେଡ଼େନ କଲେଜ ବାଇପାସ ରାସ୍ତା ଦେଇ ବିକଳ୍ପ ବିଦ୍ୟୁତ୍ ଖୁଣ୍ଟ ପୋତି ତାର ଟଣାଗଲେ ଏପରି ସମସ୍ୟା ହେବ ନାହିଁ ବୋଲି ଆଲୋଚନା ହେଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହ କରିବା ଉଚିତ। ତା’ଠାରୁ ଅଧିକ ଅର୍ଥ ଯିଏ ସଂଗ୍ରହ କରେ ସେ ଚୋର ହୋଇଥାଏ।
-ବ୍ୟାସଦେବ



## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ବିନିକା, ୨୯।୮(ଡି.ଏନ୍.ଏ.):** ବିନିକା ଉର୍ଲେ ଚୌକିଯୋର୍ ନିକଟବର୍ତ୍ତୀ ଏକ ତେନ୍ତୁଳି ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କୋହ୍ଲପଡାର ବୀରେନ୍ଦ୍ର ମୁଣ୍ଡା(୪୫)। ସୂଚନା ମୁତାବକ ବୀରେନ୍ଦ୍ର ସବୁଦିନ ଭଳି ଗୁରୁବାର ସକାଳେ ଗାଧୋଇବାକୁ ନିକଟସ୍ଥ ନାଳକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ନାଳ ପାଖକୁ ଆସିଥିଲେ। ସେଠାରେ ଥିବା ଗଛରେ ବୀରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ମୃତକଙ୍କ ବଡ ଭାଇ ଉପେନ୍ଦ୍ର ମୁଣ୍ଡା ଏ ନେଇ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବିନିକା ସିଏଚ୍‌ସିକୁ ପଠାଇଥିଲା। ବୀରେନ୍ଦ୍ର ଦୀର୍ଘ ବର୍ଷ ହେଲା ମେଣ୍ଢା ପାଳନ କରି ପାଞ୍ଚପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ନିକଟରେ ୩୦ମେଣ୍ଢାରୁ ତାଙ୍କର ୨୦ଟି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ସେହି ଚିନ୍ତାରେ ବୀରେନ୍ଦ୍ର ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲାରୁଜୁ ହୋଇଛି।

ବଲାଙ୍ଗୀର ଫୁଟବଲ ଲିଗ୍‌ର ଦଶମ ଦିବସ

# ସାଇଟ୍, ହାତୀସରା, ରେଙ୍ଗଟାସିଲ, ଜେଡିସି ଟିଟିଲାଗଡ଼ ବିଜୟୀ

**ବଲାଙ୍ଗୀର ଅଫିସ, ୨୯।୮**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଓ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଦଶମ ଦିନରେ ଜିଲାର ୭ଟି ପଡିଆରେ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି । ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମରେ ଫାଓ ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସାଇଟ ସ୍ପୋର୍ଟସ ସୋସାଇଟି ୩-୦ ଗୋଲରେ ମାଣିକେଶ୍ୱରୀ କନ୍ଧପାଲିକୁ ହରାଇ ବିଜୟୀ ହୋଇଥିଲା। ଅତିଥିଭାବେ କ୍ରୀଡା ସଙ୍ଗଠକ ତଥା ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ରାଜେନ୍ଦ୍ର ଯୁବକ ସଂଘ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ, କ୍ରୀଡାବିତ ଉପେନ ଦୀପ ଓ ଖେଳ ଶିକ୍ଷକ ପଦ୍ମଚରଣ ଦାସ ଯୋଗ ଦେଇଥିଲେ। ଖୁଜେନପାଲି ପଡିଆରେ ଅନୁଷ୍ଠିତ ଖେଳରେ ଖଲିଆପାଲି ଜେଏସ୍‌ସ ଦଳ ୩-୧ ଗୋଲରେ ମହୀମୁଣ୍ଡାକୁ ହରାଇ ବିଜୟୀ ହୋଇଥିଲା । ଅତିଥିଭାବେ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସିଂ ଓ କ୍ରୀଡା ସଙ୍ଗଠକ ହେମନ୍ତ ବେହେରା ଯୋଗ ଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏପିଜେ ଲୋଇସିଂହା ଦଳ ୪-୦ ଗୋଲରେ ସୁଜିଆକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡାବିତ ବିବି ସାହାଣୀ ଓ ଆଡଭୋକେଟ୍ ଦିଲୀପ ବେହେରାଙ୍କ ସଂଯୋଜନାର ଅନୁଷ୍ଠିତ ଖେଳରେ ଲୋଇସିଂହା ଆଇଆଇସି ଲଳିତା ଲାକ୍ରା ଅତିଥିଭାବେ ଯୋଗ ଦେଇଥିଲେ । ଚୁଡାପାଲି ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ଖେଳରେ ରେଙ୍ଗଟାସିଲ ଦଳ ୧-୦ ଗୋଲରେ ବିଡିଘାଟକୁ ହରାଇ ବିଜୟୀ ହେଲା। ଅତିଥିଭାବେ କିଡସ ୱାର୍ଲ୍ଡ ନିର୍ଦ୍ଦେଶକ ମନୋଜ ମିଶ୍ର ଓ କ୍ରୀଡାବିତ ଦେବରାଜ ନାହାକ ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ହାତୀସରା ଦଳ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ଜରାସିଂହାକୁ ହରାଇ ବିଜୟୀ ହୋଇଥିଲା । ସୁନ୍ଦରମଣି ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସମାଜସେବୀ ଉମାଶଙ୍କର ସିଂ ଓ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସାଲେପାଲି ପ୍ରଧାନଶିକ୍ଷକ ଶଶୀଭୂଷଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପାଟଣାଗଡ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଖେଳରେ ନକ୍ସାସର ଦଳ ୩-୦ ଗୋଲରେ ବେନକେରାକୁ ହରାଇ ବିଜୟୀ ହୋଇଥିଲା । ଅତିଥି ଭାବେ ପୂର୍ବତନ ଖେଳାଳୀ ଗୋଲେକ ବାରିକ ଓ ପ୍ରଦୀପ ପୁରୋହିତ ଯୋଗଦେଇଥିଲେ। ଟିଟିଲାଗଡ କଲେଜ ପଡିଆରେ ଅନୁଷ୍ଠିତ ଖେଳରେ ଜେଡିସି ଭାଟିପଡା ଟିଟିଲାଗଡ ଦଳ ୩-୦ ଗୋଲରେ ନାନ୍‌ଧରକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡାବିତ ସଦାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଡିଏଭି କଲେଜ ଅଧ୍ୟକ୍ଷ ସୁଶୀଳ ପାଢ଼ୀ, କ୍ରୀଡାବିତ ବୃନ୍ଦାବନ ପାଢ଼ୀ ଓ ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ ।



ଲୋଇସିଂହା ଷ୍ଟାଡିୟମଠାରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ।



## ଏଟିଏମ୍ ଭାଙ୍ଗିଲେ ଦୁର୍ବୃତ୍ତ

**ଅମରପାଲି, ୨୯।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମୁର୍ଷୁଣ୍ଡୀ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି । ଗତ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ଟଙ୍କା ଲୁଟ ଉଦ୍ଦେଶ୍ୟରେ ଷ୍ଟେଟ ବ୍ୟାଙ୍କ କ୍ୟାମ୍ପରେ ଥିବା ଏଟିଏମକୁ ଭାଙ୍ଗିଛନ୍ତି। ମାତ୍ର ସେମାନେ ଟଙ୍କା ଚୋରି କରି ନେଇଛନ୍ତି ନା ନାହିଁ ଜଣାପଡି ନାହିଁ। ବୁଧବାର ସନ୍ଧ୍ୟାରେ ଏଟିଏମରେ ଟଙ୍କା ଭର୍ତ୍ତି କରାଯାଇଥିଲା। ଏନେଇ ବୀରମହାରାଜପୁର ଥାନା ଅଧିକାରିଣୀ ପ୍ରଭା ଧନଙ୍କୁ ପଚାରିବାରୁ ଘଟଣ ସ୍ଥଳକୁ ପୋଲିସ ଯାଇ ତଦନ୍ତ ଚଳାଇଛି ବୋଲି କହିଛନ୍ତି ।

# ବିଶେଷଜ୍ଞ କମିଟିର ସୋନପୁର ଉପକାରାଗାର ପରିଦର୍ଶନ

**ସୋନପୁର,୨୯।୮(ନି.ପ୍ର.)**

ଗୃହ ବିଭାଗ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ଗୁରୁବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟି ସଦସ୍ୟ ଅବକାଶ ମିଶ୍ର, ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ମେହେର ଉପକାରାଗାରକୁ ଯାଇ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। କୌଣସି ମାମଲାରେ ଜଡିତ ଥାଇ ଶିଶୁ କାରାଗାରରେ ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ଯାଞ୍ଚ କରିଥିଲା। ପରିଦର୍ଶନ ସମୟରେ ମହିଳା ୱାର୍ଡରେ ମା’ ସହିତ ମାତ୍ର ଦୁଇ ବର୍ଷର ଏକ ଶିଶୁ ରହୁଥିବା ବିଶେଷଜ୍ଞ କମିଟି ଦେଖିବାକୁ ପାଇଥିଲେ। ଶିଶୁର ଉପଯୁକ୍ତ ଯତ୍ନ, ଓ ଚିକିତ୍ସା ଅଭାବ କମିଟି ଅନୁଭବ କରିଥିଲା। ଶିଶୁର ଚିକିତ୍ସା ଜରୁରି। ତେଣୁ ଶିଶୁର ଯତ୍ନ ଓ ସୁରକ୍ଷା ପାଇଁ ଉପକାରାଗାରର ଅଧୀକ୍ଷକଙ୍କୁ କମିଟି ପରାମର୍ଶ ଦେଇଛି ।



କର୍ମଶାଳାରେ ଉପସ୍ଥିତ ପରୀକ୍ଷା ପ୍ରମୁଖ ।

# ଶିଶୁ ମନ୍ଦିର ପରୀକ୍ଷା ପ୍ରମୁଖ କର୍ମଶାଳା

**ଲୋଇସିଂହା,୨୯।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ତଥା ପରୀକ୍ଷା ପ୍ରମୁଖଙ୍କ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବଲାଙ୍ଗୀର, ଲୋଇସିଂହା ଓ ପାଟଣାଗଡ ୩ଟି ସଙ୍କୁଳରୁ ୪୮ଜଣ ପରୀକ୍ଷା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର, ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ପ୍ରାନ୍ତପରୀକ୍ଷା ସଂଯୋଜକ ଅଶ୍ୱିନୀ କୁମାର ନାଏକ ଅତିଥିଭାବେ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ । କର୍ମଶାଳାକୁ ସ୍ଥାନୀୟ ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ସଂଯୋଜନାରେ କରିଥିବାବେଳେ ସେବିକା, ସେବକ, ଗୁରୁମାଗୁରଜୀ ସହଯୋଗ କରିଥିଲେ।

ସରକାରୀ ଆୟୁର୍ବେଦିକ କଲେଜ

# ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

**ବଲାଙ୍ଗୀର ଅଫିସ, ୨୯।୮**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଗୁରୁବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି । କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଛନ୍ତି । କଲେଜ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ପ୍ରାଧ୍ୟାପକ ଡା ଅଲେଖ ଚନ୍ଦ୍ର ମହାନ୍ତି, ଗୋପବନ୍ଧୁ ଆଚାର୍ଯ୍ୟ ଓ ପ୍ରସନ୍ନ କୁମାର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ମାନଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଟିକା ଲଗାଇ ସ୍ୱାଗତ କରିଥିଲେ । ଛାତ୍ରୀଛାତ୍ରମାନେ ନିଜର ପରିଚୟ ପ୍ରଦାନ ସହ ଭାବର ଆଦାନ ପ୍ରଦାନ କରିଥିଲେ । କଲେଜ ଅଧ୍ୟକ୍ଷ ଦାସ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାରେ ମନ ଦେଇ ଜଣେ ସଫଳ ଡାକ୍ତର ହୋଇ ସମାଜରେ ସେବା କାର୍ଯ୍ୟ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଷ୍ଟାଫ୍ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




ସ୍ୱାଗତ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ।



ମୁଖ୍ୟ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ବକ୍ତବ୍ୟ ରଖୁଛନ୍ତି।

# ଉଚ୍ଚ ବିଦ୍ୟାଳୟ ଅଟଳ ଟିଙ୍କରିଂ ଲ୍ୟାବ ଉଦ୍‌ଘାଟିତ

**ଲୋଇସିଂହା,୨୯।୮(ଡି.ଏନ.ଏ.)**

ଆଗଲପୁର ବ୍ଲକ ନଅଗାଁ(କ) ଉଚ୍ଚ ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ (ଏଟିଏଲ) ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ତରଫରୁ ଜିଲାର ୪ଟି ହାଇସ୍କୁଲ ଯଥା ନଅଗାଁ(କ), ବଲାଙ୍ଗୀର ପୃଥୀରାଜ ହାଇସ୍କୁଲ, ବଲାଙ୍ଗୀର ବାଳିକା ହାଇସ୍କୁଲ ଓ ବେଲପଡା ହାଇସ୍କୁଲକୁ ଏହି ଏଟିଏଲ ଯୋଗାଇ ଦିଆଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ସମସ୍ତ ପ୍ରକାର ପ୍ରକଳ୍ପ ପ୍ରସ୍ତୁତ କରି ପାରିବେ । ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ହେମନ୍ତ ବାରିକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ବିଶ୍ୱାନାଥ ସାହୁ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନଶିକ୍ଷକ ରୂପଧର ସାହୁ, ଉଦ୍ଧବ ତ୍ରିପାଠୀ, ଶିକ୍ଷକ ସଂଘ ସମ୍ପାଦକ ତାରାକାନ୍ତ ମିଶ୍ର, ବ୍ଲକ ବିଜ୍ଞାନ ସଂଯୋଜକ ରଣଜିତ ପାତ୍ର, ସରପଞ୍ଚ ଆନନ୍ଦ ବିଶି, ମନୋଜ ଦାସ, ଅଲେଖ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଜୟଦେବ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ବହୁଭାଷୀ କବିତା ଆସର

**ଲୋଇସିଂହା,୨୯।୮(ଡି.ଏନ.ଏ.):** ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରରେ ସାପ୍ତାହିକ ପତ୍ରିକା ପ୍ରେରଣା ପକ୍ଷରୁ ଏକ ବହୁଭାଷୀ କବିତା ପାଠୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରଘୁନନ୍ଦ ସିଂଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଲୋଇସିଂହା ଅଞ୍ଚଳର ବହୁ କବିୟିତ୍ରୀକବି ଯୋଗଦେଇ ବର୍ଷା ଉପରେ ସ୍ୱରଚିତ କବିତା ପାଠ କରିଥିଲେ । ଗୌରୀଶଙ୍କର ସାହୁ, ଉମେଶଚନ୍ଦ୍ର ବିଶ୍ୱାଳ, ରାଧାକାନ୍ତ ପଟେଲ, ସତ୍ୟନାରାୟଣ ପାଣିଗ୍ରାହୀ, ମହେନ୍ଦ୍ର ପଟେଲ, ରାଧାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମଦ ଜବତ, ୭ ଗିରଫ

**ବିନିକା,୨୯।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅବକାରୀ ବିଭାଗ ଓ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ଦେଶୀବିଦେଶୀ ମଦ ଜବତ କରିବା ସହ ୭ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଅବକାରୀ ବିଭାଗ ସୂଚନା ମତେ, ଡୁଙ୍ଗୁରିପାଲି ବ୍ଲକ ସାଲେପାଲି ଗାଁର ଗୁଡୁ ଗୁପ୍ତାଙ୍କ ଘରୁ ଦେଶୀମଦ ୯ ଲିଟର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ବିନିକା ବ୍ଲକ ଶଙ୍କରାର ବେଳ ତରିଆଙ୍କ ପାଖରୁ ୬ଲିଟର ଦେଶୀମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା । ସେହିଭଳି ଶଙ୍କରା ଗ୍ରାମର ଶ୍ରୀକର ଜଗଦଲାଙ୍କ ନିକଟରୁ ୩୦ ଲିଟର ରନ୍ଧାମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା। ସେହିଭଳି ବିଶାଳପାଲି ଛକ୍ ପାଖରେ ଥିବା ଢାବାରେ ଚଢାଉ କରାଯାଇ ୨୦ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିନିକା ପୋଲିସ ଜବତ କରିବା ସହ ଢାବା ମାଲିକ ଲକ୍ଷ୍ମଣ ଭୋଇଙ୍କୁ ଗିରଫ କରିଥିଲା । ମହାନଦୀ ବ୍ରିଜ୍‌ରେ ସ୍ଥାନୀୟ ପୋଲିସ୍ ୩ଜଣଙ୍କୁ ବାଇକରେ ମଦ ଚାଲାଣ ବେଳେ ଧରିଥିଲା।

କାଳିଝରଣରେ ଜାତୀୟ ଖେଳ ଦିବସ

# ଅଂଶଗ୍ରହଣ କଲେ ୧୨ଶହ ପ୍ରତିଯୋଗୀ

**ଦେଓଗାଁ,୨୯।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ କାଳିଝରଣରେ ରିଲାଏନ୍ସ ଫାଉଣ୍ଡେସନ ସହଯୋଗରେ ଗୁରୁବାର ଜାତୀୟ ଖେଳ ଦିବସ ପାMଳିତ ହୋଇଯାଇଛି। ଫାଉଣ୍ଡେସନର ସିଆରପି ଅଶୋକ କୁମାର ଭଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳାମାନଙ୍କ ମଧ୍ୟରେ ମାଠିଆବୁହା, ଚୌକିବସା, ଚାମଚବାଟି ଦୌଡ, ରଶିଘିଚା ଓ ଦଳଗତରେ କବାଡି ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ସେହିପରି ପୁରୁଷଙ୍କ ମଧ୍ୟରେ ସଟପୁଟ, ବେଲୁନଫଟା, ବାଡିଘିଚା, ମାଠିଆ ଫଟା ଆଦି ୪ଟି ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗା ବ୍ଲକ ମକୁନ୍ଦପୁର ପଞ୍ଚାୟତର ୨ଟି ଗାଁ, ଉପରଝର ପଞ୍ଚାୟତର ଗୋଟିଏ ଗାଁ, ସଦର ବ୍ଲକ, ବରକାନୀ ପଞ୍ଚାୟତର ୨ଟି ଗାଁ, ମହିମୁଣ୍ଡା ପଞ୍ଚାୟତର ୮ଟି ଗାଁରୁ ମୋଟ ୧୨ଶହ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ଏଥିରେ ଅଁଳାଚୁଆଁ ଗାଁର ମନିଷା ନାଗଙ୍କୁ ଜାତୀୟ କବାଡି ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଟଗାଁ ପଞ୍ଚାୟତ ସରପଞ୍ଚ ବବିତା ପୁଟେଲ, ସମ୍ମାନୀତ ଅତିଥିଭାବେ ମକୁନ୍ଦପୁର ପଞ୍ଚାୟତ ସରପଞ୍ଚ ବାଳକ ପଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତା ତଥା କାଳିଝରନ ଗ୍ରାମବାସୀ ସହଯୋଗ କରିଥିଲେ। ରିଲାଏନ୍ସ ଫାଉଣ୍ଡେସନର ଟିମ ଲିଡର ଏଡି ନାଏକ, ଶୈଳେନ୍ଦ୍ର ଏକ୍କା, ଇଥେଲଦିଦି,ଧର୍ମେନ୍ଦ୍ରନାଏକ,ପ୍ରଶାନ୍ତପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଖେଳ ଦିବସରେ ଶ୍ରେଷ୍ଠ ଖେଳାଳିଭାବେ ମନିଷା ନାଗଙ୍କୁ ପୁରସ୍କୃତ କରାଯାଉଛି ।

ନାନା ରୋଗ୍ ସଂଗେ ଯୁଝୁଛନ୍ ପୁଷ୍ପାଞ୍ଜଳି

# ଚିକିତ୍ସା ସାହାଯ୍ ଲାଗି ମା’ବାପ୍‌ର ଆକୁଳ ନିବେଦନ

**ଲାଠୋର, ୨୯।୮ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ମେହେର ପଡ଼ାର ବିଭିଷଣ ମେହେରକଁର ଝିଁ’ ପୁଷ୍ପାଞ୍ଜଳି(୨୦)। ସେ ଜନମ୍ ହେବାର ୬ ଦିନ୍ ଉତାରୁ ନାନା ରୋଗ୍ ସଂଗେ ଯୁଝୁଛନ୍। ଇଆଡ଼େ ପରିବାରଟା ଗରିବ୍ ହେଇଥିଲାବେଲେ ଉଚ ଚିକିତ୍ସା ଲାଗି ଟଁକା ପଏସାର ବଡ଼ଭାରି ଅଭାବ ରହିଛେ।

ସୂଚନା ଅନ୍‌ସାରେ ଲାଠୋର ମେହେରପଡ଼ାର ବିଭିଷଣ ମେହେରକଁର ପରିବାର କହେଲେ ମାଏକିନା ଖୁଦ, ଦୁଇ ଝିଁ’ ମଞ୍ଜୁ, ପୁଷ୍ପାଞ୍ଜଳି ଆର ପୁଓ ରଘୁକେ ନେଇ ତାକର ସଁସାର। ବିଭିଷଣ ବଡ଼ ଝିଁ’କେ ବିହା କରି ସାରିଥିଲାବେଲେ ସାନ ଝିଁ’ ଆର ପୁଓ ମା’ବାପ୍ ସଂଗେ ରହୁଛନ୍। ପୁଷ୍ପାଞ୍ଜଳି ଜନମ୍ ହେବାର ୬ ଦିନ୍ ଉତାରୁ ତାକର ପରିସ୍ରା ଦୁଆର ବାଟେ ରକତ୍ ବାହାରିଥିଲା। ଏନ୍‌ତାଥି ପରିବାର ଲୋକ୍ ତାହାକୁ ନୂଆପଡ଼ା ଜିଲା ମୁଖିଆ ଡାକ୍‌ତରଖାନାରେ ଭରତି କରିଥିଲେ। ସେଠାନେ ଚିକିତ୍ସା ଉତାରୁ ରକତ୍ ବାହାରବାର ବଁଦ୍ ହେଇଥିଲା ସତ୍, ହେଲେ ତାକର ଦିହିମୁଡ଼ ଫୁଲି ସେ ହଲଦିଆ ପଡ଼ିଯାଇଥିଲେ। ଇ ଅବସ୍‌ତାରେ ମା’ବାପ୍ ପୁଷ୍ପାଞ୍ଜଳିକୁଁ ଉନିଆ ଡାକ୍‌ତାରଖାନାକେ ନେଇ ଦେଖେଇଥିଲେ। ଡାକ୍‌ତର ତାହାକୁ କାମଲ ରୋଗ୍ ହେଇଥିବାର କହି ଚିକିତ୍ସା ଆରମ୍ କରିଥିଲେ। ସେ ସମିଆରେ ଡାକ୍‌ତର ପୁଷ୍ପାଞ୍ଜଳିର ମଧୁମେୟ ରୋଗ୍ ଅଛେ ବଲି ବି କହିଥିଲେ। ଏନ୍‌ତାଥି ମା’ବାପ୍ ପେଟ୍‌କାଟି ଯାହା ସଁଚି କରି ରଖିଥିଲେ ଝିଁ’ର ଚିକିତ୍ସାରେ ଖରଚ୍ କରି ନିରାଶ ହେଲେ। ପୁଷ୍ପାଞ୍ଜଳିକଁର ମଧୁମେୟ ଏନ୍‌ତା ହିସାବେ ବଢ଼ିକରି ରହୁଛେ ଯେ, ସେ ଦିନ୍‌କ ଦୁଇଥର ଇନ୍‌ସୁଲିନ ନେଉଛନ୍। ଏହେଦେ ପୁଷ୍ପାଞ୍ଜଳିକୁଁ ୨୦ ବଛର ହେଉଛେ। ହେଲେ ରୋଗ୍ ପରଭାବରେ ବଏସ୍ ହିସାବେ ତାକର ଶାରୀରିକ ବିକାଶ ନାଇଁ ହେବାର। ଇ ଗରିବ୍ ପରିବାର ସରକାରୀ ସାହାଯ୍ କହେଲେ ମାସିକ୍ ପାଉଥିବାର ୨୦ କେ.ଜି. ଚାଉଲ। ବିଭିଷଣ ଦୁଖ୍‌ସୁଖ କରି ଘରଖଁଡ଼େ କରିଛନ୍ ସତ୍, ହେଲେ ପରିବାରର ଖରଚ୍ ହିସାବେ ତାକର ରୁଜ୍‌ଗାର ନାଇଁହେବାର। ବିଭିଷଣ ଫିଦିନ ଗାଁ ଗାଁ ବୁଲି ଭିନେ ଭିନେ ଜିନିଷ ଘିନି ସେଟାକେ ବଜାରରେ ବିକ୍‌ରି କରୁଛନ୍। ସେଥିରୁ ଯାହା ରୁଜ୍‌ଗାର ହେଉଛେ ତାକର ପରିବାର ଚଲବାର ସଂଗେ ଝିଁ’ର ଉଷୋକଷା ଖରଚ୍ ତୁଲଉଛନ୍। ଘଟନା ବାବ୍‌ଦେ ଲାଠୋର ସରପଁଚ୍ ପ୍ରବିଣ ଅଗ୍ରୱାଲ ଖବର ପାଇ ରୁଗୀକୁଁ ସରକାରୀ ସାହାଯ୍ ଯୁଗେଇ ଦେବାର ଲାଗି କାଗଜପତର ବ୍ଲକ ଅଫିସକେ ପଠେଇଛନ୍। ହେଲେ ଏଭ୍‌ତକ ସେ କେହେନ୍‌ସି ପରକାର ସରକାରୀ ସାହାଯ୍ ନାଇଁ ପାଏବାରଟା ନିହାତି ଦୁଖର କଥା ବଲି ସରପଁଚ୍ ନିଜେ କହିଛନ୍। ଜିଲା ପରଶାସନ ଇ ଦିଗେ ଦୃଷ୍ଟି ଦେଇ ପୁଷ୍ପାଞ୍ଜଳିକୁଁ ଉଚ ଚିକିତ୍ସା ସୁବିଧା ଯୁଗେଇ ଦେବାକେ ପରିବାର ଲୋକ ନିବେଦନ କରିଛନ୍।



ନାନା ରୋଗ୍‌ରେ ପୀଡ଼ିତ ପୁଷ୍ପାଞ୍ଜଳି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଦୋକାନ ଆଗରୁ ବାଇକ୍ ଚୋରି

**ଲୋଇସିଂହା,୨୯।୮(ଡି.ଏନ.ଏ):** ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଛକରୁ ବୁଧବାର ସନ୍ଧ୍ୟାରେ ଏକ ଦୋକାନ ଆକଗରୁ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ହୀରାପୁର ଛକରେ ଫାସଡ ଗ୍ରାମର ପ୍ରକାଶ ଜାଠଙ୍କ ଏକ ଦୋକନ ରହିଛି । ସବୁଦିନ ପରି ବୁଧବାର ଦୋକାନା ଆଗରେ ସେ ନିଜ ବାଇକ ନଂ.ଓଡି୩୧ଇ୦୪୭୧ ରଖିଥିଲେ । ଦୋକାନ ବନ୍ଦ କଲାପରେ ବାଇକ ନଥିବା ଜାଣିବାକୁ ପାଇଥିଲେ । ଆଖପାଖରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ । ଏହପାରେ ଗୁରୁବାର ଲୋଇସିଂହା ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି।

### ଠିକାଦାରପଡା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୨୯।୮:** ବଲାଙ୍ଗୀର ଠିକାଦାରପଡା ଦୁର୍ଗା ମଣ୍ଡପଠାରେ ଆଇନଜୀବୀ ପ୍ରବୀଣ ମିଶ୍ରଙ୍କ ଅଧକ୍ଷତାରେ ଗୁରୁବାର ଚଳିତବର୍ଷର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ଏକ ପୂଜା କମଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା । କମିଟି ଆବାହକ ଭାବେ ପ୍ରବୀଣ ମିଶ୍ର, ସଭାପତି କାଳୀ ଚରଣ ବିଶ୍ୱାଳ, ଉପସଭାପତି ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅନୀଲ ପାଣିଗ୍ରାହୀ, ସହସମ୍ପାଦକ ଅଜିତ ମହାଲିଙ୍ଗ ଓ କୋଷାଧକ୍ଷ ଭାବେ ଶେଷଦେବ ଜୁଏଡ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ମୁରାରୀ ମୋହନ ପଟ୍ଟନାୟକ, ଲକ୍ଷୀନ୍ଦ୍ର ସାହୁ, ରଞ୍ଜିତ ବେହେରା, ଧ୍ରୁବ ଯୁଏଡ, ନରେନ୍ଦ୍ର ଜାଲ, ପ୍ରଦ୍ୟୁମ୍ନ ଖୁଆସ, ମଧୁ ବନଛୋର, ଦେବେନ ପାତ୍ର, ସମୀର ମିଶ୍ର ଓ କମ୍ମୁ ନାଗ ରହିଛନ୍ତି ।

### ତୁଳସୀନଗର ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

**ବଲାଙ୍ଗୀର ଅଫିସ, ୨୯।୮:** ବଲାଙ୍ଗୀର ତୁଳସୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ଟାଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଡ୍‌ଭୋକେଟ୍ ନିଳାଦ୍ରୀ ବିହାରୀ ସିଂଦେଓଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ବିବରଣୀ ଆଲୋଚନା ହୋଇଥିଲା । ଚଳିତବର୍ଷ ଦୁର୍ଗାପୂଜା କମିଟି ସଭାପତିଭାବେ ଅବସରପ୍ରାପ୍ତ ପୋଲିସ ଡିଏସ୍‌ପି ବାଞ୍ଛାନିଧି ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ଆଡଭୋକେଟ୍ ନିଳାଦ୍ରୀ ବିହାରୀ ସିଂ ଉପସଭାପତି, ସୁନୀଲ କୁମାର ମହାନ୍ତି ସାଧାରଣ ସମ୍ପାଦକ, ସଞ୍ଜୟ ମିଶ୍ର ସମ୍ପାଦକ, ଆଲୋକ ରଞ୍ଜନ ପାଣିଗ୍ରାହୀ ଓ ଗୋବିନ୍ଦ ବହିଦାର ସହସମ୍ପାଦକ, ନାରାୟଣ ମିଶ୍ର କୋଷାଧକ୍ଷ ଓ ଅଜୟ ମହାପାତ୍ର ସହକୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ । ବରିଷ୍ଠ ସଦସ୍ୟମାନଙ୍କୁ ନେଇ ୧୫ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା । ଅଡିଟର ଭାବେ ମହେଶ ପଟ୍ଟନାୟକ ଏବଂ ମନୋରଞ୍ଜନ ପଟ୍ଟନାୟକ ରହିଛନ୍ତି। ଚଳିତବର୍ଷ ଦୁର୍ଗାପୂଜା ୧୧ତମ ବର୍ଷରେ ପଦାର୍ପଣ କରିବ । ଏଥର ମଧ ନବରାତ୍ର ପୂଜା କରାଯିବାକୁ ସ୍ଥିରୀକୃତ ହୋଇଛି। ପୂଜାକୁ ଧୁମଧାମ୍‌ରେ ଆୟୋଜନ କରିବା ପାଇଁ ସଭ୍ୟ ବନମାଳୀ ବାଗ୍ ପ୍ରସ୍ତାବ ଆଗତ କରିଥିଲେ । ଶେଷରେ ସାଧାରଣ ସମ୍ପାଦକ ସୁନୀଲ ମହାନ୍ତି ଧନ୍ୟବାଦ୍ ଦେଇଥିଲେ ।

ରାଷ୍ଟ୍ରୀୟ କ୍ରୀଡା ଦିବସ ଓ ମେଜର ଧ୍ୟାନଚାନ୍ଦ ଜୟନ୍ତୀ

# ଖେଳପଡ଼ିଆର ରୋମାଞ୍ଚ ମୋବାଇଲରେ ନାହିଁ

**ବଲାଙ୍ଗୀର ଅଫିସ, ୨୯।୮**



କୃତୀ ପ୍ରତିଯୋଗୀଙ୍କ ସହ ରାଷ୍ଟ୍ରୀୟ କ୍ରୀଡା ଦିବସର ଅତିଥିମାନେ ।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଗୁରୁବାର ରାଷ୍ଟ୍ରୀୟ କ୍ରୀଡା ଦିବସ ଓ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା । ଜିଲା ହକି ଆସୋସିଏଶନ୍, ପଶ୍ଚିମ ଓଡିଶା ମାଷ୍ଟର ଆଥିଲେଟ୍ସ ଏବଂ ସ୍ପୋର୍ଟସ ଲଭରସ୍ ଆସୋସିଏଶନ୍ ତଥା ଇଣ୍ଟରନ୍ୟାଶନାଲ କରାଟେ ମାର୍ଓଲ ଆର୍ଟସ ଆସୋସିଏଶନ ବଲାଙ୍ଗୀର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ବେଲାର ସିଂ ଭୋଇ, ମୁଖ୍ୟବକ୍ତା ଭାବେ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ । ସଭାରେ ଜିଲା ହକି ଆସୋସିଏଶନ ସଭାପତି ସମୀର ସାହାଣୀ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, କରାଟେ ଆସୋସିଏଶନ୍‌ର ଚିପ୍ ଟେକ୍‌ନିକାଲ ଡାଇରେକ୍ଟର ଏସ୍. ଏନ୍. ଜୈନୁଲ ମଞ୍ଚାସୀନ ଥିଲେ । ପ୍ରଖ୍ୟାତ୍ କ୍ରୀଡାବିତ୍ ତଥା ହକି ଲଭରସ୍ ଆସୋସିଏଶନ ସମ୍ପାଦିକା ଆନନ୍ଦିନୀ ଦର୍ଜୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଅତିଥିମାନେ ଭାରତର ତାରକା ହକି ଖେଳାଳି ଧ୍ୟାନଚାନ୍ଦଙ୍କ କ୍ରୀଡା ଜୀବନ ଉପରେ ଆଲୋକପାତ କରି ତାଙ୍କୁ ଭାରତୀୟ କ୍ରୀଡା ପରିଚିତିର ଉଜ୍ଜଳ ତାରକା ବୋଲି କହିଥିଲେ । ଅଲମ୍ପିକରେ ହକି ଖେଳ ଓ ସ୍ୱର୍ଣ୍ଣ ପଦକ ହାସଲର ଗୌରବ ଗାଥା ଶୁଣାଇଥିଲେ । ଏହି ଅବସରରେ ସାମ୍ପ୍ରତିକ କ୍ରୀଡାକୁ ନେଇ ଯୁବ ସମାଜର ଆଭିମୁଖ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ । ଖେଳପଡିଆକୁ ନ ଯାଇ ମୋବାଇଲ ଫୋନ୍ ଭିତରେ ଭିଡିଓ ଗେମ୍‌ରେ ନିଜକୁ ବ୍ୟସ୍ତ କରି ଯୁବ ସମାଜ ନିଜର ଶାରୀରିକ ଅକ୍ଷମତା ସୃଷ୍ଟି କରୁଛି ବୋଲି କହିଥିଲେ । ଖେଳପଡିଆର ରୋମାଞ୍ଚ ମୋବାଇଲ ଫୋନ୍ ଭିତରେ ମିଳିବ ନାହିଁ ବୋଲି କହିଥିଲେ। ହକି ଆସୋସିଏଶନ୍ ସଭାପତି ସାହାଣୀ ଜିଲାରେ ହକି ମ୍ୟାଚ ପାଇଁ ସୁବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ ।

ସଭାପତୀୟ ଅଭିଭାଷଣରେ ମିଶ୍ର ସରକାର କ୍ରୀଡା ବିସ୍ମୟ ମେଜର ଧ୍ୟାନଚାନ୍ଦଙ୍କୁ ଶୀଘ୍ର ଭାରତରତ୍ନ ପୁରସ୍କାରରେ ସମ୍ମାନିତ କରନ୍ତୁ ବୋଲି କହିଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ସଙ୍ଗଠକ ପଦ୍ମଚରଣ ଆଚାର୍ଯ୍ୟଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସଦାଇପାଲି ପଲ୍ଲୀଶ୍ରୀ ହାଇସ୍କୁଲ ଛାତ୍ରୀ କବିତା ପଧାନ, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଛାତ୍ର ସୋମନାଥ ମହାରଣା ଓ ତୃତୀୟ ସ୍ଥାନ ହାସଲ କରିଥିବା ପଥରଚେପା ହାଇସ୍କୁଲ ଛାତ୍ର ଉତ୍ସବ କୁମାର ଖମାରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଦିଆଯାଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ର ଇ. ଜନ୍ ଅଭିଲାଷ, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ର ବେଣୁଗୋପାଳ ଗୁରୁ, ଓ ତୃତୀୟ ସ୍ଥାନ ହାସଲ କରିଥିବା ପୃଥ୍ୱୀରାଜ ହାଇସ୍କୁଲ ଛାତ୍ର ମହମ୍ମଦ ମୁରତାଜା ଖାନ୍‌ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ କ୍ରୀଡାବିତ୍ ଭାବଗ୍ରାହୀ ରଥ, ପୀତବାସ ପଟେଲ ଓ ଉଦୟୀମାନ୍ କ୍ରୀଡାବିତ୍ ସମ୍ପୂର୍ଣ୍ଣା ମହାପାତ୍ରଙ୍କୁ ଏହି ଅବସରରେ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

### ବଡମାଲ, ମୁରିବାହାଲ ରେଳ ଷ୍ଟେଶନରେ ଅଟକିବ ଟ୍ରେନ

**ବଲାଙ୍ଗୀର ଅଫିସ, ୨୯।୮**

ବଲାଙ୍ଗୀର ଜିଲା ବଡମାଲ ରେଳଷ୍ଟେଶନ୍‌ରେ ଇସ୍ପାତ ଏକ୍ସପ୍ରେସ୍ ଓ ମୁରିବାହାଲ ଷ୍ଟେଶନ୍‌ରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍ ପୁଣି ଥରେ ଅଟକିବ । ଏଭଳି ଖବର ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ପୂର୍ବରୁ ଏହି ଷ୍ଟେଶନ୍‌ମାନଙ୍କରେ ସମ୍ପୃକ୍ତ ଟ୍ରେନ୍ ଅଟକୁ ଥିଲା । ତେବେ ପରବର୍ତ୍ତୀ ସମୟରେ ଏହାକୁ ବିଭାଗ ପକ୍ଷରୁ ବନ୍ଦ କରିଦିଆଯାଇଥିଲା । ଫଳରେ ବଡମାଲ ଓ ମୁରିବାହାଲ ଅଞ୍ଚଳର ଯାତ୍ରୀମାନେ ଅସୁବିଧା ଭୋଗ କରିଆସୁଥିଲେ । ଏହାକୁ ନେଇ ଏମପି ସଙ୍ଗୀତା କୁମାରୀ ସିଂଦେଓ ଭୁବନେଶ୍ୱର ଇଷ୍ଟକୋଷ୍ଟ ଜେନେରାଲ ମ୍ୟାନେଜର ବିଦ୍ୟାଭୂଷଣଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ବଡମାଲ ଓ ମୁରିବାହାଲ ରେଳଷ୍ଟେଶନ୍‌ରେ ସମ୍ପୃକ୍ତ ଟ୍ରେନ୍ ରହିବ ବୋଲି ନିଷ୍ପତ୍ତି ହୋଇଛି । ଏଭଳି ନିଷ୍ପତ୍ତିକୁ ଜିଲା ରେଳ ଉପଭୋକ୍ତ ସଂଘ ସଭାପତି ଧର୍ମବ୍ରତ ରଥ, ଉପଦେଷ୍ଟା ତଥା ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଉପସଭାପତି ପର୍ଶୁରାମ ନାଏକ ଓ କୋଷାଧକ୍ଷ ଅଶୋକ କୁମାର ଚାନ୍ଦ ସ୍ୱାଗତ ଜଣାଇବା ସହ ଏମପି ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଚନ୍ଦ୍ରପୁରରୁ ବ୍ଲକ ମୁଖ୍ୟାଳୟ ରାସ୍ତା କର୍ଦ୍ଦମାକ୍ତ

## ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଦେଓଗାଁ,୨୯।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁରରୁ ବ୍ଲକ ମୁଖ୍ୟାଳୟ ରାସ୍ତା ବର୍ତ୍ତମାନ କାଦୁ ରେ ପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତାର ଉନ୍ନତୀକରଣ କରିବା ଦାବି ନେଇ ଗୁରୁବାର ଚନ୍ଦ୍ରପୁରବାସୀ ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କୁ ଫେରାଦ ହୋଇଛନ୍ତି । ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରାସ୍ତାର ଦୂରାବସ୍ଥା ଯୋଗୁଁ ଛାତ୍ରୀଛାତ୍ରମାନେ ସ୍କୁଲକୁ ଅବ୍ୟବସ୍ଥାରେ ଯାଉଛନ୍ତି । ବର୍ଷାହେଲେ ରାସ୍ତାରେ ଆଣ୍ଠୁଏ ପାଣି ସହ କାଦୁଅ ହୋଇଯାଉଛି। ଏହିରାସ୍ତା ଚନ୍ଦ୍ରପୁରରୁ ଡକୁଆପଡା ଛକକୁ ସଂଯୋଗ କରୁଥିବା ବେଳେ ଗ୍ରାମବାସୀ ବ୍ଲକ, ସ୍କୁଲ ଓ ଦେଓଗାଁ ସଦର ମୁଖ୍ୟାଳୟକୁ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ହୋଇଥାନ୍ତି। ଏଣୁ ଏହିରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ଜରାସିଂହା ପଞ୍ଚାୟତ, ବ୍ଲକ ଅଫିସ ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏ ଦିଗରେ କେହି ଅଦ୍ୟାବଧି ଦୃଷ୍ଟି ଦେଇନାହାନ୍ତି । ଏହି ରାସ୍ତାକୁ ଶୀଘ୍ର ମରାମତି କରିବା ସହ ଆଗାମୀ ଦିନରେ ରାସ୍ତାର କଂକ୍ରିଟକରଣ କରିବାପାଇଁ ସୋମନାଥ ଭୋଇ, ଯୁଗି ଭୋଇ, ଶରତ କୁମାର ପୁଟେଲ, ସଦା ବନଛୋର, ଭୋପାଳ ପଧାନ, ଶେଷଦେବ ନାଗ, ପ୍ରଦ୍ୟୁମ୍ନ ମଲ୍ଲିକ, ପଞ୍ଚାନନ ମଲ୍ଲିକ ତଥା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଡିଓ ଲାକ୍ରା ନିର୍ଦ୍ଦେଶକ୍ରମେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ରଣା ଉକ୍ତ ରାସ୍ତାର ଦୂରାବସ୍ଥାକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ଏଥି ସହ କମ୍‌ଦିନ ମଧରେ ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।



ଚନ୍ଦ୍ରପୁର – ଡକୁଆପଡାଛକ ରାସ୍ତା ଉନ୍ନତୀକରଣ ଦାବି ନେଇ ଗ୍ରାମବାସୀ ବିଡିଓଙ୍କୁ ଫେରାଦ ହେଉଛନ୍ତି ।

### ଜିଲା ପୁସ୍ତକ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୨୯।୮**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧକ୍ଷତାରେ ଜିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ମେଳା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଅକ୍ଟୋବର ୧୫ରୁ ୧୮ ତାରିଖ ଯାଏଁ ସ୍ଥାନୀୟ କୋସଲ କଳା ମଣ୍ଡଳଠାରେ ୪ ଦିନ ବ୍ୟାପୀ ପୁସ୍ତକ ମେଳା ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ପୁସ୍ତକ ମେଳା ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ସଭ୍ୟମାନେ ପୁସ୍ତକ ମେଳାକୁ ସଫଳ କରିବା ପାଇଁ ଅନେକ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ବହୁଭାଷୀ କବିତା ଆସର, ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ତଥା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ ହୋଇଥିଲା । ଏହି ପୁସ୍ତକ ମେଳା ଦ୍ୱାରା ଜିଲାରେ ପୁସ୍ତକ ପଠନ ପ୍ରତି ରୁଚି ସୃଷ୍ଟି କରାଯାଇପାରିବ ବୋଲି ଆଶା ପ୍ରକାଶ କରାଯାଇଛି । ବୈଠକରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସାହିତ୍ୟିକ ସନାତନ ଠାକୁର, କବି ଆନନ୍ଦ ଚନ୍ଦ୍ର ସାହୁ, ଗୋପାଳ ପ୍ରଧାନ, ରସରାଜ ଅଚ୍ୟୁତ ପୁରୋହିତ ଯୋଗଦାନ କରିଥିଲେ ।

ଧଣ୍ଡାମୁଣ୍ଡାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

## ସୁସ୍ଥ ଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି

**ଖପ୍ରାଖୋଲ, ୨୯।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ଶୋଭନମୟ ମିଶ୍ର, ସମ୍ମାନିତ ଅତିଥିଭାବେ ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ମନସରାମ ନିସାଦ, ପବିତ୍ର ପଟେଲ, ଦୟାନିଧି ସାହୁ, ସୁଜିତ ପାଣିଗ୍ରାହୀ, ବୈଦ୍ୟନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ କ୍ରୀଡା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସୁସ୍ଥ ଜୀବନ ପାଇଁ କ୍ରୀଡାର ଆବଶ୍ୟକତା ସବୁବେଳେ ରହି ଆସିଛି। ପାଠପଢା ସହ ସୁସ୍ଥ ମନ ଓ ଶରୀର ପାଇଁ କ୍ରୀଡାର ଆବଶ୍ୟକତା ଥିବା ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ବରିଷ୍ଠ କ୍ରୀଡାବିତ୍ ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଜୟ ଭୋଇଙ୍କୁ ଧଣ୍ଡାମୁଣ୍ଡା ଜବାହାର କ୍ରୀଡା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଜୟ କୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିବାବେଳେ ରଜତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବରିଷ୍ଠ କ୍ରୀଡାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଜୟ ଭୋଇଙ୍କୁ ଜବାହାର କ୍ରୀଡା ସମ୍ମାନରେ ସମ୍ମାନିତ କରାଯାଉଛି ।

## ଏନ୍‌ଏସି ସଫେଇ କର୍ମଚାରୀଙ୍କ ଧାରଣା

**କଣ୍ଟାବାଞ୍ଜି, ୨୯।୮(ଡି.ଏନ.ଏ.)**

ବକେୟା ଦରମା, ନୂଆଁଖାଇ ଅଗ୍ରୀମ ଆଦି ୫ଦଫା ଦାବି ନେଇ ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି କାର୍ଯ୍ୟାଳୟ ଫାଟକରେ ତାଲାଦେଇ ସଫେଇ କର୍ମଚାରୀ ଧାରଣା ଦେଇଥିଲେ। କର୍ମଚାରୀଙ୍କ ଦାବିକୁ ସମର୍ଥନ କରି ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ଧାରଣାରେ ସାମିଲ ହୋଇଥିଲେ । ଧାରଣାସ୍ଥଳରେ ସଫେଇ କର୍ମଚାରୀମାନେ ସେମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟର ତୀବ୍ର ପ୍ରତିବାଦ କରିଥିଲେ। ଅବିଳମ୍ବେ ସପ୍ତମ ବେତନ କମିଶନ ଲାଗୁ ଏବଂ ନୂଆଁଖାଇ ପାଇଁ ତୁରନ୍ତ ଅଗ୍ରିମ ଟଙ୍କା ଦେବାକୁ ସେମାନେ ଦାବି କରିଥିଲେ। ଏଥିସହିତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ମାତ୍ରାଧିକ କାର୍ଯ୍ୟ କରାଯାଉଥିବାକୁ ବିରୋଧ କରି ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଥିଲେ। ପରେ ଏନଏସିର ପ୍ରଶାସକ ତଥା ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ। ଦାବିଗୁଡିକ ପୂରଣ କରିବାର ପ୍ରତିଶୃତି ଦେବା ପରେ ଅଫିସ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।

## କୁଷ୍ଠରୋଗ ଚିହ୍ନଟକରଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୨୯।୮(ଡି.ଏନ.ଏ.)**

ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ କୁଷ୍ଠ ରୋଗ ଚିହ୍ନଟକରଣ ପାଇଁ ପ୍ରସ୍ତୁତି ବୈଠକ ମେଡିକାଲ ଅଫିସର ଡା. ଉତ୍କଳମଣି ମେହେରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସିଡିପିଓ ପ୍ରମିଳା ମହାନ୍ତି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ୧୦ ତାରିଖରୁ ୨୩ ଯାଏଁ ପ୍ରତି ଗାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାବେଳେ କିଭଳି ଚିହ୍ନଟୀକରଣ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା । ସେହିପରି ୧୦ ଓ ୧୬ ବର୍ଷ ବୟସର ଝିଅ ଏବଂ ପୁଅଙ୍କୁ ଟୀଡି ଭେକସିନ୍ ଦେବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ଯୁଗଳ କିଶୋର ସାହୁ ପରିଚାଳନା କରିଥିବାବେଳେ ବିନୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଆଇସିଡିଏସ୍ କର୍ମଚାରୀ ଉପସ୍ଥିତ ଥିଲେ ।



କୁଷ୍ଠ ରୋଗ ଚିହ୍ନଟକରଣ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଡିଓ।

ଯୁବା ବିକାଶ କାର୍ଯ୍ୟକ୍ରମ

## ଭାଗ ନେଲେ ଚାରିଶହ ଛାତ୍ରୀଛାତ୍ର

**ଗୁଡ଼ଭେଲା,୨୯।୮(ଡି.ଏନ.ଏ.)**

ଉତ୍କଳ ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ଆନୁକୂଲ୍ୟରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ବଲାଙ୍ଗୀର ଜିଲା ତୁଷୁରା ସହରରେ ଯୁବା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଥମରୁ ଯୁକ୍ତଦୁଇ ପର୍ଯ୍ୟନ୍ତ ଚାରି ଶହ ଛାତ୍ରୀଛାତ୍ର ଭାଗ ନେଇ ଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ମହାରାଜ ଅଗ୍ରସେନ ଜୟନ୍ତୀ ଅବସରରେ ପୁରସ୍କାର ଦିଆଯିବ । ଏଥିସହ କୃତି ଛାତ୍ରୀଛାତ୍ର ପ୍ରଦେଶ ଯୁବା ବିକାଶ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିବା ଯୁବା ମଞ୍ଚର ସଭାପତି ମନୋଜ କୁମାର ଜୈନ ପ୍ରକାଶ କରିଛନ୍ତି। ଚିତ୍ରାଙ୍କନ, ୧୫ଟି ଶବ୍ଦରେ କବିତା ଓ ୨୫୦ ଶବ୍ଦରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧ମରୁ ୪ର୍ଥ ଶ୍ରେଣୀ ପାଇଁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନରେ ରୋସନି ସୁନା, ଦ୍ୱିତୀୟ ପ୍ରତ୍ୟାଶା ଷଡଙ୍ଗୀ ଓ ତୃତୀୟ ହୋଇଥିଲେ ସୁଜାନିକା ମେହେର । ୫ମରୁ ୮ମ ଶ୍ରେଣୀ ପାଇଁ ଚିତ୍ରାଙ୍କନରେ ସନତ କୁମାର ସା ପ୍ରଥମ, ଶିତଳ ଦଣ୍ଡସେନା ଦ୍ୱିତୀୟ ଓ ନିବାସ କଏଣ୍ଡା ତୃତୀୟ ହୋଇଥିଲେ। ୯ମରୁ ଯୁକ୍ତ ଦୁଇ ଶ୍ରେଣୀ ପାଇଁ ଚିତ୍ରାଙ୍କନରେ ଅନୁସ୍ୟା ଦୀପ ପ୍ରଥମ, ପୁଷ୍ପାଞ୍ଜଳି ବେହେରା ଦ୍ୱିତୀୟ, ବିପାସା ସାହୁ ତୃତୀୟ, ୫ମରୁ ୮ମ ଶ୍ରେଣୀ ପାଇଁ ୧୫ଟି ଶବ୍ଦରେ କବିତାରେ କାଜଲ କେଡିଆ ପ୍ରଥମ, ବର୍ଷା ବାନୁ ଦ୍ୱିତୀୟ, ଦେବେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୯ମରୁ ଯୁକ୍ତ ଦୁଇ ଶ୍ରେଣୀ ପାଇଁ ୧୫ଟି ଶବ୍ଦରେ କବିତା ପ୍ରତିଯୋଗିତାରେ ପ୍ରଥମ-ଆଞ୍ଚଳ ନାଗ, ଦ୍ୱିତୀୟ-ବିପାସା ସାହୁ ଓ ସୌମ୍ୟଜିତ ମିଶ୍ର, ତୃତୀୟ-ଅଙ୍କିତା ଭୋଇ, ୫ମରୁ ୮ମ ଶ୍ରେଣୀ ପାଇଁ ୨୫୦ଟି ଶବ୍ଦରେ ପ୍ରବନ୍ଧରେ ଅମନ କେଡିଆ ପ୍ରଥମ, ସୁପ୍ରିୟା ସାହୁ ଦ୍ୱିତୀୟ, ଶୁଭଙ୍କର ପାଢୀ ତୃତୀୟ ହୋଇଥିଲେ। ୯ମରୁ ଯୁକ୍ତ ଦୁଇ ଶ୍ରେଣୀ ପାଇଁ ୨୫୦ଟି ଶବ୍ଦରେ ପ୍ରବନ୍ଧ ପ୍ରତିଯୋଗିତାରେ ସୀମା ବାରିକ ପ୍ରଥମ, ନିହାରିକା ପ୍ରଧାନ ଦ୍ୱିତୀୟ, କ୍ରିଷ୍ଣା ଅଗ୍ରୱାଲ ଓ ସୌମ୍ୟଜିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବୀରେନ୍ଦ୍ର ଦାଶ, ରବିନ୍ଦ୍ର ମିଶ୍ର, ସୁମନାଞ୍ଜଳି ସାହୁ, ତରୁଲତା ସାହୁ ଓ ଲିଲିଶ୍ରୀ ଭୋଇ ବିଚାରକ ରହିଥିଲେ। ସମ୍ପାଦକ ସଙ୍ଗୀତ ଜୈନ, ମନୀଷ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ବୀରେନ୍ଦ୍ର ଜୈନ, ରୋହିତ ଅଗ୍ରୱାଲ, ଈଶ୍ୱର କେଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ବିଚାରକ ଗହଣରେ ବିଜୟୀ ଛାତ୍ରୀଛାତ୍ର ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ



### ହାତୀ ଉପଦ୍ରବ

କୋମନା,୨୯।୮(ଡି.ଏନ.ଏ.)- ନୂଆପଡା ଜିଲା କୋମନା ବ୍ଲକ ପଏଁରଗାଁସ୍ଥିତ ବିଜୟଗଡ ଜଙ୍ଗଲ ତଳି ଅଞ୍ଚଳରେ ହାତୀ ପୁଣି ଥରେ ପ୍ରବେଶ କରି ବିଭିନ୍ନ ଚାଷ ଉପଦ୍ରବ କରୁଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ କୋମନା ବ୍ଲକ କାଲିମାଟି, ରଜନା, କୋନାବିରା ଓ ବିଲେଇଅଞ୍ଚର ଅଞ୍ଚଳରେ ୨୮ରୁ ୩୦ ହାତୀ ପ୍ରବେଶ କରି ସପ୍ତାହେ ଯାକ ବହୁ ଫସଲ ନଷ୍ଟ କରିଥିଲେ। ପରେ ହାତୀ ପଲକୁ କୋମନା ବନ ବିଭାଗ ଓ ହାତୀ ଘୋଡାଇବା ଦଳ ମିଶି ବଲାଙ୍ଗୀର ଜିଲା ସୀମାନ୍ତବର୍ତ୍ତୀ ଜଙ୍ଗଲକୁ ଘୋଡାଇ ଥିଲେ। ସେହି ସମୟରେ ହାତୀପଲ ମଧ୍ୟରୁ ଗୋଟିଏ ହାତୀ ଅନୁପଗଡ ଜଙ୍ଗଲରେ ଏକୁଟିଆ ରହି ଯାଇଥିଲା । ସେଠାରେ ବହୁ ଚାଷୀଙ୍କ ବିଭିନ୍ନ ଫସଲ ନଷ୍ଟ କରିବା ପରେ ଅନୁପଗଡ ଜଙ୍ଗଲରୁ ଆସି ବର୍ତ୍ତମାନ ପଏଁର ଅଞ୍ଚଳର ଧାନ ଫସଲ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କୋମନା ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆଙ୍କୁ ପଚାରିବାରୁ ତାଙ୍କ ନିକଟରେ ଖବର ନ ଥିବା କହିଛନ୍ତି ।




ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୁଦ୍ଧିଜୀବୀ ।

### ନୂଆପଡ଼ାରେ ବୁଦ୍ଧିଜୀବୀ ସମ୍ମିଳନୀ

# ସମସ୍ୟା ସମାଧାନର ବାଟ ଖୋଜୁଛନ୍ତି ବୁଦ୍ଧିଜୀବୀ

ନୂଆପଡା ଅଫିସ,୨୯।୮

ଲୋକଙ୍କ ବହୁ ଆଶା ଆକାଂକ୍ଷା ଥିଲା ଯେ ନୂଆପଡା ଏକ ଜିଲା ହେବ । ଲୋକଙ୍କର ସବୁ ସମସ୍ୟା ସହଜେ ସମାଧାନ ହେବ । ଜିଲା ଗଠନ ହେବା ଦିନଠାରୁ ସରକାର ଏଠିକାର ଉନ୍ନୟନ ସକାଶେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଲେ । ହେଲେ ଫଳାଫଳ କିଛି ଦୃଶ୍ୟମାନ ହେଲାନାହିଁ । ଏହା ବୁଦ୍ଧିଜୀବୀମାନଙ୍କୁ ବ୍ୟଥିତ କରୁଛି। ଏଥିପାଇଁ ସରକାର ସମାଧାନର ରାସ୍ତା ତୁରନ୍ତ ବାହାର କରିବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଜାତି ଦଳ ନିର୍ବିଶେଷରେ ଗୁରୁବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ

**■ ପାର୍ଲାମେଣ୍ଟରେ ଉପସ୍ଥାପନ କରିବି: ଏମ୍‌ପି**

ବୁଦ୍ଧିଜୀବୀ ସମ୍ମିଳନୀରେ ଲୋକେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ପ୍ରସ୍ତାବ ରଖିଥିଲେ। ଅପରାହ୍ନରେ ଅନୁଷ୍ଠିତ ସମ୍ମିଳନୀରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ମୂରଲୀଧର ପଣ୍ଡା, ହୋମସିଂ ମାଝି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ରାମନାଥ ସାହୁ, ରାମେଶ୍ୱର ମୁଣ୍ଡ, କ୍ଷୀରୋଦ ନିବାସ ପଣ୍ଡା, ଭଗବାନ ନାଏକ, ନିରୋଜ ପାଢୀ, ହେମନ୍ତ କୁମାର ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ବୁଦ୍ଧିଜୀବୀ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସୁରେଶ କୁମାର ଅଗ୍ରୱାଲ, ରମେଶ ଭୋଇ, କମଳ ପଣ୍ଡା, ଅମିତାଭ ବୋଷ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ କହିଥିଲେ । ଜିଲା ଗଠନର ଏତେ ବର୍ଷ ପରେ ମଧ୍ୟ ଏଠାରେ ଚିକିତ୍ସା ସେବା, ପ୍ରାଥମିକ ହେଉ କି ଉଚ୍ଚ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି । ରାସ୍ତାଘାଟ ସମସ୍ୟା ସଙ୍ଗୀନ ହେଉଛି । ଏହାକୁ ନେଇ ବୁଦ୍ଧିଜୀବୀମାନେ ବ୍ୟଥିତ ହୋଇଥିଲେ। ଏହା ଉପରେ ରାଜ୍ୟ ତଥା କେନ୍ଦ୍ର ସରକାର ଧ୍ୟାନ ଦେବା ଜରୁରୀ ବୋଲି ମତ ଦେଇଥିଲେ। ଏହା ଉପରେ ଏମପି ପଣ୍ଡା ଗୋଟି ଗୋଟି କରି ଲିପିବଦ୍ଧ କରିଥି ବାବେଳେ ଆଗାମୀ ଦିନରେ ଜିଲାବାସୀଙ୍କ ତରଫରୁ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ । ଏଥିରେ ନୂଆପଡା ସମେତ ଆଖପାଖ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ । ବିଭିନ୍ନ ସଙ୍ଗଠନ ଯଥା ପତଞ୍ଜଳୀ ଯୋଗ ସମିତି, ଶିକ୍ଷକ ସଙ୍ଗଠନ, ଗାୟତ୍ରୀ ପରିବାର, ଗୁରୁକୁଳ ପରିବାରରୁ ଲୋକେ ଯୋଗଦେଇ ନୂଆପଡା ତଥା ଜିଲାର ହିତ ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

## କଳାହାଣ୍ଡି ଜିଲା ବିଜୁ ଯୁବବାହିନୀ ସମୀକ୍ଷା ବୈଠକ

ଭବାନୀପାଟଣା,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଜୁ ଯୁବବାହିନୀର କାର୍ଯ୍ୟ ସମୀକ୍ଷା କରିବା ସକାଶେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ବିଜୟ କୁମାର ନାୟକ ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ସମୀକ୍ଷା କରି ଫେରି ଯାଇଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ନାଏକ ଯୁବବାହିନୀର କାର୍ଯ୍ୟକଳାପ ଏବଂ ଜନହିତକର କାର୍ଯ୍ୟ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରିଥିଲେ। ନାଏକ ଯୁବବାହିନୀ ଉତ୍ସର୍ଗୀକୃତ ମନୋଭାବ ରଖି ସମାଜ ପାଇଁ ବିଜୁ ଯୁବବାହିନୀ କାର୍ଯ୍ୟ କରି ଲୋକଙ୍କ ଦ୍ୱାରା ପ୍ରଶଂସିତ ହେବା ସକାଶେ ଆହ୍ୱାନ ଦେଇଥିଲେ। ଗତ ବନ୍ୟା ସମୟରେ କର୍ଲାମୁଣ୍ଡା ଓ କେସିଙ୍ଗା ଅଞ୍ଚଳରେ ହୋଇଥିବା ବନ୍ୟାରେ ବିଜୁ ଯୁବବାହିନୀର କାର୍ଯ୍ୟକୁ ସେ ପ୍ରଶଂସା କରିବା ସହ ଯୁବବାହିନୀ ସଦାବେଳେ ସକ୍ରିୟ ରହିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ବିଜୁ ଯୁବବାହିନୀ ସକାଶେ ଗତବର୍ଷ ଯୋଗାଇ ଦିଆଯାଇଥିବା ଅର୍ଥର ତୁରନ୍ତ ୟୁସି ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଡାକରା ସବୁଜ ବନାନୀ ବୃକ୍ଷରୋପଣ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ନନ୍ଦିନୀ, ଆସ ପଢିବା ଦେଶ ଗଢିବା, ଜୀବନବିନ୍ଦୁ, ରକ୍ତଦାନ, ଅନ୍ଧବିଶ୍ୱାସ ଦୂର ପାଇଁ ଜାଗୃତି, ନିଶାକୁନା ଆଦି କାର୍ଯ୍ୟକ୍ରମ ଚଳିତବର୍ଷ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମତପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଭଞ୍ଜଦେଓ, ରାଜ୍ୟ କ୍ରୀଡା ବିଭାଗ ଟେକନିକାଲ ମୁଖ୍ୟ ରଶ୍ମିତା ମହାପାତ୍ର, ଏପିଡି ବିଦ୍ୟାଧର ସାହୁ, ଜିଲା ବିଜୁ ଯୁବବାହିନୀ ସଂଯୋଜକ ଅବିନାସ ଠାକୁରଙ୍କ ସମେତ ସମସ୍ତ ବ୍ଲକ ସଂଯୋଜକମାନେ ଉପସ୍ଥିତ ରହିଥିଲା।



ଜିଲା ବିଜୁ ଯୁବବାହିନୀର କାର୍ଯ୍ୟ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ।




ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## କଳାହାଣ୍ଡି ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚର ବିକ୍ଷୋଭ

ଭବାନୀପାଟଣା,୨୯।୮ (ଡି.ଏନ.ଏ.)

କଳାହାଣ୍ଡି ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ସ୍ଥାନୀୟ ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଳାହାଣ୍ଡି ବିଦ୍ୟୁତ୍ ଶ୍ରମିକ ଠିକା କର୍ମଚାରୀ, ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ଏନଏମଆରମାନଙ୍କୁ ସ୍ଥାୟୀ କରିବା ଆଦି ଦାବିଗୁଡିକ ତୁରନ୍ତ ସମାଧାନ କରିବା, କାର୍ଯ୍ୟରତ କର୍ମଚାରୀମାନଙ୍କୁ ୨୦୧୫ ଏପ୍ରିଲ ୧ ତାରିଖଠାରୁ ନୂତନ ମଜୁରି ନିର୍ଦ୍ଧାରଣର ବଳକା ପ୍ରାପ୍ୟ ଶତପ୍ରତିଶତ ପ୍ରଦାନ କରିବା, କାର୍ଯ୍ୟରତ ମୃତ କର୍ମଚାରୀମାନଙ୍କ ଉତ୍ତରାଧିକାରୀଙ୍କୁ ପୁନଃ ଥଇଥାନ କରିବା, ନନଏକଜିକ୍ୟୁଟିଭ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀକୁ ସଂଘ ସହ ଆଲୋଚନା କରିବା, ଶ୍ରମିକମାନଙ୍କ ଚିକିତ୍ସା ବୀମା ଓ କ୍ୟାସଲେସ ଚିକିତ୍ସାର ବ୍ୟବସ୍ଥା କରିବା, ଇପିଏଫ ଓ ଇଏସଆଇ ଜମା କରୁ ନ ଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଠିକା ଶ୍ରମିକଙ୍କୁ ନିୟମିତ ଦରମା ଦେଉ ନ ଥିବା ସଂସ୍ଥାର ଚୁକ୍ତିନାମା ବାତିଲ କରିବା ଦାବି କରାଯାଇଥିଲା। ଏଥିରେ ଶରତଚନ୍ଦ୍ର ସାହୁ, ଭବାନୀ ଶଙ୍କର ସାହୁ, ପ୍ରଭାକର ଦ୍ୱିବେଦୀ, ଡାନିଏଲ ବାଗ, ଚିତ୍ତରଞ୍ଜନ ପଣ୍ଡା, ଭବାନୀ ସାହୁ, ରମେଶଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପ୍ରଧାନ, ସୁଧୀର ପ୍ରଧାନଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ। ପରେ ଏକ ଦାବିପତ୍ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

## ଲୋୟର ଇନ୍ଦ୍ର ତଟବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା

ନୂଆପଡା ଅଫିସ,୨୯।୮

ନୂଆପଡା ଜିଲାରେ ମୌସୁମୀ ବର୍ଷା ହେବାର ନାଁ ନେଉ ନ ଥିବାବେଳେ ଅଚାନକ ଭାବେ ଚାଲି ଆସୁଥିବା ଲଘୁଚାପ ବର୍ଷା ଲୋକଙ୍କୁ ଦାଉ ସାଧୁଛି । ବିଶେଷ କରି ବୋଡେନ ବ୍ଲକ ଲୋୟର ଇନ୍ଦ୍ର ନଦୀ ତଟବର୍ତ୍ତି ଅଞ୍ଚଳରେ ପ୍ରବଳ ଲଗାଣ ବର୍ଷା ହୋଇ ଲୋକଙ୍କ ବହୁ କ୍ଷୟକ୍ଷତି ଘଟିଥିବା ଦେଖାଯାଇଛି । ଏହି ବ୍ଲକ ଅନ୍ତର୍ଗତ ବୋଲଦା ଗାଁରେ ବ୍ୟାପକ କ୍ଷତି ଘଟିଛି । ବହୁ ଲୋକଙ୍କ ଘର ଦ୍ୱାରା ଭାଙ୍ଗି ଉଜୁଡିଯାଇଛି ।

ଗତ ୪ରୁ ୫ ଦିନ ହେବ ଏହି ଅଞ୍ଚଳରେ ଅଚାନକ ଭାବେ ବର୍ଷା ମାଡିଆସୁଛି । ଭିନ୍ନ ଭିନ୍ନ ଯାଗାରେ କମ ବେଶୀ ବର୍ଷା ଲାଗି ରହୁଛି। ଫଳରେ ଲୋକେ ଘରୁ ବାହାରିପାରୁନାହାନ୍ତି। ବୋଲଦା ଗାଁରେ ଲଗାଣ ବର୍ଷା ହେବା ଫଳରେ ଘରେ ରାତି ଶୋଇଥିବା ସମୟରେ ସୈଲେନ୍ଦ୍ର କରୁଆଁ ନାମକ ଜଣେ ଚାଷୀଙ୍କ ଘର କାନ୍ଥ ଭାଙ୍ଗି ପଡିଛି। ଏଥିରେ ସୈଲେନ୍ଦ୍ର ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କର ଦୁଇ



ଘର ଭାଙ୍ଗିଥିବା ଶୈଳେନ୍ଦ୍ର କରୁଆଁଙ୍କ ଘର ସମ୍ମୁଖରେ ପରିବାର ଲୋକ ଛିଡା ହୋଇଛନ୍ତି ।

**ବହୁ ଘର ଭାଙ୍ଗିଲା**

ଶିଶୁ ଟୁନା ଏବଂ ବବି ଅଳ୍ପକେ ବର୍ତ୍ତିଯାଇଛନ୍ତି । ଏହିଭଳି ଗାଁର ୪/୫ଟି ଘର ଭାଙ୍ଗି ପଡିଛି । ଗରିବ ପରିବାର ଲୋକେ ଖାଇବା ପିଇବାକୁ ନ ପାଇ ଅନ୍ୟତ୍ର ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଏହା ଉପରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ନିଃସହାୟ ପରିବାରକୁ ଘର ଯୋଗାଇ ଦେବା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ଆଇନ ସଚେତନତା ଶିବିର

ଭବାନୀପାଟଣା,୨୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଭବାନୀପାଟଣା ବ୍ଲକ ମେଦିନିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱିଟି ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ଏଥିପାଇଁ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ଭବାନୀପାଟଣା ଜିଲା ସମାଜ କଲ୍ୟାଣ ଅଧିକାରୀ, ବରିଷ୍ଠ ଆଇନଜୀବୀ ସୁଧାଂଶୁ ନନ୍ଦ, ମେଦିନିପୁର ସରପଞ୍ଚ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ପାରା ଲିଗାଲ ଭଲେଣ୍ଟିୟରମାନେ ଯୋଗଦେଇଥିଲେ। ବିଭିନ୍ନ ଯୋଜନାଗୁଡିକ କିପରି ସଫଳ ହେବ ଓ ଏହାଦ୍ୱାରା ହିତାଧିକାରୀମାନେ କିପରି ସୁବିଧା ପାଇବେ ତାହା ଉପରେ ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ।

## ଗଣେଶପୂଜା ପ୍ରସ୍ତୁତି ବୈଠକ

କାମଟିକ୍ରା, ୨୯।୮ (ଡି.ଏନ.ଏ.)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ପଞ୍ଚାୟତ ବାଉଁସେନପାଲି ଗ୍ରାମର ଗଣେଶ ପୂଜା ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରୁଛି। ଏ ନେଇ ଗଣେଶ ପୂଜାର ରୋପ୍ୟ ଜୟନ୍ତୀ ପାଳନ କରାଯିବ। ଗୁରୁବାର ରଙ୍କମଣି ଷଣ୍ଡଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨ତାରିଖରୁ ପୂଜା ଆରମ୍ଭ ହୋଇ ୬ ତାରିଖରେ ଶେଷ ହେବ । ୫ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦଣ୍ଡନୃତ୍ୟ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି ।

## କେନ୍ଦ୍ର ସରକାରଙ୍କ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

ଖଡିଆଳ,୨୯।୮(ଡି.ଏନ.ଏ.)

ହକି ଖେଳାଳି ଧ୍ୟାନ ଚାନ୍ଦଙ୍କ ଜନ୍ମ ଦିବସକୁ ଫିଟ ଇଣ୍ଡିଆ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତ ବର୍ଷରେ ଏକ ଫିଟ ଇଣ୍ଡିଆ ଶୋ' କାର୍ଯ୍ୟକ୍ରମକୁ ଟିଭି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଲୋକେ ଟିଭି ମାଧ୍ୟମରେ ଦେଖି ନିଜେ ଫିଟ ରଖିବା ସହିତ ଭାରତ ବର୍ଷ କୁ ଫିଟ ରଖିବା ପ୍ରଧାନମନ୍ତ୍ରୀ ଏକ ବାର୍ତ୍ତା ଦେଇଥିଲେ। ଫିଟ ଇଣ୍ଡିଆକୁ ଦେଖିବା ପାଇଁ ଖଡିଆଳ ଏନଏସି ତରଫରୁ ଖଡିଆଳସ୍ଥିତ ୨ ନଂ. କଲ୍ୟାଣ ମଣ୍ଡପଠାରେ ଏକ ପ୍ରଜେକ୍ଟର ଲଗାଇ ଲୋକଙ୍କୁ ଦେଖାଇଥିଲେ। ଏହି ଇଣ୍ଡିଆ ଫିଟ କାର୍ଯ୍ୟକ୍ରମକୁ ଖଡିଆଳ ସ୍ୱୟଂ ସହାୟକ ଗୋଷ୍ଠୀର ସତାଧିକ ମହିଳା, ଖଡିଆଳର ଜନସାଧାରଣ, ବୁଦ୍ଧିଜିବୀ ଦେଖିଥିଲେ। କାର୍ଯ୍ୟକ୍ରମକୁ ଖଡିଆଳ ଏନଏସି କିଶୋର କୁମାର ସାହୁଙ୍କ ସମେତ ଡକ୍ଟର ସିଦ୍ଧାର୍ଥ ଶଙ୍କର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ତାମ୍ରଧ୍ୱଜ ମାଝି, ସଂଯୁକ୍ତା ପଣ୍ଡା, ସଞ୍ଜୀବ କୁମାର, ମଧୁସ୍ମିତା ମିଶ୍ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରୋଗୀ କଲ୍ୟାଣ ସମିତିର ବୈଠକ

ଲାଞ୍ଜିଗଡ଼,୨୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଧୁପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ଡା. ରାଜେଶ ମହାରଣା ଅଧକ୍ଷତା କରିଥିବାବେଳେ ଅତିଥି ଭାବେ ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ଟଙ୍କଧର ମାଝି, ସମିତି ସଦସ୍ୟ କନୌଜ ରାଉତ, ପୂର୍ବତନ ନାଏବ ସରପଞ୍ଚ କେଶବ ଚନ୍ଦ୍ର ବାରିକ, ରୋଗୀ କଲ୍ୟାଣ ସମିତି ସଦସ୍ୟ ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ସନ୍ଦୀପ ସିଂହ, ବାଡ଼ା ଭବାନୀ ସିଂହ ରୋଗୀ କଲ୍ୟାଣ ସମିତି ଆୟବ୍ୟୟ ଓ ଭବିଷ୍ୟତ ଯୋଜନାର ରୂପରେଖ ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ । ବୈଠକରେ ଲାଞ୍ଜିଗଡ଼ ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମହାରଣାଙ୍କ ସମେତ ଫାର୍ମାସିଷ୍ଟ ରବୀନ୍ଦ୍ର କୁମାର ସାହୁ, ମଧୁପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁପ୍ରିୟା ରାଉତରାୟ, ଫାର୍ମାସିଷ୍ଟ ସୁଧୀର କୁମାର ଖାନସମା ପ୍ରମୁଖ ଉପସ୍ଥିତ ରହି ନିଜର ପ୍ରସ୍ତାବ ରଖିଥିଲେ । ସଭା ପରିଚାଳନାରେ ଲଳିତ ପଧାନ, ନୃପରାଜ ଗଉଡ ପ୍ରମୁଖ ସହଯୋଗ କରିଥିଲେ।



ଲାଞ୍ଜିଗଡ଼ ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଧୁପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକ ।

### ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ

## ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ଭବାନୀପାଟଣା,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୨୮ ତାରିଖରେ ବ୍ରଜମୋହନ ହାଇସ୍କୁଲଠାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି କରିବା ସକାଶେ କ୍ଷୁଦ୍ର ନାଟକ, ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଏସ୍. ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ଓ ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶିଶିର କୁମାର ରଥ ଉଦ୍‌ଘାଟନ କରିଥିଲେ। ରଥ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଆଇନର ବିଭିନ୍ନ ଦିଗ ଏବଂ ସେଥିରୁ କିପରି ଦୈନନ୍ଦିନ ଜୀବନରେ ତାହାର ସୁଯୋଗ ନିଆଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଅତିଥି ଭାବେ ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଅନୁଶୀଳା ରଏ, ଅନୁରାଗ ଦେଉରି ଏବଂ ନିତ୍ୟାନନ୍ଦ ଚୌବେ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଆଇନ ସେବା ପ୍ରାଧିକରଣ ପକ୍ଷରୁ ହୋଇଥିବା ଏହି ପ୍ରତିଯୋଗିତାରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗଠିତ ହୋଇଥିବା ୧୮ଟି ଷ୍ଟୁଡେଣ୍ଟ ଲିଗାଲ ଲିଟ୍ରେସି କ୍ଲବ ମଧ୍ୟରୁ ୧୪ଟି କ୍ଲବ ଯୋଗଦାନ କରିଥିଲେ। ଜିଲାସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ କୁଟ୍ରୁଖମାର ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲ ଲେବୁଲକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚାଚା ନେହେରୁ ବିଦ୍ୟା ମନ୍ଦିର ଉକ୍ଳୋର ଛାତ୍ରୀଛାତ୍ରମାନେ କ୍ଷୁଦ୍ର ନାଟକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ଓ ବିତର୍କରେ ସ୍ଥାନୀୟ ପୋଲିସ ହାଇସ୍କୁଲ ଛାତ୍ରୀ ବେନ୍ଦାଲି ସା ପ୍ରଥମ ସ୍ଥାନ ଅଧିକାର କରିବା ସହ ଜୋନାଲସ୍ତରକୁ ଯିବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ କେସିଙ୍ଗାର ଛାତ୍ର ତନୁଜ ନାଏକ ପ୍ରବନ୍ଧରେ ଦ୍ୱିତୀୟ ସ୍ଥାନ ପାଇଥିବା ବେଳେ ଜବାହର ନବୋଦୟ ବିଦ୍ୟାଳୟ ନର୍ଲାର ଶୈଳେଶ କୁମାର ଦେ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ଥାନୀୟ ପୋଲିସ ହାଇସ୍କୁଲ ଛାତ୍ର ରାଜହଂସ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲସ୍ତରକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ସରକାରୀ ହାଇସ୍କୁଲ କେସିଙ୍ଗାର ରୋମାଞ୍ଚଳ ଗହିର ଚିତ୍ରାଙ୍କନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ।




ଜଣେ କୃତୀଙ୍କୁ ପୁରସ୍କୃତ କରାଯାଉଛି।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ



### ଏମ୍‌ପି ପ୍ରତିନିଧି ଭାବେ ମୁକେଶ ଅଗ୍ରୱାଲ ମନୋନୀତ

**ଜୁନାଗଡ଼,୨୯।୮(ଡି.ଏନ.ଏ.)-** କଳାହାଣ୍ଡି ଲୋକ ସଭା ଏମ୍‌ପି ବସନ୍ତ କୁମାର ପଣ୍ଡା ତାଙ୍କ ଜୁନାଗଡ ବ୍ଲକ ପ୍ରତିନିଧି ଭାବେ ଭାଜପା ଯୁବ ନେତା ମୁକେଶ ଅଗ୍ରୱାଲଙ୍କୁ ମନୋନୀତ କରିଛନ୍ତି। ମୁକେଶ ଜୁନାଗଡ ଏନଏସିରେ ୨ଥର କାଉନସିଲର ରହିଥିବା ବେଳେ ବର୍ତ୍ତମାନ ସେ ଭାଜପା ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା।

### ନାଳର ଆପ୍ରୋଚ୍ ରାସ୍ତା ଉପରେ ଘାଇ

**ପଲମ,୨୯।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ନାଳର ଆପ୍ରୋଜ ରାସ୍ତା ଉପରେ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ଯାନବାହନ ଚଳାଚଳ ଏବଂ ସର୍ବସାଧାରଣଙ୍କ ଯିବାଆସିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ଘାଟି ପ୍ରାୟ ୩ ଫୁଟ ବ୍ୟବଧାନର ହୋଇଥିବା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋବର ବହୁତ ସମ୍ଭାବନା ରହିଛି । ପୂର୍ବରୁ ଏହି ରାସ୍ତା ଠିକ୍ ଥିଲା । କିନ୍ତୁ ପୋଲର ତଳେ ନୂତନ ଉଚ୍ଚ ସେତୁ ନିର୍ମାଣ ହୋଇଥିବାରୁ ଗୋଟିଏ ଗାର୍ଡୱାଲ ଭାଙ୍ଗି ଦିଆଯିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ବର୍ତ୍ତମାନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉଚ୍ଚ ସେତୁ ନିର୍ମାଣ ପାଇଁ ୪୦୪.୭୮ ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ସୂଚନା ଫଳକରୁ ଜାଣିବାକୁ ମିଳୁଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରାଗଲେ ଯାନବାହନ ତଥା ଜନସାଧାରଣଙ୍କ ଯାତାୟାତ ହୋଇପାରିବ। ବିଭାଗୀୟ ଉଚ୍ଚ କର୍ମକର୍ତ୍ତାମାନେ ତୁରନ୍ତ ଦୃଷ୍ଟି ଦେଇ ଜରୁରିକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହେଉଛି।

### ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

**ରିଷିଡ଼ା, ୨୯।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ସାର୍ବଜନୀନ ଦୁର୍ଗା ପୂଜା ପାଇଁ ଗୁରୁବାର ସ୍ଥାନୀୟ ବସଷ୍ଟାଣ୍ଡରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ଅନ୍ତର୍ଯ୍ୟାମୀ ସାହୁ ସଭାପତି ଓ ଭୋଳା ମହାନନ୍ଦ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି । ଆସନ୍ତା ଶୁକ୍ରବାର କର୍ମକର୍ତ୍ତାର ଅନ୍ୟାନ୍ୟ ସଦସ୍ୟ ମନୋନୀତ କରାଯିବ ବୋଲି ସ୍ଥିର କରାଯାଇଛି ।
ଫଟୋ: ରିଷିଡା ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ।

## ଆଦିବାସୀଙ୍କ ବିଶ୍ୱାସର ପର୍ବ
# ‘ରୋଗ ବୋହଲେନ’ ଉଦ୍‌ଯାପିତ

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)**

ଆଦିବାସୀ ପରମ୍ପରାର ଏକ ଲୋକ ବିଶ୍ୱାସର ପର୍ବ ‘ରୋଗ ବୋହଲେନ’। ଆଦିବାସୀ ଅଧ୍ୟୁଷିତ ଗାଁ’ରେ ଭାଦ୍ରବ ମାସ କୃଷ୍ଣପକ୍ଷ ମଙ୍ଗଳବାର ଏହା ପାଳିତ ହେଇଥାଏ। ଏହା ଏକ କୃଷି ଭିତ୍ତିକ ପର୍ବ। ଚାଷୀ ଏହି ସମୟରେ ନିଜ ଚାଷ ଜମିର ରୁଆ ବେଉଷଣ କାର୍ଯ୍ୟ ଶେଷ କରି ଆସନ୍ତା ସପ୍ତପୁରୀ ଅମବାସ୍ୟା (ପୋରା ଉଆଁସ) ଓ ନୂଆଁଖାଇ ପର୍ବକୁ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇ ଥାଏ। କିନ୍ତୁ ଏହି ସମୟରେ ଝଡି ବର୍ଷାର ପ୍ରଭାବ ଲାଗି ରହିଥାଏ। ଏହି ଝଡି ବର୍ଷାର ପ୍ରଭାବରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଇଥାନ୍ତି। ଆଦିବାସୀ ଲୋକ ବିଶ୍ୱାସ ଅନୁସାରେ ଏହା ଏକ ଦୁଷ୍ଟ ଗ୍ରହ ତଥା ଆସୁରୀକ ଶକ୍ତିର ପ୍ରଭାବ। ତେଣୁ ଆଗାମୀ ପୋରା ଉଆଁସରେ ନିଜର ପୂର୍ବ ପୁରୁଷଙ୍କ ଆଗମନ ବେଳେ ଏହି ଦୁଷ୍ଟ ତଥା ଆଶୁରୀକ ଶକ୍ତିର ପ୍ରଭାବ ନ ରହିବା ପାଇଁ ରୋଗ ‘ବୋହଲେନ’ ଯାତ୍ରା ଆୟୋଜନ କରାଯାଇଥାଏ। ମଙ୍ଗଳବାର କଲମପୁର ବ୍ଲକ ଗୁମାବାହାଲଠାରେ ଏହି ପର୍ବ ପାଳିତ ହେଇଯାଇଛି। ସକାଳୁ ଗାଁ ଜାନୀ ଗ୍ରାମ ଦେବୀ ଠାକୁରାଣୀ, ଭଣ୍ଡାର ଘରଣୀ, ମାଟି ଦେବତା ଓ ମାଇଲିଗୁଡିଠାରେ ପୂଜା ଅର୍ଚ୍ଚନା କରିବା ପରେ ଗ୍ରାମ ଗୁଡିଠାରୁ ଏକ ଦୋଳା (ଯାହା ବିଭିନ୍ନ ଡାଳ ପତ୍ରରେ ତିଆରି)ରେ ଗାଁର ଲୋକଙ୍କ ଦ୍ୱାରା ବ୍ୟବହୃତ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଝାଡୁ, କୁଲା ସମେତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଦୁଇ ଗୋଟି ଦୋଳା ସାହାଯ୍ୟରେ ବୋହି ଗାଁ ସୀମାନ୍ତରେ ଥିବା ଏକ ନାଳ ଅବା ନଦୀକୁ ନେଇ ଅପର ପାର୍ଶ୍ୱରେ ନେଇ ଫିଙ୍ଗିଥାନ୍ତି। ଏହାକୁ ବୋଲେନ ଘାଟ କୁହାଯାଇଥାଏ। ସେଠାରେ ଆସୁରୀକ ଶକ୍ତିକୁ ଗାଁକୁ ନ ଫେରିବା ପାଇଁ ତାଗିଦ କରାଯାଇଥାଏ। ଏହା ସହ ତାର ସନ୍ତୁଷ୍ଟି କରଣ ପାଇଁ କୁକୁଡା, ଛେଳି ଆଦି ବଳି ଦିଆଯାଇଥାଏ। ସୂଚନାଯୋଗ୍ୟ ଯେ, ଅତୀତରେ ଅନେକ ଗାଁରେ ଜ୍ୱର, ଝାଡାବାନ୍ତି (ହଇଜା) ରୋଗରେ ପ୍ରଭାବ ବୃଦ୍ଧି ପାଉଥିଲା। ଏହି ରୋଗ କେମିତି ଗାଁ ସୀମା ଭିତରେ ନ ପଶେ ସେଥିପାଇଁ ଦେବୀଙ୍କଠାରେ ଏକ ମାଜଣା କରିଥାନ୍ତି। ବିଜ୍ଞାନ ମତ ଅନୁସାରେ ପରିବେଶ ଅପରିଷ୍କାର ରହିବା ଦ୍ୱାରା ବିଭିନ୍ନ ମଶା, ମାଛି ଓ ରୋଗ ଜୀବାଣୁଙ୍କ ପ୍ରଭାବ ଘଟି ଲୋକେ ତାର ପ୍ରଭାବ କାରଣରୁ ବିଭିନ୍ନ ରୋଗର ସିକାର ହେଇଥାନ୍ତି। ତେଣୁ ଏହି ପର୍ବ ପାଳନ ଅବସରରେ ଗାଁ ସଫେଇ ହେବା ଦ୍ୱାରା ମଶା, ମାଛି ବଂଶ ବିସ୍ତାରରୁ ଗାଁକୁ ସୁରକ୍ଷିତ କରାଯାଇଥାଏ।



ଦେବୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଦୋଳାରେ ନିଆଯାଉଛି।

## ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସ୍ଥାନ ଚିହ୍ନଟକୁ ବିରୋଧ
# ଜେଲ ଗଲେ ପୂର୍ବତନ ଜିଲା ପରିଷଦ ସଦସ୍ୟ

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ନବଗଠିତ ଭେଜିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା ନିର୍ମାଣ ପାଇଁ ସ୍ଥାନ ଚିହ୍ନଟକୁ ବିରୋଧ କରିବାରୁ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ବିଜେଡି ନେତା ଗିରଫ ହୋଇ କୋର୍ଟ ଚାଲାଣ ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ବାଣ୍ଡିଗାଁ ପଞ୍ଚାୟତ ଭେଜିଗୁଡ଼ା, ସୁନ୍ଦରୀଯୋର, ରସଡୁମେର, ନୂଆଁଗୁଡ଼ା ଏବଂ ଉମେର ଗ୍ରାମକୁ ନେଇ ନୂଆ ପଞ୍ଚାୟତ ଭେଜିଗୁଡ଼ା ଗଠିତ ହୋଇଛି। ପଞ୍ଚାୟତ ଗଠନ ପୂର୍ବରୁ ୫ ଖଣ୍ଡ ଗ୍ରାମବାସୀ ଭେଜିଗୁଡ଼ା-ଉମେର ରାସ୍ତା ମଝିରେ ପଞ୍ଚାୟତ କାର୍ଯ୍ୟାଳୟ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସମସ୍ତଙ୍କ ସହମତିରେ ସ୍ଥାନ ମଧ୍ୟ ଚିହ୍ନଟ ହୋଇଥିଲା। ଏହି ନିର୍ଦ୍ଧାରିତ ସ୍ଥାନକୁ ବିରୋଧ କରି କେତେକ ଲୋକେ ଉଚ୍ଚ ନ୍ୟାୟଳୟ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟଳୟ ଆବେଦନକୁ ଖାରଜ କରିଥିଲେ। ପରେ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଧାରିତ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା ତିଆରି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ସୋମବାର ଏ ସଂକ୍ରାନ୍ତରେ ଜୟପାଟଣା ତହସିଲଦାର, ଜୟପାଟଣା ବିଡିଓ, ସହକାରୀ ଯନ୍ତ୍ରୀ, ଭେଜିଗୁଡ଼ା ସରପଞ୍ଚ ପ୍ରମୋଦିନୀ ଶବର ଏବଂ କିଛି ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ଥାନ ଚୂଡ଼ାନ୍ତ ପାଇଁ ଏକ ବୈଠକ ଭେଜିଗୁଡ଼ା ପଞ୍ଚାୟତ ଅସ୍ଥାୟୀ କାର୍ଯ୍ୟାଳୟରେ ଚାଲିଥିଲା। ଏହି ସମୟରେ ଉମେର ଗ୍ରାମର ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ବିଜେଡି ନେତା ଯଦୁମଣି ସାହୁ ବୈଠକସ୍ଥଳକୁ ଯାଇ ସରପଞ୍ଚ ପ୍ରମୋଦିନୀ ଶବରଙ୍କୁ ସ୍ଥାନ ନିରୂଣକୁ ବିରୋଧ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ସରପଞ୍ଚ ଜୟପାଟଣା ଥାନାରେ ଏତଲା ଦେଇଥିଲେ । ସରପଞ୍ଚଙ୍କ ଏତଲାକୁ ଭିତ୍ତି କରି ଜୟପାଟଣା ଥାନାରେ ଏକ ମାମଲା (ନଂ.୨୧୪/୧୯) ରୁଜୁ ହୋଇଛି। ପୋଲିସ ଯଦୁମଣିଙ୍କୁ ଗିରଫ କରି ଧର୍ମଗଡ଼ କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

## ମହାତ୍ମା ଗାନ୍ଧୀଙ୍କ ଅହିଂସା ସମ୍ବିଧାନରେ ଅନ୍ତର୍ଭୁକ୍ତ ଦାବି
# ଦସ୍ତଖତ ଅଭିଯାନ ସଂଗ୍ରହ

**କେସିଙ୍ଗା,୨୯।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଣ୍ଟପଡା ଯୁକ୍ତ ଦୁଇ କଲେଜ ପରିସରରେ ମହାତ୍ମା ଗାନ୍ଧୀଙ୍କ ଅହିଂସାକୁ ଭାରତର ସମ୍ବିଧାନ ମୁଖବନ୍ଧରେ ସ୍ଥାନ ଦେବା ପାଇଁ ଏକ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଲା ନିର୍ବାଚନମଣ୍ଡଳୀର ବିଧାୟକ ଭୁପିନ୍ଦର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଗାନ୍ଧୀଙ୍କ ଅହିଂସାକୁ ଭାରତର ସମ୍ବିଧାନ ମୁଖ୍ୟବନ୍ଧରେ ସ୍ଥାନ ଦେବାକୁ ପ୍ରସ୍ତାବ ଆଗତ କରିଥିଲେ। ଗାନ୍ଧୀଙ୍କ ଅହିଂସା ସତ୍ୟାଗ୍ରହ ଆନ୍ଦୋଳନ ଯୋଗୁ ୧୫ ଅଗଷ୍ଟ ୧୯୪୭ରେ ବ୍ରିଟିସ ଶାସନରୁ ମୁକ୍ତ ହୋଇ ଭାରତ ସ୍ୱାଧୀନତା ପ୍ରାପ୍ତ ହୋଇଥିଲା । ଗାନ୍ଧୀଙ୍କ ଏହି ଅହିଂସାକୁ ଭାରତ ବର୍ଷରେ ଯୁଗ ଯୁଗ ଧରି ବଞ୍ଚାଇ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବ ଆଗତ କରିଥିବାରୁ ଓଡିଶାର ସ୍ୱାଧୀନତା ସଂଗ୍ରାମୀ ସମିତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଏବଂ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଥିବାରୁ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟକଙ୍କୁ ଭୁପିନ୍ଦର ସିଂହଙ୍କୁ ୩୪ ଶହ ଦସ୍ତଖତ ସଂଗ୍ରହ କରିବାକୁ ଦାୟୀତ୍ୱ ଦିଆଯାଇଥିବାରୁ ଗୁରୁବାର କଣ୍ଟପଡା ଯୁକ୍ତ ୨ ମହାବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଗାନ୍ଧୀଙ୍କ ଶାନ୍ତି, ପ୍ରୀତି ଓ ଅହିଂସା, ଆଦର୍ଶ, ସର୍ବ ଧର୍ମ ସମନ୍ୱୟ ଆଦି ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରି ଛାତ୍ରୀଛାତ୍ରମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ। ନର୍ଲା, କେସିଙ୍ଗା, ଭବାନୀପାଟଣା ଆଦି ଅଞ୍ଚଳରୁ ୭ ଦିନ ଏହି ଦସ୍ତଖତ ଅଭିଯାନ ଚାଲିବ। ଏହି ଅହିଂସା ପ୍ରସ୍ତାବକୁ ଅଞ୍ଚଳ ତଥା ଦେଶବାସୀ ସମ୍ମତି ପ୍ରଦାନ କରିବାକୁ ନର୍ଲା ବିଧାୟକ ଅନୁରୋଧ କରିଛନ୍ତି । ଏହି ଦସ୍ତଖତ ଅଭିଯାନରେ ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ଶର୍ମା, ରାମଜୀମାତ ଖଣ୍ଡିଆ, ରିସବ ଜୈନ ପ୍ରମୁଖ ଯୋଗଦେଇଥିଲେ। କଣ୍ଟପଡା ଯୁକ୍ତ ୨ ପ୍ରିନ୍ସିପାଲ ରମେଶ ନାଏକ, ଜଣେ ହାଇସ୍କୁଲ ପ୍ରଧାନ ଶିକ୍ଷକ ବି. ସୁରଲିଧର ଆଚାରୀ ଓ ଚନ୍ଦନ ସେନାପତି ନିଜସ୍ୱ ମତ ପ୍ରଦାନ କରିଥିଲେ।




ଗାନ୍ଧୀଙ୍କ ଅହିଂସା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କେଗାଁ,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ୬୪ ବଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସ୍ଥାନୀୟ ବଜାର ପଡିଆଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ବିପ୍ଳବ ସରକାର ଓ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଅନିଲ କୁମାର ନାୟକ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଓ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବା ସହିତ ଅଞ୍ଚଳବାସୀ ଅହିଂଶା ମାର୍ଗରେ ଚାଲିବା ସହିତ ସଦାସର୍ବଦା ଲୋକଙ୍କ ସେବାରେ ରହିବା ସହିତ ସିଆର୍‌ପିଏଫ୍ ସର୍ବଦା ଲୋକଙ୍କ ସେବାରେ ତଥା ଗ୍ରାମାଞ୍ଚଳର ବିକାଶରେ ସହଭାଗିଦାରୀ ବୋଲି କହିଥିଲେ। ଏହି ଅବସରରେ ବୃନ୍ଦାବାନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ଓ ମାଓବାଦୀମାନଙ୍କ ଉପରେ ଏକ ପ୍ରାମାଣିକ ନାଟକ ପ୍ରଦର୍ଶିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଅଞ୍ଚଳରେ ଥିବା ଅଶିକ୍ଷିତ ଯୁବକମାନେ ଶିକ୍ଷିତ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ଭଳି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ୬୪ ବଟାଲିୟନ ସିଆରପିଏଫ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରସଂଶା କରିବା ସହିତ ଛାତ୍ରୀଛାତ୍ରମାନେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଦୀର୍ଘ ସମୟ ଧରି ଉପଭୋଗ କରିଥିଲେ।



ଜୁନାଗଡ ବ୍ଲକରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ।

# ନିମ୍ନମାନର ଛତୁଆ ଯୋଗାଣକୁ ନେଇ ଅସନ୍ତୋଷ

**ଜୁନାଗଡ଼ରେ ପଞ୍ଚାୟତ ସମିତି ବୈଠକ**

**ଜୁନାଗଡ,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ବିଧାୟକ ପ୍ରତିନିଧି ପ୍ରମୋଦ ବେହେରା, ଜିପିଓ ସିର୍ଦ୍ଧେଶ୍ୱର ମେହେର, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଯାଜ୍ଞସିନୀ ମହାନନ୍ଦ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ପ୍ରମୁଖ ମଞ୍ଚସୀନ ଥିଲେ। ଜୁନାଗଡ ବ୍ଲକ କୁଲହାରୀର ଏକ ସଂଘ ସହାୟକ ଗୋଷ୍ଠୀ ନିମ୍ନମାନର ଛତୁଆ ଯୋଗାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଗୋଷ୍ଠୀ ଜୁନାଗଡ ବ୍ଲକର ବିଭିନ୍ନ ସେକ୍ଟରରେ ଗତ ୨୦୧୧ରୁ ଛତୁଆ ପ୍ରସ୍ତୁତ ଓ ଯୋଗାଣ ଦାୟିତ୍ୱ କରିଆସୁଛି। ଜୁନାଗଡ ବ୍ଲକରେ ୨୦୧୧ଟି ସଂଘ ସହାୟକ ଗୋଷ୍ଠୀ ଥିବା ବେଳେ ସେମାନଙ୍କୁ ସୁଯୋଗ ଦିଆ ନ ଯାଇ ଉକ୍ତ ଗୋଷ୍ଠୀକୁ ଗତ ୮ ବର୍ଷ ଧରି କାହିଁକି ଅନୁକମ୍ପା କରାଯାଉଛି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପ୍ରଶାସନ ଏ ଦିଗରେ ଶୀଘ୍ର ଦୃଷ୍ଟି ଦେଇ ଟେଣ୍ଡର ଆହ୍ୱାନ କରି ଅନ୍ୟ ଏସ୍‌ଏଚ୍‌ଜିକୁ ସୁଯୋଗ ଦିଆଯାଉ ବୋଲି ଦାବି ହୋଇଥିଲା। ସେହିପରି କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ଟଙ୍କା ହାତେଇଥିବା ନେଇ ଉଦବେଗ୍ ପ୍ରକାଶ ପାଇଥିଲା। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ରାଜସ୍ୱ, ଅଗ୍ନିଶମ ବିଭାଗର ନିରୀକ୍ଷଣ ପରେ
# ଇନ୍ଦ୍ରାବତୀ ଜଳଭଣ୍ଡାରରେ ପୁଣି ଚାଲିଲା ଡଙ୍ଗା

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)**

ରାଜସ୍ୱ ବିଭାଗ ଓ ଅଗ୍ନିଶମ ବିଭାଗର ଯୁଗ୍ମ ତଦନ୍ତ ପରେ ମଙ୍ଗଳବାର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ୧୫ ଦିନ ଧରି ବନ୍ଦ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରରେ ଡଙ୍ଗା ଚଳାଚଳ ପୁଣି ଥରେ ଆରମ୍ଭ ହୋଇଛି । ଗତ ୧୩ ତାରିଖରେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଏକ ଦେଶୀ ମୋଟର ଲଞ୍ଚ ଇଞ୍ଜିନ ଅଚଳ ହୋଇଯାଇଥିଲା । ନାଉରିଆ ବହୁ କଷ୍ଟରେ ଡଙ୍ଗାକୁ ନେଇ ଏକ ଟାପୁରେ ଲଗାଇଥିଲେ। ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଜିଲା ପ୍ରଶାସନ ଖବର ପାଇ ବର୍ଷାର ପ୍ରଭାବ ଓ ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ଡଙ୍ଗା ଚଳାଚଳକୁ ବନ୍ଦ କରିବା ସହ ଡଙ୍ଗାକୁ ଜବତ କରିବା ପାଇଁ ଥୁଆମୂଳ ରାମପୁର ତହସିଲଦାର ବିନୟ କୁମାର ଭୋଇଙ୍କୁ ଉକ୍ତ ଘଟଣାର ଦତନ୍ତ ନିର୍ଦ୍ଦେଶ ଦେଇଥିଲେ । ସେହିଦିନଠାରୁ ଡଙ୍ଗା ଚଳାଚଳ ବନ୍ଦ ରହିଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଭୋଇଙ୍କ ସମେତ ଅଗ୍ନିଶମ ବିଭାଗ ବନମାଳୀ ପୂଝାରୀ, ସୁନୀଲ ବେହେରା, ମହେଶ୍ୱର ବେହେରା ପ୍ରମୁଖ ଡଙ୍ଗାର ସ୍ଥିତି ସମେତ ଡଙ୍ଗାରେ ସଂଯୋଗ ହେଉଥିବା ମୋଟର ଯାନ୍ତ୍ରୀକ ସ୍ଥିତି ତନଖି କରିଥିଲେ । ପରେ ଡଙ୍ଗା ଚଳାଚଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଜିଲାପାଳଙ୍କ ଅଫିସ ଆଗରେ ଆଞ୍ଚଳିକ ଗ୍ରାମସଭାର ଧାରଣା
# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଆଞ୍ଚଳିକ ଗ୍ରାମସଭା**

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ବୁଧବାର କାନାବାଡା ବାକାବାଡା ଆଞ୍ଚଳିକ ଗ୍ରାମସଭା ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁସାରେ ଟ୍ରାନଜିଟ ପରମିଟ ବହିକୁ ବନ ବିଭାଗ ବେଆଇନ ଭାବେ କରୁଥିବା ଅବଧି ବୃଦ୍ଧିର ପରମ୍ପରାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ, ପରମିଟ ଅବଧି ବୃଦ୍ଧି ବାହାନାରେ ଡିଏଫଓଙ୍କ ବେଆଇନ ହସ୍ତକ୍ଷେପକୁ ବିରୋଧ, ଗୁଣ୍ଡିରୁପି ଓ ବକସଣ୍ଡି ଗ୍ରାମସଭାକୁ ବନ ବିଭାଗ ଟ୍ରାନଜିଟ ପରମିଟ ବହି ତୁରନ୍ତ ଫେରସ୍ତ କରିବା, ଗ୍ରାମସଭାର ମାଲିକାନାରେ ଥିବା ପ୍ରାବଧାନକୁ ବନ ବିଭାଗ ପକ୍ଷରୁ ବେଆଇନ ହସ୍ତକ୍ଷେପ, ସଂଗୃହୀତ ଲଘୁ ବନଜାତ ଦବ୍ୟ ବାଉଁଶର କ୍ଷତିପୂରଣ ଗ୍ରାମସଭାକୁ ପ୍ରଦାନ କରିବା, ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜୀବନ ଜୀବିକାରେ ବାଧା ସୃଷ୍ଟି କରିବା ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଧାରଣା ଦିଆଯାଇଥିଲା। ଧାରଣାରେ ମହାସଂଘ ସଭାପତି ସୁମିତ୍ରା ମାଝି, ସମ୍ପାଦକ ଅମର କୁମାର ପାତ୍ର, ଉପସଭାପତି ସାନ ମାଝି, ସଭ୍ୟ ତ୍ରିନାଥ ପାତ୍ର, କରୁଣା ଛତ୍ରିଆ, ବ୍ୟାସଦେବ ମାଝି, ସୁବଳ ମାଝି, ନିରାକାର ମାଝି, ବକ୍ତ ମାଝି, ତୁଳସୀ ମାଝି, ତ୍ରିନାଥ ମାଝିଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।




ବିଭିନ୍ନ ଦାବି ନେଇ ଆଞ୍ଚଳିକ ଗ୍ରାମସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ସପ୍ତପୁରୀ ଅମାବାସ୍ୟା
# ବଜାରରେ ଏବେ ହାତୀ, ଘୋଡ଼ାର ପସରା

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)**

ଶୁକ୍ରବାର ସପ୍ତପୁରୀ ଅମାବାସ୍ୟା (ପୂରା ଉଆଁସ) । ପଶ୍ଚିମ ଓଡିଶାର ଗାଁ ଗାଁରେ ପାଳିତ ହେବ ପାରମ୍ପରିକ ପୂରା ଉଆଁସ ପର୍ବ । ଏହି ପରିପ୍ରେକ୍ଷୀରେ ଗତ ୩ରୁ ୪ ଦିନ ହେଲା ଭବାନୀପାଟଣା ଦୈନିକ ବଜାର ସମେତ ସ୍ଥାନୀୟ ବିଭିନ୍ନ ସ୍ଥାନରେ ବାଉଁଶ ତିଆରି ଟୋକେଇ ଓ ଛୋଟ କୁଲା ତଥା କାଠ ଓ ମୋଟି ତିଆରି ଘୋଡା, ହାତୀ, ବଦଳ ଓ ହନୁମାନ ଆଦିର ପସରା ଜମିବାରେ ଲାଗିଛି। ଭବାନୀପାଟଣା ଦୈନିକ ବଜାରଠାରେ କାଠଘୋଡା ଗୋଟିକୁ ୧୫୦ ରୁ ୪୦୦ ଯାଏ ଦରରେ ବିକ୍ରି ହେଉଥିବାବେଳେ ଚାଘିଁରି ଗୋଟିକୁ ୫୦, କୁଲେଇ ୧୦୦, ମାଟିର ହନୁମାନ ୩୦, କୁଁଢିକାଁଚି ସେଟ୍ ୩୦, ଚଣା ପ୍ୟାକେଟ (ବଟରଲା, ତିଆସି, ହୁରମ, ଲାଲ ତିଆସି, ଧଳା ତିଆସି ଆଦି) ୧୦ ଟଙ୍କା ଦରରେ ବିକ୍ରି ହେଉଥିବା ଜଣାଯାଇଛି । ଏହି ସମୟରେ ଗତ ୧୨ ବର୍ଷ ଧରି ଢେଙ୍କାନାଳ ଅଞ୍ଚଳରୁ ଏଠାକୁ ହାତୀ, ଘୋଡା ଆଦି ବିକ୍ରି କରିବାକୁ ଆସୁଥିବା ଜଣେ କାରିଗର ଶରତ ମହାରଣା ଏଥର ବି ତାଙ୍କ ପସରା ଧରି ଆସିଛନ୍ତି । କଳାହାଣ୍ଡି ଜିଲା ଭବାନୀପାଟଣାର ଅନ୍ୟ ଜଣେ କାରିଗର ମଧ୍ୟ ରାଜେଶ ମହାରଣା ମଧ୍ୟ ବିକ୍ରି ପାଇଁ ତାଙ୍କ ସାମଗ୍ରୀ ଆଣିଛନ୍ତି । ଭବାନୀପାଟଣା କାରିଗର ଶରତଙ୍କ କହିବାନୁସାରେ ଫିନିସିଂ ଓ ଉଚ୍ଚ ମାନର କାରିଗରୀ ଥିବ ହାତୀ, ଘୋଡା ୨୫୦ ରୁ ୫୦୦ ଟଙ୍କା ଯାଏ ଦରରେ ବିକ୍ରି ହେଉଥିବା ବେଳେ ଛୋଟ ଆକାରର ହାତୀ, ଘୋଡା ୧୫୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଭବାନୀପାଟଣା ବ୍ଲକ ଜଣେ କାରିଗର ସନତ ମହାରଣାଙ୍କ କହିବାନୁସାରେ ଗୋଟି ବେଳାରେ ଗୋଟିଏ ହାତୀ କି ଘୋଡା ତିଆରି ହୋଇପାରୁଛି । ବଜାରକୁ ନେଇ ବିକ୍ରି କଲେ ଗୋଟିକୁ ୫୦ ରୁ ୧୦୦ ଯାଏ ଲାଭା ମିଳି ପାରୁଛି । କେତେକାଂଶରେ ଘରକରଣା କଳା ଶିକ୍ଷା ସହ ଜଡିତ। ଏହି ପର୍ବ ପାଳନ ଅବସରରେ ଛୋଟ ଛୋଟ ବାଳିକାମାନେ ଗାଁ ଦାଣ୍ଡରେ ଅସ୍ଥାୟୀ ମାଟି ଘର ତିଆରି ପୂର୍ବକ ଟୋକେଇ, କୁଲା ଓ ମାଟିର କୁଢିଁକାଚି ଆଦି ସାମଗ୍ରୀ ନେଇ ରନ୍ଧାବଢାର ଖେଳ ଖେଳିଥାନ୍ତି । ଛୋଟଛୋଟ ବାଳକମାନେ କାଠ ତଥା ମାଟି ତିଆରି ଚକଲଗା ଘୋଡା, ହାତୀ, ହନୁମାନ ଓ ବଦଳକୁ ଫୁଲମାଳରେ ସଜ୍ଜିତ କରି ଗାଁଦାଣ୍ଡରେ ଟାଣିଥାନ୍ତି। ଏହି ଅବସରରେ ବାଳିକାମାନେ ଉକ୍ତ ଘୋଡା, ବଳଦମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ବାଳକମାନଙ୍କୁ ରାଶିଲଡୁ, ଲିଆଲଡୁ, ହୁର୍‌ମ ଲଡୁ ତଥା ଖୁଡିଆ, ତିଆସି, ବଟର୍‌ଲା, କାନ୍ଦୁଳ ଓ ମୁଗ୍‌ଫଲି ଆଦି ବିଭିନ୍ନ ଭଜାଚଣା ଖାଇବାକୁ ମଧ୍ୟ ଦେଇଥାନ୍ତି । ଏହି ଅବସରରେ ବାଳକବାଳିକାମାନେ ଗାଁ ପାଖ ପଡିଆକୁ ଯାଇ ବହୁଡୁଡୁ ଓ ଛିଲୋଲାଇ ଆଦି ପାରମ୍ପାରିକ ଗ୍ରାମୀଣ ଖେଳର ମଜା ନେଇଥାନ୍ତି ।



ପୂରା ଉଆଁସ ଉପଲକ୍ଷେ ବଜାରରେ କାଠରେ ନିର୍ମିତ ହାତୀ, ଘୋଡାର ପସରା ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ନିଶା ନିବାରଣ ସମ୍ପର୍କିତ ସଚେତନତା

**ରାଉରକେଲା ଅଫିସ,୨୯।୮:** ବୁଧବାର ସ୍ଥାନୀୟ ଡେଭଲପ୍‌ଡ ଏରିଆ ନୋଡାଲ ହାଇସ୍କୁଲ ପରିସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ ସଂସ୍ଥା ମୁଖ୍ୟ ବି.କେ. ରାଜୀବ ଯୋଗଦେଇ ଛାତ୍ରୀଛାତ୍ର କୁସଙ୍ଗରେ ପଡ଼ି ବିଭିନ୍ନ ନିଶା ବ୍ୟବହାର କରୁଥିବା ମତ ପ୍ରକାଶ କରିଥିଲେ। ଏହାର ସମାଧାନ ପାଇଁ ଶିକ୍ଷକ ତଥା ଅଭିଭାବକମାନେ ସେମାନଙ୍କୁ ଠିକ୍ ଢଙ୍ଗରେ ବୁଝାଇବା ଆବଶ୍ୟକ ବୋଲି କହିଥିଲେ। ନିଶା ଯୋଗୁ ଯକ୍ଷ୍ମା, କର୍କଟ, ସ୍ନାୟୁ ଜନିତ ରୋଗରେ ଯୁବପିଢ଼ି କିପରି ଶିକାର ହେଉଛନ୍ତି ତାହା ବୁଝାଇଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ର ନିଶା କବଳରୁ ଦୂରେଇ ରହିବା ପାଇଁ ଶପଥ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଅଧିକାରୀ ଉମେଶ ବେହେରା ଯୋଗଦେଇ ନିଶା ସେବନର କୁଫଳ ଉପରେ ମତ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ଶତପଥୀ, ଗୀତାଞ୍ଜଳି ପାତ୍ର, ସରିତା ଦାସ, ଲକ୍ଷ୍ମୀଧର ପତି, ସୁମନ୍ତ ଦାସ, ସନ୍ତୋଷ ପ୍ରଧାନ ଓ ଦାସରଥି ମହଲା ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ ପଡ଼ିଛି ପୁରାତନ ହାଇସ୍କୁଲ

**ରାଉରକେଲା ଅଫିସ,୨୯।୮**

ସେକ୍ଟର-୨୨ ଫର୍ଟିଲାଇଜର ଇସ୍ପାତ ହାଇସ୍କୁଲ ବନ୍ଦ ପଡ଼ିଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି ସ୍କୁଲର ୧୯୯୬ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର। ଏ ନେଇ ସେମାନେ ଆର୍‌ଏସ୍‌ପି ସିଇଓଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍ ୟେଦୁଲା ବିଜୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏହି ସ୍କୁଲ ବନ୍ଦ କରିଦେବା ଯୋଗୁ ଏଠାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସେକ୍ଟର-୨୨ରେ ବହୁ ସଂଖ୍ୟକ ଆର୍‌ଏସ୍‌ପି କର୍ମଚାରୀ ରହୁଛନ୍ତି। ଏମାନଙ୍କ ପିଲାମାନେ ଓଡ଼ିଆ ପଢ଼ିବାକୁ ଏବେ ଘରୋଇ ହାଇସ୍କୁଲ ଉପରେ ନିର୍ଭର କରୁଛନ୍ତି। ଆଉ କେତେଜଣ ବାଧ ହୋଇ ଇଂଲିଶ ମିଡିୟମ ସ୍କୁଲ ଯାଉଛନ୍ତି। କେଉଁ ପରିପ୍ରେକ୍ଷୀରେ ଏକ ପ୍ରତିଷ୍ଠିତ ତଥା ପୁରାତନ ହାଇସ୍କୁଲକୁ ବନ୍ଦ କରିଦିଆଗଲା ସେ ନେଇ ତଦନ୍ତ ହେବା ଆବଶ୍ୟକ। ଫର୍ଟିଲାଇଜର ଇସ୍ପାତ ହାଇସ୍କୁଲ ୧୯୬୭ରେ ପ୍ରତିଷ୍ଠା କରାଯାଇଥିଲା। କର୍ମଚାରୀଙ୍କ ପିଲା କିପରି ଓଡ଼ିଆ ମାଧ୍ୟମ ହାଇସ୍କୁଲରେ ପାଠପଢ଼ି ଶିକ୍ଷିତ ହେବେ ସେ ନେଇ ସମସ୍ତ ପ୍ରଚେଷ୍ଟା କରାଯାଇଥିଲା। ଏହି ହଇସ୍କୁଲରେ ଦିନେ ସହସ୍ରାଧିକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଛାତ୍ରୀଛାତ୍ର ଆଜି ସର୍ବଭାରତୀୟ ସ୍ତରରେ ବେଶ୍ ପ୍ରତିଷ୍ଠିତ। ଦେଖାଶୁଣା ଅଭାବରୁ ପରବର୍ତ୍ତୀ ସମୟରେ ପିଲା ସଂଖ୍ୟା କମିଲା। ଏ ନେଇ କର୍ତ୍ତୃପକ୍ଷ ଧ୍ୟାନ ଦେଲେନି। ସମୟ କ୍ରମେ ଆର୍‌ଏସ୍‌ପି ଏହାକୁ ବନ୍ଦ କରିଦେଲା। ଏବେ କୋଟି କୋଟି ଟଙ୍କାର ସମ୍ପତ୍ତି ଖତ ଖାଉଛି। କ୍ୟାମ୍ପସରେ ମଇଁଷି ବନ୍ଧା ହେଉଛନ୍ତି।



ଫର୍ଟିଲାଇଜର ସ୍କୁଲ ବନ୍ଦ ନେଇ ପୁରାତନ ଛାତ୍ରୀଛାତ୍ର ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

### ଆରଏସପି ସିଇଓଙ୍କ ଦୃଷ୍ଟି ଆକର୍ଷଣ

ଦିନେ ଏହି ବିଦ୍ୟାଳୟ ରାଜ୍ୟରେ ସୁନାମ ଆଣିଥିବା ବେଳେ ଏବେ ଭୂତକୋଠି ପ୍ରାୟ ପଡ଼ିରହିଛି। ସ୍ଥିତି ଅନୁଧ୍ୟାନ କରିବା ପରେ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ପୁନରୁଦ୍ଧାର ସପକ୍ଷରେ ମତ ଦେଇଛନ୍ତି। ୨୦୧୨ରୁ ବନ୍ଦ ପଡ଼ିଥିବା ଏହି ବିଦ୍ୟାଳୟ କୋଠା ସମେତ କବାଟ, ଝରକା ଓ ଖେଳପଡ଼ିଆ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି। ପଡ଼ିଆ ଦିନକୁ ଦିନ ସଙ୍କୁଚିତ ହେବା ସହ ଜବରଦଖଲକାରୀଙ୍କ ଅକ୍ତିଆରକୁ ଚାଲିଯାଉଛି। କବାଟ ଝରକା, ଗ୍ରୀଲ ଚୋରି ହେବାରେ ଲାଗିଛି। ଏହି ଖ୍ୟାତିସମ୍ପନ୍ନ ହାଇସ୍କୁଲ ଖୋଲାଯିବା ନେଇ କର୍ତ୍ତୃପକ୍ଷ ବିଚାର କରିବେ ବୋଲି ପୁରାତନ ଛାତ୍ରୀଛାତ୍ର ଆଶା ବ୍ୟକ୍ତ କରିଛନ୍ତି।

# ବୈଜ୍ଞାନିକ ମନୋଭାବ ଦିବସ ପାଳିତ

**ରାଉରକେଲା ଅଫିସ,୨୯।୮**

ବୈଜ୍ଞାନିକ ବିକାଶ ନିମିତ୍ତ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜଗଦାଠାରେ ବୈଜ୍ଞାନିକ ମନୋଭାବ ଦିବସ ପାଳନ କରାଯାଇଛି। ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ଆଶ୍ରମ ଛାତ୍ରୀଛାତ୍ର ଓ ଅତିଥିମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଓ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ଡ. ନରେନ୍ଦ୍ର ଡାଭୋଲକରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସକୁ ଜାତୀୟ ବୈଜ୍ଞାନିକ ଦିବସ ରୂପେ ପାଳନ କରାଯାଉଛି ବୋଲି ସଙ୍ଗଠନର ଡ. ଶଶିକାନ୍ତ ଆଚାର୍ଯ୍ୟ କହିଥିଲେ। ଡାଭୋଲକର ମହାରାଷ୍ଟ୍ରରେ 'ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତି' ଗଠନ କରି ଅନ୍ଧବିଶ୍ୱାସ ବିରୋଧରେ ଲୋକଙ୍କୁ ସଚେତନ କରୁଥିଲେ। ତାଙ୍କର ଏହି ମନୋଭାବ ଯୋଗୁ ଦୁଇଜଣ ଆତତାୟୀ ୨୦୧୩ ଅଗଷ୍ଟ ୨୦ରେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ ବୋଲି ଆଚାର୍ଯ୍ୟ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଗନ ବିହାରୀ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ମନୋଭାବ ବିକାଶ କରାଇବା ଦ୍ୱାରା ଧର୍ମ ବ୍ୟବସାୟୀମାନଙ୍କ ବ୍ୟବସାୟରେ ବାଧା ସୃଷ୍ଟି ହେଉଥିବା କହିଥିଲେ। ଫଳରେ ସାମାଜିକ କର୍ମୀ ଗୌରୀ ଲଙ୍କେଶ, କୁଲବର୍ଗି ଓ ଗୋବିନ୍ଦ ପାନେସରଙ୍କୁ ଆତତାୟୀମାନେ ଗୁଳିକରି ହତ୍ୟା କରିଛନ୍ତି ବୋଲି ମୁଖ୍ୟଅତିଥି ଧଳ କହିଥିଲେ। ହେମନ୍ତା ତାଣ୍ଡିଆ ଧନ୍ୟବାଦ ଦେଇଥିଲେ।




ଜଗଦାଠାରେ ଆୟୋଜିତ ବୈଜ୍ଞାନିକ ଦିବସ ପାଳନ ଅବସରରେ ଶୋଭାଯାତ୍ରା।




ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘ ପକ୍ଷରୁ ୩ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ୩ ଦିନିଆ କୋର୍ଟ ବର୍ଜନ

**ରାଉରକେଲା ଅଫିସ,୨୯।୮**

ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ମାସାଧିକ ହେବ ରାଉରକେଲା କୋର୍ଟ ଅଚଳ ହୋଇ ପଡ଼ିଥିବା ବେଳେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ୩ ଦିନିଆ କୋର୍ଟ ବର୍ଜନ ଗୁରୁବାରଠାରୁ ଆରମ୍ଭ ହୋଇଛି। ସମସ୍ତ ଆଇନଜୀବୀ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ପିକେଟିଂ କରିଥିଲେ। ଏଣୁ କୋର୍ଟ ପରିସରକୁ କେହି ଜୁଡିସିଆଲ ଅଫିସର କିମ୍ବା କର୍ମଚାରୀ ପ୍ରବେଶ କରି ନ ପାରି ଫେରିବାକୁ ବାଧ୍ୟ ହୋଇଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୨ବର୍ଷ ହେବ ରାଉରକେଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ସହରବାସୀଙ୍କ ସମର୍ଥନରେ ଓକିଲ ସଂଘ ଆନ୍ଦୋଳନ ଚଳାଇ ଆସୁଛି। ଯଶୋବନ୍ତ ସିଂ କମିଶନ ଆଧାରରେ ଜଷ୍ଟିସ ପାଲଙ୍କ ରିପୋର୍ଟକୁ ବିଚାରକୁ ନେଇ ହାଇକୋର୍ଟ ବେଞ୍ଚ ସ୍ଥାପନ ହୋଇପାରିବ। ଏ ନେଇ ଜାଗା ଚିହ୍ନଟ କରାଯାଇପାରିବ ବୋଲି ଓକିଲ ସଂଘ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ଅନ୍ଦୋଳନକୁ ବୀରମିତ୍ରପୁର କୋର୍ଟର ଓକିଲମାନେ ସମର୍ଥନ ଜଣାଇଥିବା ସଂଘ ସାଧାରଣ ସମ୍ପାଦକ ଏସ୍.ଏସ୍.କେ. ବାର୍ଲା ପ୍ରକାଶ କରିଛନ୍ତି।

# ରେଲୱେ ଏସ୍‌ପି ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୨୯।୮**

କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟ ପରାୟଣତା ଓ ଜଣେ ସଂସ୍କୃତି ପ୍ରେମୀ ଭାବେ ରାଉରକେଲାରେ ଅବସ୍ଥାପିତ ରେଲୱେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁଙ୍କୁ ଶ୍ରୀକୃଷ୍ଣ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଖୁବ୍ କମ ଦିନ ମଧ୍ୟରେ ସ୍ୱାଇଁ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ସହ ଅସାମାଜିକ କାର୍ଯ୍ୟକଳାପ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା କହିଛନ୍ତି ସଂଗଠନ କର୍ମକର୍ତ୍ତା। ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଗଠନ ସଭାପତି ପ୍ରତାପ ବିଶ୍ୱାଳ, ଚନ୍ଦ୍ରମଣି ମାଝି, କୁଞ୍ଜବିହାରୀ ରାଉତ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗାୟତ୍ରୀ ପରିବାର ପକ୍ଷରୁ ସମ୍ମିଳନୀ




ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଜେନ୍‌ସ୍ତରୀୟ ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ରାଉରକେଲା ଅଫିସ,୨୯।୮**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ରାଉରକେଲା ଉପ ଜୋନ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲାର ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଦକ୍ଷିଣ-ପୂର୍ବ ଜୋନ୍ ପ୍ରଭାରୀ ଅରୁଣ ଖଣ୍ଡାଚୋ, ଉପପ୍ରଭାରୀ ଶେଷଦେବ ବଡ଼ାଇକ, ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ବାଳକୃଷ୍ଣ ପଣ୍ଡା ଓ ଚିଚ୍ଛିତ୍ରାନନ୍ଦ ସାହୁ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଭାରୀ ଖଣ୍ଡାଚୋ ବକ୍ତବ୍ୟ ରଖି କହିଥିଲେ, ଗାୟତ୍ରୀ ପରିବାରର ନୀତି ଆଦର୍ଶକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ ଜାରି ରହିଛି। ଏଥିରେ ବହୁ ସମର୍ପିତ ଅନୁଗାମୀ କାର୍ଯ୍ୟ ତୁଲାଉଛନ୍ତି। ସମସ୍ତେ ମିଳିମିଶି ନିଜ କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଗାୟତ୍ରୀ ମନ୍ତ୍ରର ଅପାର ମହିମା ପୁରପଲ୍ଲୀରେ ପହଞ୍ଚିବା ଆବଶ୍ୟକ। ଏକ ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଢ଼ିବାରେ ସମସ୍ତେ ଭାଗିଦାର ହେବା ଆବଶ୍ୟକ। ଗାୟତ୍ରୀ ଯଜ୍ଞ ବଳରେ ପରିବେଶ ଶୁଦ୍ଧୀକରଣ ନେଇ ଜାରି ରହିଥିବା ଅଭିଯାନ ସଫଳ ହେବ ବୋଲି ଖଣ୍ଡାଚୋ ଆଶା ବ୍ୟକ୍ତ କରିଥିଲେ। ଦେଶର ଯେତେ ସ୍ଥାନରେ ଗାୟତ୍ରୀ ଶକ୍ତୀପୀଠ, ପ୍ରଜ୍ଞାପୀଠ ରହିଛି ତହା କେବଳ ପୂଜାସ୍ଥଳ ନୁହେଁ। ଏହା ସମାଜ ସୁଧାର ପାଇଁ କାମ କରୁଛି। ଭଲ ମଣିଷ ଗଢ଼ି ତୋଳିବାରେ ଏହି ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶତ ସୂତ୍ରୀ ଓ ସପ୍ତ ସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟାବରଣ, ସୁରକ୍ଷା, ନିଶାମୁକ୍ତି, କୁପ୍ରଥା ଓ କୁରୀତି ଉନ୍ମୁଳନ, ନାରୀ ଜାଗରଣ, ସାଧନା, ଚାରାରୋପଣ ଆଦି ଜନମଙ୍ଗଳ କାର୍ଯ୍ୟକୁ ଆନ୍ଦୋଳନରେ ପରିଣତ କରିବାକୁ ଏଥିରେ ମତ ପ୍ରାକାଶ ପାଇଥିଲା। ଅସାଧୁ ଉପାୟରେ ବଡ଼ ହେବାକୁ ବ୍ୟକ୍ତିଗତ ତୃଷ୍ଣା, ବାସନା, ସଙ୍କୀର୍ଣ୍ଣତା ସ୍ୱାର୍ଥପରତା, କର୍ମ ବୈରାଗ୍ୟ ଭାବ, ଭ୍ରଷ୍ଟାଚାର ଓ ଅଜ୍ଞାନ ରୂପକ ଅନ୍ଧାର ଦୂରେଇବାରେ ସମସ୍ତେ ଆଗକୁ ଆସିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ସମସ୍ତ କୁଅଭ୍ୟାସ ପରିତ୍ୟାଗ କରି ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ଗଠନ ଦିଗରେ ବ୍ରତୀ ହେବାକୁ ଅତିଥି ପରାମର୍ଶ ଦେଇଥିଲେ।

# ତମାଖୁମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା ଅଫିସ, ୨୯।୮**

ରାଉରକେଲା ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ତମାଖୁ ଓ ନିଶାଦ୍ରବ୍ୟମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମାକୁମାର ବି.କେ. ରାଜୀବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ତମାଖୁ ଓ ନିଶାଦ୍ରବ୍ୟ ବର୍ଜନ କରିବା ଏକାନ୍ତ ଜରୁରୀ ବୋଲି କହିଥିଲେ।




ଗାନ୍ଧୀ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅଧ୍ୟାପିକା ଓ ଅଧ୍ୟାପକ।

ତମାଖୁର ଭୟାବହତା ଅପକାରିତା ଓ ଏଥିରୁ କିପରୁ ମୁକ୍ତି ମିଳିବ ସେ ସମ୍ପର୍କରେ ଏକ ଭିଡିଓ ପ୍ରଦର୍ଶନ କରି ସୂଚନା ପ୍ରଦାନ କରିବା ସହ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅକ୍ଷୟ ସାମଲ ଓ ଉମେଶ କୁମାର ଯୋଗଦେଇ ସୁଷମ ଖାଦ୍ୟ, ଦୈନନ୍ଦିନ ବ୍ୟାୟାମ ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ପଡୁଥିବା ତମାଖୁର ନକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ତମାଖୁ ଓ ନିଶାଦ୍ରବ୍ୟ ପରିତ୍ୟାଗ ପାଇଁ ସେ ପରାମର୍ଶ ଦେଇଥିଲେ। ଲଳିତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ମହୋତ୍ସବ

**ବାଲିଶଙ୍କରା, ୨୯।୮ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସ୍ତରୀୟ ଶାରଦୀୟ କ୍ରୀଡା ମହୋତ୍ସବ ଦୁଇ ଦିନ ଧରି ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ଖେଳ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ଅନ୍ୟ ମାନଙ୍କ ସହିତ ନୂତନ ସମ୍ପର୍କ ସ୍ଥାପନ ହୋଇଥାଏ ବୋଲି ସେ କହିଥିଲେ। ଶେଷ ଦିବସରେ ବାଲିଶଙ୍କରା ବ୍ଲକ ଶିକ୍ଷା ଅଧିକାରୀ ସମାରୀ କୁଜୁର ଯୋଗଦେଇ ଉଦ୍‌ଯାପନ କରିଥିଲେ। ପାଠ ପଢ଼ିବା ସହିତ ଖେଳ ଖେଳିବା ନିହାତି ଆବଶ୍ୟକ। ଭଲ ଖେଳ ଖେଳି ମଧ୍ୟ ଜଣେ ନିଜ କ୍ୟାରିୟର ଗଠନ କରିପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମେରି ସାଜଦା ଖାଲଖୋ, ସୁଗ୍ରୀବ ବାଘ, ବିଜୟ କୁମାର ନାଏକ, ଖ୍ରୀଷ୍ଟୋଫର୍ ବାଆ, ପ୍ରଦୀପ କୁମାର ରାମ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଖେଳରେ ୧୩ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ । ବାଲିଶଙ୍କରା, ବନ୍ଦବାହାଲ, କୁଲମଣି କିଞ୍ଜିରକେଲା, ଶିକାଯୋର, ଖମପୁର, ଚୌକନପାଲି, ତୁମୁଲିଆ, ତଳସରା, ତିଳିଆ, ତିଳାଇକାନୀ, ରାଉଳଡେଗା ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସୁରେନ୍ଦ୍ର କୁମାର ନାଏକ, ଅର୍ଚ୍ଚନା ସେନାପତି, କିଶୋର କୁମାର ସା, ସରୋଜିନୀ ପଟେଲ, ମନୋଜ କୁମାର ଏକ୍କା, ରାଧେ ବାଘ, ଫୋଳିତା ଏକ୍କା, ନବୀନ ଦାନୀ। ଏହି କ୍ରୀଡା ମହୋତ୍ସବରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ଖେଳି ପାରିବେ।



ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ଅତିଥି।

# କୁନ୍ତଳା କୁମାରୀ ସାବତଙ୍କ ତିରୋଧାନ ଦିବସ

**ରାଉରକେଲା ଅଫିସ,୨୯।୮**

ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ସେକ୍ଟର-୧୬ ହାଇସ୍କୁଲ ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ବୁଧବାର ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ସ୍ୱରୂପ ମହାପାତ୍ର ମୁଖ୍ୟଅତିଥି, ଖବରଦାତା ସଂଘ ଉପସଭାପତି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଓ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୁନ୍ତଳା କୁମାରୀ ଓଡ଼ିଆ ସାହିତ୍ୟ ଜଗତର ଜଣେ ଅନନ୍ୟା ଓ ଅଦ୍ୱିତୀୟ ନାରୀ ପ୍ରତିଭା ଥିଲେ। ମାତ୍ର ୩୮ ବର୍ଷର ଜୀବନକାଳ ମଧ୍ୟରେ ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ମୁଖ୍ୟଅତିଥି କବି ମହାପାତ୍ର କହିଥିଲେ। କୁନ୍ତଳା କୁମାରୀ କବିତା ଓ ଉପନ୍ୟାସ ମାଧ୍ୟମରେ ଅସହାୟ ମହିଳାମାନଙ୍କ ଆର୍ଥିକ, ଶୈକ୍ଷିକ ଓ ଚେତନାଗତ ବିକାଶକୁ ନେଇ ପ୍ରଶ୍ନ ଉଠାଇବା ସହ ଏହାର ସମାଧାନର ପନ୍ଥା ମଧ୍ୟ ଲେଖନୀ ଜରିଆରେ ବାହାର କରିଛନ୍ତି ବୋଲି ସମ୍ମାନିତ ଅତିଥି ରାଉତ ମତ ପ୍ରକାଶ କରିଥିଲେ। ଏହାସହ ପ୍ରଥମ ଓଡ଼ିଆ ମହିଳା ଡାକ୍ତର ଭାବେ ସେ ସେବା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଛାତ୍ରୀ ତନୁଶ୍ରୀ ଲେଭ୍‌କା, ମାନୀ ମଣ୍ଡଳ, ମମତା ଭୂମିଜ ପ୍ରମୁଖ କୁନ୍ତଳାକୁମାରୀଙ୍କ ଜୀବନୀ ଓ କବିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଠିକ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପଟେଲ, ଶାଶ୍ୱତୀ ପଣ୍ଡା, ରୋଜାଲିନ ଦାସ, ପ୍ରଶାନ୍ତ ପଣ୍ଡା, ଗୀତାରାଣୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୀନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




କୁନ୍ତଳା କୁମାରୀଙ୍କ ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



**ସଂକ୍ଷେପରେ**

## ରାସ୍ତା ନିର୍ମାଣକୁ ନେଇ ଯାନବାହନ ଚଳାଚଳ କଟକଣା

ବଣାଇ, ୨୯।୮(ସ୍ୱ.ପ୍ର.): ବଣାଇ ଉପଖଣ୍ଡର କୋଇଡା ଅଞ୍ଚଳକୁ ସଂଯୋଗ କରୁଥିବା ଦୁଇଗୋଟି ରାସ୍ତା ୨୧୫/୫୨୦ ଜାତୀୟ ରାଜପଥ ଏବଂ କଲେଇପୋଷ-କୋଇଡା ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜିଲାପାଳ ଉଭୟ ରାଜ୍ୟରାଜପଥ ଓ ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରିକରି ଏକମାସ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ରୋକ ଲଗାଇଥିଲେ। ଏହି କଥାକୁ ବିରୋଧ କରି ଟ୍ରକମାଲିକମାନେ ଉପଜିଲାପାଳଙ୍କୁ କିଛି କୋହଳ କରିବା ପାଇଁ ନିବେଦନ ଚାପ ସୃଷ୍ଟି କରିଥିଲେ। ଏହାକୁ ନେଇ ଉପଜିଲାପାଳ ପୁନଃ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଏହି ରାସ୍ତା ଗୁଡିକରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରିବା ଉପରେ ଦର୍ଶାଇ କେବଳ ୧୬ ଚକା ବା ତଦୁର୍ଦ୍ଧ ଭାରିଯାନ ଚାଲିପାରିବ ନାହିଁ ବୋଲି ରୋକ ଲଗାଇଥିବା ଆଦେଶରେ ଉଲ୍ଲେଖ କରିଛନ୍ତି। ତେବେ ୬ ଚକିଆ, ୧୦ ଚକିଆ, ୧୨ ଚକିଆ ଏବଂ ୧୪ ଚକିଆ ଯେଉଁମାନେ ରାସ୍ତା ଜାମ କରିବାର ମାଧ୍ୟମ ସାଜିଛନ୍ତି ତାଙ୍କୁ ପୁନଃ ଚାଲିବା ନିମନ୍ତେ କଟକଣା ନ ଲଗାଇ କୋହଳ କରିବା କେତେ ସମିଚୀନ ଏବଂ କାହାସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣ ଜନତା ପ୍ରଶ୍ନ କରିଛନ୍ତି।





ମାଧ ବାଗଙ୍କ ଘରକୁ ହାତୀ ଭାଙ୍ଗିଦେଇଛି । (ବାମ) ଏକମା ହାଇସ୍କୁଲ ପାଚେରି ଭାଙ୍ଗିଛି।

# ଥମୁନି ଦନ୍ତାହାତୀ ଉପଦ୍ରବ

ବଡ଼ଗାଁ, ୨୯।୮ (ଡି.ଏନ.ଏ)

**ବଡ଼ଗାଁ ବ୍ଲକ**
- ଦୁଇ ସ୍କୁଲ, ଦୁଇ ଘର ଭାଙ୍ଗିଲା ଦନ୍ତା
- ହାତୀ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ
- ଫସଲ ନଷ୍ଟ ସହ ଘର ଦ୍ୱାର ଭାଙ୍ଗୁଛି

ବଡ଼ଗାଁ ବନଖଣ୍ଡ ଅଧିନ ଜଙ୍ଗଲରେ ଥିବା ୧୬ଟି ହାତୀ ମଧ୍ୟରୁ ଗୋଠ ଛଡା ହୋଇଥିବା ଗୋଟିଏ ଦନ୍ତାହାତୀ ବିଭିନ୍ନ ସମୟରେ ଉପଦ୍ରବ କରୁଛି। ବଡ଼ଗାଁ ବ୍ଲକ ଅଞ୍ଚଳରେ ଦୀର୍ଘ ଦିନ ଧରି ଉପଦ୍ରବ ଚଳାଇଥିବାରୁ ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗୁଛି। ଧାନଚାଉଳ ଖାଇ ଯାଉଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପଞ୍ଚରା ଫରେଷ୍ଟ ବିଟ ଅଧିନ କଟଙ୍ଗଝରିଆ ଜଙ୍ଗଲରେ ରହୁଥିବା ଦନ୍ତାହାତୀ ବେଳେବେଳେ ଗରଗଡବାହାଲ, ମକୁନ୍ଦପୁର, ଏକମା ଆଦି ଅଞ୍ଚଳକୁ ଆସି ଘର ଭାଙ୍ଗି ଚାଉଳ ଖାଇବା ସହ ଫସଲ ନଷ୍ଟ କରୁଛି। ବୁଧବାର ରାତି ପ୍ରାୟ ୮ଟାରେ ଏକମା ଗୌଡପଡାରେ ପଶି ମାଧ ବାଗଙ୍କ ଘର ଭାଙ୍ଗି ଦେଇଥିଲା। ଲୋକେ ଘଉଡାଇବାରୁ କିଛି ଦୂର ଯାଇ ରାମ ମତାଙ୍କ ଘର କାନ୍ଥ ଭାଙ୍ଗି ଦେଲା ପରେ ଏକମା ହାଇସ୍କୁଲ ପଟକୁ ଚାଲିଯାଇଥିଲା। ବାଳିକା ହଷ୍ଟେଲ ପାର୍ଶ୍ୱ ପାଚେରିକୁ ଭାଙ୍ଗି ଟିମନା ଗାଁ ପଟକୁ ଗଲାବେଳେ ଗେଡୁବାହାଲ ପ୍ରାଥମିକ ସ୍କୁଲ କୋଠରୀର କବାଟ ଭାଙ୍ଗି ମଧାହ୍ନଭୋଜନ ଚାଉଳ ଖାଇଲା ପରେ କଟଙ୍ଗଝରିଆ ଜଙ୍ଗଲକୁ ଚାଲିଯାଇଥିଲା। କିଛି ଦିନ ପୂର୍ବେ ଏହି ଦନ୍ତା ଗରଗଡବହାଲ, କୁସୁମଗେଡିର ପାହାଡଟୋଲିରେ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଥିଲା। ବନବିଭାଗ ହାତୀକୁ ଏହି ଅଞ୍ଚଳରୁ ଘଉଡ଼ାଇ ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

# ବଣାଇରେ ସିରିଜ ଚୋରି ; ପୋଲିସକୁ ଚ୍ୟାଲେଞ୍ଜ

ବଣାଇ, ୨୯।୮(ସ୍ୱ.ପ୍ର.)

- ଲହୁଣୀପଡ଼ାରେ ଚୋରି ହେବାର ୨୪ଘଣ୍ଟା ନ ପୂରୁଣୁ ବଣାଇରେ ଚୋରି
- ସିସି କ୍ୟାମେରା ଭାଙ୍ଗିଲେ, ନିର୍ଭୟରେ ଚୋରିକରି ଚାଲିଗଲେ

ଲହୁଣୀପଡା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବର ୨୪ ଘଣ୍ଟା ନ ପୂରୁଣୁ ବଣାଇ ସହରରେ ଚୋରମାନେ ବୁଧବାର ପୁଣି ଲୁଟ କରିଛନ୍ତି। ପୋଲିସକୁ ଚ୍ୟାଲେଞ୍ଜ କରି ସିସି କ୍ୟାମେରା ଭାଙ୍ଗିବା ସହ ଯୋଜନାବଦ୍ଧ ଭାବେ ଚୋରି କରି ଫେରାର ହୋଇଯାଇଛନ୍ତି। ବୁଧବାର ରାତି ଚୋରମାନେ ବଣାଇ ସହରର ଦେଓଗାଁ ଏବଂ କନ୍ତଯୋଡି ଛକ ନିକଟରେ ଚୋରି କରିବାରେ ସଫଳ ହୋଇଥିବା ଦେଖାଦେଇଛି। କନ୍ତଯୋଡି ଠାରେ ଥିବା ଶିବଶଙ୍କର ଅମାତଙ୍କର ଏକ ରାସନ ଦୋକାନର ସମ୍ମୁଖରେ ଲାଗିଥିବା ଜାଲି କଟାଯାଇ ଦୋକାନରୁ କଳାକନା ବୁଲାଇ ଚୋରମାନେ ନଗଦ ୧୮ଶହ ୨୦ ଟଙ୍କା ଏବଂ ବିଭିନ୍ନ ରାସନ ସାମଗ୍ରୀ ସହ ଗୋଟିଏ ଟେବୁଲଫ୍ୟାନ୍ ଚୋରି କରି ନେଇଯାଇଥିଲେ। ଗୁରୁବାର ସକାଳେ ଦୋକାନ ମାଲିକ ଶିବଶଙ୍କର ଅମାତ ଘଟଣା ସମ୍ପର୍କରେ ଜାଣିବା ପରେ ବଣାଇ ପୋଲିସକୁ ଜଣାଇଥିଲେ। ସେହିଭଳି ଦେଓଗାଁ ଛକରେ ଥିବା ସୁଦର୍ଶନ ସାହୁଙ୍କ ହୋଲସେଲିଂ ରାଶନ ଦୋକାନର ତାଲାକୁ ଭାଙ୍ଗିବା ପାଇଁ ଉଦ୍ୟମ କରି ବିଫଳ ହେବାପରେ ଦୋକାନ ସମ୍ମୁଖରେ ଲାଗିଥିବା ସିସି କ୍ୟାମେରା ଏବଂ ଦେଓଗାଁ ମୁଖ୍ୟ ଛକଠାରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସିସି କ୍ୟାମେରା ଉଭୟକୁ ଚୋରମାନେ ଭାଙ୍ଗି ଦେଇଥିବା ଜଣାପଡିଛି। ପରେ ଦେଓଗାଁ ଛକରେ ଥିବା ଧନଞ୍ଜୟ ସାହୁଙ୍କ ପିକଅପ୍ ଭ୍ୟାନ ଓଡି୧୪ଏନ-୩୨୩୮ରୁ ଷ୍ଟେପନିକୁ ଚୋରି କରି ନେଇଥିବା ଜଣାପଡିଛି। ତେବେ ଏ ସଂକ୍ରାନ୍ତରେ ବଣାଇ ପୋଲିସକୁ ଯୋଗାଯୋଗ କରିବା ପରେ ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର ଅଦ୍ୟାବଧି କୌଣସି ସୁରାକ୍ ମିଳି ନ ଥିବା ପ୍ରକାଶ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟଯେ ଗତକିଛି ମାସହେବ ବଣାଇ ଉପଖଣ୍ଡର କୋଇଡା ଠାରୁ ଆରମ୍ଭ କରି ଗୁରୁଣ୍ଡିଆ ପର୍ଯ୍ୟନ୍ତ ସବୁ ଅଞ୍ଚଳରେ ମାତ୍ରାଧିକ ପରିମାଣରେ ଚୋରି ଘଟଣା ବୃଦ୍ଧି ପାଉଥିବା ନେଇ ବାରମ୍ବାର ଜନସାଧାରଣ ପୋଲିସକୁ ସୂଚନା ଦେଉଛନ୍ତି। ଛୋଟମୋଟ ଘଟଣା କାହିଁକି ଲୋକଲୋଚନକୁ ଆଣୁଛନ୍ତି କହି ପୋଲିସ ଚାପିଦେବା ଉଦ୍ୟମ କରୁଥିବା ସାଧାରଣରେ ଆଲୋଚନାର ବିଷୟ ସାଜିଛି।

# ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ

ସୁନ୍ଦରଗଡ଼, ୨୯।୮ (ଡି.ଏନ୍.ଏ)

**ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା**

ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭବାନୀପୁର ସ୍ଥିତ ରାଜ୍ୟ କ୍ରୀଡା ଛାତ୍ରାବାସ ପ୍ରାଙ୍ଗଣରେ ଏକ ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ସବୁଜ ପତାକା ଦେଖାଇ ଏହି ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ କ୍ରୀଡା ଛାତ୍ରାବାସ ପ୍ରାଙ୍ଗଣରେ ଆୟୋଜିତ ସଭାରେ ବରିଷ୍ଠ ହକି କୋଚ୍ ମିଲଟନ୍ ବିଲୁଙ୍ଗ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ନିଷ୍ଠାପର ଅଭ୍ୟାସ ଦ୍ୱାରା କ୍ରୀଡାବିତ୍‌ମାନେ ଦେଶର ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଦି ଫିଟ ଇଣ୍ଡିଆ ମୁଭମେଣ୍ଟ ସମ୍ପର୍କରେ କ୍ରୀଡା ଛାତ୍ରାବାସର ଛାତ୍ରୀ ଛାତ୍ରମାନଙ୍କୁ ସଚେତନ କରିଥିଲେ। ଏହା ପରେ ବିକାଶ ଭବନଠାରେ ଜିଲା ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ସମାରୋହରେ ଜିଲାପାଳ ନିଖିଲ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ଡେପୁଟି କଲେକ୍ଟର ମିତ୍ରଭାନୁ ନାଏକ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ଓ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରୁ ଜାତୀୟ କ୍ରୀଡା ଦିବସ ପାଳନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦି ଫିଟ ଇଣ୍ଡିଆ ମୁଭମେଣ୍ଟ ସମ୍ପର୍କୀତ ଭାଷଣର ସିଧାପ୍ରସାରଣ ସ୍ୱତନ୍ତ୍ର ଏଲଇଡି ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଜିଲା ବିଜୁ ଯୁବ ବାହିନୀର ସଂଯୋଜକ ଅଭିନବ କର, ପ୍ରୋଜେକ୍ଟ ଅଫିସର ପ୍ରବିଶ ଦାସ, ଜଗନ୍ନାଥ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରାୟ ୪ଶହରୁ ଅଧିକ ଯୁବତୀ ଯୁବକ, ରାଜ୍ୟ କ୍ରୀଡା ଛାତ୍ରାବାସ, ସାଇକ୍ରୀଡା ଛାତ୍ରାବାସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




ଜିଲା କ୍ରୀଡା ଅଧିକାରୀ ସବୁଜ ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ଯୁବତୀଙ୍କୁ କମେଣ୍ଟ ମାରି ଯୁବକ ଗିରଫ

ରାଉରକେଲା ଅଫିସ/ବେଦବ୍ୟାସ, ୨୯।୮(ଡି.ଏନ୍.ଏ.)

ବସ୍‌ରେ ଆସୁଥିବା ଯୁବତୀଙ୍କୁ କମେଣ୍ଟ ମାରି ହଇରାଣ କରୁଥିବା ଜଣେ ଯୁବକଙ୍କୁ ଗୁରୁବାର ପୂର୍ବାହ୍ନରେ ବ୍ରହ୍ମଣୀତରଙ୍ଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ ୨୨୦/୨୦୧୯) ରୁଜୁ କରାଯାଇଛି। ସକାଳେ ରାଜଗାଙ୍ଗପୁରରୁ ରାଉରକେଲା ଆସୁଥିବା ଏକ ବସ୍‌ରେ ୩/୪ଜଣ ଯୁବତୀ ଚଢ଼ିଥିଲେ। ସେହି ବସ୍‌ରେ ଆସୁଥିବା ଏମ୍‌ଡି ରିୱାଜ ଜଣେ ଯୁବତୀଙ୍କୁ ବାରମ୍ବାର କମେଣ୍ଟ ମାରି ହଇରାଣ ହରକତ କରିଥିଲେ। ଯୁବତୀ ଜଣକ ବେଦବ୍ୟାସ ଅଞ୍ଚଳର ହୋଇଥିବାରୁ ସେ ଆଗୁଆ ଏ ନେଇ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। ବେଦବ୍ୟାସରେ ବସ୍ ଅଟକିବା ପରେ ସମ୍ପର୍କୀୟମାନେ ରିୱାଜଙ୍କୁ ତଳକୁ ଟାଣିଆଣି ଥାନାକୁ ଧରି ନେଇଥିଲେ। ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ରିୱାଜଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ଖେଳାଳି ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି ।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବଡ଼ଗାଁ, ୨୯।୮ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଆଇପିଇ ସୁନ୍ଦରଗଡ ବିଦ୍ୟାଧର ପ୍ରଧାନ, ବିଇଓ ସାରଙ୍ଗଧର ବରିହା, ଡବ୍ଲୁଇଓ ଅମୂଲ୍ୟ କୁମାର ଭୋଇ, ଦେଓକରଣପୁର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କର୍ଣ୍ଣ ମାଝୀ, ସ୍ଥାନୀୟ ସରପଞ୍ଚ ଟଙ୍କଧର ନାଏକ, ଭାଜପା ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ଭାଜପା ବ୍ଲକ ସଭାପତି ଦିଲୀପ କୁମାର ସେନାପତି ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ଭୋଇ ଛାତ୍ରୀଛାତ୍ରଙ୍କୁ ପାଠ ସହିତ ଖେଳର ଆବଶ୍ୟକତା ଉପରେ ବୁଝାଇବା ସହ ଖେଳକୁଦରେ ଜିଲାର ଗୌରବ ବଜାୟ ରଖିବାକୁ କହିଥିଲେ। କ୍ରୀଡା ପ୍ରତିଯୋଗିତାର କବାଡି ବାଳକରେ ବଡଗାଁ ହାଇସ୍କୁଲ ଚାମ୍ପିୟନ ଓ ଏକମା ହାଇସ୍କୁଲ ରନର୍ସ, ବାଳିକା ବିଭାଗରେ ତୁଡାଲଗା କନ୍ୟାଶ୍ରମ ଚାମ୍ପିୟନ ଓ ବଡଗାଁ ହାଇସ୍କୁଲ ରନର୍ସ ଅପ ହୋଇଥିଲେ। ସେହିପରି ଖୋଖୋ ବାଳକରେ ଦେଓକରଣପୁର ଚାମ୍ପିୟନ, ଏକମା ରନର୍ସ ଅପ୍, ବାଳିକା ଖୋଖୋରେ ଦେଓକରଣପୁର ଚାମ୍ପିୟନ ଓ ଇତମା ରନର୍ସଅପ୍ ହୋଇଛି। ଶୁକ୍ରବାର ଫୁଟବଲ ପ୍ରତିଯୋଗିତା ହେବ। ପିଇଟି ଗଣେଷ ବାରିକ, ପ୍ରଭାତ କୁମାର ଦ୍ୱାରୀ, ମୂରଲୀଧର ବେହେରା, ରେଣୁକା ମହାରଣା, ଚିତ୍ତରଞ୍ଜନ ଡକୁଆ, କାଦମ୍ବିନୀ ପଟେଲ ଖେଳ ପରିଚାଳନା କରିଥିଲେ ।

## ଆର୍‌ଏସ୍‌ପିରେ ସଚେତନତା କାର୍ଯ୍ୟକ୍ରମ ‘ଦକ୍ଷ’

ରାଉରକେଲା ଅଫିସ,୨୯।୮

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ‘ଦକ୍ଷ’ ଅନୁଷ୍ଠିତ ହୋଇଛି। ଏଥିରେ ୨୮ ଠିକାଶ୍ରମିକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଶ୍ରମିକଙ୍କୁ ସୁଦୃଢ଼ କରାଇବା ସହ ସଚେତନ କରିବ ବୋଲି କୁହାଯାଇଥିଲା। ଏଥିରେ ବ୍ୟକ୍ତିଗତ ବିକାଶ ସାଧନ, ଆନ୍ତଃ କାର୍ମିକ ସମ୍ପର୍କ, ଶୃଙ୍ଖଳା, କାର୍ଯ୍ୟ ପରିବେଶ, ଏସ୍‌ଓପି ଓ ଏସ୍‌ଏମ୍‌ପି, ଦଳଗତ କାର୍ଯ୍ୟ, କଲ୍ୟାଣ ସାଧନ ଏବଂ ବିଭିନ୍ନ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମକୁ ଏଚ୍‌ଆର୍‌ଡି ବିଭାଗ ଡିଜିଏମ୍ ଏଚ୍. ପତି ଏବଂ ସିନିୟର ଇନଷ୍ଟ୍ରକ୍ଟର ଏଚ୍.ସି. ପଣ୍ଡା ପରିଚାଳନା କରିଥିଲେ।

## ୫୦ ଫୁଟ ତଳକୁ ଡମ୍ଫର ଖସି ଡ୍ରାଇଭର ମୃତ

ଟେନ୍‌ସା, ୨୯।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଟେନ୍‌ସା-କୋଇଡ଼ା ରାସ୍ତାର ୧୬ ନମ୍ବର ଘାଟିରେ ଗୁରୁବାର ଭୋର ସମୟରେ ଦୁର୍ଘଟଣା ଘଟିଛି। ଓଆର୍ ୧୪ ଆର୍- ୬୪୬୩ ନମ୍ବର ବିଶିଷ୍ଟ ଡମ୍ଫର ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସିପଡିବାରୁ ଡ୍ରାଇଭର ସୁଶୀଳା ମୁଣ୍ଡା (୩୬)ଙ୍କ ମୃତ୍ୟୁ ଘଟିଛି। ଖବରପାଇ ଟେନ୍‌ସା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବହୁ କଷ୍ଟରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ପଠାଇଥିଲେ। ମୃତ ଚାଳକଙ୍କ ଘର କ.ବଲାଙ୍ଗ ଥାନାର କୁଦାମୁଣ୍ଡା ଗ୍ରାମରେ ବୋଲି ଜଣାପଡିଛି।



୫୦ ଫୁଟ ତଳକୁ ଖସିପଡିଛି ଡମ୍ଫର।

■ ସମ୍ପୂର୍ଣ୍ଣ ଟୋଲ୍ ଟ୍ୟାକ୍ସ ପ୍ରତ୍ୟାହାର, ଉଚ୍ଛେଦ ଦାବି

# ଜିଲାପାଳଙ୍କୁ ନାଗରିକ କମିଟିର ସ୍ମାରକପତ୍ର

ସୁନ୍ଦରଗଡ଼, ୨୯।୮ (ଡି.ଏନ୍.ଏ)

ରାଉରକେଲା -ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେରେ ସମ୍ପୂର୍ଣ୍ଣ ଟୋଲ ଟ୍ୟାକ୍ସ ପ୍ରତ୍ୟାହାର ଓ ଉଚ୍ଛେଦ ସକାଶେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତକରି ଏହି ମର୍ମରେ ଦାବିପତ୍ର ପ୍ରଦାନ କରିବା ସହ ଟୋଲଟ୍ୟାକ୍ସ ଆଦାୟ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜନସାଧାରଣ ଓ ସ୍ୱଳ୍ପଆୟ କରୁଥିବା ବ୍ୟବସାୟିକ ଯାନଗୁଡିକ ଉପରେ କିଭଳି ଆର୍ଥିକ କ୍ଷତିର ବୋଝ ପଡୁଛି ସେ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥି ସହିତ ୧ବର୍ଷ ମଧ୍ୟରେ ଏହି ଏକ୍ସପ୍ରେସ ୱେର ନିମ୍ନମାନର କାମ ଯୋଗୁ ବହୁ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ରାସ୍ତା ଦବି ଯାଇଥିବା ଯୋଗୁ ଛୋଟବଡ ଦୁର୍ଘଟଣା ନିୟମିତ ଘଟୁଛି। ଆବଶ୍ୟକ ସ୍ଥାନରେ ଓଭରବ୍ରିଜ ତିଆରି କରା ନ ଯାଇ ଅନ୍ୟ ସ୍ଥାନମାନଙ୍କରେ ଓଭରବ୍ରିଜ ନିର୍ମାଣ କରାଯାଇଥିବାରୁ ଦୁର୍ଘଟଣା ଘଟିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ନାଗରିକ କମିଟି ଅଭିଯୋଗ କରିଛି। ଗତ ୨୮।୮।୨୦୧୯ ଠାରୁ ଏଲଆଣ୍ଡଟି କର୍ତ୍ତୃପକ୍ଷ ବର୍ଦ୍ଧିତ ଟୋଲଟ୍ୟାକ୍ସ ଆଦାୟ କରିଦେଇଥିବା ବେଳେ ଏହା ଦ୍ୱାରା ବ୍ୟାଙ୍କରୁ ଋଣକରି ନିଜର ଗୁଜୁରାଣ ମେଣ୍ଟାଉଥିବା ଟାଟା ମ୍ୟାଜିକ୍, ଟ୍ରେକର, କମାଣ୍ଡରଗୁଡିକ ପ୍ରତିଦିନ ଟୋଲଟ୍ୟାକ୍ସ ପ୍ରଦାନ କରି ଘୋର ଆର୍ଥିକ କ୍ଷତିଗ୍ରସ୍ତ ହେଉଛନ୍ତି। ବସ ଗୁଡିକ ପାଇଁ ଟୋଲ ଟ୍ୟାକ୍ସ ଛାଡ କରାଯାଇଥିବା ବେଳେ ଏହି ଛୋଟିଆ ଗାଡି ମାଧ୍ୟମରେ ପରିବାର ପ୍ରତିପୋଷଣ କରୁଥିବା ଗାଡିଗୁଡିକ ମଧ୍ୟ ଟ୍ୟାକ୍ସ ଛାଡ କରାଯିବା କଥା ବୋଲି କମିଟିର ସଦସ୍ୟମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଟୋଲଗେଟର ଉଭୟ ପାର୍ଶ୍ୱର ଲୋକେ ମଧ୍ୟ ଟୋଲ ଟ୍ୟାକ୍ସ ଦେଇ ଦେଇ ନୟାନ୍ତ ହୋଇ ପଡିଲେଣି। ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ଏହା ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ନାଗରିକ କମିଟି ଆଶଙ୍କା ପ୍ରକଟ କରିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ନାଗରିକ କମିଟିର ସଦସ୍ୟ ନିମାଇଁ ଚରଣ ନାଏକ ଏନେଇ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟିର ଉପସଭାପତି ହରଜେନ୍ଦ୍ର ସିଂ, କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ସମ୍ପାଦକ ଧର୍ମେଶ କୁମାର ପଟେଲ, ସହସମ୍ପାଦକ ଅମିତାଭ ଯୋଶୀ, ପୂର୍ବତନ କାଉନସିଲର ସୁମନ୍ତ ସାହୁ, ବିଶ୍ୱରଞ୍ଜନ ହୋତା, ବରିଷ୍ଠ ଆଇନଜୀବୀ କିଶୋର ନାଏକ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଆଇନଜୀବୀ ପ୍ରଣବ ସିଂ, ଅଜିତ ପ୍ରସାଦ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ।



ସୁନ୍ଦରଗଡ ନାଗରିକ କମିଟି ସଦସ୍ୟ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

